# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, December 3/2025 | Page 16 | ₹ 7.00

୫୨ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 10 | ମୂଲ୍ୟ ₹୭/-




## ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ରଣବୀର କପୁର ଏବଂ ଦୀପିକା ପାଦୁକୋନ ୧୦ ବର୍ଷ ପରେ 'ଚୋରି ଚୋରି' ଚଳଚ୍ଚିତ୍ର ଦ୍ୱାରା ଅନୁପ୍ରାଣିତ ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।

୦୨

୧୬

## ପ୍ରି-କ୍ୱାର୍ଟରରେ ତନ୍ଭି

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନର ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ତନ୍ଭି ପତ୍ରି



# ୧୬ ସ୍ଥାନରେ ନଦୀଜଳ ପ୍ରଦୂଷିତ

ଭୁବନେଶ୍ୱର,୨।୧୨
(ରବିନାରାୟଣ ଜେନା)

ରାଜ୍ୟର କଳକାରଖାନା ଓ ଖଣିଖାଦାନରୁ ନିର୍ଗତ ଜଳ ନଦୀଜଳକୁ ପ୍ରଦୂଷଣ କରୁଛି। ଏହାସହ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀଜଳର ଅତ୍ୟଧିକ ବ୍ୟବହାର ଯୋଗୁ ମଧ୍ୟ ଜଳ ପ୍ରଦୂଷିତ ହେଉଛି, ଯେଉଁଥିପାଇଁ ଜଳର ମାନ ବ୍ୟବହାରଯୋଗ୍ୟ ରହୁନାହିଁ। ସରକାରଙ୍କ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ, ରାଜ୍ୟର ୧୬ଟି ସ୍ଥାନରେ ନଦୀଜଳର ମାନ ନିର୍ଦ୍ଧାରିତ ମାନଠାରୁ କମ୍ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାର ତଥ୍ୟ ରଖିଛନ୍ତି। ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ନଦୀ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ☞ପୃଷ୍ଠା-୧୧



ପୁରୀର ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ମଙ୍ଗଳବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଠର ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଶ୍ରୀରାଧାକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କ ନିକଟରେ ୮୭୫ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଛି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ବିବାଦ ଘେରରେ 'ସଞ୍ଚାର ସାଥୀ'

## କଂଗ୍ରେସ କହିଲା ଗୁପ୍ତଚରଗିରି ଆପ୍

ଦେଶରେ ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ନିକଟରେ 'ସଞ୍ଚାର ସାଥୀ' ଆପ୍ ସମସ୍ତ ମୋବାଇଲରେ ସଂଯୋଗ କରିବାକୁ ମୋବାଇଲ୍ ନିର୍ମାଣକାରୀ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ଏବେ ବିବାଦ ଦେଖାଦେଇଛି। ଲୋକମାନଙ୍କ ବ୍ୟକ୍ତିଗତ ତଥ୍ୟକୁ ଚୋରି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏକ ନୂଆ ଚାଲ୍ କରିଥିବା ବିରୋଧୀ କଂଗ୍ରେସ କହୁଥିବାବେଳେ ମୋବାଇଲ ସ୍ମାର୍ଟଫୋନ୍ ପ୍ରସ୍ତୁତ କରୁଥିବା ପ୍ରମୁଖ କମ୍ପାନୀ ଆପଲ୍ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଅସ୍ୱୀକାର କରିଛି। ଆପଲ୍ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି କହିଛି। ଅପରପକ୍ଷରେ ସଞ୍ଚାର ସାଥୀ ଆପ୍ ଲୋକଙ୍କ ସୁରକ୍ଷା ପାଇଁ ଅଭିପ୍ରେତ। ଏହା ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି।

ନୂଆଦିଲ୍ଲୀ,୨।୧୨(ପି.ଟି.)

ଭାରତରେ ବିକ୍ରି ପୂର୍ବରୁ ସମସ୍ତ ନୂଆ ସ୍ମାର୍ଟ ମୋବାଇଲ୍ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ ୯୦ ଦିନ ମଧ୍ୟରେ ସଂଯୋଗ କରିବା ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହାକୁ ନେଇ ବିବାଦ ଜୋର୍ ଧରିଛି। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ପରେ ସରକାର ନରମିଛନ୍ତି। ଏହି ଆପ୍ ବାଧ୍ୟତାମୂଳକ ନୁହେଁ। ମୋବାଇଲ ଫୋନ୍ ୟୁଜର ଏହାକୁ ଚାହୁଁ ନ ଥିଲେ ହଟାଇପାରିବେ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛନ୍ତି।

ସ୍ମାର୍ଟଫୋନ୍‌ଗୁଡ଼ିକ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ଇନ୍‌ଷ୍ଟଲ କରିବାକୁ କେନ୍ଦ୍ର ସରକାର ନଭେମ୍ବର ୨୮ ନିର୍ଦ୍ଦେଶନାମାରେ କମ୍ପାନୀଗୁଡ଼ିକୁ କହିଥିଲେ। ସଞ୍ଚାର ସାଥୀ ଆପ୍ ସଂଯୋଗ ଲାଗି ସରକାରଙ୍କ ନିର୍ଦ୍ଦେଶ ନାଗରିକମାନଙ୍କ ପ୍ରିଭେସି ଅଧିକାର ଉପରେ ଏକଚ୍ଛତ୍ରବାଦ ଏବଂ ଉଲ୍ଲଂଘନ ବୋଲି କଂଗ୍ରେସ କହିବା ସହ ☞ପୃଷ୍ଠା-୧୧

## ନିର୍ଦ୍ଦେଶ ମାନିବନି ଆପଲ୍

ନୂଆଦିଲ୍ଲୀ,୨।୧୨(ପି.ଟି.)

କେନ୍ଦ୍ର ସରକାରଙ୍କ ନିଜସ୍ୱ ସାଇବର ସୁରକ୍ଷା ଆପ୍ (ସଞ୍ଚାର ସାଥୀ) ସବୁ ସ୍ମାର୍ଟଫୋନ୍‌ରେ ସଂଯୋଗ ନିର୍ଦ୍ଦେଶକୁ ଆପଲ୍ ଅନୁପାଳନ କରିବ ନାହିଁ ବୋଲି କହିଛି। ଏହି ସ୍ମାର୍ଟଫୋନ୍ କମ୍ପାନୀ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି ୩ଟି ସୂତ୍ରରୁ ଜଣାପଡ଼ିଛି। ବିଶ୍ୱର କୌଣସି ଜାଗାରେ ଏଭଳି ନିର୍ଦ୍ଦେଶନାମା ନାହିଁ। ସେମାନେ କମ୍ପାନୀର ଆଇଓଏସ୍ ବ୍ୟବସ୍ଥା ପାଇଁ ଅନେକ ପ୍ରିଭେସି ଓ ସୁରକ୍ଷା ପ୍ରସଙ୍ଗ ଉଠାଇଛନ୍ତି। ବିଗ୍ ବ୍ରଦର ଆମ ଉପରେ ନଜର ରଖିପାରିବ ନାହିଁ। ଦେଶର ବିଶ୍ୱାସଭଙ୍ଗ ଦଣ୍ଡ ଆଇନ ଉପରେ ଭାରତୀୟ ☞ପୃଷ୍ଠା-୧୧

# ଜେଲରେ ଇମ୍ରାନ୍‌ଙ୍କୁ ଭେଟିଲେ ଭଉଣୀ

### ବଞ୍ଚିଛନ୍ତି, ହେଲେ ମାନସିକ ନିର୍ଯାତନା ଦିଆଯାଉଛି

ଇସ୍‌ଲାମାବାଦ,୨।୧୨

ରାୱଲପିଣ୍ଡିର ଆଡିଆଲା ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଭଉଣୀ ଉଜ୍‌ମା ଖାନୁମ ଭେଟିଛନ୍ତି। ଇମ୍ରାନ ବଞ୍ଚିଛନ୍ତି କିନ୍ତୁ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି ବୋଲି ୨୦ ମିନିଟ୍‌ର ସାକ୍ଷାତ୍ ପରେ ଉଜ୍‌ମା ଗଣମାଧ୍ୟମକୁ କହିଛନ୍ତି। ତାଙ୍କୁ ସାରା ଦିନ ସେଲ୍ ମଧ୍ୟରେ ବନ୍ଦକରି ରଖାଯାଉଛି। ସ୍ୱଳ୍ପ ସମୟ ପାଇଁ ବାହାରକୁ ଆସୁଥିବାବେଳେ କାହା ସହ କଥା ହେବାକୁ ☞ପୃଷ୍ଠା-୧୧

# ନକଲି ଔଷଧ, ଚିନ୍ତାରେ ସରକାର

ଭୁବନେଶ୍ୱର,୨।୧୨(ରବିନାରାୟଣ ଜେନା)

ରାଜ୍ୟରେ ନକଲି ଏବଂ ନିମ୍ନମାନର ଔଷଧ ବିକ୍ରିକୁ ନେଇ ଆସିଛି ସାଂଘାତିକ ତଥ୍ୟ, ଯାହାକି ଜନସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ମଙ୍ଗଳବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ତଥ୍ୟ ଅନୁସାରେ ଗତ ୪ବର୍ଷ ମଧ୍ୟରେ ୧୬୮ ପ୍ରକାର ବିଷାକ୍ତ ଏବଂ ୩୮୮ ପ୍ରକାର ନିମ୍ନମାନର ଔଷଧ ବଜାରରେ ବିକ୍ରି ହେଉଥିବା ଚିହ୍ନଟ କରାଯାଇଛି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ୨୦୨୧ରୁ ୨୦୨୪-୨୫ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କରିଛନ୍ତି। ବେଆଇନ ଭାବେ ନିମ୍ନମାନର ଔଷଧ ପ୍ରସ୍ତୁତ କରାଯାଇ ଖୋଲା ବଜାରକୁ ଛଡ଼ାଯାଉଛି। ଔଷଧ କମ୍ପାନୀଗୁଡ଼ିକ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଏହି ନକଲି ଓ ନିମ୍ନମାନର ଔଷଧ ରୋଗୀଙ୍କ ଉପରେ ବିଶେଷଭାବେ ପ୍ରଭାବ ପକାଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।

### ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ପ୍ରକାର ବିଷାକ୍ତ, ୩୮୮ ପ୍ରକାର ନିମ୍ନମାନର ଔଷଧ: ମନ୍ତ୍ରୀ



ରାଜ୍ୟବାସୀ ହାତ ପାଆନ୍ତାରେ ଯେଭଳି ସ୍ୱାସ୍ଥ୍ୟସେବା ପାଇବେ ତାକୁନେଇ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରି କି ଯୋଜନାକୁ ଅତି ସରଳ କରିବାପାଇଁ କେତେକ ଯୋଜନା ପରିବର୍ତ୍ତନ ମଧ୍ୟ କରାଯାଉଛି। ହେଲେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଏହାର ଫାଇଦା ନେଇ ଗୁଣବତ୍ତା ମାପଦଣ୍ଡ ନ ଥିବା ଔଷଧ(ଏନ୍‌ଏସ୍‌କ୍ୟୁ) ଲୋକଙ୍କୁ ଦେଇ ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଏଭଳି ସାଂଘାତିକ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ତେବେ ଗୋଟିଏ କିମ୍ବା ଦୁଇଟି ନୁହେଁ, ଗତ ୪ବର୍ଷରେ ରାଜ୍ୟରେ ୩୮୮ ପ୍ରକାର ନିମ୍ନମାନର ଔଷଧ ତଥା ଏନ୍‌ଏସ୍‌କ୍ୟୁ ଔଷଧ ବଜାରରେ ଚିହ୍ନଟ ହେବା ସହିତ କୋଟି କୋଟି ଟଙ୍କାର ଔଷଧ ଜବତ ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳବାର ଗୃହକୁ ଜଣାଇଛନ୍ତି, ଗତ ୪ବର୍ଷରେ ୧୬୮ ପ୍ରକାର ସ୍ପୁରିୟସ ଡ୍ରଗ୍ସ(ବିଷାକ୍ତ ଔଷଧ) ଚିହ୍ନଟ ହେବା ସହିତ ଏହାକୁ ଜବତ କରାଯାଇଛି। ସେହିପରି ଏହି ଅବଧି ମଧ୍ୟରେ ସମୁଦାୟ ୩୮୮ଟି ନିମ୍ନ ମାନର ମେଡିସିନ ଚିହ୍ନଟ ହୋଇଛି। ଏ ବାବଦକୁ ରାଜ୍ୟ ସରକାର ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ମେଡିସିନ ଜବତ କଲେଣି। ସ୍ୱାସ୍ଥ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ☞ପୃଷ୍ଠା-୧୧

# ୧ ଡଲାର= ୮୯.୯୫ ଟଙ୍କା

ମୁମ୍ବାଇ,୨।୧୨(ପି.ଟି.)

ଡଲାର ତୁଳନାରେ ଟଙ୍କା ମଙ୍ଗଳବାର ଆହୁରି ଦୁର୍ବଳ ହୋଇଛି। କାରବାର ମଧ୍ୟରେ ଏହା ୯୦ ସ୍ତର ଛୁଇଁବା ପରେ ୪୨ ପଇସା ହ୍ରାସ ସହ ସର୍ବକାଳୀନ ନିମ୍ନ ସ୍ତର ୮୯.୯୫ରେ ରହିଛି, ଅର୍ଥାତ୍ ୧ ଡଲାର ମୂଲ୍ୟ ୮୯ ଟଙ୍କା ୯୫ ପଇସା ହୋଇଛି। ଶେୟାର ବଜାରରୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଏବଂ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଦୀର୍ଘଦିନ ହେଲା ଅନିଶ୍ଚିତତା ଜାରି ରହିଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇବାରେ ଲାଗିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ନିବେଶକମାନଙ୍କ ମନୋଭାବ ଅସ୍ଥିର ରହୁଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଟଙ୍କା ମୂଲ୍ୟ ମଙ୍ଗଳବାର ଆରମ୍ଭରେ ୮୯.୭୦ ଥିବାବେଳେ ମଝିରେ ଏହା ୯୦.୦୦କୁ ଖସିଯାଇ ଶେଷରେ ୮୯.୯୫ରେ ସ୍ଥିର ରହିଛି। ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୫୩ ଥିଲା।

### ଆଜିର ସମ୍ପାଦକୀୟ

ଆଗରୁ ଯେମିତି, ଏବେ ସେମିତି

# ଉପାନ୍ତ ଅଞ୍ଚଳରେ ଶାଶୁ, ବୋହୂଙ୍କ ଅଙ୍ଗନୱାଡି



ଖାଇବାକୁ ଦେଇ ସସ୍ମିତା ପିଲାମାନଙ୍କ ହାତ ଧୋଇ ଦେଉଛନ୍ତି।

ଉଦଳା,୨।୧୨(ସନ୍ତୋଷ କୁମାର ବାଛିନୀ)

### ନିଜ ଘରେ ଦେଉଛନ୍ତି ଶିକ୍ଷା

ଅଙ୍ଗନୱାଡିରେ ନା କରିଛନ୍ତି ଚାକିରି ନା ମିଳିଛି କର୍ମୀ ଦାୟିତ୍ୱ। ତଥାପି ନିଜ ଘରେ ଖୋଲିଛନ୍ତି ଏକ ସ୍ୱତନ୍ତ୍ର ପାଠଶାଳା। ଘରଠାରୁ ୩ କି.ମି. ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଇପାରୁ ନ ଥିବା ପିଲାମାନଙ୍କୁ ଦେଉଛନ୍ତି ଶିକ୍ଷା ସହ ସଂସ୍କାର। ଏଥିରେ ସହଯୋଗ କରୁଛନ୍ତି ତାଙ୍କ ଶାଶୁ। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଜଡ଼ିଦା ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଡମ୍ବରୁଝରଣ ଗ୍ରାମରେ ଏଭଳି ସ୍ୱାର୍ଥବିହୀନ ସେବା ଚଳାଇଥିବା ମହିଳା ହେଲେ ସସ୍ମିତା ମାରାଣ୍ଡି ଓ ତାଙ୍କ ଶାଶୁ ବିଜୟା ମାରାଣ୍ଡି। ସେମାନେ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସସ୍ମିତା ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ପାରିବାରିକ ସମସ୍ୟା କାରଣରୁ ପାଠରେ ଡୋରି ବନ୍ଧାହେବା ପରେ ସେ ବିବାହ ବନ୍ଧନରେ ବାନ୍ଧି ହେଲେ। ପାଠ ପଢ଼ିବାର ସ୍ୱପ୍ନ ଉଜୁଡ଼ିବା ପୂର୍ବରୁ ସେ ନିଜ ଶାଶୁଘର ଅଞ୍ଚଳର ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଇ ଭଲ ମଣିଷ ଭାବେ ☞ପୃଷ୍ଠା-୧୧




**ପିଏମ୍‌ଓ ନୂଆ କମ୍ପ୍ଲେକ୍ସ ନାଁ 'ସେବା ତୀର୍ଥ' ହେବ**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନୂଆ କମ୍ପ୍ଲେକ୍ସ ନାମ 'ସେବା ତୀର୍ଥ' ରହିବ ବୋଲି ମଙ୍ଗଳବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି କମ୍ପ୍ଲେକ୍ସ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେଣ୍ଟ୍ରାଲ ଭିଷ୍ଟା ରିଡେଭେଲପମେଣ୍ଟ ପ୍ରୋଜେକ୍ଟ ଅଧୀନରେ ନିର୍ମିତ ଏହି କମ୍ପ୍ଲେକ୍ସ ପୂର୍ବରୁ 'ଏକ୍ଜିକ୍ୟୁଟିଭ୍ ଏନ୍‌କ୍ଲେଭ' ଭାବେ ପରିଚିତ ଥିଲା। ଏଥିରେ କ୍ୟାବିନେଟ ସଚିବାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ, ଇଣ୍ଡିଆ ହାଉସ୍ ରହିଛି।

## ସଂକ୍ଷେପରେ

### ୨୦୨୬ ଏପ୍ରିଲରୁ ୨ ପର୍ଯ୍ୟାୟରେ ଜନଗଣନା

ନୂଆଦିଲ୍ଲୀ,୨।୧୨(ପି.ଟି.)

ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀରେ କରାଯିବ ବୋଲି ମଙ୍ଗଳବାର ଲୋକ ସଭାରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଓ ଗୃହ ଗଣନା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ। ଜନଗଣନା ସହ ଜାତି ଗଣନା କରିବାକୁ ଗତ ଏପ୍ରିଲ ୩୦ରେ କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଥିଲା। ଏଥର ଜନଗଣନା ଡିଜିଟାଲ ମାଧ୍ୟମରେ ହେବ। ମୋବାଇଲ୍ ଆପ୍‌ରେ ତଥ୍ୟ ସଂଗ୍ରହ କରାଯିବା ସହ ନିଜେ ନିଜକୁ ଗଣନାରେ ସାମିଲ କରିବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ କହିଛନ୍ତି।

### ଲାଇଫ୍ ସପୋର୍ଟରେ ଖାଲେଦା ଜିଆ

**ହସ୍ପିଟାଲରେ କଡ଼ା ସୁରକ୍ଷା**

ଢାକା,୨।୧୨

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ଖାଲେଦା ଜିଆ ଢାକାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାବେଳେ ଲାଇଫ୍ ସପୋର୍ଟ ସିଷ୍ଟମରେ ରଖାଯାଇଛି। ଏଭଳି ସମୟରେ ନିର୍ବାସନରେ ଲଣ୍ଡନରେ ରହିଥିବା ତାଙ୍କ ପୁଅ ତାରିକ୍ ରହମାନ ବାଂଲାଦେଶ ଆସିପାରୁ ନାହାନ୍ତି। ଚାଇନାର ଏକ ବିଶେଷଜ୍ଞ ଡାକ୍ତରୀ ଟିମ୍ ଆସି ଖାଲେଦାଙ୍କ ଚିକିତ୍ସାରେ ସାମିଲ ହୋଇଥିବାବେଳେ ହସ୍ପିଟାଲରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ରିଟେନରୁ ମଧ୍ୟ ଏକ ବିଶେଷଜ୍ଞ ଟିମ୍ ବାଂଲାଦେଶ ଆସୁଛନ୍ତି। ଭାରତ, ଆମେରିକା, କାତାର, ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟ ଚିକିତ୍ସା ସହାୟତା ଯୋଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିବା ଖାଲେଦା ନଭେମ୍ବର ୨୩ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।




ଶୀତ ଅଧିବେଶନ ଚାଲିଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ବିରୋଧରେ ମଙ୍ଗଳବାର ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

# ଲୋକ ସଭାରେ ଏସ୍‌ଆଇଆର୍ ଆଲୋଚନା ୯ରେ

ନୂଆଦିଲ୍ଲୀ,୨।୧୨(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ୯ ତାରିଖରେ ଲୋକ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଏସ୍‌ଆଇଆର୍ ଉପରେ ଆଲୋଚନା ଦାବିରେ ବିରୋଧୀ ୨ ଦିନ ଧରି ଗୃହକୁ ଅଚଳ କରି ରଖିବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଏବଂ ବିଜନେସ୍ ଆଡଭାଇଜରି କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ଜାତୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ୮ ତାରିଖ ସୋମବାର ମଧ୍ୟାହ୍ନ ୧୨ଟାରୁ ଲୋକ ସଭାରେ ଆଲୋଚନା ହେବ। ୯ ତାରିଖ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ନିର୍ବାଚନ ସଂସ୍କାର ଉପରେ ଆଲୋଚନା କରାଯିବ ବୋଲି ରିଜିଜୁ Xରେ ପୋଷ୍ଟ କରିଛନ୍ତି। ଫଳରେ ଗୃହରେ ଲାଗିରହିଥିବା ଅଚଳାବସ୍ଥା ଦୂର ହେବାକୁ ଯାଉଛି।

ଏସ୍‌ଆଇଆର୍ ଉପରେ ଆଲୋଚନା ଦାବିରେ ସୋମବାର ବିରୋଧୀ ଦଳଗୁଡ଼ିକ ଅଡ଼ିବସିବାରୁ ପ୍ରଥମ ଦିନରେ ଲୋକ ସଭାକୁ ମୁଲତବୀ ରହିବା ସହ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ସେମାନେ ଦର୍ଶାଇଥିଲେ। ମଙ୍ଗଳବାର ମଧ୍ୟ ଉଭୟ ଗୃହରେ ଅନୁରୂପ ସ୍ଥିତି ଦେଖାଦେଇଥିଲା। ଫଳରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ।

ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ଆଲୋଚନା ଆରମ୍ଭ କରିବେ। ଉଭୟ ପ୍ରସଙ୍ଗରେ ଆଲୋଚନା ପାଇଁ ୧୦ ଘଣ୍ଟା ଲେଖାଏ ସମୟ ଦିଆଯାଇଛି। ଗୃହ ଯଦି ଅନୁଭବ କରନ୍ତି, ତେବେ ସମୟ ବଢ଼ାଯାଇପାରେ। ଏହା ପୂର୍ବରୁ ରିଜିଜୁ ଗୃହର ନେତାମାନଙ୍କୁ ଭେଟିଥିଲେ। ନିର୍ବାଚନ ସଂସ୍କାର ଉପରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସମୟସୀମା ଦେଇ ନ ଥିଲେ। ସରକାର ଆଲୋଚନାର ସମୟ ଧାର୍ଯ୍ୟ କରନ୍ତୁ ବୋଲି ବିରୋଧୀ ଦାବି କରିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ୪୦ରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।



ଲୋକ ସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅଲୋଚନା କରୁଛନ୍ତି।

### ମଣିପୁର ଜିଏସ୍‌ଟି ବିଲ୍‌କୁ ଫେରାଇଦେଲା ରାଜ୍ୟ ସଭା

ମଣିପୁରରେ ଅଧ୍ୟାଦେଶ ବଳରେ ଲାଗୁ ହୋଇଥିବା ଜିଏସ୍‌ଟି ୨.୦ ବଦଳରେ ଆଇନ କାର୍ଯ୍ୟକାରୀ କରିବାକୁ ସରକାର ଆଣିଥିବା ମଣିପୁର ଜିଏସ୍‌ଟି ବିଲ୍‌କୁ ରାଜ୍ୟ ସଭା ମଙ୍ଗଳବାର ଲୋକ ସଭାକୁ ଫେରାଇ ଦେଇଛି। ସୋମବାର ଉକ୍ତ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ମଣିପୁର ଦ୍ରବ୍ୟ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୫କୁ ରାଜ୍ୟ ସଭାରେ ଆଗତ କରିଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜ୍ୟର ପ୍ରତିନିଧିଙ୍କୁ ନେଇ ୫୬ତମ ଜିଏସ୍‌ଟି କାଉନ୍‌ସିଲ୍‌ରେ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ। ନୂଆ ଟିକସ ହାର ଗତ ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିଲା। ତେବେ ମଣିପୁରରେ ରାଷ୍ଟ୍ରପତି ଶାସନ ଚାଲିଥିବାରୁ ସେଠାରେ ଅଧ୍ୟାଦେଶ ବଳରେ ସଂଶୋଧିତ ଜିଏସ୍‌ଟି ଲାଗୁ କରାଯାଇଥିଲା।

### ଟେଲିକମ୍‌ଭିତ୍ତିକ ସୁରକ୍ଷା ସତର୍କ ବ୍ୟବସ୍ଥା ଲାଗୁ କରିବ ଏନ୍‌ଏଚ୍‌ଏଆଇ

ନୂଆଦିଲ୍ଲୀ,୨।୧୨

ଜାତୀୟ ରାଜପଥଗୁଡ଼ିକରେ ସୁରକ୍ଷା ବଢ଼ାଇବା ସହ ବାଧାହୀନ ଯାତାୟାତ ଅଭିଜ୍ଞତା ପ୍ରଦାନ ଲାଗି ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଟେଲିକମ୍ ଭିତ୍ତିକ ସୁରକ୍ଷା ସତର୍କତା ସିଷ୍ଟମ୍ ଲାଗୁ କରିବାକୁ ଯାଉଛନ୍ତି। ଦେଶର ସମସ୍ତ ଜାତୀୟ ରାଜପଥ ନେଟ୍‌ୱର୍କରେ ଏହି ବ୍ୟବସ୍ଥା ଲାଗୁ ହେବ। ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍ ଏବଂ ଉଚ୍ଚ ପ୍ରାଥମିକତା କଲ୍ ଜରିଆରେ ଜାତୀୟ ରାଜପଥ ବ୍ୟବହାରକାରୀମାନଙ୍କୁ ସତର୍କ ସୂଚନା ପଠାଯିବ। ରାଜମାର୍ଗ ଯାତ୍ରା ମୋବାଇଲ୍ ଆପ୍ ଏବଂ ଜରୁରୀ ହେଲ୍ପଲାଇନ ନମ୍ବର ୧୦୩୩ ସମେତ ଏନ୍‌ଏଚ୍‌ଏଆଇର ଡିଜିଟାଲ ପ୍ଲାଟ୍‌ଫର୍ମରେ ପର୍ଯ୍ୟାୟକ୍ରମେ ଏହି ସିଷ୍ଟମକୁ ସଂଯୋଗ କରାଯିବ। ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନ କରି ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଯାହା ଫଳରେ ୟୁଜରମାନେ ଆଗୁଆ ସେମାନଙ୍କ ଗାଡ଼ିର ବେଗ ଏବଂ ଗାଡ଼ିଚାଳନା ଆଚରଣକୁ ସୁଧାରିବେ। ପ୍ରଥମେ ଜିଓ ଗ୍ରାହକମାନଙ୍କୁ ଏହି ସେବା ଉପଲବ୍ଧ ହେବାକୁ ଥିବାବେଳେ ପରେ ସମସ୍ତ ଟେଲିକମ୍ ପ୍ରଦାନକାରୀ ସେମାନଙ୍କ ଗ୍ରାହକଙ୍କୁ ଏହା ଯୋଗାଇଦେବେ। ଏଥିପାଇଁ ଏନ୍‌ଏଚ୍‌ଏଆଇ ରିଲାଏନ୍ସ ଜିଓ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ଏବଂ ୨ ମାସ ମଧ୍ୟରେ ଏହି ସତର୍କତା ସେବା ଆରମ୍ଭ ହେବାକୁ ଯାଉଛି। ଗାଡ଼ିଚାଳକମାନେ ଜିଓର ୪ଜି ଏବଂ ୫ଜି ନେଟ୍‌ୱର୍କ ବ୍ୟବହାର କରି ସେମାନଙ୍କ ମୋବାଇଲ ଫୋନ୍‌ରୁ ଦୁର୍ଘଟଣାପ୍ରବଣ ସ୍ଥାନ, ବୁଲାଗୋରୁ ସମାଗମ ଅଞ୍ଚଳ, କୁହୁଡ଼ି ପ୍ରଭାବିତ ଅଞ୍ଚଳ, ଜରୁରୀ ଡାଇଭର୍ସନ ଆଦି ସମ୍ପର୍କରେ ଜାଣି ପାରିବେ ବୋଲି ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଡାକ୍ତର-ଲୋକସଂଖ୍ୟା ଅନୁପାତ ୧:୮୧୧

ନୂଆଦିଲ୍ଲୀ,୨।୧୨(ପି.ଟି.)

ଦେଶରେ ଡାକ୍ତର ଓ ଜନସଂଖ୍ୟା ଅନୁପାତ ୧:୮୧୧ ବୋଲି ସରକାର ମଙ୍ଗଳବାର ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ଅର୍ଥାତ୍ ପ୍ରତି ୮୧୧ ଲୋକରେ ଜଣେ ଡାକ୍ତର ରୋଗୀସେବା ପାଇଁ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଥିଲେ, ଦେଶରେ ୧୩,୮୮,୧୮୫ ଜଣ ପଞ୍ଜୀକୃତ ଏଲୋପାଥିକ୍ ଡାକ୍ତର ରହିଥିବାବେଳେ ଆୟୁଷ ବ୍ୟବସ୍ଥାରେ ୭,୫୧,୭୬୮ ପଞ୍ଜୀକୃତ ଡାକ୍ତର କାର୍ଯ୍ୟ କରୁଛନ୍ତି। ଉଭୟ ଏଲୋପାଥିକ ଏବଂ ଆୟୁଷ ବ୍ୟବସ୍ଥାର ପଞ୍ଜୀକୃତ ଡାକ୍ତରଙ୍କ ମଧ୍ୟରୁ ୮୦ ପ୍ରତିଶତ ଉପଲବ୍ଧ ଅଛନ୍ତି। ଦେଶରେ ମେଡିକାଲ କଲେଜ, ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ସିଟ୍ ସଂଖ୍ୟା ଯଥେଷ୍ଟ ବଢ଼ିଥିବା ନଡ୍ଡା କହିଛନ୍ତି। ୨୦୧୪ରେ ଦେଶରେ ୩୮୭ ମେଡିକାଲ କଲେଜ ଥିବାବେଳେ ଏବେ ତାହା ୮୧୮ରେ ପହଞ୍ଚିଛି। ସେହିପରି ୟୁଜି ଆସନ ସଂଖ୍ୟା ୫୧,୩୪୮ରୁ ୧,୨୮,୮୭୫କୁ ବଢ଼ିଥିବାବେଳେ ପିଜି ସିଟ୍ ସଂଖ୍ୟା ୩୧,୧୮୫ରୁ ୮୨,୦୫୯କୁ ବୃଦ୍ଧି ପାଇଛି।

### ଶ୍ରୀଲଙ୍କାକୁ ଏକ୍ସପାୟାର୍ଡ ରିଲିଫ୍ ପଠାଇ ଅଡୁଆରେ ପାକିସ୍ତାନ



କରାଚୀ,୨।୧୨

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ସହାୟତା ସ୍ୱରୂପ ପାକିସ୍ତାନ ସମୟ ଅତିକ୍ରାନ୍ତ ହୋଇଥିବା ରିଲିଫ୍ ସାମଗ୍ରୀ ପଠାଇ ନିନ୍ଦିତ ହୋଇଛି। ସୋସିଆଲ ମିଡିଆରେ ଇସ୍‌ଲାମାବାଦକୁ ଏଥିପାଇଁ ସମାଲୋଚନା କରାଯାଇଛି। ରିଲିଫ୍ ପ୍ୟାକେଟରେ ଏକ୍ସପାୟାରି ତାରିଖ ରହିଥିବାର ଫଟୋ ଭାଇରାଲ ହୋଇଛି। ଇସ୍‌ଲାମାବାଦ କଲମ୍ବୋକୁ ସହାୟତା କରୁଥିବା ଜଣାଇବା ପାଇଁ ରିଲିଫ୍ ପ୍ୟାକେଟର ଫଟୋ ପ୍ରଥମେ ପାକିସ୍ତାନ ହାଇକମିଶନ Xରେ ପୋଷ୍ଟ କରିଥିଲା। ଏହା ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟିକୁ ଆସିବା ପରେ ଇସ୍‌ଲାମାବାଦ ଲଜ୍ଜିତ ହୋଇଛି। ବିଭିନ୍ନ ପ୍ୟାକେଟ୍‌ରେ ଏକ୍ସପାୟାରି ତାରିଖ ୧୦/୨୦୨୪ ଲେଖା ରହିଛି। ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କା ଲୋକମାନଙ୍କ ପାଖକୁ ପାକିସ୍ତାନ ଏକ୍ସପାୟାର୍ଡ ସାମଗ୍ରୀ ପଠାଇଥିବା ନେଇ ନିନ୍ଦା କରାଯାଇଛି।




### ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ମୁମ୍ବାଇ

ରଣବୀର କପୁର ଏବଂ ଦୀପିକା ପାଦୁକୋନ ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଅନସ୍କ୍ରିନ୍ ଯୋଡ଼ି ମଧ୍ୟରୁ ଅନ୍ୟତମ। ଯଦିଓ ସେମାନେ ୧୦ ବର୍ଷରୁ ଅଧିକ ସମୟ ଏକାଠି କାମ କରିନାହାନ୍ତି, କିନ୍ତୁ ଏବେ ସେମାନେ ଏକାଠି ହେବାକୁ ପ୍ରସ୍ତୁତ। ଆୟାନ ମୁଖାର୍ଜୀ ଦୀପିକା-ରଣବୀରଙ୍କୁ ନେଇ ଏକ ସିନେମା ନିର୍ମାଣ କରିବାର ଯୋଜନା କରିଛନ୍ତି। ଏହି ଦୁଇଜଣ ରାଜ କପୁର ଏବଂ ନର୍ଗିସଙ୍କ ଲୋକପ୍ରିୟ ଚଳଚ୍ଚିତ୍ର 'ଚୋରି ଚୋରି' ଦ୍ୱାରା ଅନୁପ୍ରାଣିତ ଏକ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବେ। ୧୯୫୬ରେ ଆସିଥିବା ଚଳଚ୍ଚିତ୍ର 'ଚୋରି ଚୋରି' ଦ୍ୱାରା ଅନୁପ୍ରାଣିତ ଦୀପିକା ଏବଂ ରଣବୀରଙ୍କୁ ନେଇ ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ବର୍ତ୍ତମାନ ତାଙ୍କର ପରବର୍ତ୍ତୀ ରୋମାଣ୍ଟିକ ସିନ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। କାହାଣୀରେ ଆଧୁନିକତା ଅଛି କିନ୍ତୁ ଏହି ଚଳଚ୍ଚିତ୍ରର ଆଇଡିଆ ରାଜ କପୁର ଏବଂ ନର୍ଗିସଙ୍କ କାହାଣୀ ଉପରେ ଆଧାରିତ। ଯେଉଁଥିପାଇଁ ୧୦ ବର୍ଷ ପରେ ଏହି ଚଳଚ୍ଚିତ୍ରରେ ଏକାଠି ହେବେ ରଣବୀର-ଦୀପିକା।

DSPL-397



**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଓଡ଼ିଶାର ସମସ୍ତ ଭିନ୍ନକ୍ଷମ ଭାଇଭଉଣୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଚଳିତ ବର୍ଷ ପାଇଁ ମିଳିତ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ନିର୍ଦ୍ଧାରିତ ବିଷୟବସ୍ତୁ ହେଉଛି 'ସାମାଜିକ ପ୍ରଗତିକୁ ଆଗକୁ ନେବା ପାଇଁ ଏକ ଭିନ୍ନକ୍ଷମ-ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା' ।

ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି । ଭିନ୍ନକ୍ଷମ ବ୍ୟକ୍ତିମାନେ ଏବେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛନ୍ତି । ସେମାନେ ଅଧ୍ୟାପନା କଲେଣି, ଡାକ୍ତର ହେଲେଣି, ଲେଖକ, ଶିଳ୍ପୀ ମଧ୍ୟ ହେଲେଣି । ସେମାନଙ୍କ ସମସ୍ୟା ବାବଦରେ ସଚେତନତା ବୃଦ୍ଧି, ମର୍ଯ୍ୟାଦା ପ୍ରଦାନ, ବିଭିନ୍ନ ଅଧିକାରର ସୁରକ୍ଷା ତଥା କଲ୍ୟାଣ ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ । ଏହାଦ୍ୱାରା ଆମେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିବା । ସେମାନଙ୍କ ସାମର୍ଥ୍ୟର ଉପଯୁକ୍ତ ବିନିଯୋଗ ଆମ ସମାଜକୁ ପ୍ରଗତି ପଥରେ ନେବାରେ ସହାୟକ ହେବ ।

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ସହଯୋଗ, ବନ୍ଧୁତା, ସଂପର୍କ ଓ ସଂପ୍ରୀତିର ହାତ ବଢ଼ାଇବା ପାଇଁ ମୁଁ ରାଜ୍ୟବାସୀ ଭାଇଭଉଣୀଙ୍କୁ ନିବେଦନ କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-46001/13/0072/2526

**ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ**

ପୁରୀ,୨।୧୨(ଅଜିତ କୁମାର ମହାନ୍ତି): ମାର୍ଗଶିର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ବୁଧବାର ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ନୀତି ସମ୍ପନ୍ନ ପରେ ପୁନର୍ବାର ଦର୍ଶନ ଓ ନୀତିକାନ୍ତି ଚାଲିବ।




# ଅଭିଯୋଗର ସତ୍ୟତା ଥିଲେ ଭିଜିଲାନ୍ସ ତଦନ୍ତ ହେବ: ମନ୍ତ୍ରୀ

**ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)**

ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ ଯେପରି ବିଶୁଦ୍ଧ ପାନୀୟଜଳ ପହଞ୍ଚିବ ସେଥିପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେବେ ପୂର୍ବ ସରକାର ସମୟରେ ୧୭ଜଣ ଠିକାଦାରଙ୍କୁ ୩୫ହଜାର କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଦେଇଥିବା ଅଭିଯୋଗର ସରକାର ତର୍ଜମା କରୁଛନ୍ତି। ଯଦି ଅଭିଯୋଗର ସତ୍ୟତା ମିଳିବ ତେବେ ଭିଜିଲାନ୍ସକୁ ତଦନ୍ତ ଦାୟିତ୍ୱ ଦିଆଯିବ ବୋଲି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ମଙ୍ଗଳବାର ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ନିଜ ନିଜ ଅଞ୍ଚଳର ପାନୀୟଜଳ ସମସ୍ୟା ଏବଂ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ନ ହେବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମନ୍ତ୍ରୀ ସଦସ୍ୟମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ଉତ୍ତରରେ କହିଥିଲେ, ପାନୀୟଜଳ ପ୍ରକଳ୍ପ ବିଳମ୍ବ ପଛରେ ଅନେକ କାରଣ ରହିଛି। ପୂର୍ବ ସରକାର ଠିକାଦାରଙ୍କୁ ୮୦ପ୍ରତିଶତ ଟଙ୍କା ଆଗୁଆ ଦେଇଦେଲେ। ସେମାନେ କେବଳ ପାଇପ୍ ପକାଇ ବସିପଡ଼ିଛନ୍ତି। ଆମ ସରକାର ଆସିବା ପରେ ମାତ୍ର ୨୦ପ୍ରତିଶତରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଡୁଛି। ତେବେ ୨୦୨୭ ସୁଦ୍ଧା ସମସ୍ତ ପରିବାର ନିକଟରେ ବିଶୁଦ୍ଧ ପାନୀୟଜଳ ପହଞ୍ଚିବ।

## ୧୭ ଠିକାଦାରଙ୍କୁ ୩୫ ହଜାର କୋଟିର ପାନୀୟଜଳ ପ୍ରକଳ୍ପ ପ୍ରଦାନ ପ୍ରସଙ୍ଗ

ମୂଳ ପ୍ରଶ୍ନକର୍ତ୍ତା ସଦସ୍ୟ ଅରବିନ୍ଦ ମହାପାତ୍ର ନିଜ ନିର୍ବାଚନମଣ୍ଡଳୀରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଅଧିକାରୀ ଅଭାବ କଥା ଉଠାଇବା ସହିତ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ହେବା ନେଇ ଆଶଙ୍କାବ୍ୟକ୍ତ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ବିଭାଗ ସେଥିପ୍ରତି ସଚେତନ ଅଛି। ଆଗାମୀ ଦିନରେ ମେଗା ଜଳ ବୋର୍ଡ କମିଟି ଗଠନ ହେବ ଓ ପ୍ରକଳ୍ପ କାମ ତ୍ୱରାନ୍ୱିତ ହେବ। ସେହିଭଳି ସଦସ୍ୟ ସିଦ୍ଧାନ୍ତ ମହାପାତ୍ର ପ୍ରକଳ୍ପ ପାଇଁ ରାସ୍ତାଖୋଳା ଏବଂ ସୁନୀଲ ମହାନ୍ତି ପୁରୀରେ ପ୍ରକଳ୍ପ କାମ ଅସମ୍ପୂର୍ଣ୍ଣ ରହିଥିବା ନେଇ ମନ୍ତ୍ରୀଙ୍କୁ ଘେରିଥିଲେ। ଏହି ଅବସରରେ କବିସୂର୍ଯ୍ୟନଗର ଭାଜପା ବିଧାୟକ ପ୍ରତାପ ନାୟକ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ୍ୟଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପ ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ଥିବା ସେ ଅଭିଯୋଗ କରିଥିଲେ।

ଉତ୍ତରରେ ମନ୍ତ୍ରୀ କହିଥିଲେ, ପୂର୍ବ ସରକାରରେ ନଳ ଥିଲା ହେଲେ ଜଳ ନ ଥିଲା। ଏବେ ନଳ ଆଉ ଜଳ ଅଛି। ୨୦୨୪ ଜୁନ୍ ସୁଦ୍ଧା ବିଜେଡି ସରକାର ୩ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କରିଥିଲେ, ଆମେ ୧୭ ମାସରେ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛୁ। ସେମାନେ ୧୬ଟି ସିଭିଲ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ ଆମେ ୧୭ ମାସରେ ୬୬ଟି ସମ୍ପୂର୍ଣ୍ଣ କରିଛୁ। ବିଜେଡି ସରକାର ୩୭,୩୩ଟି ସୋଲାର ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିବା ବେଳେ ଆମ ସରକାର ୧୭ ମାସରେ ୨୭୦୨ ପ୍ରକଳ୍ପ ଶେଷ କରିଛି। ସେହିଭଳି ହର୍ ଘର୍ ଜଳ ଯୋଜନାରେ ପୂର୍ବ ସରକାର ୬୦୩୨ ପ୍ରକଳ୍ପ ସାରିଥିଲେ, କିନ୍ତୁ ଆମ ସରକାର ୪,୭୯୧ଟି କରିଛି। ସେମାନେ ୨୮,୩୫୦ ନଳକୂପ କରିଥିଲେ ଆମେ ୨୨,୯୬୪ ନଳକୂପ ଖନନ କରିଛୁ। ପିଏମ୍ ଗତି ଶକ୍ତିରେ ୭୧ ହଜାର କିମି ପାଇପ୍‌ଲାଇନ ବିଛାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

ସଦସ୍ୟା ସୋଫିଆ ଫିର୍‌ଦୋସ ଗୃହରେ 'ଧରିତ୍ରୀ'ର ରିପୋର୍ଟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ପାନୀୟଜଳ ପ୍ରକଳ୍ପ ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ସେ କହିଥିଲେ, ପାନୀୟଜଳ ପ୍ରକଳ୍ପ କାମ ଦିଆଯାଇଥିବା ୧୭ ସଂସ୍ଥାକୁ ଅଗ୍ରିମ ଅର୍ଥ ଦିଆଯାଇଛି। ଏଥିରେ ୩୫ ହଜାର କୋଟିର ଦୁର୍ନୀତି ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ସହ ସଂପୃକ୍ତ ଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସଦସ୍ୟ ସାରଦା ଜେନା, ସୁଜାତା ସାହୁ, ଅମର ନାୟକ ପ୍ରମୁଖ ଅତିରିକ୍ତ ପ୍ରଶ୍ନ କରିଥିଲେ।

# ଟାଟା, ବେଦାନ୍ତ, ଜୁଆ କଥା ଉଠାଇ ବର୍ଷିଲେ ବିରୋଧୀ

**ଭୁବନେଶ୍ୱର, ୨।୧୨ (ସୁନିତ୍ ମିଶ୍ର)**

## ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୫ ପାରିତ

### ଭଲ କଥାରେ ପେଞ୍ଚ ପୂରାଇବା ବିରୋଧୀଙ୍କ ଅଭ୍ୟାସ ହୋଇଗଲାଣି

ବିଧାନସଭାରେ ମଙ୍ଗଳବାର ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫ ପାରିତ ହୋଇଯାଇଛି। ହେଲେ ଏହି ବିଲ୍ ପାସ୍‌ହେବା ଆଗରୁ ଏନେଇ ଦୀର୍ଘ ସମୟ ଧରି ଗୃହରେ ଆଲୋଚନା ହୋଇଥିଲା। ପ୍ରାୟ ୪ ଘଣ୍ଟା ଧରି ଉକ୍ତ ବିଲ୍ ଉପରେ ଆଲୋଚନା ଚାଲିଥିବା ବେଳେ ବିରୋଧୀ ବିଭିନ୍ନ ପ୍ରସଙ୍ଗ ଉଠାଇ ପ୍ରବଳ ବର୍ଷିଥିଲେ। ୧୬ଟି ବିଲ୍‌କୁ ସମାହିତ କରି ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୫ ଅଣାଯାଇଥିବା ବେଳେ ଏଥିରେ ଅନେକ ବିଚ୍ୟୁତି ରହିଛି, ଯାହାଦ୍ୱାରା ଓଡ଼ିଶାର ବିଭିନ୍ନ ଦିଗରୁ କ୍ଷତି ହେବ ବୋଲି ବିରୋଧୀ ଅଭିଯୋଗ କରିଥିଲେ। ମୁଖ୍ୟତଃ ଜୁଆଖେଳକୁ ପ୍ରୋତ୍ସାହନ ଦେବା, ଟାଟା ଭଳି କମ୍ପାନୀ ସାଧାରଣ ଲୋକଙ୍କୁ ହଇରାଣ କରିବା ଏବଂ ବେଦାନ୍ତ କଥା ଉଠାଇ ବିରୋଧୀ ଦଳର ସଦସ୍ୟମାନେ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଅନ୍ୟପଟେ ଶାସକ ଦଳର ସଦସ୍ୟମାନେ ବିରୋଧୀମାନେ କେବଳ ବିରୋଧ କରିବା ବାହାନାରେ ବିଲ୍‌କୁ ବିରୋଧ କରୁଥିବା ଅଭିଯୋଗ କରିଛନ୍ତି।

ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହା ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ନ ହେଲେ ଜନ ବିଶ୍ୱାସଘାତକ ବିଲ୍ । ଉପରମୁଣ୍ଡରେ ପାଣି ଗୋଳିଆ କରିଦେଲେ ତଳମୁଣ୍ଡରେ ଗୋଳିପାଣି ହିଁ ମିଳିବ। ଉପରେ ଯେତେବେଳେ କେତେଜଣ ଦେଶକୁ ଆଦାନୀ ଏବଂ ଅମ୍ବାନୀ ପାଖରେ ବନ୍ଧାପକାଇ ଦେଇଛନ୍ତି, ତେଣୁ ଓଡ଼ିଶାରେ ଭାଜପା ସରକାର ଆସିବା ପରେ ରାଜ୍ୟର ବିଭିନ୍ନ ଜିନିଷକୁ କିପରି ବିକ୍ରିକରିବା ପାଇଁ ସରଳୀକରଣ ବ୍ୟବସ୍ଥା କରାଯାଇପାରିବ ସେଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ବିଲ୍‌ରେ ସରକାର ପ୍ରଥମେ ସାଧାରଣ ଲୋକଙ୍କୁ ଅପରାଧୀ ସଜାଇ ଦେଇଛନ୍ତି। ଜଣେ ଲୋକ ଅପରାଧୀ ନା ନାହିଁ, ସେକଥା ସ୍ଥିର ନ କରି ସିଧାସଳଖ ଜଣଙ୍କୁ ଦୋଷୀ କରିଦେଇ ସେମାନଙ୍କଠାରୁ ଅର୍ଥଦଣ୍ଡ କରିବାକୁ ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ଜୁଆ ଖେଳିଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉଥିଲା। ହେଲେ ଏବେ ଆଉ ସେମିତି ହେବ ନାହିଁ, ଜୁଆ ଖେଳିଲେ ସରକାର ଫୌଜଦାରି ମାମଲା ନ କରି ଅର୍ଥଦଣ୍ଡ ଦେବାର ବ୍ୟବସ୍ଥା କରିଦେଲେ। ଏହାଦ୍ୱାରା ଜୁଆଖେଳକୁ ଅଧିକ ଯେପରି ପ୍ରୋତ୍ସାହିତ କରିହେବ। ସରକାର ପୁଣି ୧୬ଟି ଆଇନ ଲାଗି ଅର୍ଥଦଣ୍ଡର ବ୍ୟବସ୍ଥା କରିଛନ୍ତି। ତାହାକୁ ପ୍ରତି ୩ ବର୍ଷରେ ବୃଦ୍ଧି କରିବାକୁ ସ୍ଥିର ମଧ୍ୟ କରିଛନ୍ତି। କାହିଁ ଆମେମାନେ କିଏ କି ବୋଲି ରଣେନ୍ଦ୍ର ପ୍ରଶ୍ନ କରିଥିଲେ। ଲୋକମାନେ କ'ଣ ଭୋଟ ଦେଇଥିଲେ ସେମାନଙ୍କ ଉପରେ କର ବସାଇବାକୁ। ଭାଜପା ଜନଗଣଙ୍କୁ କିପରି ଅପରାଧୀ ସଜାଇଦେବାକୁ ଚେଷ୍ଟା କରୁଛି ଏଥିରୁ ବୁଝାପଡୁଛି। ଟାଟା ପାୱାର ବିଦ୍ୟୁତ୍ ବିତରଣ କରିବା ସହ କିଭଳି ସାଧାରଣ ଲୋକଙ୍କ ଉପରେ ଜୁଲମ କରୁଛି ସେକଥା ସମସ୍ତଙ୍କୁ ଜଣାଅଛି। ଟାଟା ପ୍ରତିବର୍ଷ ରାଜ୍ୟରେ ଯେଉଁ ୱେଲଫେୟାର ଖର୍ଚ୍ଚ କରିବା କଥା ତାହା କରୁନାହିଁ। ଏବେ ଯେତେବେଳେ ଜରିମାନା ବ୍ୟବସ୍ଥା ହୋଇଗଲା ପୁଣି ଟାଟାକୁ ଅଧିକ ବଳ ମିଳିଯିବ ଲୋକଙ୍କଠାରୁ ଟଙ୍କା ଶୋଷିବା ଲାଗି।

କଂଗ୍ରେସ ସଦସ୍ୟ ସି.ଏସ୍. ରାଜନ ଏକ୍‌କା କହିଛନ୍ତି, ଏହି ବିଲ୍ ସିଲେକ୍ଟ କମିଟିକୁ ପଠାଯାଉ। ଜୁଆଖେଳ ସମାଜ ପାଇଁ କେତେ ଖରାପ ସେକଥା ସମସ୍ତେ ଜାଣନ୍ତି। ବିଜେଡି ସଦସ୍ୟ ଧ୍ରୁବ ଚରଣ ସାହୁ କହିଛନ୍ତି, ଏହି ବିଲ୍ ପାସ୍‌ହେବା ଦ୍ୱାରା ସାମାଜିକ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ିପଡିବ। ଦଣ୍ଡବିଧାନକୁ ଅର୍ଥଦଣ୍ଡରେ ପରିବର୍ତ୍ତିତ କରିବା ଦ୍ୱାରା ସାଧାରଣ ଲୋକଙ୍କୁ ହଇରାଣ ହେବାକୁ ପଡିବ। ବଡ଼ଲୋକମାନେ ସାଧାରଣ ନାଗରିକଙ୍କୁ ବାରମ୍ବାର ହଇରାଣ କରି କିଛି ଟଙ୍କା ଦେଇ ଖସିବେ ଏବଂ ଭବିଷ୍ୟତରେ ଏସବୁ ଅଭ୍ୟାସରେ ପରିଣତ ହୋଇଯିବ।

ଜୁଆଖେଳ ସମାଜ ପାଇଁ ବ୍ୟାଧି। ୨୦୨୦ରେ ଷ୍ଟାଣ୍ଡିଂ କମିଟି ୭ର ସଦସ୍ୟ ଭାବେ ଝାରସୁଗୁଡ଼ାର ବେଦାନ୍ତ ପ୍ଲାଣ୍ଟ ଯାଇଥିଲେ। ସେଠାରେ ସମସ୍ତ ସଦସ୍ୟଙ୍କୁ ବେଦାନ୍ତର ଯିଏ ଭିସି ଥିଲେ ସେ ଏକ ପ୍ରେଜେଣ୍ଟେଶନ ଦେଇଥିଲେ। ସେମାନେ ତାଙ୍କର ସବୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ରାଜ୍ୟର ସର୍ବାଧିକ ଆଲୁମିନିୟମ ଉତ୍ପାଦନକାରୀ ସଂସ୍ଥା ବୋଲି ନିଜକୁ ଦର୍ଶାଇଥିଲେ। ସେହି ସମୟରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା, ଏଥିରୁ ଯେଉଁ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁଛି ତାକୁ କ'ଣ କରାଯାଉଛି। ହେଲେ ଭିସି ତା'ର ଉତ୍ତର ଦେଇପାରୁ ନ ଥିଲେ। ଜାଣିବାକୁ ମିଳିଥିଲା, ବେଦାନ୍ତ ସେହି ଫ୍ଲୋରାଇଡ୍ ଜଳକୁ ନଦୀରେ ଛାଡୁଛନ୍ତି। ଏହାଦ୍ୱାରା କିଡ୍‌ନୀ ରୋଗ ହେବା ସମ୍ଭାବନା ବହୁ ଅଧିକ ବୋଲି ଧ୍ରୁବ କହିଛନ୍ତି। ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ କହିଛନ୍ତି, କର୍ପୋରେଟଗୁଡ଼ିକୁ ସୁହାଇବା ଲାଗି ଏଭଳି ବିଲ୍ ଅଣାଯାଇଛି। ସଂଖ୍ୟା ଖେଳରେ ବିଲ୍ ପାରିତ ହୋଇଯିବ, ହେଲେ ଭବିଷ୍ୟତ ପିଢ଼ି କେବେ କ୍ଷମା ଦେବେନାହିଁ।

ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ବିରୋଧୀଙ୍କୁ ପାଲଟା ଟାର୍ଗେଟ୍ କରିଥିବାବେଳେ ବିରୋଧୀ ଯେଉଁଭଳି ଏହାକୁ ଚିତ୍ରଣ କରୁଛନ୍ତି ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସବୁ ଭଲ କଥାରେ ପେଞ୍ଚ ପୂରାଇବା ସେମାନଙ୍କ ଅଭ୍ୟାସ ହୋଇଯାଇଛି। ଆଦାନୀ-ଅମ୍ବାନୀ ସତରେ ଯେମିତି ଆମ ମ୍ୟୁନିସିପାଲିଟିରୁ ସବୁ ନେଇଯାଉଛନ୍ତି, ସେମିତି ଚିତ୍ରଣ କରାଯାଉଛି। ଭାଜପା ସଦସ୍ୟ ସନ୍ତୋଷ ଖଟୁଆ କହିଛନ୍ତି, ବହୁ ଛୋଟ ଛୋଟ ଘଟଣାରେ ମାମଲା ହେବା ଦ୍ୱାରା ଦୀର୍ଘଦିନ ପର୍ଯ୍ୟନ୍ତ ଏହା ଗଡୁଥିଲା। ଫଳରେ ଅଯଥାରେ ଅନେକ ପ୍ରକ୍ରିୟାରେ ବିଳମ୍ବ ହେଉଥିଲା ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁଷ୍ମନ୍ତ ନାଏକ, ପ୍ରତାପ କୁମାର ନାଏକ, ଦୁର୍ଗା ପ୍ରସନ୍ନ ନାଏକ ମଧ୍ୟ ନିଜ ମତ ରଖିଥିଲେ।

# ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଉପରେ ଆଜି ଆଲୋଚନା

**ଭୁବନେଶ୍ୱର,୨।୧୨(ସୁନିତ୍ ମିଶ୍ର)**

ବିଧାନସଭାରେ ମଙ୍ଗଳବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଗତ ଓ ପାରିତ ଲାଗି ଗୃହରେ ଆଗତ କରିଥିଲେ। ସେ ଏହି ବିଲ୍‌ର ଆବଶ୍ୟକତା ଏବଂ ଗୁରୁତ୍ୱ କଥା କହି ଏହାକୁ ପାରିତ କରିବା ଲାଗି କହିଥିଲେ। ହେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଥିଲେ, ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକରେ ସୋମବାର ନିଷ୍ପତ୍ତି ହୋଇଥିଲା। ଉକ୍ତ ବିଲ୍‌ଟି ମଙ୍ଗଳବାର ଗୃହରେ ଆସିବା ପରେ ବୁଧବାର ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେଣୁ ଏହି ବିଲ୍ ବୁଧବାର ପାଇଁ ରଖାଯାଉ ବୋଲି ପ୍ରମିଳା ଗୃହର ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।




## ବଦଳିଲେ ୫୪ ଓଆର୍ଏସ୍ ଅଧିକାରୀ

ଭୁବନେଶ୍ୱର,୨।୧୨(ରବିନାରାୟଣ ଜେନା): ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍) ଅଧିକାରୀସ୍ତରର ୫୪ଜଣଙ୍କୁ ବଦଳି କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଅମର ପରସେଠଙ୍କୁ କୋଟଗଡ଼ ଅତିରିକ୍ତ ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଅନ୍ୟ ୫୩ଜଣଙ୍କୁ ବିଭିନ୍ନ ବିଭାଗକୁ ବଦଳି କରାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ୩୬ତମ କୋଣାର୍କ ଉତ୍ସବ, ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବିଚ୍, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ଦେବଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଶ୍ରୀ ମହାବୀରଙ୍କ ପୀଠ, ସମୟ: ସକାଳ ୯ଟା।
- ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁଅନନ୍ତ ଜୟନ୍ତୀ, ସ୍ଥାନ: ଶିଶୁଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ ଆଦମୀ ପାର୍ଟି ଓଡ଼ିଶା ପକ୍ଷରୁ ଧାରଣା, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ରତ୍ନଚିରା ପବ୍ଲିକେଶନ୍ସ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ, ସ୍ଥାନ: କେଦାରଗୌରୀ ମାର୍ଗ , ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମେରା ଭାରତ ମହାନ ଦେଶାତ୍ମବୋଧକ ଗୀତର ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ୱାକାଥନ୍, ସ୍ଥାନ: ସଚିନ୍ ତେନ୍ଦୁଲକର କମ୍ପ୍ଲେକ୍ସ, ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ସାଧାରଣ ସଭା, ସ୍ଥାନ: ବାରବାଟୀ ପ୍ୟାଲେସ, ବାରବାଟୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୧୫।

**ଖୋର୍ଦ୍ଧା**
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁରାଡ଼ମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

**ପୁରୀ**
- ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳ, ବାସୁକେରା, ସମୟ: ସକାଳ ୯ଟା।

**ବାଲେଶ୍ୱର**
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ଶଙ୍ଖାରୀ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ବିଶ୍ୱ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଖଇରା ପ୍ରାଥମିକ ବିଦ୍ୟାଳୟ ପରିସର, ଖଇରା, ସମୟ: ସକାଳ ୯ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା ଉଦ୍‌ଯାପନୀ ଦିବସ, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡ଼ିୟମ, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଦିବ୍ୟାଙ୍ଗ ଦିବସ, ସ୍ଥାନ: ବିଇଓ ଅଫିସ ପରିସର, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ ଓ ସୁରକ୍ଷା ସମ୍ପର୍କିତ ସମନ୍ୱୟ ବୈଠକ, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧାମନଗର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ବାରବାଟିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିହିଡ଼ି, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଧାମନଗର ଶ୍ରଦ୍ଧାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସାହାଡ଼ା ଲାଲାଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବରେ ଝୁମର ନୃତ୍ୟ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଇଣ୍ଡିଆନ ଆଇଡଲ–୨୦୨୫ ବିଜେତାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ରାତି ୮ଟା।

**ବ୍ରହ୍ମପୁର**
- ଗୀତା ଜୟନ୍ତୀ, ସ୍ଥାନ: ପ୍ରହ୍ଲାଦ ନଗର ୪ର୍ଥଗଳି, ପୁରୁଣା ବ୍ରହ୍ମପୁର, ସମୟ: ସକାଳ ୭ଟା।
- ଜିଲା ସମୂହ ବିଦ୍ୟାଳୟସ୍ତରୀୟ ବାଳିକା କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବି.ସି.ପ୍ରାଇମେରୀ ସ୍କୁଲ, ସମୟ: ଅପରାହ୍ନ ୨ ଟା। ୩୦।
- ଶ୍ରବଣ ଏସଏଭି ପବ୍ଲିକ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସିଟି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଶ୍ୱ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଉତ୍କଳ ସିନେମା ଛକ, ସମୟ: ଅପରାହ୍ନ ୫ ଟା ୩୦।

**ଗଞ୍ଜାମ**
- ବ୍ଲକ୍‌ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଶିଶୁ ଦିବସ ପାଳନ, ସ୍ଥାନ: ଆସିକା ସରକାରୀ ବାଳିକା ହାଇସ୍କୁଲ, ସମୟ: ଅପରାହ୍ନ ୨ଟା।

**କନ୍ଧମାଳ**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଶ୍ରୀ ଶ୍ରୀ କାମେଶ୍ୱର ମହାଦେବଙ୍କ ଧରାବତରଣ ଦିବସ, ସ୍ଥାନ: କାମେଶ୍ୱର ମହାଦେବ ମନ୍ଦିର, ମୁଣ୍ଡିଦେଉଳି, ସମୟ: ସକାଳ ୯ଟା।
- ଯୁବ ମହୋତ୍ସବ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- ଗୀତା ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ମଧ୍ୟାହ୍ନ ୧୨ଟା।

**ଜଗତ୍‌ସିଂହପୁର**
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଡିଡିଆର୍‌ସି ପରିସର, ନୂଆପୋଲ, ସମୟ: ସକାଳ ୮ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବ ପଞ୍ଚମ ସନ୍ଧ୍ୟା ନାଟକ 'ସମୟ' ପରିବେଷଣ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପୁନର୍ବାସ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଅମର ଉଦ୍ୟାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ବ୍ୟାସଶ୍ରୀ କଳାନିକେତନ, ବ୍ୟାସନଗର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଯାଜପୁର ମ୍ୟୁନିସିପାଲିଟି ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ରକ୍ତଦାନ ଶିବିର, ସ୍ଥାନ: ରିଜର୍ଭ ପୋଲିସ ଅଫିସ ନୟାଗଡ,ସମୟ:ସକାଳ ୮ଟାରୁ ଅପରାହ୍ନ ୫ଟା।
- ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଣ୍ଟିଲୋ ମାଧବ ଚୌଧୁରୀ ପାଟଣା, ସମୟ: ସକାଳ ୮ଟା ୩୦।
- କନ୍ଧମାଳ ଏମ୍‌ପିଙ୍କ ପକ୍ଷରୁ ଖେଳ ମହୋତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଗଣିଆ କେସି ବିଦ୍ୟାପୀଠ, ସମୟ: ସକାଳ୯ଟା।
- ବାର୍ଷିକ କ୍ରୀଡ଼ା ସମାରୋହର ଉଦ୍‌ଯାପନ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ୩୦।
- ଖବରଦାତାଙ୍କୁ ମାଡ଼ମରା ଘଟଣାରେ ବିକ୍ଷୋଭର ୨ୟ ଦିବସ, ସ୍ଥାନ: ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନ, ସ୍ଥାନ: କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ସରକାରୀ ଅପର ପ୍ରାଇମେରୀ ବିଦ୍ୟାଳୟ, ଗୁଡାର, ସମୟ:ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୀବିକାକ୍ଷୟ ଗ୍ରାମୀଣସ୍ତରରେ ପରିବେଶ ପୁନରୁଦ୍ଧାର ମାଧ୍ୟମରେ ସୁରକ୍ଷା ଓ ସ୍ଥାନୀୟ ସଂସ୍ଥାମାନ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକ୍‌ସ୍ତରୀୟ ପରବ ଉଦ୍‌ଘାଟନ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: କୋଟପାଡ଼ ବ୍ଲକ୍, ସମୟ: ସକାଳ ୮ଟା, ସାଂସ୍କୃତିକ କାର୍ଯ୍ୟକ୍ରମ, ଉଦ୍‌ଯାପନ, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ରାତି ୭ଟା।
- କଳିଙ୍ଗ ବୈଶ୍ୟ ସଂଘର ବାର୍ଷିକ ସାଧାରଣ ବୈଠକ ଓ ରକ୍ତଦାନ ଶିବିର, ସ୍ଥାନ: ଗାୟତ୍ରୀ ଯଜ୍ଞ ପଡ଼ିଆ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ନେଇ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଭୂ–ସମ୍ପଦ ତଥ୍ୟାବଳୀ ଯାତ୍ରା, ସ୍ଥାନ: ଡି. ପାଲିଗୁଡ଼ା, ବୈପାରୀଗୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା ୩୦।
- ବ୍ଲକ୍‌ସ୍ତରୀୟ ପ୍ରଦର୍ଶନୀ ମେଳା, ସ୍ଥାନ: କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ଥାୟୀ ଜୀବନଶୈଳୀ ନେଇ ପ୍ରଦର୍ଶନୀ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଏକ୍ସବୋର୍ଡ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ପରବ ଉତ୍ସବ ପାଳନ, ସ୍ଥାନ: ଟାଉନ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଉପକରଣ ବଣ୍ଟନ, ସ୍ଥାନ: ପରବ ମଣ୍ଡପ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ପରବ ଉଦଯାପନୀ, ସ୍ଥାନ: ପରବ ପଡ଼ିଆ, ନନ୍ଦପୁର, ସମୟ: ସନ୍ଧ୍ୟା ୬ଟା। ସ୍ଥାନ: ମିନି ଷ୍ଟାଡିୟମ, ସେମିଳିଗୁଡ଼ା, ସମୟ: ରାତି ୭ଟା।

**ମାଲକାନଗିରି**
- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୮ ଟା। ସ୍ଥାନ: ମାଲକାନଗିରି ବ୍ଲକ ଏବଂ ମାଥିଲି ବ୍ଲକ ଖେଳପଡ଼ିଆ ପରିସର, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟ।

**ସମ୍ବଲପୁର**
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପର ଦ୍ୱିତୀୟ ଦିବସ, ସ୍ଥାନ: ବାଟମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।
- ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ, ସ୍ଥାନ: କୁଟିଣ୍ଡା ସ୍ଥିତ ଆଦିବାସୀ ଭବନ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମାଣ୍ଡିଆ ସଂଗ୍ରହ ବୈଠକ, ସ୍ଥାନ: ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର କଳାକାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ୱାନ ଷ୍ଟେପ୍ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ଲୋଇସିଂହା, ସମୟ: ସନ୍ଧ୍ୟା ୬ଟା।
- ବୈଶାଖୀ ନାଟ୍ୟ ମହୋତ୍ସବ–୨୦୨୫, ସ୍ଥାନ: ବୁର୍ଡ଼ା ରାଧାକୃଷ୍ଣ କଲ୍ୟାଣ ମଣ୍ଡପ, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

**ରାଉରକେଲା**
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ସେକ୍ଟର–୧୬, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା, ସ୍ଥାନ: ଲାଲ୍ ବିଲ୍ଡିଂ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ସେକ୍ଟର–୭ ସଂସଦ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର–୭ ସଂସଦ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଇସ୍ପାତ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ସୁନ୍ଦରଗଡ଼**
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଯାତ୍ରା ପଡ଼ିଆ, ସୁନ୍ଦରଗଡ଼, ସମୟ: ଅପରାହ୍ନ: ୪ଟା।

**ବରଗଡ଼**
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଖଜୁରିଟିକ୍ରା ପ୍ରାଥମିକ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୮ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୮ଟା ୩୦।
- ମହାଲକ୍ଷ୍ମୀ ପୂଜା,ସ୍ଥାନ:ସାହୁପଡ଼ା ଛକ, ଗାଇସିଲେଟ, ସମୟ:ସକାଳ ୯ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ କଳସଯାତ୍ରା, ସ୍ଥାନ:କନ୍ଧମୁଣ୍ଡା, ଗାଇସିଲେଟ, ସମୟ: ସକାଳ ୯ଟା।

**କଳାହାଣ୍ଡି**
- ଗୀତା ଜୟନ୍ତୀ ଓ ଶ୍ରୀମଦ୍ ଭାଗବତ ଗୀତା ପାରାୟଣ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପରିସର ଋଷି ସାହା ସଂସ୍କୃତି କେନ୍ଦ୍ର, ସମୟ: ସକାଳ ୮ଟା।

**ଦେବଗଡ଼**
- ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଦେବଗଡ଼ ଟାଉନ୍ ହଲ୍, ସମୟ: ସକାଳ ୯ଟା।
- ଯୁବ ଉତ୍ସବ ପାଳନ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୫ ଦିନିଆ ବ୍ୟବସାୟିକ ଫୁଲଚାଷ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ତରଭାସ୍ଥିତ ଫକୀର ବାବାଙ୍କ ମସଜିଦ୍‌ରେ ପ୍ରସିଦ୍ଧ ଉର୍ସ ଉତ୍ସବ, ସ୍ଥାନ: ମସଜିଦ୍ ପରିସର, ସମୟ: ସକାଳ ୮ଟା।

**ନୂଆପଡ଼ା**
- ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ଏସ୍‌ଟି ଜାଭିୟର୍ସ ପବ୍ଲିକ ସ୍କୁଲ ୫ମ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଲାଲ ସାହେବ ପଡ଼ା ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ଫୁଟ୍‌ବଲ ମହାକୁମ୍ଭ ଷୋଡଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରଯୋର ଗାଁ, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର କର୍ମକ୍ଷେତ୍ରରେ ଆଶା ପୂରଣ ହୋଇପାରିବ ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମ୍ମାନିତ ହେବେ। ଆତ୍ମୀୟଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆନୁଷ୍ଠାନିକ କାମ, ସଭାସମିତି, ବାଣିଜ୍ୟ ଓ ପରିବହନ ଯଥାରୀତି ଚାଲୁ ରହିବ। ସମ୍ପର୍କୀୟଙ୍କ ସାହାଯ୍ୟ, ଆର୍ଥିକ ଉନ୍ନତି, ବନ୍ଧୁମିଳନ ପାଇଁ ସୁଯୋଗର ସମ୍ଭାବନା ରହିଛି।

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ମନସ୍ତାପ କରିବେ। ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚାନ୍ତ ସାଙ୍ଗକୁ ମନାନ୍ତର ଦୁଶ୍ଚିନ୍ତାର କାରଣ ହେବ । ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମିଥୁନ**
ସ୍ଥଗିତ କାମକୁ ପଡ଼ୋଶୀଙ୍କ ସହାୟତାରେ ସମ୍ପନ୍ନ କରିବାର ମଉକା ଜୁଟିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ।

**କର୍କଟ**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ। ବନ୍ଧୁମିଳନ, ନୂତନ ସମ୍ପର୍କ, ଉଚ୍ଚ ସମ୍ମାନ ପ୍ରାପ୍ତି ମାଧ୍ୟମରେ ଦିନଟି ସ୍ମରଣୀୟ ରହିବ। ଅତୀତର ସମସ୍ୟା ସମୀକ୍ଷା କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ସିଂହ**
ମାନସିକ ଅସ୍ଥିରତା କାରଣରୁ ସବୁ ଥାଇ କିଛି ନ ଥିବା ପରି ନୈରାଶ୍ୟତା ମଧ୍ୟରେ ସମୟ କଟାଇବେ। ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମ ସମ୍ପନ୍ନ ହେବାରେ ସୁବିଧା ଜୁଟି ନ ପାରେ। ସାମାନ୍ୟ ବଚସାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇପାରିବ।

**କନ୍ୟା**
ପରିବାରରେ ଲାଗି ରହିଥିବା ସମସ୍ୟା ମାନସିକ ଅଶାନ୍ତିର କାରଣ ହେବ। ଚେଷ୍ଟା କରୁଥିବା କାମ ସକାଶେ ଆନୁଷଙ୍ଗିକ ସୁବିଧା ସୁଯୋଗ ସହକର୍ମୀଙ୍କଠାରୁ ପାଇପାରିବେ। ସାହିତ୍ୟ ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ସଙ୍ଗକୁ ପ୍ରଶଂସା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ଅବହେଳାହିଁ ମୁଖ୍ୟ କାରଣ ହେବ।

**ତୁଳା**
ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତିଜନିତ ପାରିବାରିକ ଜୀବନ ଉପଭୋଗ୍ୟ ରହିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଚଳିତ ହେବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ କିନ୍ତୁ ବିଶେଷ କ୍ଷତି ହେବ ନାହିଁ।

**ବିଛା**
ପ୍ରତ୍ୟେକ କାମ ନିର୍ବିଘ୍ନରେ ସମାପନ ହେବା ସହ ଅଭିଳାଷ ପୂରଣ ହୋଇଯିବ। ପୂର୍ବ ସ୍ଥିରୀକୃତ ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତରେ ସମସ୍ୟା ସମାଧାନ କରି ପ୍ରଶଂସିତ ହେବେ। ହଠାତ୍ କୌଣସି ତରବରିଆ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବାକୁ ପଡ଼ିପାରେ।

**ଧନୁ**
ଭୁଲ୍ ବୁଝାମଣାରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାଂସ୍କୃତିକ ଉତ୍ସବ ନିମନ୍ତେ ଅନୁରୋଧପତ୍ର ପାଇ ଆନନ୍ଦ ହେବେ। ବ୍ୟବସାୟ ବହୁମୁଖୀ ଆକାର ଧାରଣ କରିବା ସହ ଲାଭବାନ ହେବାର ସୂଚନା ରହିଛି। ଆଜି ଆପଣ ଆରୋଗ୍ୟଲାଭ, ଅର୍ଥ ସଙ୍କଟର ସମାଧାନ, ଶୁଭଖବର ପ୍ରାପ୍ତି ପ୍ରଭୃତି କେତେକ ଶୁଭଫଳ ମଧ୍ୟ ପାଇବେ।

**ମକର**
ପରିସ୍ଥିତିର ବିଷମତା କାରଣରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଆଘାତ ଲାଗିବାର ସୂଚନା ରହିଛି। କର୍ମକ୍ଷେତ୍ର କିମ୍ବା ବନ୍ଧୁମିଳନ ପରିସରରେ ଅଜଣା ଲୋକଟି ଦ୍ୱାରା ହଇରାଣ ହେବାକୁ ପଡ଼ିପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ କିମ୍ବା କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ।

**କୁମ୍ଭ**
ସାହାଯ୍ୟ ସହଯୋଗ ଲାଭକରି ଦୀର୍ଘଦିନରୁ ଅଟକି ରହିଥିବା କାମ ଆରମ୍ଭକରିବାକୁ ମନ ବଳାଇବେ। ନୀଚ ମନୋଭାବାପନ୍ନ ବ୍ୟକ୍ତିବିଶେଷଙ୍କ ସହ ଯୁକ୍ତିତର୍କ କରି ଅସମ୍ମାନିତ ହୋଇପାରନ୍ତି। ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତାରୁ ମନୋବଳ ବୃଦ୍ଧି ପାଇବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଅଭିଳାଷ ଅପୂରଣ ରହିଯାଇପାରେ।

**ମୀନ**
ଜଣେ ହିତୈଷୀ ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍ସନ ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ପ୍ରଭାବିତ ହେବନାହିଁ। ଛୋଟ କଥାକୁ ମୋଟ କରି କଳହକୁ ଆମନ୍ତ୍ରଣ କରିପାରନ୍ତି ।

ଆଜି ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ବୁଧବାର। ଗୀତା ଜୟନ୍ତୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର–ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ମି. ଗତେ ଘ.୦୮.୨୦ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଦିବା ଘ.୧୧.୩୬ମି. ଗତେ ଘ.୧୨.୫୮ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗସ୍ତି ଦେଲେ ଦାନ,
କଞ୍ଚା ଗୁଆ ପୋଚା ପାନ ।**

କୃପଣ ବ୍ୟକ୍ତି କାହାରିକୁ ମୁକ୍ତ ହସ୍ତରେ ଦାନ ଦେଇ ନ ଥାନ୍ତି। ଯେତେ ଥିଲେ ମଧ୍ୟ ସେ ସବୁ ସରିଯିବା ଭୟରେ ଦେବା ଲାଗି କୁଣ୍ଠା ପ୍ରକାଶ କରିଥାନ୍ତି। ଯଦି ବି ପରିସ୍ଥିତିରେ ପଡ଼ି ବା ବାଧ୍ୟବାଧକତାରେ କିଛି ଦେବାକୁ ପଡେ ତେବେ ବାଛି ବାଛି ସବୁଠାରୁ ଖରାପ କିମ୍ବା ଅଦରକାରୀ ଜିନିଷକୁ ଦେଇ ନିଜର ଦାତାପଣିଆ ଦେଖେଇ ହୋଇଥାନ୍ତି। କୃପଣ ବ୍ୟକ୍ତିର ହୀନ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଜାଗା ଘା' ଦେଖି ହୁଏନାହିଁ
କି ଦେଖାଇ ହୁଏନାହିଁ ।**

ଲଜ୍ଜାଜନକ କଥାକୁ ସହଜରେ ଅନ୍ୟ ଆଗରେ କହି ହୋଇ ନ ଥାଏ। କୌଣସି ଅପ୍ରକାଶ୍ୟ ଘଟଣା ଅନ୍ୟ ଆଗରେ କହିବା ନେଇ ମନରେ ଲଜ୍ଜା ବା ସଙ୍କୋଚ ଭାବ ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅକ୍ଟୋବର ସୁଦ୍ଧା ୧୧ ଜିଲାରୁ ଆଦାୟ ୩୪ ହଜାର କୋଟି, ଖର୍ଚ୍ଚ ୫୫%



### ଜିଲା ଖଣିଜ ପ୍ରତିଷ୍ଠାନ ସମ୍ପର୍କିତ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୨(ସୁନିତ୍ ମିଶ୍ର)

ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ରାଜ୍ୟର ୧୧ଟି ଡିଏମ୍‌ଏଫ୍(ଜିଲା ଖଣିଜ ପାଣ୍ଠି) ଜିଲାରୁ ସମୁଦାୟ ୩୪,୦୫୨ କୋଟି ଟଙ୍କା ଆଦାୟ ହୋଇଛି। ଏଥିରୁ ପ୍ରାୟ ୫୫% ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚକୁ ବୃଦ୍ଧି କରି ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ପରାମର୍ଶ ଦେଇଛନ୍ତି।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଜିଲା ଖଣିଜ ପ୍ରତିଷ୍ଠାନ ସମ୍ବନ୍ଧିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଆଲୋଚନାରୁ ଜଣାପଡିଛି, ୧୦ଟି ଜିଲାରେ ଡିଏମ୍‌ଏଫ୍ ପୁନର୍ଗଠନ ସହ ଟ୍ରଷ୍ଟ ବୋର୍ଡ ମିଟିଂ ହୋଇସାରିଛି। ବୈଠକରେ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ପ୍ରତ୍ୟେକ ଡିଏମ୍‌ଏଫ୍‌ର ଅଡିଟ୍ ଓ ବାର୍ଷିକ ରିପୋର୍ଟ ଦାଖଲ କରିବାକୁ ଏବଂ ଲଘୁ ଖଣିଜ ପଦାର୍ଥରୁ ସଂଗୃହୀତ ଡିଏମ୍‌ଏଫ୍ ପାଣ୍ଠିକୁ ସେହି ଜିଲାର ଯେକୌଣସି ସ୍ଥାନରେ ବ୍ୟବହାର କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ପାଣ୍ଠିକୁ ସେହି ସ୍ଥାନର ମୌଳିକ ଆବଶ୍ୟକତା ଯଥା– ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ଗମନାଗମନ ଆଦି ବ୍ୟବସ୍ଥାରେ ଖର୍ଚ୍ଚ କରିପାରିବେ। ଏହାବ୍ୟତୀତ ଖଣି ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଲୋକଙ୍କୁ ସମ୍ପୂର୍ଣ୍ଣ ମୌଳିକ ସେବା(ସାଚ୍ୟୁରେଶନ ମୋଡ୍) ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଡିଏମ୍‌ଏଫ୍ ଟ୍ରଷ୍ଟବୋର୍ଡ ବୈଠକ ଡକାଯାଇ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ। ଡିଏମ୍‌ଏଫ୍ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବ। ଖଣି ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଜାଗାରେ ଥିବା ଜନବସତିରେ ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଜିଲାଗୁଡ଼ିକରେ ବାର୍ଷିକ ଡିଏମ୍‌ଏଫ୍ ପାଣ୍ଠି ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ସଂଗ୍ରହ ହେଉଛି, ସେମାନେ ଏକ ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ କରିବେ। ଏହି ପାଣ୍ଠିକୁ ସରକାରୀ ସିକ୍ୟୁରିଟି କିମ୍ବା ଅନୁସୂଚିତ ବ୍ୟାଙ୍କଗୁଡ଼ିକର ବଣ୍ଡ ଏବଂ ଏଫ୍‌ଡିରେ ବିନିଯୋଗ କରାଯିବ। ଖଣିଜ ପଦାର୍ଥ ଶେଷ ହେବାପରେ କିମ୍ବା କୌଣସି କାରଣରୁ ଖଣି କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିବା ଅଞ୍ଚଳରେ ଭବିଷ୍ୟତ ପିଢିଙ୍କ ପାଇଁ ଜୀବିକା ସୃଷ୍ଟି ଲାଗି ଏହି ପାଣ୍ଠି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ ଲାଇଟ୍‌ରେ ଚାଲିଛି ମା' ତାରାତାରିଣୀଙ୍କ ଦର୍ଶନ, ପୂଜାର୍ଚ୍ଚନା

ପୁରୁଷୋତ୍ତମପୁର,୨।୧୨(ସବିତା ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମା' ତାରାତାରିଣୀ ମନ୍ଦିର ଏବେ ଅନ୍ଧାରରେ ରହିଛି। ମୋବାଇଲ୍ ଟର୍ଚ୍ଚ ଲାଇଟ୍‌ରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ମା'ଙ୍କ ମନ୍ଦିରର ବେଢା ଓ ଗର୍ଭଗୃହ ମଧ୍ୟ ଅନ୍ଧାରରେ ରହିଛି। ମନ୍ଦିରରେ ଥିବା ଇନଭର୍ଟର ଖରାପ ହୋଇଯାଇଥିବାରୁ ମନ୍ଦିରରେ ଏପରି ପରିସ୍ଥିତି ମଙ୍ଗଳବାର ଦେଖାଦେଇଛି ବୋଲି ମନ୍ଦିର ଇଓ ପିକେ ରେଡ୍ଡୀ କହିଛନ୍ତି। ତେବେ ତିନି ଦିନ ହେଲାଣି ଏପରି ମନ୍ଦିର ଅନ୍ଧାରରେ ରହିଛି। ପର୍ଯ୍ୟଟକମାନେ ଅନ୍ଧାରରେ ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ ମା'ଙ୍କୁ ଦର୍ଶନ କରୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ପର୍ଯ୍ୟଟନ ଋତୁ ହୋଇଥିବାରୁ ପ୍ରତ୍ୟହ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ମନ୍ଦିରରେ ସମାଗମ ହେଉଛି। ମାତ୍ର ମନ୍ଦିର ଅନ୍ଧାରରେ ରହିଥିବାରୁ ଶ୍ରଦ୍ଧାଳୁ ନିଜ ମୋବାଇଲ ଟର୍ଚ୍ଚ ଲାଇଟ୍ ପକାଇ ମା'ଙ୍କୁ ଦର୍ଶନ କରୁଥିବା ଜଣାପଡିଛି। ଏଠାରେ ଏଭଳି ପରିସ୍ଥିତି ପ୍ରତି ଜିଲା ପ୍ରଶାସନ ଓ ମନ୍ଦିର ପ୍ରଶାସନର କାହାରି ଦୃଷ୍ଟି ନାହିଁ। ଏହାକୁ ନେଇ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ ଓ ଗଞ୍ଜାମ ଜିଲାପାଳ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଅନ୍ଧକାର ମଧ୍ୟରେ ମା' ତାରାତାରିଣୀଙ୍କ ମନ୍ଦିର ।

## ହାତୀ ଆକ୍ରମଣରେ ଯୁବକ ମୃତ

କେନ୍ଦୁଝର,୨।୧୨, ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନାହିଁ। ହାତୀ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୋମବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ତେଲକୋଇ ଥାନା ସଲେଇକେନା ପଞ୍ଚାୟତ ଅନ୍ତର୍ଗତ ରୁଗୁଡ଼ିହି ଗ୍ରାମର ଚକ୍ରଧର ମହାରଣା(୨୧)। ସେହି ଗ୍ରାମର ବିଜୁ ମୁଣ୍ଡା (୨୧) ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୨୦ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇନେଲା ପୋଲିସ

### ତରିକୁନ୍ଦ ଦରିଆପାରିରେ ପୋଲିସ ଚଢ଼ାଉ

ଜଗତ୍‌ସିଂହପୁର, ୨।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ଓ ତରିକୁନ୍ଦ କଲେଜ ନିକଟରେ ପୋଲିସ ଚଢ଼ାଉ କରି ୨୦ ଜଣରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଉଠାଇ ନେଇଥିଲା। ଏହାପରେ ସେମାନଙ୍କୁ ବିରିଡ଼ି ଅଞ୍ଚଳର ଏକ ଆଶ୍ରୟସ୍ଥଳରେ ରଖି ଆଧାର କାର୍ଡ, ଭୋଟ ପରିଚୟପତ୍ର ଆଦି ଯାଞ୍ଚ କରିଥିଲା। ମଙ୍ଗଳବାର ପୋଲିସ ପୁଣି ତରିକୁନ୍ଦ ଦରିଆପାରିରେ ଚଢ଼ାଉ କରି ୨୦ରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଉଠାଇ ନେଇଛି। ଏହି ଚଢ଼ାଉରେ ଜଗତ୍‌ସିଂହପୁର ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ଓ ଆଇଆଇସିଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ ପରେ ଉତ୍ତେଜନା

- ଜାଳିଦେଲେ ୪ ହାଇୱା, କ୍ରଶରରେ ଭଙ୍ଗାରୁଜା
- କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ଥମିଲା ଉତ୍ତେଜନା

ଧର୍ମଶାଳା/ ଚଢ଼େଇଧରା, ୨।୧୨ (ବଟକୃଷ୍ଣ ପରିଡ଼ା/ ଦିଲୀପ ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅଧୀନ କୁରିକଣା-ଡଙ୍କାରୀ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ହାଇୱା ଓଡ଼ି୦୪ଏସ୍‌୦୦୩୧ ଚଢ଼ିଯିବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଉକ୍ତ ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜୀବ ନାୟକ(୧୭)। ଏହି ଘଟଣାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ଯେଉଁ କମ୍ପାନୀର ଗାଡ଼ି ଦୁର୍ଘଟଣା ଘଟାଇଥିଲା ସେହି କମ୍ପାନୀର ପଛକୁ ପଛ ଆସୁଥିବା ଅନ୍ୟ ୩ଟି ଗାଡ଼ିକୁ ପୂର୍ବ ଆକ୍ରୋଶ ରଖି କେତେଜଣ ମାଫିଆ ଶ୍ରେଣୀର ଲୋକ ନିଆଁ ଲଗାଇ ଜାଳିଦେଇଛନ୍ତି। ଏହାପରେ ଉକ୍ତ କମ୍ପାନୀର ରାହାଡ଼ପୁରଠାରେ ଥିବା କ୍ରଶର ପରିସରରେ ପଶି ମେଶିନ ଓ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଖବର ପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଫଟୋ ଓ ଭିଜୁଆଲ ଉତ୍ତୋଳନ ଉଦ୍ୟମ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କ ମୋବାଇଲ ଛଡ଼ାଇନେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପୋଲିସ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ଥମିଛି। ଏହାପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

ସକାଳୁ ଛାତ୍ର ଜଣକ ବାଇକ୍ ଯୋଗେ କଲେଜ ଯାଉଥିବାବେଳେ କୁରିକଣା-ଡଙ୍କାରୀ ଛକ ମଝିରେ ଥିବା ହମ୍ପସ ପାଖରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ



ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ହାଇୱା।

ପଛରୁ ଆସୁଥିବା କଳାପଥର ବୋଝେଇ ହାଇୱା ଛାତ୍ରଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ପୂର୍ବରୁ ସଡ଼କ ଦୁର୍ଘଟଣାରେ ଛାତ୍ର ସଞ୍ଜୀବଙ୍କ ମା'ଙ୍କ ମୃତ୍ୟୁ ହୋଇଥିବାରୁ ଏହି ଘଟଣା ସମସ୍ତଙ୍କୁ ବ୍ୟଥିତ କରିଥିଲା। ଘଟଣା ପ୍ରଘଟ ହେବାପରେ ସ୍ଥାନୀୟ କେତେଜଣ ଲୋକ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ପୂର୍ବରୁ ଚାନ୍ଦା କାରବାରକୁ ନେଇ ସମ୍ପୃକ୍ତ କମ୍ପାନୀ ଉପରେ ରହିଥିବା ଆକ୍ରୋଶ ଉଗ୍ରରୂପ ଧାରଣ କରିଥିଲା। ଦୁର୍ବୃତ୍ତ ଦୀର୍ଘ ସମୟ ରାସ୍ତାକୁ ନିଜ ଆୟତକୁ ନେଇ ଉତ୍ପାତ କରିଥିଲେ। ୪ରୁ ଅଧିକ ମୋବାଇଲ ଭାଙ୍ଗିବା ସହ ଏକାଧିକ ଲୋକଙ୍କୁ ଧକ୍କାମାରି ତଡ଼ି ଦେଇଥିଲେ। କେତେଜଣ ମହିଳାଙ୍କ ଉପଦ୍ରବ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥିଲା। ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଥାନା ଅଧିକାରୀ ନିରୁପମା ଜେନା, ଏସ୍‌ଆଇ ରଞ୍ଜନ ବେହେରା ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ସଞ୍ଜୀବ ଚଢ଼େଇଧରାସ୍ଥିତ ଜଗନ୍ନାଥ ଜୀଉ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ର ଥିଲେ। ତାଙ୍କ ବିୟୋଗରେ କଲେଜରେ ହେବାକୁ ଥିବା ବାର୍ଷିକ କ୍ରୀଡ଼ା ଉତ୍ସବକୁ ବାତିଲ କରାଯାଇଛି। ଏହାପରେ ଏକ ଶୋକସଭା କରାଯାଇଥିବା ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତ କହିଛନ୍ତି। ଏନେଇ ପୋଲିସ ନଂ.୪୨୫/୨୫ରେ ଏକ ମାମଲା ରୁଜୁ କରିଛି।

## ପକ୍ଷଭୁକ୍ତ ହେଲା କିଟ୍ ବିଶ୍ୱବିଦ୍ୟାଳୟ

### ହାଇକୋର୍ଟରେ ନେପାଳୀ ଛାତ୍ରୀ ମୃତ୍ୟୁ ମାମଲା

କଟକ,୨।୧୨(କାର୍ତ୍ତିକ ସାହୁ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କିଟ୍ ବିଶ୍ୱବିଦ୍ୟାଳୟକୁ ମାମଲାରେ ୯ମ ପ୍ରତିପକ୍ଷ ଭାବେ ପକ୍ଷଭୁକ୍ତ କରିବା ପାଇଁ ରୁଜୁ ଆବେଦନକୁ ଗ୍ରହଣ କରିଛନ୍ତି। ଖଣ୍ଡପୀଠ କିଟ୍‌କୁ ପକ୍ଷଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏ ସଂକ୍ରାନ୍ତରେ କିଟ୍‌କୁ ନୋଟିସ ଜାରି କରାଯାଇଛି। ଅପରପକ୍ଷରେ ପୂର୍ବ ଶୁଣାଣି ସେପ୍ଟେମ୍ବର ୨୫ରେ ସମ୍ପୃକ୍ତ ଘଟଣାର ଅଭିଯୁକ୍ତ ଗିରଫ ହେବା ପରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ପ୍ରତାପ ଚନ୍ଦ୍ର ମହାନ୍ତି ଦର୍ଶାଇଛନ୍ତି ଯେ, କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ବହୁଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହି ଘଟଣାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ କରିବା ନିମନ୍ତେ ସେ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଛନ୍ତି। ଏଥିସହ ହାଇକୋର୍ଟର ଜଣେ ସିଟିଂ ଜଜ୍‌ଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ଯାଞ୍ଚ ପାଇଁ କମିଟି ଗଠନ କରାଯିବା ଓ ଏହି କମିଟି ଘଟଣାର ବିସ୍ତୃତ ଓ ନିରପେକ୍ଷ ତଦନ୍ତ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣକଲେ ୨ ଦମ୍ପତି



ଶିଶୁପୁତ୍ରକୁ ଜିଲାପାଳ ଚକୋଲେଟ୍ ଦେଉଛନ୍ତି।

ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)

ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଭୁବନେଶ୍ୱର ଓ ପଶ୍ଚିମବଙ୍ଗର ୨ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ଦୁଇ ଶିଶୁପୁତ୍ରଙ୍କୁ ପୃଥକ୍ ଦମ୍ପତି ଗ୍ରହଣ କରିଛନ୍ତି। ଏଥିସହ ସେମାନେ ଖୁସିବ୍ୟକ୍ତ କରି ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ସୁରକ୍ଷା ଅଧିକାରୀ ଶିଳ୍ପାଞ୍ଜଳି ତିର୍କୀ, ପରାମର୍ଶଦାତା ସମୀର କୁମାର ମିଶ୍ର, ମୋନାଲିସା ପଟ୍ଟନାୟକ, ପୋଷ୍ୟ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରବୀଣ ବାଗ୍, ଡ. ଅଙ୍କିତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଆଜିଠୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ

### ୨୦୨୬-୨୭ ଶିକ୍ଷାବର୍ଷ ମାଟ୍ରିକ୍ ପରୀକ୍ଷା

କଟକ,୨।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଡିସେମ୍ବର ୩ରୁ ଆରମ୍ଭ ହେବ। ରାଜ୍ୟର ସମସ୍ତ ହାଇସ୍କୁଲର ମୁଖ୍ୟମାନେ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟ ସମାପନ କରିବେ। ଦେୟ ଓ ଚୂଡ଼ାନ୍ତ ଫର୍ମ ଦାଖଲ ପ୍ରକ୍ରିୟା ଡିସେମ୍ବର ୩ରୁ ଆରମ୍ଭ ହୋଇ ୧୭ ତାରିଖ ରାତ୍ର ୧୧.୪୫ ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ଦିବାରାତ୍ର ୨୪ ଘଣ୍ଟିଆ ଅନ୍‌ଲାଇନରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ୬୦ ଟଙ୍କା ହିସାବରେ ପଞ୍ଜୀକରଣ ଦେୟ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ରେଗୁଲାର ଓ କ୍ୱାସି ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ମଧ୍ୟ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପଢ଼ୁଥିବା ଏସ୍‌ସି ଓ ଏସ୍‌ଟି ବର୍ଗର ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ ଲାଗିବ ନାହିଁ। ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ରର ଫର୍ମାଟ, ନିର୍ଦ୍ଦେଶାବଳୀ ଓ ଲିଙ୍କ୍ ଆଦି ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ନିର୍ଦ୍ଦେଶାବଳୀ ଭଲ ଭାବେ ପଢ଼ି ସାରିବା ପରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପଞ୍ଜୀକରଣ କାର୍ଯ୍ୟ ଶେଷ ପରେ ଡେସ୍କ୍ରିପଟିଭ ରୋଲ ସିଟ୍‌କୁ ଡାଉନ୍‌ଲୋଡ୍ କରି ବୋର୍ଡର ଶାଖା କାର୍ଯ୍ୟାଳୟରେ ଦାଖଲ କରାଯିବ। ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରି ନ ଥିବା ଛାତ୍ରୀଛାତ୍ରମାନେ ୨୦୨୭ ମାଟ୍ରିକ ପରୀକ୍ଷା ଦେଇପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। କ୍ୱାସି ରେଗୁଲାର ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ନିକଟବର୍ତ୍ତୀ ରେକଗ୍‌ନାଇଜ୍‌ଡ ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ବୋର୍ଡ ଶାଖା କାର୍ଯ୍ୟାଳୟ ଉପସମ୍ପାଦକ ଲିଖିତ ନିର୍ଦ୍ଦେଶ ଦେବେ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ବିକଶିତ ଓଡ଼ିଶା ଭିଜନ-୨୦୩୬ ପାଇଁ ୫ ଅଧିକାରୀ ନିୟୋଜିତ

ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)

ବିକଶିତ ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଶାସନ ଲାଗି ଏକ ପ୍ରଶାସନିକ କମିଟି(ସିଏଜିଆର୍) ଗଠନ କରାଯାଇଛି। ଏଥିରେ ୫ ଅଧିକାରୀଙ୍କୁ ନିଜ ମୂଳ ଦାୟିତ୍ୱ ସହିତ ଅତିରିକ୍ତ ଦାୟିତ୍ୱ ନିର୍ବାହ ଲାଗି ନିୟୋଜିତ କରାଯାଇଛି। ସେଥିମଧ୍ୟରେ ସଂସଦୀୟ ବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ଶିବ ନାରାୟଣ ସାହୁ, ଓକାକ୍ ଜିଏମ୍ ସବ୍ୟସାଚୀ ହୋତାଙ୍କ ସହିତ ସାଧାରଣ ପ୍ରଶାସନ ବିଭାଗ ଅନୁସଚିବ ଅଂଶୁମାନ ରଥ, ଏଏସ୍‌ଓ ସୌମ୍ୟରଞ୍ଜନ ସାହୁ ଏବଂ ସୁଜ୍ଞାନ କୁମାର ନାୟକ ରହିଛନ୍ତି।

## ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ଗୁରୁତ୍ୱ

### ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଅବଦାନ ପ୍ରତି ସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୩ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ଏହି ଦିବସ ପାଳନ ଲାଗି ୧୯୯୨ ମସିହାରେ ଜାତିସଂଘ ସାଧାରଣ ପରିଷଦ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ମଧ୍ୟରେ ଭିନ୍ନକ୍ଷମତା ଅନ୍ତର୍ଭୁକ୍ତି ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ପାଇଁ ସମର୍ଥନ ସଂଗ୍ରହ କରିବା ଏବଂ ଜୀବନର ସମସ୍ତ ଦିଗରେ ଭିନ୍ନକ୍ଷମତା ସମସ୍ୟା ବିଷୟରେ ବୁଝାମଣାକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସାମାଜିକ ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମ-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା।' ଏହି ବିଷୟବସ୍ତୁକୁ ନେଇ ଜାତିସଂଘ ଏବର୍ଷ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରିବ।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ। ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍। ବୟସ ୨୨ ବର୍ଷ। ସ୍ଥାନ:ଭୁବନେଶ୍ୱର,
ଫୋନ: 9486365677

SB SAHOO & CO PVT LTD
BHUBANESWAR
We are hiring Accounting Professional.
Qualification : Inter CA/Inter CMA
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

REQUIRED
Bodyshop Advisor Needed for 4 wheeler Dealership with Diploma Automobile / Mechanical having 0-2 years experience. Send cv to: servicemanager@capitaltoyota.in
Cc to: siddharth9909@gmail.com
Call - +917978558195

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

REQUIRED
4 wheeler Dealership requires Sales Consultant, Sweeper, Driver for Bhawanipatna Location only.
Call : +91 9438395880 / 93489 40535

REQUIRED
Admin Manager Needed for 4 wheeler Dealership in Bhubaneswar with 2-5 years experience in administration.
Send resume to : csgargsongroup@gmail.com
Cc to: siddharth9909@gmail.com
Call - +91 7855040457

WALK-IN-INTERVIEW
MOTORCYCLE DEALERSHIP
BONTH CHHAK, BHADRAK

| DESIGNATION | SALARY | EXPERIENCE |
|---|---|---|
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

SWETA AGENCIES
We are hiring: Sales & Marketing Executive
Qualification: Graduate from any background
Skills : Fluent in English Speaking
Location : Mancheswar I.E.S., Bhuabneswar
Contact for more details :
Mail : agenciessweta2005@gmail.com
Mob No. : 7008576691










# ଆଗରୁ ଯେମିତି, ଏବେ ସେମିତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇବା, ଏଚ୍‌୧ ଭିଜା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ପୋଷଣ କରିଥିବାରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗିରହିଛି। ସେଥିପାଇଁ ଚାଇନା ଭଳି ଦେଶ ସହିତ ଉତ୍ତମ ସମ୍ପର୍କ ଗଢ଼ିବା ସକାଶେ ଭାରତ ସରକାର ବ୍ୟାକୁଳତା ପ୍ରଦର୍ଶନ କରୁଛନ୍ତି। ନିକଟରେ ଭାରତର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ବୈଠକରେ ଯୋଗଦେଇଥିଲା। ସେହି ଦଳର ନେତୃତ୍ୱ ନେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏତେ ସବୁ ଉଦ୍ୟମ ସତ୍ତ୍ୱେ ଚାଇନାର ଭାରତ ପ୍ରତି ଥିବା ପୁରୁଣା ଆଭିମୁଖ୍ୟରେ ସେଭଳି ପରିବର୍ତ୍ତନ ଘଟି ନ ଥିବା ସଦ୍ୟ ଏକ ଘଟଣାରୁ ବୁଝାପଡ଼ିଯାଉଛି।

ଅରୁଣାଚଳ ପ୍ରଦେଶ ବାସିନ୍ଦା ପେମା ୱାଙ୍ଗ୍‌ଜୋମ ବ୍ରିଟେନରେ ରୁହନ୍ତି। ଏହି ମହିଳା ଲଣ୍ଡନଠାରେ ଆର୍ଥିକ କ୍ଷେତ୍ର ସହ ଜଡ଼ିତ ଅଛନ୍ତି ଓ ଜଣେ ପ୍ରିନ୍ସିପାଲ ରେଗୁଲେଟାରି କନ୍‌ସଲଟାଣ୍ଟ ଭାବେ ଜଣାଶୁଣା। ନିକଟରେ ସେ ଚାଇନାର ସାଂଘାଇ ଦେଇ ଜାପାନ ଯାଉଥିଲେ। ସାଂଘାଇ ବିମାନବନ୍ଦରରେ ତାଙ୍କୁ ଯାଞ୍ଚ କରାଯିବା ବେଳେ ସେ ଧାରଣ କରିଥିବା ଭାରତୀୟ ପାସ୍‌ପୋର୍ଟକୁ ବିମାନବନ୍ଦର କର୍ତ୍ତୃପକ୍ଷ ଅସ୍ୱୀକାର କରିଥିଲେ। ପେମା ଅରୁଣାଚଳ ପ୍ରଦେଶର ହୋଇଥିବାରୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ଅରୁଣାଚଳ ପ୍ରଦେଶ ଚାଇନାର ଏକ ଅଂଶବିଶେଷ ଭାବେ ଅଭିହିତ କରି ବିମାନବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ୧୮ ଘଣ୍ଟା ଅଟକ ରଖିଥିଲେ। ଏହି ସମୟ ମଧ୍ୟରେ ତାଙ୍କୁ ବହୁ ମାନସିକ ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥିଲା ବୋଲି ପେମା କହିଛନ୍ତି। ଉକ୍ତ ଘଟଣାକୁ ନେଇ ଭାରତ ଓ ଚାଇନା ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଛି। ଅବଶ୍ୟ ଏହା ନୂଆ କଥା ନୁହେଁ ଯେ, ବିଗତ ବହୁ ବର୍ଷ ଧରି ଚାଇନା ତା' ସରକାରୀ ମାନଚିତ୍ରରେ ଭାରତର ଅରୁଣାଚଳ ପ୍ରଦେଶକୁ ନିଜର ଅଞ୍ଚଳ ଭାବେ ଦର୍ଶାଇଆସୁଛି। ଭାରତ ବିଭିନ୍ନ ସମୟରେ ଅରୁଣାଚଳ ପ୍ରଦେଶ ବ୍ୟାପାରରେ ଚାଇନାର ଅନଧିକାର ହସ୍ତକ୍ଷେପକୁ ବିରୋଧ କରିଥିଲେ ମଧ୍ୟ ତା'ର ସୁଫଳ ମିଳିପାରୁ ନାହିଁ। ଆମେରିକାର ଅତ୍ୟଧିକ ଟାରିଫ୍ ବୋଝ ପରେ ଭାରତ ଅନନ୍ୟୋପାୟ ହୋଇ ଚାଇନା ଆଡ଼କୁ ମୁହାଁଇଥିବାରୁ ଏହାର ଫାଇଦା ନେବାକୁ ବେଜିଂ କାରସାଦି କରୁଥିବା ବିଷୟ ପେମାଙ୍କ ଘଟଣାରୁ ସ୍ପଷ୍ଟ ହୋଇଯାଉଛି। ଚାଇନା ପୃଥିବୀର ଏମିତି ଏକ ଦେଶ, ଯାହାର ମୂଳ ଲକ୍ଷ୍ୟ କେବଳ ଲାଭ ଉଠାଇବାରେ ବ୍ୟସ୍ତ। ତାହାର ଆବେଗ କୌଣସି ରାଷ୍ଟ୍ର ପ୍ରତି ଥିବା ଭଳି ମନେହୁଏ ନାହିଁ।

> **ଚାଇନାର ଭାରତ ପ୍ରତି ନୀତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ। ଯାହା ପୂର୍ବରୁ ଥିଲା, ତାହା ଏବେ ମଧ୍ୟ ରହିଛି। ଆମର ବୈଦେଶିକ ସମ୍ପର୍କକୁ ଅଣଦେଖା କରି ଅନ୍ତର୍ଜାତୀୟ ନୀତି ସୃଷ୍ଟି କରାଗଲେ ଭବିଷ୍ୟତରେ ତାହା ବିଫଳତା ଆଣିବ।**

ଆମେରିକା ଆଡ଼ୁ ମୁହଁ ଫେରାଇ ଭାରତ ଯେତେବେଳେ ଚାଇନା ପ୍ରତି ଢଳିଲା ଓ କେତେକ ଫୋରମ୍‌ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ପାଖାପାଖି ବସି ଆଲୋଚନା କରାଯିବା ଦେଖାଗଲା, ଅନେକ ଭାରତୀୟ ଭାବିଦେଲେ ଯେ ଆଗକୁ କିଛି ନୂଆ ସମୀକରଣ ସୃଷ୍ଟି ହୋଇପାରେ। ଆମେରିକାକୁ ଅଡୁଆରେ ପକାଇବା ପାଇଁ ଭାରତ ଓ ଚାଇନା ସୁଦୃଢ଼ ସମ୍ପର୍କ ଯଥେଷ୍ଟ ହେବ ବୋଲି କଥା ଉଠିଲା। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଦର୍ଶାଇଛି। ପେମା କହିଛନ୍ତି, ଜାପାନ ଯିବା ପୂର୍ବରୁ ସେ ଚାଇନା ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ସେ ସାଂଘାଇ ବିମାନବନ୍ଦରରେ ମାତ୍ର ୩ ଘଣ୍ଟା ପାଇଁ ରହଣି କରିବାର ଥିଲା। ୨୪ ଘଣ୍ଟା ତଳକୁ ରହଣି କରିବାର ଥିଲେ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ନ ଥାଏ। ସେହିପରି ସେ ଆହୁରି କହିଛନ୍ତି ଯେ, ୨୦୨୪ ଅକ୍ଟୋବରରେ ଚାଇନା ବାଟ ଦେଇ ଜାପାନ ଯାଇଥିଲେ। ସେତେବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିବା ପେମା ପ୍ରକାଶ କରିଛନ୍ତି। ଏଠାରେ ସ୍ପଷ୍ଟ ଜଣାପଡୁଛି ଯେ, ସାଂଘାଇ ବିମାନବନ୍ଦରରେ ନିଯୁକ୍ତ ଇମିଗ୍ରେଶନ କର୍ମଚାରୀ ନିଜସ୍ୱ ଇଚ୍ଛାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ କାର୍ଯ୍ୟ କରିବାରେ ନିଶ୍ଚିତ ଭାବେ ଅସମର୍ଥ। ତେଣୁ ବୁଝିବାକୁ ହେବ ଯେ, ବେଜିଂର ସର୍ବୋଚ୍ଚ ସ୍ତରରୁ ସାଧାରଣ ନିୟମାବଳୀ ଭାବେ ଅରୁଣାଚଳ ପ୍ରଦେଶବାସୀଙ୍କୁ କେଉଁଭଳି ବ୍ୟବହାର ପ୍ରଦର୍ଶନ କରିବା ଦରକାର ସ୍ପଷ୍ଟ କରାଯାଇଥିବ। ପୂର୍ବରୁ ଭାରତର ଖେଳାଳିଙ୍କୁ ୨୦୧୬ରେ ଏବଂ ୨୦୨୩ ସେପ୍ଟେମ୍ବରରେ ହାଙ୍ଗ୍‌ଝୁଠାରେ ଅନୁଷ୍ଠିତ ୧୯ତମ ଏସିଆନ୍ ଗେମ୍ସରେ ୩ ଜଣ ଅରୁଣାଚଳବାସୀ, ଯେଉଁମାନେ ଭାରତୀୟ ଟିମ୍ ସହ ଯିବାର ଥିଲା ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାରଣ କରାଯାଇଥିଲା। ଚାଇନାର ଏହି ନିଷ୍ପତ୍ତିକୁ ବିରୋଧ କରି ତତ୍କାଳୀନ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ତାଙ୍କ ଚାଇନା ଗସ୍ତକୁ ବାତିଲ କରିଥିଲେ। ଏଥିରୁ ବୁଝିବାକୁ ହେବ ଯେ, ଚାଇନାର ଭାରତ ପ୍ରତି ନୀତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ। ଯାହା ପୂର୍ବରୁ ଥିଲା, ତାହା ଏବେ ମଧ୍ୟ ରହିଛି। ଆମର ବୈଦେଶିକ ସମ୍ପର୍କକୁ ଅଣଦେଖା କରି ଅନ୍ତର୍ଜାତୀୟ ନୀତି ସୃଷ୍ଟି କରାଗଲେ ଭବିଷ୍ୟତରେ ତାହା ବିଫଳତା ଆଣିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 5 | | | | 1 | | 4 | 9 |
| 7 | | | | 8 | 3 | | | 2 |
| 9 | 7 | | | | | | | |
| | | | | | | | 1 | |
| | | | 6 | | 8 | 5 | | 7 |
| | | 2 | | | | 4 | | |
| 1 | 9 | | | | 4 | | | |
| 4 | | 6 | 5 | 7 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 8 | 2 | 6 | 1 | 5 | 9 |
| 5 | 1 | 8 | 9 | 4 | 7 | 2 | 6 | 3 |
| 9 | 6 | 2 | 5 | 3 | 1 | 4 | 8 | 7 |
| 2 | 4 | 3 | 6 | 1 | 9 | 8 | 7 | 5 |
| 6 | 5 | 1 | 7 | 8 | 3 | 9 | 2 | 4 |
| 8 | 7 | 9 | 4 | 5 | 2 | 3 | 1 | 6 |
| 1 | 2 | 6 | 3 | 9 | 5 | 7 | 4 | 8 |
| 3 | 8 | 5 | 1 | 7 | 4 | 6 | 9 | 2 |
| 7 | 9 | 4 | 2 | 6 | 8 | 5 | 3 | 1 |

ଗତକାଲିର ଉତ୍ତର



# ସନାତନୀ ହିନ୍ଦୁ ଓ ଗାନ୍ଧିଜୀ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଖ୍ରୀ. ପୂ. ଷଷ୍ଠ ଶତକରେ ଡେରିଅସ ଶିଳାଲେଖରେ (୫୫୦-୪୮୬) 'ହିନ୍ଦୁ' ଶବ୍ଦର ଉଲ୍ଲେଖ ଥିଲେ ହେଁ ସେଥିରେ ଏହା ଭୌଗୋଳିକ ଶବ୍ଦ ଭାବରେ ବ୍ୟବହୃତ ହୋଇଛି। ରାଜା ରାମମୋହନ ରାୟ ପ୍ରଥମେ ହିନ୍ଦୁଧର୍ମ (HINDU-ISM) ଶବ୍ଦ ୧୮୧୬ ମସିହାରେ ବ୍ୟବହାର କଲେ। ତା'ପରେ ଯେଉଁମାନେ ବ୍ରିଟିଶ ଉପନିବେଶବାଦକୁ ବିରୋଧ କରୁଥିଲେ ଏବଂ ନିଜକୁ ମୁସଲମାନ୍ ଓ ଖ୍ରୀଷ୍ଟିଆନ୍‌ଙ୍କଠାରୁ ଭିନ୍ନ ବୋଲି ପ୍ରତିପାଦନ କରିବାକୁ ଚାହିଁଥିଲେ ସେମାନେ ଏହି ଶବ୍ଦକୁ ବ୍ୟବହାର କଲେ। ବେଦ ଓ ଉପନିଷଦ ଆଧାରିତ ବିଚାରଧାରା ବା ଜୀବନ ପଦ୍ଧତିକୁ ହିନ୍ଦୁଧର୍ମ ବୋଲି କୁହାଗଲା। ସନାତନ ଶବ୍ଦର ଅର୍ଥ ଚିରନ୍ତନ। ଏହା କେଉଁ ନିର୍ଦ୍ଦିଷ୍ଟ ସମୟରେ ବା କେଉଁ ନିର୍ଦ୍ଦିଷ୍ଟ ବ୍ୟକ୍ତିଦ୍ୱାରା ସୃଷ୍ଟି ହୋଇଥିଲା ତାହା କେହି କହିପାରିବେ ନାହିଁ। ଏହା ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ। ଏଣୁ ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, ''ଯାହାକୁ ଆମେ ହିନ୍ଦୁ ଧର୍ମ କହୁ, ତାହା ବାସ୍ତବରେ ସନାତନ ଧର୍ମ, କାରଣ ଏହି ଧର୍ମ ବିଶ୍ୱବ୍ୟାପୀ। ଯଦି କୌଣସି ଧର୍ମ ବିଶ୍ୱବ୍ୟାପୀ ନ ହୁଏ ତାହା ସନାତନ ହୋଇ ପାରିବ ନାହିଁ।'' ମହାତ୍ମା ଗାନ୍ଧୀ କହୁଥିଲେ, ''ମୁଁ ଜଣେ ହିନ୍ଦୁ, କେବଳ ହିନ୍ଦୁ ପରିବାରରେ ଜନ୍ମ ହୋଇଥିବାରୁ ନୁହେଁ, ଉଭୟ ବିଶ୍ୱାସ ଓ ପସନ୍ଦରେ ମୁଁ ହିନ୍ଦୁ''। ପୁନଶ୍ଚ ସେ ଅନେକ ଥର ନିଜକୁ ଜଣେ 'ସନାତନୀ ହିନ୍ଦୁ' ଭାବରେ ଘୋଷଣା କରିଛନ୍ତି। ହିନ୍ଦୁ ଧର୍ମପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ କିପରି ଥିଲା ଓ ସନାତନୀ ହିନ୍ଦୁ କହିଲେ ସେ କ'ଣ ବୁଝୁଥିଲେ ଏବଂ ସେ କେଉଁ ପ୍ରସଙ୍ଗରେ ଏହା କହିଥିଲେ ତାହା ଆଲୋଚନା କରିବା ହେଉଛି ଏହି ପ୍ରବନ୍ଧର ଲକ୍ଷ୍ୟ।

୧୯୦୫ରେ ଜୋହାନ୍‌ସବର୍ଗ ଥିଓସୋଫିକାଲ୍ ସୋସାଇଟିରେ ବକ୍ତବ୍ୟ ଉପସ୍ଥାପନ କଲାବେଳେ ସେ କହିଥିଲେ ହିନ୍ଦୁଧର୍ମ ଅପେକ୍ଷା ଆର୍ଯ୍ୟଧର୍ମ ଶବ୍ଦ ବେଶି ଗ୍ରହଣୀୟ। ବେଦରେ ମଧ୍ୟ ହିନ୍ଦୁ ଶବ୍ଦ ନାହିଁ, କିନ୍ତୁ ଆର୍ଯ୍ୟ ଶବ୍ଦ ଅଛି ଯଥା 'କୃଣ୍ୱନ୍ତୁ ବିଶ୍ୱମାର୍ଯ୍ୟମ୍' (ଋଗ୍‌ବେଦ ୯/୬୩/୫)। ପୁନଶ୍ଚ ତାଙ୍କ ମତ ଥିଲା ଏହି ଧର୍ମ କେଉଁ ପୁରାତନ କାଳରୁ ବଞ୍ଚିରହିଛି। ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ସେ ଉଭୟ ହିନ୍ଦୁ ଓ ଅଣହିନ୍ଦୁଙ୍କୁ ତୁଳସୀ ଦାସଙ୍କ 'ରାମଚରିତ ମାନସ' ପଢ଼ିବା ପାଇଁ ପରାମର୍ଶ ଦେଉଥିଲେ। ସେ କହୁଥିଲେ ''ବାସ୍ତବରେ ହିନ୍ଦୁଧର୍ମ ଏକ ନୈତିକତା ଆଧାରିତ ଧର୍ମ। ସେହି ଦୃଷ୍ଟିରୁ କୁହାଯାଇପାରେ ସବୁଧର୍ମ ସମାନ ଭାବରେ ସତ୍ୟ, ଯେହେତୁ ନୈତିକତାଠାରୁ କୌଣସି ଧର୍ମ ବିଚ୍ଛିନ୍ନ ହୋଇପାରିବ ନାହିଁ।'' ବେଦ ଉପନିଷଦ ଆଧାରିତ ସନାତନ ଧର୍ମ ପରବର୍ତ୍ତୀ କାଳରେ ହିନ୍ଦୁଧର୍ମ ଭାବରେ କଥିତ ହେବା ବେଳକୁ ସେଥିରେ ଅନେକ କୁସଂସ୍କାର ପ୍ରବେଶ କରିସାରିଥିଲା। ଗାନ୍ଧିଜୀ ସନାତନ ଧର୍ମକୁ ସେହି କୁସଂସ୍କାରଗୁଡ଼ିକରୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଲେ। ସେତେବେଳେ ସନାତନ ଧର୍ମରେ ଅସ୍ପୃଶ୍ୟତା



ପ୍ରବେଶ କରିସାରିଥିଲା , ଯାହା ଗାନ୍ଧିଜୀ ଗ୍ରହଣ କରିପାରୁ ନ ଥିଲେ। ୧୯୧୭ରେ ସେ ଅସ୍ପୃଶ୍ୟ ମାହାରମାନଙ୍କ ସହ ଭୋଜନ କଲେ ଓ ଅସ୍ପୃଶ୍ୟତା ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ। ଫଳରେ ତତ୍କାଳୀନ ପରମ୍ପରା ବିଶ୍ୱାସୀ ହିନ୍ଦୁମାନେ ତାଙ୍କୁ ସମାଲୋଚନା କଲେ। ପୁନଶ୍ଚ ୧୯୨୦ ଡିସେମ୍ବର ୨୫ ରେ ସେ 'ଅନ୍ତ୍ୟାଜ (ଅସ୍ପୃଶ୍ୟ) ସମ୍ମିଳନୀ' ରେ ଯୋଗଦେଇ କହିଲେ, ''ମୁଁ ନିଜେ ଜଣେ ହିନ୍ଦୁ, ଜଣେ ସନାତନୀ ହିନ୍ଦୁ। ବୈଷ୍ଣବମାନେ ମୋର ଏହି ଦାବିକୁ ଗ୍ରହଣ କରୁନାହାନ୍ତି। ମୁଁ ପୁଣିଥରେ ଜୋର ଦେଇ କହୁଛି ଯେ ମୁଁ ଜଣେ ସନାତନୀ ହିନ୍ଦୁ ଓ ହିନ୍ଦୁମାନେ ଅସ୍ପୃଶ୍ୟତା ରୂପକ ପାପରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ସ୍ୱରାଜ ସମ୍ଭବ ନୁହେଁ। ଏହି ଅସ୍ପୃଶ୍ୟତା ହିନ୍ଦୁ ସମାଜରେ ପ୍ରଚଳିତ ଥିବା ପର୍ଯ୍ୟନ୍ତ ମୁଁ ନିଜକୁ ହିନ୍ଦୁ କହିବାକୁ ଲଜ୍ଜିତବୋଧ କରୁଛି।'' ସେ ଲେଖିଥିବା ପ୍ରବନ୍ଧ ''ସନାତନୀ ହିନ୍ଦୁ କିଏ'' ଗୁଜରାଟୀ ସାପ୍ତାହିକ ପତ୍ରିକା 'ନବଜୀବନ'ରେ ପ୍ରକାଶ ପାଇଥିଲା। ସେଥିରେ ସେ ଅସ୍ପୃଶ୍ୟତାକୁ ଅଧର୍ମ ବୋଲି ବିଚାର କରି ଲେଖିଥିଲେ ''କୌଣସି ବ୍ୟକ୍ତିକୁ ସମାଜରୁ ଘଉଡ଼ାଇ ଦେଇ ଗାଁର ଉପାନ୍ତ ଅଞ୍ଚଳରେ ସ୍ଥାନ ଦେବା, ସେମାନେ ବଞ୍ଚିଲେ କି ମଲେ ସେ ସମ୍ପର୍କରେ ଚିନ୍ତିତ ନ ହେବା, ନିଜର ଉଚ୍ଛିଷ୍ଟ ଖାଦ୍ୟ ସେମାନଙ୍କୁ ଖାଇବାକୁ ଦେବା କେବେ ଧର୍ମ ପଦବାଚ୍ୟ ନୁହେଁ- ଏହା ହିନ୍ଦୁ ଧର୍ମ ନୁହେଁ।''

ଗାନ୍ଧୀ ନିଜକୁ ଅନେକଥର ଜଣେ ପୁରାତନ ପନ୍ଥୀ (Orthodox) ହିନ୍ଦୁ ବୋଲି କହିଛନ୍ତି, ମାତ୍ର ତାଙ୍କ ପାଇଁ ଏହି ଶବ୍ଦ ପ୍ରଚଳିତ ଅର୍ଥଠାରୁ ଭିନ୍ନ ଥିଲା। ଜାଫନାରେ (୧୯୨୭) ଏକ ହିନ୍ଦୁ ସଭାରେ ସେ କହିଥିଲେ ''ଯଦି ପୁରାତନ ପନ୍ଥୀ ହିନ୍ଦୁଧର୍ମ (Orthodox Hinduism ) କହିଲେ କାହା ସଙ୍ଗେ ଏକତ୍ର ଭୋଜନ କରିବା ବା କରିବା ନାହିଁ, କାହାକୁ ଛୁଇଁବା ବା ଛୁଇଁବା ନାହିଁ, କିମ୍ବା ମୁସଲମାନ୍ ଓ ଖ୍ରୀଷ୍ଟିଆନ୍‌ଙ୍କ ସହ କଳହରେ ବ୍ୟାପୃତ ହେବା, ତା'ହେଲେ ମୁଁ ନିଶ୍ଚିତ ଭାବରେ ଜଣେ ପୁରାତନପନ୍ଥୀ ହିନ୍ଦୁ ନୁହେଁ। ମାତ୍ର ଯଦି ପୁରାତନ ପନ୍ଥୀ ହିନ୍ଦୁଧର୍ମ କହିଲେ ଧର୍ମକୁ ଯଥା ସାଧ୍ୟ ଜୀବନରେ ଉତ୍ତମ ଭାବରେ ପ୍ରକାଶ କରିବା ପାଇଁ ଅବିରତ ଉଦ୍ୟମକୁ ବୁଝାଏ, ତା'ହେଲେ ମୁଁ ଜଣେ ପୁରାତନବାଦୀ ହିନ୍ଦୁ।'' ପୁରାତନବାଦୀ ହିନ୍ଦୁଧର୍ମ କଠୋରବାଦୀ ଓ ସଂସ୍କାର ବିରୋଧୀ ଥିବାବେଳେ ଗାନ୍ଧୀଙ୍କ ପୁରାତନବାଦୀ ହିନ୍ଦୁଧର୍ମ ସଂସ୍କାରବାଦୀ ଥିଲା। ତାଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ହୁଏ ଯେ ସେ ହିନ୍ଦୁଧର୍ମକୁ ପ୍ରଚଳିତ ଥିବା ଅସ୍ପୃଶ୍ୟତା ଭଳି କୁସଂସ୍କାରରୁ ମୁକ୍ତ କରିପାରିଲେ ହିଁ ଜଣେ ନିଜକୁ ପୁରାତନପନ୍ଥୀ ହିନ୍ଦୁ ବୋଲି ଦାବି କରିପାରିବ। ପୁରାତନ ପନ୍ଥୀ ହିନ୍ଦୁ ଓ ସନାତନୀ ହିନ୍ଦୁ ମଧ୍ୟରେ ସେ କୌଣସି ଭିନ୍ନତା ଦେଖୁ ନ ଥିଲେ, କାରଣ ସନାତନ ଧର୍ମରେ ପ୍ରଚଳିତ ଜାତିପ୍ରଥା ନ ଥିଲା, କି ଅସ୍ପୃଶ୍ୟତା ନ ଥିଲା ମାତ୍ର ଗାନ୍ଧିଜୀଙ୍କ ସମୟରେ ଜନ୍ମରୁ ଜାତି ପ୍ରଥା ପ୍ରଚଳିତ ଥିଲା ଓ ପୁଣି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଜାତି ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ଥିଲା। ମାତ୍ର ସନାତନ ଧର୍ମରେ ଏହି ପ୍ରଥା ନ ଥିଲା।

ବେଦରେ ଥିଲା ବର୍ଣ୍ଣାଶ୍ରମ ଧର୍ମ। ମଣିଷର ସ୍ୱଭାବଗତ ଗୁଣ ଓ କର୍ମ ଅନୁସାରେ ଜଣେ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ବା ଶୂଦ୍ର ଭାବରେ ବିଦିତ ହେଉଥିଲା। ଗାନ୍ଧିଜୀ ସ୍ପଷ୍ଟ ଭାବରେ କହୁଥିଲେ ଯେ ଜ୍ଞାନାର୍ଜନ ଓ ଜ୍ଞାନବିତରଣ ଦ୍ୱାରା ବ୍ରାହ୍ମଣ, ଦେଶରକ୍ଷା କର୍ମଦ୍ୱାରା କ୍ଷତ୍ରିୟ, ବାଣିଜ୍ୟ ବ୍ୟବସାୟ କର୍ମଦ୍ୱାରା ବୈଶ୍ୟ ଓ ଅନ୍ୟମାନଙ୍କ ସେବା କରିବା ଦ୍ୱାରା ଶୂଦ୍ର ଭାବରେ ବିଦିତ ହେଲେ ମଧ୍ୟ ଜଣକର କାମ ଅନ୍ୟଜଣେ କରିବା ପାଇଁ କୌଣସି ପ୍ରତିବନ୍ଧକ ନ ଥିଲା। କର୍ମ ବିଭାଜନ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ଥିଲା ବର୍ଣ୍ଣାଶ୍ରମ ଧର୍ମର ଉଦ୍ଦେଶ୍ୟ। ମାତ୍ର କାଳକ୍ରମେ ବର୍ଣ୍ଣ କର୍ମ ଆଧାରିତ ନ ହୋଇ ଜନ୍ମ ଆଧାରିତ 'ଜାତି'ରେ ପରିଣତ ହେଲା ଓ ଉଚ୍ଚନୀଚ ଭେଦଭାବ ସୃଷ୍ଟି ହୋଇ ଅସ୍ପୃଶ୍ୟତା ଭଳି ଅମାନବୀୟ ପ୍ରଥା ପ୍ରଚଳିତ ହେଲା। ମହାତ୍ମା ଗାନ୍ଧୀ ସନାତନ ଧର୍ମର ମୂଳତତ୍ତ୍ୱ ଆଧାରରେ ତଥାକଥିତ ହିନ୍ଦୁଧର୍ମରେ ପ୍ରବେଶ କରିଥିବା ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ଏହି ଅସ୍ପୃଶ୍ୟତା ଓ ଉଚ୍ଚନୀଚ ଭେଦଭାବକୁ ଦୂର କରିବା ପାଇଁ ଘୋଷଣା କରିଥିଲେ, ''ଯଦି ମୋର ପୁନର୍ଜନ୍ମ ଥାଏ, ତା'ହେଲେ ମୁଁ ଅସ୍ପୃଶ୍ୟ ଜାତିରେ ଜନ୍ମଗ୍ରହଣ କରିବାକୁ ଚାହେଁ।'' ପୁନଶ୍ଚ ସେ ଜଣେ ଅସ୍ପୃଶ୍ୟ କନ୍ୟାକୁ ପୋଷ୍ୟକନ୍ୟା ଭାବରେ ଗ୍ରହଣ କରି ଆଶ୍ରମରେ ସ୍ଥାନ ଦେଇଥିଲେ। ୧୯୨୬ ଡିସେମ୍ବରରେ ସେ କଂଗ୍ରେସର ଗୁଆହାଟୀ ଅଧିବେସନରେ କହିଲେ, ''ମୁଁ ଜନ୍ମରେ ହିନ୍ଦୁ ଓ ହିନ୍ଦୁ ଧର୍ମରେ ମୁଁ ଶାନ୍ତି ପାଏ। ଯେତେବେଳେ ମୁଁ ଶାନ୍ତି ହରାଏ, ତାହା ମୁଁ ହିନ୍ଦୁ ଧର୍ମରେ ପାଏ। ମୁଁ ହିନ୍ଦୁଧର୍ମକୁ ଅଧ୍ୟୟନ କରିଛି ଓ ନିଷ୍ପତ୍ତି ନେଇଛି ଯେ ସେଥିରେ ଯାହାବି ଦୋଷତ୍ରୁଟି ଥାଉ, ଏହି ହିନ୍ଦୁଧର୍ମ ହିଁ ମୋ ପାଇଁ ଧର୍ମ। ଏହା ମୋର ଅନୁଭବ ଓ ସେଥିପାଇଁ ମୁଁ ନିଜକୁ ଜଣେ ସନାତନୀ ହିନ୍ଦୁ କହେ।'' ତାଙ୍କ ଦୃଷ୍ଟିରେ ଯେଉଁ ହିନ୍ଦୁ କୁସଂସ୍କାର ମୁକ୍ତ ଓ ଯାହାର ପ୍ରତ୍ୟେକ କର୍ମ ବିବେକ ଓ ନୀତିବୋଧ ଦ୍ୱାରା ନିୟନ୍ତ୍ରିତ ସେ ହିଁ ସନାତନୀ ହିନ୍ଦୁ।

ମୋ:୯୪୩୭୩୨୯୨୬୩



# ତରକାରି ଆଇନକୁ ଅଣଦେଖା

ଯୁଧିଷ୍ଠିର ମହାରଣା

ବର୍ତ୍ତମାନ ବିବାହ ଓ ଭୋଜିଭାତ ଋତୁ ଚାଲିଛି। ଏହି ସମୟରେ ନଅ ତିଅଣ ଛଅ ଭଜାଠାରୁ ଆହୁରି ଲମ୍ବି ଗଲାଣି ଖାଇବା ମେନୁର ତାଲିକା। ଏମିତିରେ ବି ଲୋକମାନଙ୍କ ଖାଦ୍ୟ ରୁଚି ସବୁ ପରିବର୍ତ୍ତନ ହୋଇଗଲାଣି। କହିବାକୁଗଲେ ଦାମୀ, ସୁସ୍ୱାଦୁ ଓ ଆକର୍ଷଣୀୟ ଖାଦ୍ୟ ପଦାର୍ଥ ନ କଲେ ଭୋଜିର ମୂଲ୍ୟ ରହିବ ନାହିଁ ବୋଲି ଅନେକଙ୍କର ଏକ ପ୍ରକାର ଧାରଣା ଥାଏ। କାଁ ଭାଁ କେଉଁଠି ଭୋଜିରେ ଗାଉଁଲି ଖାଦ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଖାଇବା ଭୋଜି ବ୍ୟବସ୍ଥା ଦିନକୁ ଦିନ ଏତେ ବ୍ୟୟ ବହୁଳ ହେଲାଣି ଯେ, 'ଦେଉଳକୁ ମୁଖଶାଳା ବଳି' ପରି ସବୁ ଖର୍ଚ୍ଚଠାରୁ ଖାଇବା ପିଇବା ଖର୍ଚ୍ଚ ଉଚ୍ଚାରେ ରହୁଛି। ଗଣମାଧ୍ୟମରେ ଆମେ ଅନେକ ସମୟରେ ଦେଖୁଛୁ ଯେ ସୁସ୍ୱାଦୁ ଓ ଆମିଷ ଖାଦ୍ୟ ପାଇଁ ବିବାହ ବା ଅନ୍ୟ ଭୋଜିରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ପରିବାର ବିବାହ ଭୋଜି ପାଇଁ ଏପରି ଋଣଗ୍ରସ୍ତ ହୋଇଯାଉଛନ୍ତି ଯେ ସେଥିରୁ ଉଠିବା ପାଇଁ ସେମାନଙ୍କୁ ବର୍ଷ ବର୍ଷ ଲାଗି ଯାଉଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ବର୍ଷ ବର୍ଷ ଧରି ଓଡ଼ିଶାରେ ଏକ ବିଧିବଦ୍ଧ ଆଇନ ଥାଇ ମଧ୍ୟ ତାହା କୌଣସି କାର୍ଯ୍ୟରେ ଲାଗୁନି। ଭୋଜିରେ କେତେ ପ୍ରକାର କ'ଣ କ'ଣ ମେନୁ ତାଲିକା ରହିଲା ତାହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ତଥା କଥିତ ଷ୍ଟାଟସ୍ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ।

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରି ପରଷା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନ ଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ



'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଂ ଏଷ୍ଟାବ୍ଲିଶମେଣ୍ଟ ଅର୍ଡର' ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୂର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରଷା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଂ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ୍‌ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରି ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରି ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ। ତେବେ ଏହି ତରକାରି ବ୍ୟତୀତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣି, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ୍ ଆଦି ସେବନ କରାଯାଇ ପାରିବ।

ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶ ପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରଷା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାକୁ ସକ୍ଷମ ନ ଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରି ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ପ୍ରଦୂଷଣ ବୃଦ୍ଧି କରୁଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୯୪୩୭୧୬୩୫୨୮**

## ଏଇ ଭାରତରେ

ଲଗାତର ଅଭ୍ୟାସ, ସାହସ, ପ୍ରତିବଦ୍ଧତା ଓ ଦୃଢ଼ ବିଶ୍ୱାସ ବଳରେ ଅସାଧ୍ୟ ଲକ୍ଷ୍ୟ ସହଜରେ ହାସଲ ହୋଇପାରେ, ଯାହା ପ୍ରତିପାଦିତ କରିଛନ୍ତି ଆନଭି ସୁବର୍ଣ୍ଣା। ତାଙ୍କୁ ଏବେ ବୟସ ୧୦। ସେ ତାଙ୍କ ଜନ୍ମଦିନରେ ୧୭ କି.ମି. ପହଁରି ସାହସ ଓ ପ୍ରତିଭାର ପରିଚୟ ଦେଇଛନ୍ତି। ଆମେ ଜନ୍ମଦିନରେ ବାର୍ଥ ଡେ କେକ୍ କାଟି ପାର୍ଟିର ଆୟୋଜନ କରୁଥିବାବେଳେ ଆନଭି ତାଙ୍କ ଜନ୍ମଦିନରେ ଅଟଳ ସେତୁଠାରୁ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ପହଁରିଛନ୍ତି ୨ ଘଣ୍ଟା ୪୪ ମିନିଟରେ। ଆନଭି ମୁମ୍ବାଇର ଡୋମ୍ବିବଲିରେ ରହୁଛନ୍ତି। ସେ ବିଳାସ ମନେ ଓ ରବି ନାଭେଲଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଅନେକମାସର କଠୋର ପରିଶ୍ରମ ପରେ ସେ ସମୁଦ୍ରର ଥଣ୍ଡା ଓ ଜୁଆରିଆ ସ୍ରୋତର ପ୍ରତିକୂଳ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ ହୋଇପାରିଛନ୍ତି। ଅନ୍ଧାର ଅପସରିଯିବା ପୂର୍ବରୁ ଆନଭି ଅଟଳସେତୁ ନିକଟରେ ସମୁଦ୍ରକୁ ଲମ୍ଫ ଦେଇଥିଲେ ଓ ସକାଳ ୫.୧୧ଟା ସମୟରେ ଗେଟୱେ ଅଫ୍ ଇଣ୍ଡିଆରେ ପହଞ୍ଚି ଯାଇଥିଲେ। କୋଚ୍ ଓ ପରିବାରବର୍ଗ ତାଙ୍କ ସହିତ ଥିଲେ। ଆନଭିଙ୍କ ଏହି ସଫଳତା ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଡିସେମ୍ବର ୧୯୭୬

- ଜାପାନ ଭାରତକୁ ୪୦ କୋଟି ଟଙ୍କା ଋଣ ପରିଶୋଧ ଲାଗି ଉଭୟ ଦେଶ ମଧ୍ୟରେ ଏକ ଋଣ ପରିଶୋଧ ଚୁକ୍ତିପତ୍ର ସ୍ୱାକ୍ଷରିତ।
- ବିଜ୍ଞାନ, ବୈଷୟିକ ତଥା ବାଣିଜ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ସ୍ଥାପନ ନିମନ୍ତେ ଭାରତ ଓ ଜୋର୍ଡାନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ରାଜନୀତି ଓ ଦୁର୍ନୀତି

ମହାଶୟ,

ଭାରତରେ ରାଜନୀତିକୁ ସର୍ବାଧିକ ଲାଭଜନକ ପାରିବାରିକ ବ୍ୟବସାୟ ଭାବେ ଗ୍ରହଣ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଭୋଟ ସରିଗଲା ପରେ ନେତାମାନେ ଜନତାଙ୍କ ପାଇଁ କରାଯାଉଥିବା ଯୋଜନାର ଅର୍ଥକୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ନିର୍ବାଚିତ ଜନ ପ୍ରତିନିଧିମାନେ ଜନତାଙ୍କ କଥା ନ ଶୁଣି କୁଜିନେତାଙ୍କ କଥା ବେଶି ଶୁଣୁଛନ୍ତି। ଏମାନଙ୍କ ପାଇଁ ଆମ ଦେଶ ଓ ରାଜ୍ୟସମୂହରେ ପ୍ରତିବର୍ଷ ଅନେକ ଲକ୍ଷ କୋଟି ଟଙ୍କା ବାଟମାରଣା ହେଉଛି। ଏମାନେ ଖଣିଜ ସମ୍ପଦକୁ ନିରନ୍ତର ଲୁଣ୍ଠନ କରିଚାଲିଛନ୍ତି। କହିବାକୁ ଗଲେ ଗଣତନ୍ତ୍ର ବର୍ତ୍ତମାନ କଳାଧନ ତନ୍ତ୍ରରେ ପରିଣତ ହୋଇଯାଇଛି। ଗୋଟିଏ ଘରୁ ବାପ ଓ ପୁଅ, ମା' ଝିଅ ଅଥବା ଶ୍ୱଶୁର ଓ ଜ୍ୱାଇଁ ବିଭିନ୍ନ ଦଳରୁ ଟିକେଟ ନେଇ କ୍ଷମତା ରାଜନୀତି କରୁଛନ୍ତି। ସିବିଆଇ, ଭିଜିଲାନ୍ସ ଓ ଇଡି ପ୍ରମୁଖ ତଦନ୍ତକାରୀ ସଂସ୍ଥା ଶାସକ ଦଳ ଇସାରାରେ ନାଚୁଛନ୍ତି। ଏଥିପାଇଁ ସ୍ୱାଧୀନତାର ଦୀର୍ଘ ବର୍ଷ ଅତିକ୍ରାନ୍ତ ହେବା ପରେ ଭାରତର ଆକାଂକ୍ଷିତ ବିକାଶ ହୋଇପାରି ନାହିଁ । କୋଟି କୋଟି ଟଙ୍କାର କଳାଧନ ରଖିଥିବା ଶାସକ ଦଳର ନେତାଙ୍କ ଘରେ ସିବିଆଇ, ଭିଜିଲାନ୍ସ ଓ ଇଡି ତରଫରୁ ଚଢ଼ାଉ ହେଉଛି କି ? ଯଦି ଦଳଗତ ନିର୍ବିଶେଷରେ ସଚେତନ ଜନସାଧାରଣ ଏମାନଙ୍କୁ ନିର୍ବାଚନରେ ଜବାବ ନ ଦେବେ ତେବେ ଦୁର୍ନୀତି ଓ ଭ୍ରଷ୍ଟାଚାର ଶେଷ ହେବ ନାହିଁ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା ।
ନ ଚାହିଁ କେଣିକି ସେ ଏଣୀ-ନୟନା ନଚାଇ ବେଣୀ
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ ।
କେଉଁ ଯୁଗର ସେ ଅତି ପରିଚିତା ଜୀବନେ କି ଯେ
ନିତି ହୁଏ ଭେଟ, ଆଉ କେହି ନୁହେଁ, ସେହି ମୁଁ ନିଜେ ।
-(ସେହି ମୁଁ ନିଜେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୬୫ ଲକ୍ଷର ବ୍ରାଉନ୍‌ସୁଗାର, ୧୭୫ ବୋତଲ କଫସିରପ୍ ଜବତ

## ମା'ପୁଅଙ୍କ ସମେତ ୩ ଗିରଫ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)


ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଉଛନ୍ତି।

ଅପରେଶନ ପ୍ରହାରରେ ଖୋର୍ଦ୍ଧା ପୋଲିସକୁ ମିଳିଛି ବଡ଼ ସଫଳତା। ଆଦର୍ଶ ଥାନା ଅଧୀନ ନୂଆ ସୁନ୍ଦରାସାହିରେ ପୋଲିସ ଚଢ଼ାଉ କରି ୬୫୦ଗ୍ରାମ୍ ବ୍ରାଉନ୍‌ସୁଗାର, ୧୭୫ ବୋତଲ କଫସିରପ୍, ଗୋଟିଏ ଡିଜିଟାଲ ୱେଟ ମେଶିନ, ପଲିଥିନ ପ୍ୟାକେଟ, ସ୍କୁଟି(ଓଡି୦୨ ଡିଜେ ୬୩୦୮), ୩ଟି ମୋବାଇଲ, ସିମ କାର୍ଡ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ମା'ପୁଅ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରାସାହିର ବିଷ୍ଣୁପ୍ରିୟା ଜେନା(୪୨) ଓ ତାଙ୍କ ପୁଅ ଅଭିଜିତ ଜେନା ଓରଫ ବବ୍‌ଲୁ(୨୦) ଏବଂ ସମ୍ପର୍କୀୟ ଉପରସାହିର ଦେବାଶିଷ ପଟ୍ଟନାୟକ ଓରଫ ଜୁଗୁ(୨୩)। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୬୫ଲକ୍ଷ ଟଙ୍କା ହେବ। ତେବେ ଏହି ଘଟଣାରେ ସମ୍ପୃକ୍ତି ଥିବା ବିଷ୍ଣୁପ୍ରିୟାଙ୍କ ସ୍ୱାମୀ ରମେଶ ଜେନା ଫେରାର ଅଛନ୍ତି। ଏନେଇ ଥାନାରେ ଏନ୍‌ଡିପିଏସ୍ ୨୧(ସି)୨୯ ଆକ୍ଟରେ ଏକ ମାମଲା (ନଂ.୫୧୨/୨୫) ରୁଜୁ କରାଯାଇଛି ବୋଲି ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ଅପରେସନ ପ୍ରହାର ଚାଲିଛି। ଜିରୋ ଟଲୋରନ୍ସ(ଶୂନ୍ୟ ଅଘଟଣ) ଉପରେ ଗୁରୁତ୍ୱ ଦିଆଯାଇଛି। ସୋମବାର କୌଣସି ସୂତ୍ରରୁ ଖବରପାଇ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ସଦର ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ଦିନେଶ ପିଙ୍ଗୁଆ, ଏଏସ୍‌ଆଇ ଫୁଲମଣି ହେମ୍ବ୍ରମ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ନୂଆ ସୁନ୍ଦରାସାହିରେ ସକାଳ ୭ଟା ୪୦ରେ ରମେଶଙ୍କ ଘରେ ଚଢ଼ାଉ କରି ଉପରୋକ୍ତ ସାମଗ୍ରୀ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ବ୍ରାଉନ୍‌ସୁଗାର ଏବଂ କଫସିରପ୍ କେଉଁଠାରୁ ଆଣୁଥିଲେ, ଏମାନଙ୍କସହିତ ଆଉ କାହା ଲିଙ୍କ ରହିଛି, କେଉଁଠିକି ସପ୍ଲାଇ କରୁଥିଲେ ତାହାର ଖୋଳତାଡ଼ ଚାଲିଛି। ପୁରୀ ପରେ ଖୋର୍ଦ୍ଧାରେ ବଡ଼ଧରଣର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ବ୍ରାଉନ୍‌ସୁଗାର କାରବାର ରୋକିବା ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ଅପରେଶନ ହ୍ୱାଇଟ ସ୍ୱାଇଡର ଚାଲିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଇତି ମଧ୍ୟରେ କେନ୍ଦ୍ରାଞ୍ଚଳ ରେଞ୍ଜରେ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରାଯାଇଥିବା ବେଳେ ସେଥିରୁ ବିପୁଳ ପରିମାଣର ବ୍ରାଉନ୍‌ସୁଗାର କେବଳ ଖୋର୍ଦ୍ଧା ଜିଲାରୁ ଜବତ କରାଯାଇଛି। ଏହା ଏକ ବଡ଼ ସଫଳତା। ଆଗକୁ ମଧ ଅଭିଯାନ ଜାରି ରହିବ। ଅପରେଶନ ହ୍ୱାଇଟ ସ୍ୱାଇଡରରେ ମାମଲା ଗୁଡିକ ତ୍ୱରିତ କେଶ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବା ସହ ଗିରଫ ଅଭିଯୁକ୍ତଙ୍କ ବେଆଇନ ଭାବେ ଅର୍ଜିତ ସମ୍ପତ୍ତି ତାଲିକା ମଧ ପ୍ରସ୍ତୁତ କରାଯାଇ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଚାଲିଛି। ସେହିପରି ଏସ୍‌ପି ଶର୍ମା କହିଛନ୍ତି ଯେ, ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ସମସ୍ତ ଥାନା ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ନିଶା କାରବାରରେ ମହିଳା, ଯୁବକମାନଙ୍କ ସମ୍ପୃକ୍ତି ସମାଜ ପାଇଁ କ୍ଷତିକାରକ। ନିଶା ସେବନକାରୀଙ୍କ ମଧ୍ୟରେ ଯୁବକଙ୍କ ସଂଖ୍ୟା ଅଧିକ ରହିଛି। ବିଭିନ୍ନ ମହାବିଦ୍ୟାଳୟ ସ୍ତରରେ ସଚେତନତା କର୍ମଶାଳା, କାଉନ୍‌ସେଲିଂ ଏବଂ ଯେଉଁମାନେ ନିଶା ଛାଡ଼ିବା ପାଇଁ ଚାହୁଁଛନ୍ତି, ସେମାନଙ୍କ ପରିବାର ସହ ଆଲୋଚନା କରାଯାଇ ନିଶାମୁକ୍ତି କେନ୍ଦ୍ରରେ ଚିକିତ୍ସା ସୁବିଧା ଉପଲବ୍ଧ କରାଯିବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ନିଶା ମୁକ୍ତି ପାଇଁ ପରିବାର ଏବଂ ସମସ୍ତଙ୍କ ସହଯୋଗ, ସହଭାଗିତା ଜରୁରୀ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନ, ଆଦର୍ଶଥାନାଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାଞ୍ଚଳ ରେଞ୍ଜ୍: ୨୭,୭୫୭ ଜଣଙ୍କୁ ୧,୧୭,୬୩,୬୨୦ ଟଙ୍କା ଜରିମାନା

**ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ):** ରାଜ୍ୟ ସରକାରଙ୍କ ସଡ଼କ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଜାରି ରହିଛି। ଏହି ଅବସରରେ ସୁରକ୍ଷିତ ଯାତ୍ରା, ଶୂନ୍ୟ ଅଘଟଣ, ମୋଟରଯାନ ଆଇନ ନିୟମ ପାଳନ ଲକ୍ଷ୍ୟ ନେଇ କେନ୍ଦ୍ରାଞ୍ଚଳ ରେଞ୍ଜ୍ ଅନ୍ତର୍ଗତ ୭ଟି ପୋଲିସ ଜିଲାରେ ଯାନବାହନ ଚେକିଂ, ବ୍ଲକିଂ କରାଯାଇଛି। ଗତ ନଭେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନରେ ୭ ଜିଲାରେ ୨୭,୭୫୭ ଜଣଙ୍କ ଚାଲାଣ କଟିଥିବା ବେଳେ ୧କୋଟି ୧୭ଲକ୍ଷ ୬୩ ହଜାର ୬୨୦ ଟଙ୍କା ଜରିମାନା କରାଯାଇଛି ବୋଲି ମଙ୍ଗଳବାର କେନ୍ଦ୍ରାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି।

ଡିଆଇଜି ନାୟକଙ୍କ ସୂଚନା ମୁତାବକ, ଜାତୀୟ ରାଜପଥରେ ଦୁର୍ଘଟଣା ହାର ବଢ଼ିଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଚାଲିଥିଲା। ଏଥିରେ ପୋଲିସକୁ ବଡ଼ ସଫଳତା ମିଳିଛି। ଏଥିରେ ପୁରୀ ପୋଲିସ ଜିଲାରେ ୬୨୭୯ଜଣଙ୍କ ଚାଲାଣ କଟିଥିବା ବେଳେ ୨୫ଲକ୍ଷ ୬୩ହଜାର ୫୦୦ ଟଙ୍କା ଜରିମାନା, ୧୨୯ ଲାଇସେନ୍ସ ରଦ୍ଦ ପାଇଁ ସୁପାରିଶ କରାଯାଇଛି। ସେହିପରି କଟକ ଜିଲାରେ ୧୨୨୭ଜଣଙ୍କ ଚାଲାଣ କଟାଯାଇ ୪ଲକ୍ଷ ଟଙ୍କା ୯୧ହଜାର ୪୦୦ ଟଙ୍କା ଜରିମାନା କରାଯାଇଛି। କେନ୍ଦ୍ରାପଡ଼ା ଜିଲାରେ ୪୮୪୫ ଚାଲାଣ କଟିଥିବା ବେଳେ ୬୫,୫୦୦ଟଙ୍କା ଜରିମାନା, ଖୋର୍ଦ୍ଧା ଜିଲାରେ ୧୪୫୧ଜଣଙ୍କ ଚାଲାଣ କଟିଥିବା ବେଳେ ୬୩ ଲକ୍ଷ ୭୩ହଜାର ୫୨୦ ଟଙ୍କା ଜରିମାନା, ନୟାଗଡ଼ ଜିଲାରେ ୭୫୦୫ଜଣଙ୍କ ଚାଲାଣ କଟିଥିବା ବେଳେ ୧୦ଲକ୍ଷ ୪୪ହଜାର ୫୦୦ ଟଙ୍କା ଜରିମାନା, ଯାଜପୁର ଜିଲାରେ ୫୧୭୯ଜଣଙ୍କ ଚାଲାଣ କଟିଥିବା ବେଳେ ୬ଲକ୍ଷ ୬୮ହଜାର ୯୦୦ ଟଙ୍କା ଜରିମାନା ଏବଂ ଜଗତ୍‌ସିଂହପୁର ଜିଲାରେ ୧୨୭୧ଜଣଙ୍କ ଚାଲାଣ କଟିଥିବା ବେଳେ ୪ଲକ୍ଷ ୯୬ ହଜାର ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଛି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଯାଁଳା,୨।୧୨(ବୁଲା ବାରିକ):** ଇନ୍‌ଫୋଭ୍ୟାଲି ଥାନା ଦେଉଳିଆପାଟଣା ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ସାହୁ(୭୦)। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ସକାଳ ୯ଟା ୩୦ରେ ଭଗବାନ ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ କୌଣସି କାରଣରୁ ସେ ପାଣିରେ ପଡ଼ିଯାଇଥିଲେ, ଆଉ ଉଠି ପାରି ନ ଥିଲେ। ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥଲେ। ଅପରାହ୍ନରେ କେତେଜଣ ଲୋକ ପୋଖରୀ ନିକଟକୁ ଆସିଥିବା ବେଳେ ଭାଗବାନଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ଇନ୍‌ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ।

# ୨ ମୃତ ବିଦେଶୀ ପକ୍ଷୀ ସହ ବନ୍ଧୁକ ଜବତ, ଶିକାରୀ ଗିରଫ

ବାଲୁଗାଁ,୨।୧୨( ସଂଗ୍ରାମ ପାଇକରାୟ)



ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ସୋମବାର ବନ୍ୟପ୍ରାଣୀ ବିଭାଗ କର୍ମଚାରୀ କୃଷ୍ଣପ୍ରସାଦ ଥାନା ଅଞ୍ଚଳରୁ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ମାଲୁଦ ଗ୍ରାମର ସେକ୍ ମୁସ୍ତାକ (୨୭)। ତାଙ୍କ ନିକଟରୁ ୨ ମୃତ ବିଦେଶୀ ପକ୍ଷୀ, ବନ୍ଧୁକ, ବାଇକ୍ ସହିତ ୩ଟି ଛେରା ଗୁଳି ଜବତ ହୋଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ ଚିଲିକା ବନ୍ୟପ୍ରାଣୀ ବିଭାଗ ରେଞ୍ଜ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ କୃଷ୍ଣପ୍ରସାଦ ଥାନା ସିଆଣ୍ଡି ବିଟ୍ ହାଉସ ଅଞ୍ଚଳରେ ବାଇକ୍‌ରେ ଆସୁଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଇଥିଲେ। ଯାଞ୍ଚ କରିବାରେ ତାଙ୍କ ବାଇକରୁ ଦୁଇଟି ମୃତ ବିଦେଶୀ ପକ୍ଷୀ(ଲିଟିଲ ଇଗ୍ରେଟ ଏବଂ କ୍ୟାଟେଲ ଇଗ୍ରେଟ), ଶିକାରରେ ବ୍ୟବହୃତ ଏକ ବନ୍ଧୁକ ଏବଂ ଛେରା ଗୁଳି ଜବତ କରାଯାଇଥିଲା। ବ୍ୟବହୃତ ବନ୍ଧୁକର କୌଣସି ଆଇନଗତ ପ୍ରମାଣ ପତ୍ର ନ ଥିବା ତଦନ୍ତରୁ ଜଣାପଡ଼ିଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ବିଭାଗୀୟ ପକ୍ଷରୁ କେସ ନଂ. ୨୬ ସିଏଚ /୨୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି ବୋଲି ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି।

# ୧୯ ଜଣଙ୍କୁ ସର୍ତ୍ତମୂଳକ ଜାମିନ

## ଓସ୍ତପୁର-କୋଟପଲା ଗାଁ ମଧ୍ୟରେ ସୀମା ବିବାଦ ପ୍ରସଙ୍ଗ

**ବାଘମାରୀ,୨।୧୨(ମିହିର ରଞ୍ଜନ ମହାପାତ୍ର):** ବାଘମାରୀ ଥାନା ଅଧୀନ ପୋଡ଼ାଡ଼ିହ ପଞ୍ଚାୟତର ଓସ୍ତପୁର-କୋଟପଲା ଗ୍ରାମ ମଧ୍ୟରେ ସୀମା ବିବାଦ ଏବଂ ନାମଫଳକ ପୋତିବାକୁ ନେଇ ଗତ ନଭେମ୍ବର ୫ରେ ଦୁଇ ଗୋଷ୍ଠୀ ମଧ୍ୟରେ ଟେକାପଥର, କାଚ ବୋତଲ ମାଡ଼ ସହିତ ଦୋକାନ ପୋଡ଼ାଜଳା ହୋଇଥିଲା। ଏହି ଘଟଣାରେ ଗିରଫ ହୋଇ ଜେଲରେ ଥିବା ୧୯ଜଣଙ୍କୁ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ମିଳିଛି। ସୂଚନାଥାଉ କି, ଓସ୍ତପୁର-କୋଟାପଲା ଗ୍ରାମ ମଧ୍ୟରେ ସୀମା ବିବାଦ ଏବଂ ନାମଫଳକ ପୋତିବାକୁ ନେଇ ଗତ ଅଗଷ୍ଟ ୬ରେ ବିବାଦ ହେବା ସହ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବଜାରର ୧କିଲୋମିଟର ପରିଧିରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯାଇଥିଲା। କିଛିଦିନ ପରେ ପରିସ୍ଥିତିରେ ସୁଧାର ଆସିବାରୁ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବଜାର ଖୋଲିବାକୁ ଅନୁମତି ଦେଇଥିଲା ଜିଲା ପ୍ରଶାସନ। ପରବର୍ତ୍ତୀ ସମୟରେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ରିପୋର୍ଟକୁ ଆଧାର କରି ଗତ ଅକ୍ଟୋବର ୩୦ରେ ଉପଜିଲାପାଳ ବିଏନ୍‌ଏସ୍‌ଏସ୍ ଧାରା ୧୬୩କୁ ଅପସାରଣ କରି ନେଇଥିଲେ। ତେବେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ନାମଫଳକକୁ କେହି ଦୁର୍ବୃତ୍ତ ନେଇଯାଇଥିରୁ ପୁଣି ଉଭୟ ଗାଁ ମଧ୍ୟରେ ଗତ ନଭେମ୍ବର ୫ରେ ବିବାଦ ଉଗ୍ରରୂପ ନେଇଥିଲା।


## PARADIP COLLEGE

Paradip, Jagatsinghpur, Odisha-754142
Ph:(06722) 222379 (O), (06722) 222251 (R)
Website:www.paradipcollege.org, E-mail: paradip_college@yahoo.com
Ref. 1067/25/PC Date: 02.12.25

**TENDER CALL NOTICE**

**Paradip College, Paradip**

Sealed tenders are invited from authorized, registered firms/ distributors/dealers/companies for procurement of Fire Extinguishers, P.A. Podium with Speaker, Sound Box, Green Board & other equipments under RUSA scheme. The tender should reach the office of the undersigned within ten days of publication of this notice.

For details please visit our college website: www.paradeepcollege.org

**Sd./- Principal**
**Paradip College, Paradip**


# ଅପରେଶନ ଥଣ୍ଡର: ୩୯ ମାମଲାରେ ୭୪ ଗିରଫ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)

## ୨୫୧ ଅଭ୍ୟାସଗତ ଅପରାଧୀ ଧରାପଡ଼ିଲେ

କେନ୍ଦ୍ରାଞ୍ଚଳ ରେଞ୍ଜ ଅନ୍ତର୍ଗତ ୭ଟି ଜିଲାରେ ଗତ ନଭେମ୍ବର ୧୫ରୁ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ସ୍ପେଶାଲ ଡ୍ରାଇଭ 'ଅପରେଶନ ଥଣ୍ଡର'କୁ ବଡ଼ ସଫଳତା ମିଳିଛି ବୋଲି ମଙ୍ଗଳବାର ଖୋର୍ଦ୍ଧା ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି।

ବେଆଇନ ବନ୍ଧୁକ ରଖିବା ନେଇ ୮ଟି ମାମଲାରେ ୨୭ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୭ ଅସ୍ତ୍ରଶସ୍ତ୍ର, ବନ୍ଧୁକ ଏବଂ ୧୦ଟି ଗୁଳି ଜବତ କରାଯାଇଛି। ଏଥିରେ ଦେଶୀ ବନ୍ଧୁକ ୬, ପିସ୍ତଲ ୨, କଟୁରି ୩, ଆଇରନ ରଡ୍ ଗୋଟିଏ ଏବଂ ଗୋଟିଏ ଖଣ୍ଡା ରହିଛି। ତନ୍ମଧ୍ୟରୁ ପୁରୀ ଜିଲାରେ ୩ଟି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୫ଟି ଅସ୍ତ୍ରଶସ୍ତ୍ର ବନ୍ଧୁକ, ଗୁଳି ଜବତ କରାଯାଇଛି। କଟକରେ ଗୋଟିଏ ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗୋଟିଏ ଦେଶୀ ବନ୍ଧୁକ ଏବଂ ୨ଟି ଗୁଳି ଜବତ କରାଯାଇଛି। କେନ୍ଦ୍ରପଡ଼ାରେ ୨ଟି ମାମଲାରେ ୮ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୭.୬୫ଏମଏମ ୨ଦେଶୀ ବନ୍ଧୁକ, ୩ ଗୁଳି ଜବତ କରାଯାଇଛି। ନୟାଗଡ଼ ଜିଲାରେ ଗୋଟିଏ ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ ଜବତ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ଗୋଟିଏ ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ଗୋଟିଏ ହାତ ତିଆରି ବନ୍ଧୁକ ଓ ୫ଟି ଖଣ୍ଡା ଜବତ କରାଯାଇଛି।

ସେହିପରି ବ୍ରାଉନ୍‌ସୁଗାର କାରବାରରେ ରେଞ୍ଜ ଅଧୀନରେ ୨୩ଟି ମାମଲା ରୁଜୁ ହୋଇଥିବା ବେଳେ ୩୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୮୫.୫୭ ଗ୍ରାମ ବ୍ରାଉନ୍‌ସୁଗାର, ୪୩.୧୩କେଜି ଗଞ୍ଜେଇ, ୯୨ ବୋତଲ କଫସିରପ (୧୦୦ ଏମ୍ଏଲ୍), ୩୦ହଜାର ୬୦ଟଙ୍କା ଏବଂ ୭ଟି ବାଇକ୍ ଜବତ କରାଯାଇଛି। ସେଥିରୁ ପୁରୀ ଜିଲାରେ ସର୍ବାଧିକ ୧୧ଟି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲାରେ ୭ଟି ମାମଲାରେ ୮ଜଣଙ୍କୁ ଗିରଫ କରାଯାଇଛି। କଟକ, କେନ୍ଦ୍ରପଡ଼ା, ଯାଜପୁର ଜିଲାରେ କୌଣସି ମାମଲା କରାଯାଇନାହିଁ। ନୟାଗଡ଼ରେ ଗୋଟିଏ ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ୪ଟି ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଏହି ରେଞ୍ଜ ଅଧୀନ ୭ଟି ଜିଲାରେ ୧୫ ଦିନ ମଧ୍ୟରେ ୨୪୯ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ବିଏନ୍‌ଏସ୍‌ଏସ୍ ଧାରା ୧୨୯ରେ ଗିରଫ କରାଯାଇଥିବା ବେଳେ ଏନ୍ଏସଏରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ପୁରୀରେ ସର୍ବାଧିକ ୬୧, ଖୋର୍ଦ୍ଧାରେ ୪ଜଣ ଅଭ୍ୟାସଗତ ଅପରାଧି ଏବଂ ଜଣେ ବ୍ୟକ୍ତିଙ୍କୁ ଏନଏସଏ ଗିରଫ କରାଯାଇଛି। କଟକରେ ୬୦, କେନ୍ଦ୍ରପଡ଼ାରେ ୧୪, ଯାଜପୁରରେ ୫୦, ନୟାଗଡ଼ରେ ୨୫ ଏବଂ ଜଗତ୍‌ସିଂହପୁରରେ ୩୫ଜଣ ଅଭ୍ୟାସଗତ ଅପରାଧୀ ଓ ଜଣଙ୍କୁ ଏନ୍ଏସ୍ଏରେ ଗିରଫ କରାଯାଇଛି। ସେହିପରି ବେଆଇନ ଗୋଚାଲାଣ ନେଇ ୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୩ଜଣଙ୍କୁ ଗିରଫ କରାଯାଇଛି। ୭୦ ଗୋରୁ ଏବଂ ୨୧ ମଇଁଷି ଉଦ୍ଧାର କରାଯାଇଥିବା ବେଳେ ୧୦ଟି ଗାଡ଼ି ଜବତ କରାଯାଇଛି।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି, ଦ. ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ସାଉଥ୍-୨୫-୨୬-୧୬;** ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆର ବିଭିନ୍ନ ୟାର୍ଡରେ ମୋଟ ୨୬୯ ସେଟ୍ ପାଇଁ ଥ୍ରୁ ଟର୍ନଆଉଟ୍ ନବୀକରଣ (ଟିଡବ୍ଲୁଏସ୍) । ₹୨,୧୪,୭୮,୯୧୨.୪୬; ₹୨,୫୭,୪୦୦/-। **(୨) ସିକେପି-ସାଉଥ୍-୨୫-୨୬-୨୦;** ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆ ସେକ୍ସନରେ ୨୦,୩୭୮ ମିଟରରୁ ଅଧିକ ସେସ୍ ମରାମତି କାର୍ଯ୍ୟର ନିର୍ବାହ । ₹୧,୩୦,୩୬,୭୯୩.୧୦; ₹୨,୧୫,୨୦୦/-। **(୩) ସିକେପି-ସାଉଥ୍-୨୫-୨୬-୨୧;** ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ (ଅର୍ଥାତ୍ ଦୁଇବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ଜାମଦାଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ) । ₹୨,୭୭,୮୪,୮୦୦/-; ₹୨,୮୮,୯୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ ୧ ଓ ୩ ପାଇଁ ତା୨୨।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୪।୧୨।୨୦୨୫ରିଖ । ଟେଣ୍ଡର ୱେବସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । **(PR-902)**


# ସଚେତନ ହେଲେ ଏଡ୍‌ସ ରୋକିହେବ

**ଟାଙ୍ଗୀ,୨।୧୨ (ରଘୁନାଥ ସାହୁ):** ନାଟୁଣୀ କଲେଜରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ ରେଡ୍‌କ୍ରସ ପକ୍ଷରୁ ଏକ ଆଲୋଚନାଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଡ୍‌ସର କାରଣ ଏବଂ ନିରାକାରଣ ସମ୍ପର୍କରେ କହିଥିଲେ। ସଚେତନ ହେଲେ ଏହି ରୋଗରୁ ରକ୍ଷା ମିଳିପାରିବ ବୋଲି ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ଛାତ୍ରୀଛାତ୍ରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।


## TPCODL

ଟିପି ସେଣ୍ଟ୍ରାଲ୍ ଓଡ଼ିଶା
ବିତରଣ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ)

## ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ପ୍ରଦାନ ପାଇଁ ବିଜ୍ଞପ୍ତି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ୨୦୨୪-୨୫ ବର୍ଷ ପାଇଁ ଯୋଗାଣ ସଂହିତା ୨୦୧୯ର ଧାରା ୫୩ ଏବଂ ୫୪ ଅନୁଯାୟୀ, ଟିପିସିଓଡିଏଲ ଉପଭୋକ୍ତାମାନଙ୍କ ନିମନ୍ତେ ସୁରକ୍ଷା ଜମା (ଏସ୍‌ଡି) ପରିମାଣ ସମୀକ୍ଷା କରାଯାଇଛି। ଯଦି ସଂଯୋଗ ସନ୍ଦର୍ଭରେ ଉପଲବ୍ଧ ଏସ୍‌ଡି ପରିମାଣ ଆବଶ୍ୟକ ଏସ୍‌ଡି (ଆର୍ଥିକ ବର୍ଷର ହାରାହାରି ବ୍ୟବହାର ଉପରେ ଆଧାରିତ) ଠାରୁ ୧୦% ରୁ ଅଧିକ ହୁଏ, ତେବେ ଅତିରିକ୍ତ ସୁରକ୍ଷା ଜମା (ଏସ୍‌ଡି) ପାଇଁ ଏକ ଡିମାଣ୍ଡ ନୋଟିସ୍ ପ୍ରଦାନ କରାଯିବ।

ଡିମାଣ୍ଡ ନୋଟିସ୍ ଏକ ମାସ ମଧ୍ୟରେ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ, ଏବଂ ଉପଭୋକ୍ତାମାନଙ୍କୁ ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ରାଶି ପୈଠ କରିବାକୁ ଅନୁରୋଧ କରାଯାଇଛି।

ଏଏସ୍‌ଡି ନୋଟିସ ଲିଙ୍କ୍ ଗ୍ରାହକଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ/ହ୍ୱାଟ୍‌ସଆପ୍ ମାଧ୍ୟମରେ ପଠାଯିବ ଏବଂ ନୋଟିସର ସଫ୍ଟ କପି ଡାଉନଲୋଡ୍ କରିବା ପାଇଁ ଏକ ଲିଙ୍କ୍ ମଧ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ୍ / ମିତ୍ର ଆପ୍‌ରୁ ସିଧାସଳଖ ଏଏସ୍‌ଡ ନୋଟିସ୍ ଡାଉନଲୋଡ୍ କରିବାର ବିକଳ୍ପ ଅଛି।

ଉପରୋକ୍ତ ବ୍ୟତୀତ, ଏସ୍‌ଏମ୍‌ଏସ ମାଧ୍ୟମରେ ଏଏସ୍‌ଡି ନୋଟିସ ଲିଙ୍କ୍ ପାଇବା ପାଇଁ, ଦୟାକରି ଆପଣଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ୯୫୫୬୧୭୧୦୦୨ରେ ଏକ ମିସଡ୍ କଲ୍ ଦିଅନ୍ତୁ। ଏଏସ୍‌ଡି ପାଇଁ ମିସଡ୍ କଲ୍ ସେବା ୮ ଡିସେମ୍ବର ୨୦୨୫ ରୁ ସକ୍ରିୟ ହେବ।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଅନଲାଇନରେ ଦେୟ ପୈଠ କରିପାରିବେ। ଆରଟିଜିଏସ୍/ଏନ୍‌ଇଏଫଟି ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବ ହୋଇଥିବା ଦେୟ ପାଇଁ ବାର୍ଷିକ ୧୫% କିମ୍ବା ସମୟ ସମୟରେ ଆୟୋଗ ଦ୍ୱାରା ସ୍ଥିରୀକୃତ ହାରରେ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ କରାଯିବା ପାଇଁ ଦାୟୀ ରହିବେ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ ରେ କଲ୍ କରନ୍ତୁ କିମ୍ବା ଟିପିସିଓଡିଏଲ ୱେବସାଇଟ୍/ ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।



## वरीय पुलिस अधीक्षक का कार्यालय,राँची

सर्वसाधारण के लिए सूचना



**नाम–गंदरू उरॉव, उम्र–41 वर्ष, रंग–सॉवला, ऊँचाई–05 फीट 3 ईंच, पहनावा–नीला रंग का फुल स्वेटर एवं काला रंग का पैंट पहने हुए है।**

उपरोक्त लापता व्यक्ति गंदरू उरॉव, उम्र–41 वर्ष, पिता–स्व0 लछु उरॉव, सा0–बनधेया, थाना–नगड़ी, जिला–राँची जो दिनांक–09.11.2025 को बक्सर जाने के कम में बगैर बताए कहीं चले गए है जो घर वापस नहीं आए है। जिसके संबंध में नगडी थाना सन्हा संख्या–27/2025, दिनांक–18.11.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, द्वितीय, राँची। – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक,
राँची

**PR 367511 Police(25-26).D**



## OFFICE OF THE EXECUTIVE ENGINEER. MINOR IRRIGATION DIVISION, Ranchi

**e-Procurement Tender Notice**
**Two Envelope System**

Tender Reference No:- WRD/MID/04/BD/(SLI)2025-26
Letter no-............Date-............

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | **Rs. 1,09,18,500.00** |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website | Date: 17.12.2025 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM |
| 9 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM |
| 10 | Technical Bid Opening Date | Date: 24.12.2025 Time: 2:00 PM |
| 11 | Officer Inviting Bids | Executive Engineer Minor Irrigation Division Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.
  Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Ranchi

**PR 367551 Minor Irrigation(25-26)#D**

# ଯୁକ୍ତ ୨ ପରୀକ୍ଷା ତାରିଖ ଆଜି ଘୋଷଣା ହେବ

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)

ଯୁକ୍ତ ୨ ପରୀକ୍ଷା ତାରିଖ ବୁଧବାର ଘୋଷଣା କରାଯିବ। ଛାତ୍ରୀଛାତ୍ରଙ୍କୁ ଡିସେମ୍ବର ସୁଦ୍ଧା ଆଡ୍‌ମିଟ କାର୍ଡ ପ୍ରଦାନ କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ବିଜ୍ଞାନରେ ୧ଲକ୍ଷ ୧୪ହଜାର ୩୪୪ ଛାତ୍ରୀଛାତ୍ର ପଞ୍ଜୀକୃତ କରିଛନ୍ତି। ସେହିପରି କଳାରେ ସର୍ବାଧିକ ୨ଲକ୍ଷ ୩୯ହଜାର ୫୬୧ ପଞ୍ଜୀକୃତ କରିଥିବାବେଳେ ବାଣିଜ୍ୟରେ ୨୨ହଜାର ୮୮୦ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଛନ୍ତି।

# ୫ବର୍ଷରେ ମାନବ-ବନ୍ୟପ୍ରାଣୀ ସଂଘର୍ଷରେ ୮୦୯ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୨।୧୨ (ବନ୍ଦନା ସେଠୀ)

ଗତ ୫ବର୍ଷରେ ମାନବ-ବନ୍ୟପ୍ରାଣୀ ସଂଘର୍ଷରେ ୮୦୯ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୦୬ଜଣ ଆହତ ହୋଇଛନ୍ତି। ଏହି ସଂଖ୍ୟାକୁ କମ୍ କରିବା ପାଇଁ ହାତୀ ସୁରକ୍ଷା ଦଳ ଓ ଗଜ ସାଥୀମାନଙ୍କ ଦ୍ୱାରା ହାତୀର ଗତିବିଧିକୁ ଲକ୍ଷ୍ୟ କରାଯାଇ ଜନସଚେତନତା କରାଯାଉଛି। ସେହିପରି ବନ୍ୟପ୍ରାଣୀଙ୍କ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନକରି ସରକାରଙ୍କ ନିୟମାନୁସାରେ ଅବିଳମ୍ବେ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ତଥ୍ୟ ରଖିଛନ୍ତି। ମଙ୍ଗଳବାର ବିଧାନସଭାରେ ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ସିଂଖୁଣ୍ଟିଆ କହିଛନ୍ତି, ମାନବ-ବନ୍ୟପ୍ରାଣୀ ସଂଘର୍ଷକୁ ରୋକିବାର ଅନ୍ୟତମ ପଦକ୍ଷେପ ସ୍ୱରୂପ 'ଜନ ସୁରକ୍ଷା ଗଜରକ୍ଷା' ଯୋଜନା ମାଧ୍ୟମରେ ଫସଲର ସୁରକ୍ଷା ପାଇଁ ସୌରବାଡ଼ର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ସାମୂହିକ ଆବେଦନକାରୀମାନଙ୍କୁ ୯୦% ଓ ବ୍ୟକ୍ତିଗତ ଆବେଦନକାରୀଙ୍କୁ ୫୦% ରିହାତିର ବ୍ୟବସ୍ଥା ରହିଛି। ହାତୀ ଅନୁପ୍ରବେଶକୁ ରୋକିବା ପାଇଁ ସମ୍ବେଦନଶୀଳ ସ୍ଥାନରେ ଖାଇ ଖନନ, ପଥର ପ୍ରାଚୀର ଓ ନିରୀକ୍ଷଣ ଗମ୍ବୁଜ କରାଯାଇଛି। ଏଥିସହ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଜଙ୍ଗଲ ମଧ୍ୟରେ ହାତୀମାନଙ୍କ ଖାଦ୍ୟ ଏବଂ ତୃଷ୍ଣା ନିବାରଣ ପାଇଁ ଫଳ ଗଛ ରୋପଣ, ଲବଣ ଚଟା ବ୍ୟବସ୍ଥା ଏବଂ ଜଳାଶୟମାନ ଖନନ କରାଯାଇଛି। ୧୯ଟି ରାପିଡ୍ ରେସ୍‌ପନ୍ସ ଟିମ୍ ନିୟୋଜନ ସହ ଅଭୟାରଣ୍ୟର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଟ୍ରେଲ୍ କ୍ୟାମେରା ଲଗାଇ ବନ୍ୟପ୍ରାଣୀ ଓ ଶିକାରୀମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ଆହତ ବନ୍ୟପ୍ରାଣୀଙ୍କ ପାଇଁ ରାଜ୍ୟରେ ଥିବା ୧୦ଟି ଚିଡ଼ିଆଖାନାରେ ରେସ୍କ୍ୟୁ ସେଣ୍ଟର/ରିହାବିଲିଟେସନ ସେଣ୍ଟରର ବ୍ୟବସ୍ଥା କରାଯାଇଛି।

ଅପରପକ୍ଷେ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ପ୍ରଶ୍ନର ଉତ୍ତର ଦେଇ ଗତ ୧୦ବର୍ଷ ମଧ୍ୟରେ ୫ହଜାର ୬୦୯ ସଂଖ୍ୟକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଥିବା ଜଙ୍ଗଲ ମନ୍ତ୍ରୀ ସିଂଖୁଣ୍ଟିଆ ସୂଚନା ଦେଇଛନ୍ତି। ସେହିପରି ୧୦ବର୍ଷରେ ୧୩ଶହ ୯୮ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିପାଇଁ ସରକାରଙ୍କ ଦ୍ୱାରା ୬୧୭୪.୬୮ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

# ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୨।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପଟ୍ଟଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା, ମୁଖ୍ୟ ବକ୍ତା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରବୀର ଦଳାଇ, ସମ୍ମାନିତ ଅତିଥିଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା, ଡ.ବନଜା ରାଉତରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିନୋଦ ରାଉତରାୟଙ୍କ ଓଡ଼ିଶାର କଳା ଓ ସାହିତ୍ୟ ପ୍ରତି ବିଶେଷ ଅବଦାନ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହ ଚନ୍ଦନ କୁମାର ସାମଲ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ।

ମହାବିଦ୍ୟାଳୟର ୧୫ଜଣ ଛାତ୍ରୀଛାତ୍ର ନିଜ ନିଜ ଚିତ୍ରରେ ଶିଳ୍ପୀଙ୍କ ପ୍ରତିକୃତି ଓ କୃତିକୁ ନେଇ ଏବଂ ସାମାଜିକ କଥାବସ୍ତୁ ଉପରେ ସୁନ୍ଦର ଚିତ୍ର ଅଙ୍କନ କରିଥିଲେ। ଏହି ଅବସରରେ କୃତୀ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ୟାମିନୀ ପ୍ରିୟଦର୍ଶିନୀ, ଶରତ ସାମଲ, ସୁନୀଲ ଡାକୁଆ ଏବଂ ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜମିଜମା ବିବାଦ ମାମଲାରେ ଚାର୍ଜଶିଟ୍ ଦାଖଲ ବେଳେ ସତର୍କତା ଜରୁରୀ: ସୁପ୍ରିମକୋର୍ଟ

ଭୁବନେଶ୍ୱର,୨।୧୨(ସତ୍ୟଜିତ ରାଉତ)

ପକ୍ଷମାନଙ୍କ ମଧ୍ୟରେ ଜମିଜମା ବିବାଦ ଚାଲିଥିବାବେଳେ ଏହାକୁ ନେଇ ରୁଜୁ ଆପରାଧିକ ମାମଲାରେ ଚାର୍ଜଶିଟ୍ ଦାଖଲ ସମୟରେ ପୋଲିସ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏପରି କି କୋର୍ଟରେ ଚାର୍ଜଫ୍ରେମ୍ ବେଳେ ବିଚାରପତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ବୋଲି ଜଷ୍ଟିସ୍ ନୋଙ୍ଗମୈକାପମ୍ କୋଟିଶ୍ୱର ସିଂ ଓ ମନମୋହନଙ୍କୁ ନେଇ ଦୁଇ ଜଣିଆ ଖଣ୍ଡପୀଠ ଏକ ଜମିଜମା ମାମଲାରେ ଶୁଣାଣି ବେଳେ ଏହି ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଆଇନର ଶାସନ ଦ୍ୱାରା ପରିଚାଳିତ ସମାଜରେ ଚାର୍ଜଶିଟ୍ ଦାଖଲ କରିବାର ନିଷ୍ପତ୍ତି ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ସଂଗୃହୀତ ପ୍ରମାଣରୁ ଦୋଷସାବ୍ୟସ୍ତ ହେବାର ଯୁକ୍ତିଯୁକ୍ତ ସମ୍ଭାବନା ରହିଛି କି ନାହିଁ ତାହାର ନିର୍ଣ୍ଣୟ ଉପରେ ଆଧାରିତ ହେବା ଆବଶ୍ୟକ।

ଚାର୍ଜଶିଟ୍ ଦାଖଲ ସମୟରେ ପୋଲିସ ଏବଂ ଚାର୍ଜଫ୍ରେମ୍ ସମୟରେ ଅପରାଧିକ ଅଦାଲତ ପ୍ରାରମ୍ଭିକ ଯାଞ୍ଚ କରି ଯେଉଁ ମାମଲାରେ ସନ୍ଦେହ ଅଧିକ ରହିଛି ସେହି ମାମଲାଗୁଡ଼ିକୁ ହିଁ ନିୟମିତ ବିଚାର ପ୍ରକ୍ରିୟାକୁ ଆଗେଇ ନେବା ଦରକାର। ଏହା ନ୍ୟାୟିକ ବ୍ୟବସ୍ଥାର ଦକ୍ଷତା ବଜାୟ ରଖିବ ବୋଲି ଖଣ୍ଡପୀଠ କହିଛନ୍ତି।

# ଫ୍ୟାଶନ ଶୋ 'ସୃଜନୀ'ରେ ଚମକିଲେ ଓଡ଼ିଆ ଝିଅ



ଦୀକ୍ଷାନ୍ତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିଙ୍କ ଗହଣରେ କୃତୀ ପ୍ରଶିକ୍ଷାର୍ଥୀ।

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)

## ୧୨ ସପ୍ତାହର ବିୟୁଟି ଓ ୱେଲ୍‌ନେସ୍ ପାଠ୍ୟକ୍ରମ

ମିଶନ ଶକ୍ତି ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ମିଳିତ ଉଦ୍ୟମରେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଆଧୁନିକ ଦକ୍ଷତାରେ ପାରଦର୍ଶୀ କରିବା ସହ ସେମାନଙ୍କ ଜୀବିକା ଅବସରକୁ ବିସ୍ତାରିତ କରିବା ଉଦ୍ଦେଶ୍ୟରେ ୧୨ ସପ୍ତାହ ବିଶିଷ୍ଟ ବିୟୁଟି ଏବଂ ୱେଲ୍‌ନେସ୍ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଦୀକ୍ଷାନ୍ତ ସମାରୋହ ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ୧୮ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ସହ ସମ୍ମାନିତ କରିଥିଲେ। ସେଥିମଧ୍ୟରୁ ପ୍ରଥମ ଓ ୨ ଜଣ ଦ୍ୱିତୀୟଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ୨୫୦୦୦ ଏବଂ ୨୦୦୦୦ ଟଙ୍କାର ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ଟି ଜିଲାର ୧୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତାଲିମ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ବିଶ୍ୱ ଦକ୍ଷତା କେନ୍ଦ୍ରରୁ ୧୬୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ବିୟୁଟି ଓ ୱେଲ୍‌ନେସ୍ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପାଇଛନ୍ତି। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ପ୍ରଶିକ୍ଷଣ ଯାତ୍ରା ଉପରେ ଏକ ଛୋଟ ଭିଡିଓ ପ୍ରଦର୍ଶିତ ହେଇଥିଲା। ତା'ପରେ ସଦସ୍ୟାଙ୍କ ଦ୍ୱାରା 'ସୃଜନୀ' ଇଣ୍ଡିଆନ ବ୍ରାଇଡାଲ ଫ୍ୟାଶନ ଶୋ ପ୍ରଦର୍ଶନ କରାଯାଇଥିଲା।

# ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୧୨(ସତ୍ୟଜିତ ରାଉତ)

ସାଲିଆସାହି ଆଦିବାସୀଗାଁ ବସ୍ତି ପଡିଆ ନିକଟରେ ଜଣେ ଯୁବକଙ୍କୁ ଆକ୍ରମଣ ମାମଲାରେ ମୈତ୍ରୀ ବିହାର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଆଦିବାସୀଗାଁ ବସ୍ତିରେ ରହୁଥିବା ମୟୂରଭଞ୍ଜର ସାବନ ହାଂସଦା (୨୯)। କୋର୍ଟଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଆକ୍ରମଣରେ ଆହତ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ପ୍ରମୋଦ କୁମାର ବେହେରା। ସୋମବାର ସକାଳେ ପ୍ରମୋଦ ଦିନମଜୁରିଆ କାମ ପାଇଁ ଆଦିବାସୀ ଗାଁ ପଡିଆ ନିକଟକୁ ଯାଉଥିବା ବେଳେ ଆକ୍ରମଣର ଶୀକାର ହୋଇଥିଲେ।

# ଜାତୀୟ ରାଜପଥରେ ମୋବାଇଲରେ ମିଳିବ ସୁରକ୍ଷା ଆଲର୍ଟ

ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା)

- ଜିଓ ଏବଂ ଏନ୍‌ଏଚ୍‌ଏଆଇ ମଧ୍ୟରେ ଏମ୍‌ଓୟୁ
- କୁହୁଡ଼ି ପାଇଁ ଆସିବ ମେସେଜ, ହାଇ-ପ୍ରାୟୋରିଟି କଲ୍

ଜାତୀୟ ରାଜପଥରେ ଯାତ୍ରୀଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଯାତ୍ରା ଅନୁଭୂତିକୁ ଅଧିକ ସୁଗମ କରିବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ରିଲାଏନ୍ସ ଜିଓ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି ସହଭାଗିତା ଅଧୀନରେ ୫୦ କୋଟିରୁ ଅଧିକ ଜିଓ ଗ୍ରାହକଙ୍କ ପାଇଁ ସମଗ୍ର ଜାତୀୟ ରାଜପଥ ନେଟ୍‌ୱର୍କରେ ଏକ ଟେଲିକମ୍-ଆଧାରିତ ସୁରକ୍ଷା ସତର୍କତା ବ୍ୟବସ୍ଥା ଆରମ୍ଭ କରାଯିବ। ଜିଓର ୪ଜି-୫ଜି ନେଟ୍‌ୱର୍କ ମାଧ୍ୟମରେ ଚାଳକମାନେ ସେମାନଙ୍କ ମୋବାଇଲ ଫୋନ୍‌ରେ ଦୁର୍ଘଟଣାପ୍ରବଣ ଅଞ୍ଚଳ, କୁହୁଡ଼ି ଘେରା ଅଞ୍ଚଳ, ବୁଲା ପଶୁ ଅଞ୍ଚଳ ଏବଂ ଜରୁରିକାଳୀନ ଡାଇଭର୍ସନ ବିଷୟରେ ଆଗୁଆ ସୂଚନା ପାଇବେ। ସୁରକ୍ଷା ବାର୍ତ୍ତା ଚାଳକ ଓ ଯାତ୍ରୀମାନଙ୍କ ପାଖରେ ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍ ଏବଂ ହାଇ-ପ୍ରାୟୋରିଟି କଲ୍ ମାଧ୍ୟମରେ ପହଞ୍ଚିବ। ଏହି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ବ୍ୟବସ୍ଥା ଜାତୀୟ ରାଜପଥରେ ଏବଂ ନିକଟସ୍ଥ ଅଞ୍ଚଳରେ ଜିଓ ମୋବାଇଲ ବ୍ୟବହାରକାରୀଙ୍କ ପାଇଁ କାର୍ଯ୍ୟ କରିବ ଏବଂ କୌଣସି ଅତିରିକ୍ତ ରାସ୍ତାପାର୍ଶ୍ୱ ହାର୍ଡୱେର ଆବଶ୍ୟକ ନ କରି ଏହା ପୂର୍ବରୁ ରହିଥିବା ଟେଲିକମ୍ ଟାୱାର ଜରିଆରେ କାର୍ଯ୍ୟ କରିବ। ଏନ୍‌ଏଚ୍‌ଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ କହିଛନ୍ତି, ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ସମୟୋଚିତ ଏବଂ ଠିକ୍ ସୂଚନା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସେମାନେ ପୂର୍ବରୁ ହିଁ ଅଧିକ ସତର୍କ ହୋଇ ସୁରକ୍ଷିତ ଭାବରେ ଗାଡ଼ି ଚଳାଇପାରିବେ। ରିଲାଏନ୍ସ ଜିଓର ସଭାପତି ଜ୍ୟୋତିନ୍ଦ୍ର ଠକ୍କର କହିଛନ୍ତି, ସୁରକ୍ଷା ସତର୍କତା ସୂଚନା ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ରାଜମାର୍ଗ ଯାତ୍ରା ଆପ୍ ଏବଂ ୧୦୩୩ ହେଲ୍ପଲାଇନ ସହ ସଂଯୁକ୍ତ କରାଯିବ। ଏହାର ପାଇଲଟ ପ୍ରକଳ୍ପ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆରମ୍ଭ ହେବ ଏବଂ ପରବର୍ତ୍ତୀ ସମୟରେ ଦେଶବ୍ୟାପୀ ସମ୍ପ୍ରସାରିତ ହେବ।





କଣ୍ଠଶିଳ୍ପୀ ଲିଟିଲ୍ କରଙ୍କ ଜୟନ୍ତୀ ପାଳନ ଅବସରରେ ପୁରୁଣା ଭୁବନେଶ୍ୱରସ୍ଥିତ ବଢ଼େଇବାଙ୍କ ଛକରେ ଅନୁଷ୍ଠିତ ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

# ଏଡ୍‌ସ ନିରାକରଣ ପାଇଁ ସଚେତନତା ପଦଯାତ୍ରା

ବାଲିଅନ୍ତା,୨।୧୨ (ନୀଳମାଧବ ସାହୁ)

ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଏଡ୍‌ସ ନିରାକରଣ ପାଇଁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ଅଧ୍ୟକ୍ଷା ଜୟନ୍ତୀବାଳା ମହାନ୍ତି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ତଳଗଡ଼ ଛକ, ସାଇଫନ ଛକ, ପାଟଣା ଗ୍ରାମ ଓ ଡାମରା ଗ୍ରାମ ପରିକ୍ରମା କରିଥିଲା। ଛାତ୍ରୀଛାତ୍ରମାନେ ଏଡ୍‌ସ ନିରାକରଣ ପାଇଁ ପ୍ଲାକାର୍ଡ ଓ ଲିଫ୍‌ଲେଟ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ୟୁଥ ରେଡକ୍ରସ କାଉନସିଲର ରଶ୍ମି ରଞ୍ଜନ ପଟ୍ଟନାୟକ ଓ ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ କଳ୍ପନା ସାହୁଙ୍କ ନେତୃତ୍ୱରେ ଅଧ୍ୟାପକ ପୀତାମ୍ବର ପାତ୍ର, ଜ୍ଞାନରଞ୍ଜନ ପଣ୍ଡା, ପ୍ରଦୀପ ମଙ୍ଗରାଜ, ବିଜୟ କୁମାର ବାରିକ, ଅଧ୍ୟାପିକା ମଧୁସ୍ମିତା ନାୟକ ପ୍ରମୁଖ ଏହି ପଦଯାତ୍ରାକୁ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର, ୨।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

| ୩ | ୧୨ | ୧୩୩୦ | ୦.୨୦୫ | ୦.୦୭୫ | ବିଲ ଜଳସେଚିତ ଦୋଫସଲି | ଅରକ୍ଷିତ ସେଠୀ, ପି.; ଭୋକଲି ସେଠୀ, ସୁରେନ୍ଦ୍ର ସେଠୀ, ସାଇବ ସେଠୀ, ସୁବାସ ସେଠୀ, ଟୁନା ସେଠୀ, ମାୟା ସେଠୀ, କୁମାରୀ ସେଠୀ, ଭାଗ୍ୟ ସେଠୀ, ପି.: ଲକ୍ଷ୍ମଣ ସେଠୀ, କମଳା ସେଠୀ, ପି.: ଲକ୍ଷ୍ମଣ ସେଠୀ, ଅଜିୟ ସେଠୀ, ବୁଲା ସେଠୀ, ପ୍ରକାଶ ସେଠୀ, ଦମୟନ୍ତି ସେଠୀ, ପି.: ଜାଗିଲି ସେଠୀ, ଜମ୍ବୁ ସେଠୀ, ସ୍ୱା.: ଜାଗିଲି ସେଠୀ, ଭଗବାନ ସେଠୀ, ନାଥ ସେଠୀ, ହରି ସେଠୀ, ପି.: କରୁଣା ସେଠୀ, ମହେଶ୍ୱର ସେଠୀ, ରାଜି ସେଠୀ, ସନାତନ ସେଠୀ, ଟୁନୁ ସେଠୀ, ସୁଲ ସେଠୀ, ପି.: କୌବଲ ସେଠୀ, ହେମ ସେଠୀ, ସ୍ୱା.: କୌବଲ ସେଠୀ, ସୁମା ସେଠୀ, ପୁନିଆ ସେଠୀ, ଗୋପାଳ ସେଠୀ, ପି.: ଦୁଃଖୀ ସେଠୀ, ତବତିଆ ସେଠୀ, କ୍ଷେତ୍ରୀ ସେଠୀ, ବଳରାମ ସେଠୀ, ଦୟା ସେଠୀ, ପଞ୍ଚା ସେଠୀ, କମା ସେଠୀ, ସଜନି ସେଠୀ, ତମାଳ ସେଠୀ, ଉରି ସେଠୀ, ପି.: ବିର ସେଠୀ, ଜା: ଧୋବା, ବା: ନିଜଗାଁ | |
| | | ୨୯୮୫ | ୦.୧୯୩ | ୦.୦୭୦ | | | |
| | | ୩୪୮୦ | ୦.୨୩୫ | ୦.୧୩୫ | | | |
| ୪ | ୧୫ | ୫୭୦ | ୦.୧୦୦ | ୦.୦୮୦ | ପଦର | ଅର୍ଜୁନ ନାୟକ, ଭୀମ ନାୟକ, ପି.: ନାଲୁ ନାୟକ, ଅଗାଡ଼ି ନାୟକ, ପି.: ଦଣ୍ଡିଆ ନାୟକ, କାଳି ନାୟକ, ସ୍ୱା: ଦଣ୍ଡିଆ ନାୟକ, ଜା: କୁରୁମ, ବା: ସୁନ୍ଦରପୁର | |
| ୫ | ୧୬ | ୧୦୪୨ | ୦.୧୧୦ | ୦.୦୧୫ | ପଦର | ଅର୍ଜୁନ ପ୍ରଧାନ, ପି.: ସମ୍ବାରୁ ପ୍ରଧାନ, ରାମ ପ୍ରଧାନ, ଗୋବିନ୍ଦ ପ୍ରଧାନ, ପି.: ମହନ୍ତର ପ୍ରଧାନ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୪୩ | ୦.୦୭୦ | ୦.୦୦୫ | | | |
| | | ୧୫୭୪ | ୦.୧୩୦ | ୦.୦୩୦ | | | |
| | | ୧୫୭୫ | ୦.୧୭୫ | ୦.୦୨୫ | | | |
| ୬ | ୨୧ | ୧୦୪୪ | ୦.୦୫୦ | ୦.୦୦୫ | ପଦର | ଅପୂର୍ବ ଚୌଧୁରୀ, ସ୍ୱା: ଧର୍ମୁ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୧୫୬୮ | ୦.୨୦୦ | ୦.୦୪୦ | | | |
| | | ୧୫୬୯ | ୦.୧୬୫ | ୦.୦୨୦ | | | |
| | | ୧୫୬୫ | ୦.୧୨୮ | ୦.୦୨୫ | | | |
| | | ୧୫୬୬ | ୦.୧୧୮ | ୦.୦୨୦ | | | |
| | | ୧୫୬୭ | ୦.୧୩୩ | ୦.୦୨୦ | | | |
| ୭ | ୨୪ | ୧୦୦୮ | ୦.୪୦୫ | ୦.୧୧୦ | ପଦର | ଅଭିରାମ ଚୌଧୁରୀ, ପି.: ସହଦେବ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୭୩୩ | ୦.୩୧୦ | ୦.୦୪୦ | | | |
| ୮ | ୨୫ | ୩୦୨୭ | ୦.୩୧୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ସୁଶିଳା ହୋତା, ସ୍ୱା.: ସୀମାଞ୍ଚଳ ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୯ | ୨୬ | ୫୬୫ | ୦.୧୧୦ | ୦.୦୭୫ | ପଦର | ଆନନ୍ଦ ପ୍ରଧାନ, ପି.: ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା.: ଅର୍ଜୁନ ପ୍ରଧାନ, ଭାସ୍କର ପ୍ରଧାନ, ବୃନ୍ଦାବନ ପ୍ରଧାନ, ଦୟା ପ୍ରଧାନ, ନରହରି ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ପି.: ବୈଷମ ପ୍ରଧାନ, ଜା: କୁରୁମ, ବା: ଡୁଣ୍ଡୁରା | |
| | | ୫୬୬ | ୦.୧୨୦ | ୦.୦୧୦ | | | |
| | | ୫୭୧ | ୦.୧୭୦ | ୦.୦୮୦ | | | |
| ୧୦ | ୩୫ | ୧୪୧୪ | ୦.୨୬୫ | ୦.୦୮୫ | ବିଲ ଜଳସେଚିତ ଦୋଫସଲି | ଉଦୟନାଥ ମିଶ୍ର, ପି.: ଅନନ୍ତ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୧୬/ ୩୬୧୧ | ୦.୨୫୦ | ୦.୦୨୫ | | | |
| | | ୧୪୨୨ | ୦.୩୪୦ | ୦.୦୨୦ | | | |
| ୧୧ | ୪୦ | ୧୨୮୫ | ୦.୩୨୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ଉଲା ସାହୁ, ପି.: ବଳରାମ ସାହୁ, ଜା: ଶୁଣ୍ଢୀ, ବା: ନିଜଗାଁ | |
| ୧୨ | ୪୩ | ୩୦୫୮ | ୦.୧୮୦ | ୦.୦୨୦ | ବିଲ ଜଳସେଚିତ ଦୋଫସଲି | ଉଲା ପ୍ରଧାନ, ପି.: ଦଣ୍ଡାସି ପ୍ରଧାନ, ଜା: କୁରୁମ, ବା: ବାହାଡାଗୁଡ଼ା | |
| ୧୩ | ୪୮ | ୩୦୨୩ | ୦.୩୭୦ | ୦.୧୯୦ | ବିଲ ଜଳସେଚିତ ଦୋଫସଲି | ଉଲି ପ୍ରଧାନ, ସ୍ୱା.: କୃଷ୍ଣ ପ୍ରଧାନ, ଜା ; କୁରୁମ, ବା: ବାହାଡ଼ାଗୁଡ଼ା | |
| ୧୪ | ୫୨ | ୩୦୪୨ | ୦.୧୫୮ | ୦.୦୫୫ | ବିଲ ଜଳସେଚିତ ଦୋଫସଲି | କନ୍ତାରୁ ନାୟକ, ପି.: କେନା ନାୟକ, ଜା: କୁରୁମ, ବା: ଫସିଗୁଡ଼ା | |
| | | ୩୦୪୩ | ୦.୧୭୦ | ୦.୦୧୦ | | | |
| ୧୫ | ୫୩ | ୧୫୬୨ | ୦.୨୮୮ | ୦.୦୬୦ | ପଦର | କପିଳ ରାଉତ, ପି.: ଗୋପି ରାଉତ, ବାଉରି ରାଉତ, ବଲ୍ଲଭ ରାଉତ, ପି.: ରଘୁ ରାଉତ, ଜା: କୁରୁମ, ବା: ନିଜଗାଁ | |
| ୧୬ | ୫୪ | ୧୦୧୨ | ୦.୨୮୦ | ୦.୦୫୫ | ପଦର | କପିଳାଉତ, ଅର୍ଜୁନ ରାଉତ, ପି.: ଗୋପି ରାଉତ, ବାଉରି ରାଉତ, ବଲ୍ଲଭ ରାଉତ, ପି.: ରଘୁ ରାଉତ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୧୩ | ୦.୨୭୦ | ୦.୦୬୦ | | | |
| | | ୧୦୧୫ | ୦.୨୬୦ | ୦.୦୪୫ | | | |
| ୧୭ | ୬୨ | ୩୧୬ | ୦.୦୬୦ | ୦.୦୬୦ | ପଦର | କାଳୁ ଚୌଧୁରୀ, ପି.: କପିଳ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| | | ୩୨୭ | ୦.୦୬୦ | ୦.୦୬୦ | | | |
| | | ୩୨୮ | ୦.୦୬୦ | ୦.୦୬୦ | | | |
| ୧୮ | ୬୩ | ୭୪୯ | ୦.୧୩୦ | ୦.୦୦୫ | ପଦର | କାଳୁ ଚୌଧୁରୀ, ପି.: କପିଳ ଚୌଧୁରୀ, ତ୍ରିନାଥ ଚୌଧୁରୀ, ପି.: ମଧୁ ଚୌଧୁରୀ, ଧୋବଣୀ ଚୌଧୁରୀ, ଚନ୍ଦ୍ରମା ଚୌଧୁରୀ, କାମିନି ଚୌଧୁରୀ, ପି.: କୁରିଆ ଚୌଧୁରୀ, ଆସିଲି ଚୌଧୁରୀ, ସ୍ୱା.: କୁରିଆ ଚୌଧୁରୀ, ଦେବରାଜ ଚୌଧୁରୀ, ପି.: ଭୀମ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୩୧୭ | ୦.୧୦୦ | ୦.୧୦୦ | | | |
| | | ୩୨୬ | ୦.୦୯୦ | ୦.୦୯୦ | ବିଲ ଅଣଜଳସେଚିତ ଦୋଫସଲି | | ଗୋଚର ପ୍ରତି ବଦଳରେ |
| ୧୯ | ୬୬ | ୧୪୪୧ | ୦.୦୭୦ | ୦.୦୩୫ | ପଦର | କୃଷ୍ଣ ଡାକୁଆ, ପି.: ଅଗାଧୁ ଡାକୁଆ, କାଶି ଡାକୁଆ, ସୁକାନ୍ତ ଡାକୁଆ, ପି.: ଦଣ୍ଡାସି ଡାକୁଆ, ହାର ଡାକୁଆ, ସ୍ୱା.: ଦଣ୍ଡାସି ଡାକୁଆ, ଜା: ଭଣ୍ଡାରି, ବା: ନିଜଗାଁ | |
| ୨୦ | ୭୧ | ୭୨୫ | ୦.୨୧୦ | ୦.୦୨୫ | ପଦର | କୋରେଶୁ ବେହେରା, ସୁରେନ୍ଦ୍ର ବେହେରା, ପି.: ବରଜ ବେହେରା, ଚନ୍ଦ୍ରମା ବେହେରା, ସ୍ୱା.: ବରଜ ବେହେରା, ଜା: କୁରୁମ, ବା: ନିଜଗାଁ | |
| ୨୧ | ୭୨ | ୨୯୮୮ | ୦.୦୪୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | କୋରେଶୁ ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା, ପି.: ଗୋପୀ ପଣ୍ଡା, କାଞ୍ଚନ ପଣ୍ଡା, ସ୍ୱା.: ଗୋପୀ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୨୯୮୯ | ୦.୧୫୦ | ୦.୧୨୦ | | | |
| | | ୨୯୯୦ | ୦.୧୧୦ | ୦.୦୨୦ | | | |
| | | ୨୯୯୧ | ୦.୦୪୦ | ୦.୦୧୦ | | | |
| ୨୨ | ୭୫ | ୫୬୯/ ୩୬୦୭ | ୦.୦୭୦ | ୦.୦୦୫ | ପଦର | ଖଲି ପ୍ରଧାନ, ପି.: ଉଜ୍ଜ୍ୱଳ ପ୍ରଧାନ, ଜା: କୁରୁମ, ବା: ଡୁଣ୍ଡୁରା | |
| ୨୩ | ୭୬ | ୫୬୪ | ୦.୧୬୦ | ୦.୧୧୦ | ପଦର | ଖଲି ପ୍ରଧାନ, ପି.: ଉଜ୍ଜ୍ୱଳ ପ୍ରଧାନ, ବଡ଼ ଖଲି ପ୍ରଧାନ, ପାଣ୍ଡବ ପ୍ରଧାନ, ପି.: ବାଲାଜି ପ୍ରଧାନ, ଚମ୍ପା ପ୍ରଧାନ, ସ୍ୱା.: ବାଲାଜି ପ୍ରଧାନ, ମାଗୁଣି ପ୍ରଧାନ, ରଘୁନାଥ ପ୍ରଧାନ, ପି.: ଲାଲୁ ପ୍ରଧାନ, ସାଇବାଣି ପ୍ରଧାନ, ସ୍ୱା.: ଲାଲୁ ପ୍ରଧାନ, କେଦାରନାଥ ପ୍ରଧାନ, ଶିବରାମ ପ୍ରଧାନ, ସୁଦର୍ଶନ ପ୍ରଧାନ, ଭଲି ପ୍ରଧାନ, ପି.: ଅର୍ଜୁନ ପ୍ରଧାନ, ହେମ ପ୍ରଧାନ, ସ୍ୱା.: ଅର୍ଜୁନ ପ୍ରଧାନ, ଜା: କୁରୁମ, ବା: ଡୁଣ୍ଡୁରା | କେନାଲରେ ୦.୦୮୫ ଗୋଚର ପ୍ରତି ବଦଳରେ ୦.୦୨୫ |
| | | ୩୫୦୦ | ୧.୦୭୦ | ୦.୨୧୦ | ବିଲ ଜଳସେଚିତ ଦୋଫସଲି | | |
| ୨୪ | ୮୨ | ୧୩୦୩ | ୦.୨୨୦ | ୦.୦୯୫ | ବିଲ ଜଳସେଚିତ ଦୋଫସଲି | କ୍ଷେତ୍ର ସେଠୀ, ପି.: ଭରତ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୨୫ | ୮୬ | ୧୦୩୯ | ୦.୧୧୦ | ୦.୦୨୫ | ପଦର | ଗୁରା ରାଉତ, ମାଗୁଣି ରାଉତ, ଉଲା ରାଉତ, ଗୋବିନ୍ଦ ରାଉତ, ପି.: ବରଜ ରାଉତ, ତବତିଆ ରାଉତ, ଆନନ୍ଦ ରାଉତ, ଅଗାଡ଼ି ରାଉତ, ପି.: ଭଗତ ରାଉତ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୪୦ | ୦.୧୦୦ | ୦.୦୨୦ | | | |
| | | ୧୦୪୧ | ୦.୧୦୦ | ୦.୦୨୦ | | | |
| ୨୬ | ୮୮ | ୩୧୮ | ୦.୨୬୫ | ୦.୨୬୫ | ବିଲ ଅଣଜଳସେଚିତ ଦୋଫସଲି | ଗୋପାଳ କୃଷ୍ଣ ଦାସ, ମଦନ ମୋହନ ଦାସ, ଲକ୍ଷ୍ମୀ ଚରଣ ଦାସ, ପି.: ନଟବର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| | | ୩୨୩ | ୦.୨୮୦ | ୦.୨୮୦ | | | |
| ୨୭ | ୮୯ | ୩୪୮୨ | ୧.୨୩୦ | ୦.୨୦୦ | ବିଲ ଜଳସେଚିତ ଦୋଫସଲି | ଶ୍ରୀ ରାଧା ଦାମୋଦର ଠାକୁର ବିଜେ ବାଙ୍ଗରଡ଼ା ସେବାୟତ ବା: ଗୋପାଳ କୃଷ୍ଣ ଦାସ, ମଦନ ମୋହନ ଦାସ, ଲକ୍ଷ୍ମୀ ଚରଣ ଦାସ, ପି.: ନଟବର ଦାସ, ଜ୍ୟୋତ୍ସ୍ନା ଦାସ, ଗୁନୁ ଦାସ, ପି.: ରଘୁନାଥ ଦାସ, ଚନ୍ଦ୍ରମା ଦାସ, ସ୍ୱା.: ରଘୁନାଥ ଦାସ, ସୀମାଞ୍ଚଳ ଦାସ, ହରିହର ଦାସ, ବୈଷ୍ଣବ ଦାସ, ପି. ଲକ୍ଷ୍ମଣ ଦାସ, ସୋମନାଥ ଦାସ, ପି.: ଦୀନବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଦାସ, ଶୋଭାବତୀ ଦାସ, ପି.: ତ୍ରିନାଥ ଦାସ, ଭାସ୍କର ଦାସ, ପି.: ବାବାଜୀ ଦାସ, ପ୍ରତାପଚନ୍ଦ୍ର ଦାସ, ପି.: କାଳୁ ଦାସ, ପ୍ରମିଳା ଦାସ, ସ୍ୱା.: କାଳୁ ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୩୪୮୬ | ୦.୦୮୮ | ୦.୦୦୨ | | | |
| | | ୧୪୬୬ | ୦.୧୦୦ | ୦.୦୧୫ | | | |
| | | ୧୪୭୧ | ୦.୧୩୫ | ୦.୦୫୫ | | | |
| | | ୧୪୭୨ | ୦.୨୯୦ | ୦.୧୪୦ | | | |
| | | ୧୪୭୩ | ୦.୧୪୫ | ୦.୦୬୦ | | | |
| | | ୧୪୭୪ | ୦.୧୮୫ | ୦.୦୮୦ | | | |
| | | ୧୪୭୫ | ୦.୩୩୦ | ୦.୧୨୫ | | | |
| | | ୧୪୭୬ | ୦.୪୧୦ | ୦.୧୩୦ | | | |
| | | ୧୪୭୮ | ୦.୨୫୦ | ୦.୦୯୦ | | | |
| | | ୧୪୪୦ | ୦.୨୧୦ | ୦.୦୮୫ | | | |
| | | ୧୪୪୨ | ୦.୧୪୦ | ୦.୧୦୫ | | | |
| | | ୧୪୬୫ | ୦.୧୧୦ | ୦.୦୬୦ | | | |
| ୨୮ | ୧୦୬ | ୧୯୭୪ | ୦.୮୯୦ | ୦.୩୭୦ | ବଗାୟତ ଦୁଇ | ଚିନ୍ତାମଣି ପ୍ରଧାନ, ପି.: ଚକ୍ରପାଣି ପ୍ରଧାନ, ପଞ୍ଚାନନ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ପି.: କୃଷ୍ଣ ପ୍ରଧାନ, ବାବୁ ପ୍ରଧାନ, ପି.: ଶୁକ୍ରୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୩୬୩ | ୨.୫୮୦ | ୦.୧୨୫ | ବିଲ ଜଳସେଚିତ ଦୋଫସଲି | | |
| | | ୧୩୫୩ | ୦.୩୫୦ | ୦.୧୨୦ | | | |
| | | ୧୩୫୦ | ୦.୧୮୪ | ୦.୦୭୫ | | | |
| | | ୧୩୨୪ | ୦.୬୧୨ | ୦.୧୭୫ | | | |
| | | ୩୦୮୮ | ୦.୪୦୦ | ୦.୦୧୫ | | | |
| | | ୩୦୩୩ | ୦.୧୦୦ | ୦.୦୧୦ | | | |
| | | ୨୯୯୨ | ୦.୧୮୩ | ୦.୦୬୦ | | | |
| | | ୨୯୮୭ | ୦.୨୭୫ | ୦.୧୧୫ | | | |
| ୨୯ | ୧୦୭ | ୧୨୮୬ | ୦.୨୬୫ | ୦.୦୦୫ | ବିଲ ଜଳସେଚିତ ଦୋଫସଲି | ଚିନ୍ତାମଣି ପଧାନ, ବାବୁ ପଧାନ, ପଞ୍ଚାନନ ପଧାନ, ବିଶ୍ୱନାଥ ପଧାନ, ବା: ନିଜଗାଁ, ସରୋଜିନି ପଧାନ, ବା: ତାଳପୁର, ବାୟାଣି ପଧାନ, ବା: ଧରମପୁର, କୁମୁଦ ପଧାନ, ବା: ନିଜଗାଁ, ଭାଗ୍ୟଲତା ପଧାନ, ବା: ଫାଶିଗୁଡ଼ା, ଚନ୍ଦ୍ରମା ପଧାନ, ବା: ଜଳମେରି ପଲ୍ଲୀ, ପି.: କୃଷ୍ଣ ପଧାନ, ରାହାସ ପଧାନ, ସ୍ୱା.: କୃଷ୍ଣ ପଧାନ, ଜା: କୁରୁମ, ବା: ନିଜଗାଁ | |
| ୩୦ | ୧୧୦ | ୧୦୩୪ | ୦.୧୬୦ | ୦.୦୨୫ | ପଦର | ଜାଗିଲି ମହାଙ୍କୁଡ଼, ପି.: କନ୍ଧ ମହାଙ୍କୁଡ଼, ଜା: ଗୌଡ଼, ବା: ମଣିଦେଇପେଣ୍ଟ | |
| ୩୧ | ୧୧୯ | ୭୧୪ | ୦.୧୨୦ | ୦.୦୩୫ | ବିଲ ଅଣଜଳସେଚିତ ଦୁଇ | ଜୟନ୍ତୀ ଚୌଧୁରୀ, ସ୍ୱା.: ନାରାୟଣ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୭୪୪ | ୦.୧୦୦ | ୦.୦୨୫ | ପଦର | | |
| ୩୨ | ୧୨୧ | ୧୩୭୬ | ୦.୨୫୦ | ୦.୦୮୫ | ବିଲ ଜଳସେଚିତ ଦୋଫସଲି | କୁରିଆ ପ୍ରଧାନ, ପି.: ଯୋଗୀ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୩୩ | ୧୨୪ | ୧୩୦୨ | ୦.୦୫୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ଯୋଗୀ ସେଠୀ, ପି.: ଗୋଲା ସେଠୀ, ଜା: ଧୋବା, ବା: ନିଜଗାଁ | |
| | | ୧୩୦୪ | ୦.୧୨୦ | ୦.୦୪୫ | | | |
| | | ୧୩୦୭ | ୦.୧୨୦ | ୦.୦୪୫ | | | |
| ୩୪ | ୧୨୮ | ୩୪୯୩ | ୦.୩୪୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ଝୁମ୍ପା ପ୍ରଧାନ, ସ୍ୱା.: କ୍ଷେତ୍ର ପ୍ରଧାନ, ଜା: କୁରୁମ, ବା: ବାହାଡ଼ାଗୁଡ଼ା | |
| ୩୫ | ୧୩୯ | ୬୩୯ | ୦.୧୦୫ | ୦.୧୦୫ | ପଦର | ତମାଳ ପ୍ରଧାନ, ପି.: ଉଦୟ ପ୍ରଧାନ, ସୁଜନ ପ୍ରଧାନ, ପି.: ଉଜଳ ପ୍ରଧାନ, ରୂପା ପ୍ରଧାନ, ମାଗତାଣି ପ୍ରଧାନ, ସ୍ୱା. ଉଜ୍ଜ୍ୱଳ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| ୩୬ | ୧୪୯ | ୧୦୨୬ | ୦.୧୯୦ | ୦.୦୩୫ | ପଦର | ତ୍ରିନାଥ ପ୍ରଧାନ, ପି.: ଉଜ୍ଜ୍ୱଳ ପ୍ରଧାନ, ବାଇ ପ୍ରଧାନ, ସ୍ୱା.: ଉଜ୍ଜ୍ୱଳ ପ୍ରଧାନ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୩୦ | ୦.୨୧୦ | ୦.୦୪୫ | | | |
| ୩୭ | ୧୫୩ | ୭୧୧ | ୦.୧୮୫ | ୦.୧୮୫ | ପଦର | ଦଣ୍ଡପାଣି ପ୍ରଧାନ, ବୁଦ୍ଧିଆ ପ୍ରଧାନ, ପି.: ରଇବରି ପଧାନ, ଜା: କୁରୁମ, ବା: ସୁନ୍ଦରପୁର | କେନାଲରେ ୦.୦୪୦ ଗୋଚର ପ୍ରତି ବଦଳରେ ୦.୧୪୫ |
| | | ୭୧୦ | ୦.୦୬୫ | ୦.୦୬୫ | | | କେନାଲରେ ୦.୦୦୫ ଗୋଚର ପ୍ରତି ବଦଳରେ ୦.୦୫୦ |
| | | ୬୩୭ | ୦.୨୪୫ | ୦.୧୪୫ | | | କେନାଲରେ ୦.୦୨୫ ଗୋଚର ପ୍ରତି ବଦଳରେ ୦.୧୨୦ |
| | | ୬୩୪ | ୦.୨୩୦ | ୦.୧୬୦ | | | କେନାଲରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୧୦୫ |
| ୩୮ | ୧୬୧ | ୫୮୭/ ୩୬୦୬ | ୦.୨୯୨ | ୦.୦୪୦ | ପଦର | ଦଣ୍ଡିଆ ପ୍ରଧାନ, ଉଜଳ ପ୍ରଧାନ, କପିଳ ପ୍ରଧାନ, ପି.: ସାହେବ ପ୍ରଧାନ, ଜା: କୁରୁମ, ବା: ଡୁଣ୍ଡୁରା | |
| ୩୯ | ୧୬୭ | ୧୫୫୧ | ୦.୨୩୦ | ୦.୦୯୫ | ପଦର | ଦୁଃଖି ବେହେରା, ସ୍ୱା.: ବୀର ବେହେରା, ଜା: କେଉଟ, ବା: ନିଜଗାଁ | |
| ୪୦ | ୧୬୮ | ୭୨୭ | ୦.୨୩୫ | ୦.୦୧୫ | ପଦର | ଦୁଃଖିଶ୍ୟାମ ଚୌଧୁରୀ, ପି.: ବାଲାଜି ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୪୧ | ୧୬୯ | ୩୦୨୨ | ୦.୩୭୦ | ୦.୧୮୫ | ବିଲ ଜଳସେଚିତ ଦୋଫସଲି | ଦୁଃଖିଶ୍ୟାମ ଚୌଧୁରୀ, ପି.: ବାଲାଜି ଚୌଧୁରୀ, ଅରକ୍ଷିତ ଚୌଧୁରୀ, ପି.: ବରଜ ଚୌଧୁରୀ, ସୀମାଞ୍ଚଳ ଚୌଧୁରୀ, ରାମଚନ୍ଦ୍ର ଚୌଧୁରୀ, ପି.: ଲାଲୁ ଚୌଧୁରୀ, ଭାସ୍କର ଚୌଧୁରୀ, ତବତିଆ ଚୌଧୁରୀ, ସୀମାଞ୍ଚଳ ଚୌଧୁରୀ, ବୁଟି ଚୌଧୁରୀ, ପି.: ବଳସମ ଚୌଧୁରୀ, ଧୋବଣୀ ଚୌଧୁରୀ, ସ୍ୱା.: ବଇସମ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୪୨ | ୧୭୧ | ୬୨୭ | ୦.୨୭୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ଦେବରାଜ ନାୟକ, ପି.: ଦଣ୍ଡିଆ ନାୟକ, ଜା: କୁରୁମ, ବା: ନିଜଗାଁ | |
| | | ୭୧୨ | ୦.୧୫୦ | ୦.୦୫୦ | | | |
| ୪୩ | ୧୮୩ | ୧୩୩୧ | ୦.୧୫୦ | ୦.୦୫୫ | ବିଲ ଜଳସେଚିତ ଦୋଫସଲି | ଧୋବଣୀ ପ୍ରଧାନ, ସ୍ୱା.: ବିପ୍ର ଚରଣ ପଧାନ, ବିପ୍ର ପଧାନ, ପି.: ମହନ୍ତର ପଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୩୩୨ | ୦.୧୧୦ | ୦.୦୪୦ | | | |
| ୪୪ | ୧୮୫ | ୩୪୯୨ | ୦.୩୪୩ | ୦.୧୯୦ | ବିଲ ଜଳସେଚିତ ଦୋଫସଲି | ନକୁଳ ଚୌଧୁରୀ, କୁରିଆ ଚୌଧୁରୀ, ପି. କଣ୍ଡ ଚୌଧୁରୀ, ଧର୍ମୁ ଚୌଧୁରୀ, ଅଭିରାମ ଚୌଧୁରୀ, ପି.: ସହଦେବ ଚୌଧୁରୀ, ରାହାସ ଚୌଧୁରୀ, ସ୍ୱା. ସହଦେବ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୩୪୯୭ | ୦.୧୭୦ | ୦.୦୭୦ | | | |
| ୪୫ | ୨୦୬ | ୧୩୫୫ | ୦.୩୭୫ | ୦.୧୩୦ | ବିଲ ଜଳସେଚିତ ଦୋଫସଲି | ନିରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ତମାଳ ପ୍ରଧାନ, ପି.: କୁରିଆ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ରୂପା ପ୍ରଧାନ, ଗେଲି ପ୍ରଧାନ, ପି.: କୈବଲ୍ୟ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଟୁରି ପ୍ରଧାନ, ତିଳୋତ୍ତମା ପ୍ରଧାନ, ପି.: ଦଣ୍ଡପାଣି ପ୍ରଧାନ, ସାଇବାଣି ପ୍ରଧାନ, ସ୍ୱା.: ଦଣ୍ଡପାଣି ପ୍ରଧାନ, ଜା ; କୁରୁମ, ବା: ନିଜଗାଁ | |
| | | ୨୫୭୨ | ୦.୧୬୦ | ୦.୦୯୦ | | | |
| | | ୨୫୭୩ | ୦.୬୪୦ | ୦.୦୩୦ | | | |
| ୪୬ | ୨୦୭ | ୩୦୮୬ | ୦.୩୨୦ | ୦.୧୫୦ | ବିଲ ଜଳସେଚିତ ଦୋଫସଲି | ନିରଞ୍ଜନ ପ୍ରଧାନ, ପି.: ନଟବର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୪୭ | ୨୧୦ | ୧୩୬୧ | ୦.୩୪୦ | ୦.୦୯୫ | ବିଲ ଜଳସେଚିତ ଦୋଫସଲି | ପଙ୍କଜିନି ପାତ୍ର, ସ୍ୱା.: ବନମାଳି ପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୩୬୨ | ୦.୨୪୦ | ୦.୦୦୫ | | | |
| ୪୮ | ୨୧୧ | ୩୫୦ | ୦.୦୫୦ | ୦.୦୩୦ | ବିଲ ଅଣଜଳସେଚିତ ଦୁଇ | ପଞ୍ଚାନନ ପଣ୍ଡା, ପି.: ନାରଣ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪୯ | ୨୧୪ | ୧୩୫୨ | ୦.୧୮୦ | ୦.୧୧୫ | ବିଲ ଜଳସେଚିତ ଦୋଫସଲି | ପଞ୍ଚାନନ ପ୍ରଧାନ, ପି.: କୃଷ୍ଣ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୫୦ | ୨୨୧ | ୩୪୬୨ | ୦.୧୯୦ | ୦.୦୧୨ | ବିଲ ଜଳସେଚିତ ଦୋଫସଲି | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ଛଣମେରୀ ମାର୍ଫତ ପରିଚାଳନା, ଟ୍ରଷ୍ଟି ଛଣମେରୀ | |
| ୫୧ | ୨୨୯ | ୧୪୧୭ | ୦.୫୬୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ପ୍ରଫୁଲ ମିଶ୍ର, ଶରତ ମିଶ୍ର, ପୁଷ୍ପାଞ୍ଜଳି ମିଶ୍ର, ପି.: ବିଘ୍ନେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୨୩ | ୦.୨୧୦ | ୦.୦୬୦ | | | |
| ୫୨ | ୨୩୦ | ୨୭୫୮ | ୦.୧୭୦ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ପି.: ମାଗୁଣି ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ଛଣମେରି | |
| ୫୩ | ୨୩୨ | ୬୨୧ | ୦.୨୮୦ | ୦.୦୨୦ | ପଦର | ପାର୍ବତୀ ରାଉତ, ସ୍ୱା.: ହରି ରାଉତ, ଜା: କୁରୁମ, ବା: ଦୋଳବ | |
| ୫୪ | ୨୩୮ | ୨୯୮୬ | ୦.୨୭୦ | ୦.୧୦୦ | ବିଲ ଜଳସେଚିତ ଦୋଫସଲି | ବନମାଳୀ ପ୍ରଧାନ, ଆନନ୍ଦ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ବୃନ୍ଦାବନ ପ୍ରଧାନ, ବାସୁ ପ୍ରଧାନ, ପି.: ମେହେଙ୍କାଳ ପ୍ରଧାନ, ଜା: କୁରୁମ, ବା: ବାହାଡ଼ାଗୁଡ଼ା, ନିତ୍ୟାନନ୍ଦ ମାଦଳା, ସଦାନନ୍ଦ ମାଦଳା, ଗୌରାଙ୍ଗ ମାଦଳା, ସରସ୍ୱତୀ ମାଦଳା, ପି.: ବିନାୟକ ମାଦଳା, ଜା: ବ୍ରାହ୍ମଣ, ବା: ଫାସିଗୁଡ଼ା | |
| ୫୫ | ୨୪୮ | ୫୨ | ୦.୧୨୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ବାଲ୍ମିକି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମିନି ପଣ୍ଡା, ପି.: ଗଙ୍ଗାଧର ପଣ୍ଡା, ଝୁମ୍ପା ପଣ୍ଡା, ସ୍ୱା.: ଗଙ୍ଗାଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୬ | ୨୪୯ | ୩୭୫ | ୦.୦୬୦ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ବାଲୁଙ୍କି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମି ପଣ୍ଡା, ପି.: ଗଙ୍ଗାଧର ପଣ୍ଡା, ଝୁମ୍ପା ପଣ୍ଡା, ସ୍ୱା.: ଗଙ୍ଗାଧର ପଣ୍ଡା, ବିଶ୍ୱନାଥ ପଣ୍ଡା, ପି.: ଈଶ୍ୱର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୭ | ୨୬୦ | ୩୦୮୭ | ୦.୨୨୦ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ବିପ୍ର ପ୍ରଧାନ, ପି.: ଗୁଣ୍ଡିଚା ପ୍ରଧାନ, ଜା: କୁରୁମ, ବା: ବାହାଡ଼ା ଗୁଡ଼ା | |
| ୫୮ | ୨୬୨ | ୧୪୬୭ | ୦.୨୨୫ | ୦.୦୬୫ | ବିଲ ଜଳସେଚିତ ଦୋଫସଲି | ବିଷ୍ଣୁପ୍ରିୟା ନାୟକ, ସ୍ୱା.: ପର୍ଶୁରାମ ନାୟକ, ଜା: କୁରୁମ, ବା: ଦୋଳବ | |
| ୫୯ | ୨୭୩ | ୬୩୩ | ୦.୦୭୦ | ୦.୦୪୫ | ବିଲ ଅଣଜଳସେଚିତ ଦୁଇ | ଭଗବାନ ସେଠୀ, ନାଥ ସେଠୀ, ହରି ସେଠୀ, ପି.: କରୁଣା ସେଠୀ, ମହେଶ୍ୱର ସେଠୀ, ରାଜେନ୍ଦ୍ର ସେଠୀ, ସନାତନ ସେଠୀ, ଝୁନୁ ସେଠୀ, ସୁଲୋଚନା ସେଠୀ, ପି.: କୈବଲ୍ୟ ସେଠୀ, ହେମ ସେଠୀ, ସ୍ୱା.: କୈବଲ୍ୟ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୬୦ | ୨୭୬ | ୧୦୩୧ | ୦.୪୦୦ | ୦.୦୯୦ | ପଦର | ଭଗତ ପ୍ରଧାନ, ପି.: ହେରୁମ୍ବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୯୭୯ | ୦.୬୦୩ | ୦.୧୩୦ | ବଗାୟତ ଦୁଇ | | |
| | | ୧୪୬୨ | ୦.୨୭୦ | ୦.୦୦୫ | ବିଲ ଜଳସେଚିତ ଦୋଫସଲି | | |
| ୬୧ | ୨୭୭ | ୧୦୧୭ | ୦.୧୨୦ | ୦.୦୨୫ | ପଦର | ଭରତ ରାଉତ, ଗୁରା ରାଉତ, ପି.: ବରଜ ରାଉତ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୧୮ | ୦.୧୪୦ | ୦.୦୩୦ | | | |
| | | ୧୦୨୧ | ୦.୧୦୦ | ୦.୦୨୫ | | | |
| | | ୧୦୨୨ | ୦.୧୩୦ | ୦.୦୩୦ | | | |
| | | ୧୦୨୫ | ୦.୧୨୦ | ୦.୦୩୦ | | | |
| ୬୨ | ୨୮୦ | ୪୨୪ | ୦.୦୭୦ | ୦.୦୨୫ | ବିଲ ଅଣଜଳସେଚିତ ଦୁଇ | ଭରତ ଗୌଡ଼, ପି.: କନ୍ଧ ଗୌଡ଼, ଜା: ଗୌଡ଼, ବା: ନିଜଗାଁ | |
| ୬୩ | ୨୮୩ | ୧୩୭୫ | ୦.୧୩୦ | ୦.୦୯୦ | ବିଲ ଜଳସେଚିତ ଦୋଫସଲି | ଭାସ୍କର ଜାନି, ପି.: ଫକିର ଜାନି, ଜା: ଗୌଡ଼, ବା: ନିଜଗାଁ | |
| ୬୪ | ୨୮୮ | ୧୪୧୯ | ୦.୦୬୦ | ୦.୦୦୫ | ବିଲ ଜଳସେଚିତ ଦୋଫସଲି | ଭାସ୍କର ମିଶ୍ର, ବାୟାଣୀ ମିଶ୍ର, ପି.: ପଞ୍ଚାନନ ମିଶ୍ର, ମୋହିନି ମିଶ୍ର, ସ୍ୱା.: ପଞ୍ଚାନନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୧୮/ ୩୬୨୨ | ୦.୦୬୦ | ୦.୦୫୦ | | | |
| ୬୫ | ୨୯୨ | ୧୦୧୧ | ୦.୨୩୦ | ୦.୧୫୦ | ପଦର | ଭୀମ ରାଉତ, ପି.: ଗୋବରି ରାଉତ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| ୬୬ | ୨୯୭ | ୧୦୩୮ | ୦.୦୮୦ | ୦.୦୨୦ | ପଦର | ମନାସ ଚୌଧୁରୀ, ସ୍ୱା.: ପ୍ରଫୁଲ୍ଲ ଚୌଧୁରୀ, କୁନି ଚୌଧୁରୀ, ସ୍ୱା.: କଂଗ୍ରେସ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୬୭ | ୩୦୦ | ୧୯୭୭ | ୦.୨୩୦ | ୦.୧୩୫ | ବଗାୟତ ଦୁଇ | ମାଗୁଣି ପଧାନ, ପି.: ଲୋକା ପଧାନ, ଜା: କୁରୁମ, ବା: ନିଜଗାଁ | |
| ୬୮ | ୩୧୦ | ୩୭୪ | ୦.୧୨୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ରଘୁ ଚୌଧୁରୀ, ପି.: ଭାଇଗ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୧୩୪୫ | ୦.୨୦୦ | ୦.୦୯୦ | ବିଲ ଜଳସେଚିତ ଦୋଫସଲି | | |
| | | ୧୩୪୪ | ୦.୧୭୦ | ୦.୦୭୦ | | | |
| ୬୯ | ୩୧୧ | ୧୫୫୦ | ୦.୧୨୩ | ୦.୦୮୫ | ପଦର | ରଘୁ ରାଉତ, ପି.: ମାଗତ ରାଉତ, ଜା: କୁରୁମ, ବା: ନିଜଗାଁ | |
| ୭୦ | ୩୧୪ | ୬୩୨ | ୦.୧୭୦ | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ରଘୁ ଗୌଡ଼, ପି.: ମେହେକାଳ ଗୌଡ଼, ଜା: ଗୌଡ଼, ବା: ଡ଼ୋଳବ | |
| ୭୧ | ୩୧୮ | ୩୫୮ | ୦.୧୬୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ରଘୁନାଥ ପ୍ରଧାନ, ତ୍ରିନାଥ ପ୍ରଧାନ, ବୃନ୍ଦାବନ ପ୍ରଧାନ, ପି.: କାଳୁ ପ୍ରଧାନ, ବା: ନିଜଗାଁ | |
| | | ୩୫୯ | ୦.୧୪୦ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୯୭୮ | ୦.୧୯୫ | ୦.୧୦୦ | ବଗାୟତ ଦୁଇ | | |
| | | ୧୩୧୩ | ୦.୦୮୦ | ୦.୦୪୦ | ବିଲ ଜଳସେଚିତ ଦୋଫସଲି | | |
| | | ୧୩୧୪ | ୦.୦୮୦ | ୦.୦୪୬ | | | |
| | | ୧୩୬୭ | ୦.୫୦୦ | ୦.୧୨୦ | | | |
| | | ୧୪୬୩ | ୦.୨୭୩ | ୦.୦୮୦ | | | |
| ୭୨ | ୩୨୦ | ୭୧୯/ ୩୬୪୦ | ୦.୦୬୦ | ୦.୦୪୫ | ପଦର | ରଘୁ ପ୍ରଧାନ, ବିପ୍ର ପ୍ରଧାନ, ପି.: ମହନ୍ତର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୭୩ | ୩୨୩ | ୧୦୩୫ | ୦.୧୮୦ | ୦.୦୩୦ | ପଦର | କାଶି ଗୌଡ଼, ପି.: ତାରିଣୀ ଗୌଡ଼, ଜା: ଗୌଡ଼, ବା: ନିଜଗାଁ | |
| ୭୪ | ୩୨୮ | ୧୩୧୬ | ୦.୧୭୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ରାଧା ଚୌଧୁରୀ, ସ୍ୱା.: କୁରିଆ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୧୩୨୬ | ୦.୦୯୦ | ୦.୦୮୫ | | | |
| ୭୫ | ୩୩୭ | ୧୫୬୪ | ୦.୦୭୬ | ୦.୦୩୫ | ପଦର | ଲକ୍ଷ୍ମଣ ପ୍ରଧାନ, ପି.: ସମ୍ବାରୁ ପ୍ରଧାନ, ଜା: କୁରୁମ, ବା: ମଣିଦେଇ ପେଣ୍ଟ | |

## ୫ରେ ଆନ୍ଦୋଳନକୁ ଓହ୍ଲାଇବେ ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)

ରାଜ୍ୟ ବ୍ଲକଗ୍ରାଣ୍ଟ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟରେ ଥିବା ୨୫୫୭ଟି ହାଇସ୍କୁଲର ପାଖାପାଖି ୨୫ହଜାର ଶିକ୍ଷକ ଓ କର୍ମଚାରୀ ଆସନ୍ତା ୫ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ଲେଙ୍କା କହିଛନ୍ତି, ଶିକ୍ଷକ ଓ କର୍ମଚାରୀମାନେ ଦୀର୍ଘଦିନ ଧରି ନିର୍ଯାତିତ ହୋଇଆସୁଥିଲେ ସୁଦ୍ଧା ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ହଜାର ହଜାର ଅବସରପ୍ରାପ୍ତ ଶିକ୍ଷକ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ୩୦ରୁ ୩୫ ବର୍ଷ ନିଷ୍ଠାର ସହ ସେବା ଯୋଗାଇଥିଲେ ସୁଦ୍ଧା ଅବସର ପରେ ତାଙ୍କୁ କୌଣସି ସୁବିଧା ମିଳୁନାହିଁ। ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟ ଜାରି ରହିଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଭିନ୍ନକ୍ଷମଙ୍କ ବିକାଶ ହେଲେ ଦେଶର ପ୍ରଗତି ହେବ

### ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)




ଆଲୋଚନାଚକ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଶାସନ ସଚିବ ଆର୍.ଏସ. ଗୋପାଳନଙ୍କ ସହ ଅନ୍ୟମାନେ।

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍.ଏସ. ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭିନ୍ନକ୍ଷମଙ୍କ ଜୀବନରେ ରୂପାନ୍ତରଣ ଆଣିବାକୁ ହେଲେ ଆମକୁ ସାମୂହିକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ଯୋଜନାଗୁଡ଼ିକର ରୂପାୟନ କରିବା ସହ ଆଗକୁ ମଧ୍ୟ ଚିନ୍ତା କରିବାକୁ ହେବ। ଭିନ୍ନକ୍ଷମଙ୍କ ବିକାଶ ହେଲେ ହିଁ ଦେଶ ଓ ରାଜ୍ୟର ପ୍ରଗତି କରିହେବ। ଭିନ୍ନକ୍ଷମଙ୍କ ନିମନ୍ତେ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ।

ସ୍ୱାଭିମାନର କାର୍ଯ୍ୟନିର୍ବାହୀ ଡ. ଶ୍ରୁତି ମହାପାତ୍ର, ସୋଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.କେ. ନନ୍ଦ, ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ, ବିଭାଗୀୟ ନିର୍ଦ୍ଦେଶକ ପାରୁଲ ପଟାୱରୀ, ସାଇଟ ସେଭର ଇଣ୍ଡିଆର ସଦସ୍ୟ ଜି. ସୁବ୍ରମଣ୍ୟମ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆୟୋଜିତ ଖୋଲା ଅଧିବେଶନରେ ଗୋଆର ଭିନ୍ନକ୍ଷମ ଆୟୁକ୍ତଙ୍କ ସଚିବ ତାହା ହାଜିକ, ମୁମ୍ବାଇ ଉଚ୍ଚ ନ୍ୟାୟାଳୟର ଆଡ୍‌ଭୋକେଟ ଓ ସଲିସିଟର କଞ୍ଚନା ପାମ୍ନାନୀ, ମୁମ୍ବାଇ ଏନ୍ଏବି ଇଣ୍ଡିଆର କାର୍ଯ୍ୟନିର୍ବାହୀ ପଲ୍ଲବୀ କଦମ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମୈତ୍ରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ବିଜୟିନୀ ମିଶ୍ର, ସକ୍ଷମର ଜାତୀୟ ସଭାପତି ପ୍ରଫେସର ଦୟାଲ ସିଂ ପନୱାର୍, ସମର୍ଥନ ଟ୍ରଷ୍ଟ ବେଙ୍ଗାଲୁରୁର ପ୍ରତିଷ୍ଠାତା ପରିଚାଳନା ଟ୍ରଷ୍ଟି ଡ. ମହାନ୍ତେଶ ଜି.କେ., ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦୁର୍ଯ୍ୟୋଧନ ନାହାକ ଯୋଗଦେଇ ଭିନ୍ନକ୍ଷମଙ୍କୁ ଅନ୍ୟମାନଙ୍କ ପରି ସୁଯୋଗ ଦେବାକୁ କହିଥିଲେ। ବିଭାଗୀୟ ଉପଶାସନ ସଚିବ ସନ୍ନ୍ୟାସୀ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ବିତ୍ତ ପରାମର୍ଶଦାତା ଜୟଶ୍ରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବିବାଦୀୟ ମନ୍ତବ୍ୟ ପାଇଁ କ୍ଷମା ମାଗିଲେ ଶୁଭଙ୍କର

ପୁରୀ,୨।୧୨(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ସମ୍ପର୍କିତ ବିବାଦୀୟ ଟିପ୍ପଣୀକୁ ନେଇ ବିଭିନ୍ନ ମହଲରେ ସମାଲୋଚିତ ହେବା ପରେ ଦେଶର ଜଣାଶୁଣା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରା ମଙ୍ଗଳବାର କ୍ଷମା ମାଗିଛନ୍ତି। ମିଶ୍ରା ନିଜ ୟୁ-ଟ୍ୟୁବ୍ ଚ୍ୟାନେଲରେ କ୍ଷମା ପ୍ରାର୍ଥନା କରିବା ସହ ବିବାଦୀୟ ଭିଡିଓକୁ ହଟାଇଦେଇଛନ୍ତି।

ସେ କହିଛନ୍ତି, ଗତ ୨୪ ଘଣ୍ଟା ଭିତରେ ଅନେକ ଫୋନ ଓ ମେସେଜ ତାଙ୍କ ପାଖକୁ ଏ ନେଇ ଆସିଛି। ସେ କ'ଣ ପାଇଁ ଭୁଲ ତଥ୍ୟ ଉପସ୍ଥାପନ କରି ଭକ୍ତଙ୍କୁ ବିଭ୍ରାନ୍ତି କରୁଛନ୍ତି ବୋଲି ପ୍ରଶ୍ନ କରାଯାଇଛି। ତେବେ ସେ ଜଗନ୍ନାଥଙ୍କ ଜଣେ ଛୋଟ ଭକ୍ତ। ତାଙ୍କୁ ଯେବେ ସୁଯୋଗ ମିଳେ, ସେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ମହାପ୍ରଭୁଙ୍କ ମହିମାକୁ ଅଧିକ ଜାଣିବାକୁ ଚାହାନ୍ତି ଓ ଦର୍ଶକଙ୍କୁ ଜଣାଇବାକୁ ଚାହାନ୍ତି। ତେବେ ସେ ଯେଉଁ ମନ୍ତବ୍ୟ ଦେଇଥିଲେ, ତାହା ଗୁଗଲ୍‌ରେ ଉପଲବ୍ଧ ଅଛି। ଅନେକ ଧାର୍ମିକ ଚ୍ୟାନେଲ ସହ ମଞ୍ଚରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେଣୁ ତାହା ତାଙ୍କର ନିଜ କଥା ନୁହେଁ। ଲୋକ କଥା ଓ ପୌରାଣିକ କାହାଣୀ ଯାହା ରହିଛି, ତାହାକୁ ସେ ଉପସ୍ଥାପନ କରିଥିଲେ। ତେବେ ଏପରି କଥାରେ କୌଣସି ସତ୍ୟତା ନ ଥିବା ଓ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରୁଥିବା ନେଇ ଅଭିଯୋଗ ହେବା ପରେ ଉକ୍ତ ଭିଡିଓ ସେ ତାଙ୍କ ୟୁ ଟ୍ୟୁବ୍ ଚ୍ୟାନେଲ୍‌ରୁ ହଟାଇ ଦେଇଛନ୍ତି। ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା। ଜାଣିଶୁଣି କାହା ଆସ୍ଥାକୁ ଆଘାତ କରିବା ଉଦ୍ଦେଶ୍ୟ ନ ଥିଲା। ପୁରୀ ତାଙ୍କ ଘର ପରି। ମହାପ୍ରଭୁ ହେଉଛନ୍ତି ତାଙ୍କର ଆରାଧ୍ୟ। ଯଦି ଭିଡିଓ ମାଧ୍ୟମରେ ଅଗଣିତ ଓଡ଼ିଆ ଭଉଣୀଭାଇ ଓ ଜଗନ୍ନାଥପ୍ରେମୀଙ୍କ ମନକୁ ଆଘାତ ଦେଇଛି, ତେବେ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛି ବୋଲି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ନଭେମ୍ବର ୨୯ରେ ମିଶ୍ରା ତାଙ୍କ ପଡ୍‌କାଷ୍ଟରେ କହିଥିଲେ ଯେ, ବିବାହ ପୂର୍ବରୁ ଯଦି କେହି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ, ତେବେ ସେମାନଙ୍କ ପ୍ରେମ କେବେ ବି ସଫଳ ହେବ ନାହିଁ। ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇପାରିବେ ନାହିଁ। ଯଦି ସମ୍ପର୍କକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି, ତେବେ ଶ୍ରୀମନ୍ଦିରକୁ ଯିବେ ନାହିଁ ବୋଲି ମିଶ୍ରା ତାଙ୍କ ପଡ୍‌କାଷ୍ଟରେ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ରହିଛି ବୋଲି କାରଣ ଭାବେ ସେ ଦର୍ଶାଇଥିଲେ। ଏହି ମନ୍ତବ୍ୟକୁ ଜଗନ୍ନାଥପ୍ରେମୀ ତୀବ୍ର ବିରୋଧ କରିଥିଲେ। ଏ ନେଇ ନଭେମ୍ବର ୩୦ରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ମିଶ୍ରା ପୁରୀ ଆସି କ୍ଷମା ମାଗିବାକୁ ସେବାୟତମାନେ ଦାବି କରିଥିଲେ। ଏପରିକି ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ ଓ ଭୁଲ୍ ତଥ୍ୟ ଦେବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଥିଲେ। ଫଳରେ ଶୁଭଙ୍କରଙ୍କ ଅଡୁଆ ବଢ଼ିବାରେ ଲାଗିଥିଲା।

# କଳାହାଣ୍ଡି କୃଷକଙ୍କ ଝିଅ ଜାତୀୟସ୍ତରର ତୀରନ୍ଦାଜ୍

### ବେଦାନ୍ତର ପ୍ରୋତ୍ସାହନ ଦେଲା ସଫଳତା




ରଚନା ମାଝୀ

ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା)

କଳାହାଣ୍ଡି ଜିଲା ଚାନାଲିମା ଗାଁର ଆଦିବାସୀ ଝିଅ ରଚନା ଆଜି ଜଣେ ଜାତୀୟସ୍ତରୀୟ କ୍ରୀଡ଼ାବିତ୍। ଛୋଟବେଳେ ପାଠପଢ଼ା ସହ ଘରକାମ ଓ ଚାଷଜମିରେ ମାଆଙ୍କୁ ସାହାଯ୍ୟ କରୁଥିବା ୧୭ ବର୍ଷୀୟା ଏହି ଝିଅ ରାଜ୍ୟର ଯୁବ ତୀରନ୍ଦାଜ୍ ଭାବେ ନୂଆ ପରିଚୟ ପାଇଛନ୍ତି। ପିତା ନବୀନ ମାଝୀଙ୍କ ଦେହାନ୍ତ ପରେ ରଚନା ଏବଂ ତାଙ୍କ ବଡ଼ଭଉଣୀଙ୍କୁ ମା' ଚମ୍ପା ମାଝୀ ବହୁ କଷ୍ଟରେ ଲାଳନପାଳନ କରିଥିଲେ। ସୀମିତ ସାଧନ ଏବଂ କ୍ରୀଡ଼ା ପ୍ରତି କୌଣସି ଅଭିଜ୍ଞତା ନ ଥିବାରୁ ରଚନା କେବେ ବି ପାଠପଢ଼ା ଏବଂ ଚାଷ ବାହାରେ ଭବିଷ୍ୟତର କଳ୍ପନା କରି ନ ଥିଲେ। ହେଲେ ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ତାଙ୍କୁ ସ୍ୱପ୍ନ ଦେଖାଇବା ସହ ବାସ୍ତବ ରୂପ ଦେବାକୁ ପ୍ରୋତ୍ସାହିତ କରିଥିଲା। ୨୦୨୧ରେ ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମର ସଂଯୋଜକମାନେ ଲାଞ୍ଜିଗଡ଼ରେ ଥିବା ରଚନାଙ୍କ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ତୀରନ୍ଦାଜୀ ଲାଗି ଉତ୍ସାହିତ କରିଥିଲେ। ରଚନା ଏଥିପାଇଁ ଆଗଭର ହେବା ସହ ଉପଯୁକ୍ତ ଉପକରଣ, ପୁଷ୍ଟିସାଧନ ସହାୟତା ଏବଂ ଗାଇଡେଡ୍ କୋଚିଂ ସୁବିଧା ସହିତ ଏକ ସଂଗଠିତ ପରିବେଶରେ ତାଲିମ୍ ନେବା ଆରମ୍ଭ କରିଥିଲେ। ୨୦୨୨ରେ ସେ ଓପନ ଷ୍ଟେଟ୍ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାଗନେଇ ରୌପ୍ୟ ଜିତିଥିଲେ, ଯାହା ତାଙ୍କର ପ୍ରଥମ ପ୍ରମୁଖ ସଫଳତା। ୨୦୨୪ରେ ସେ ସ୍କୁଲ ଷ୍ଟେଟ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଏବଂ ଓପନ ଷ୍ଟେଟ୍ ଚାମ୍ପିୟନଶିପରେ ଆଉ ଏକ ରୌପ୍ୟ ହାସଲ କରିଥିଲେ। ୨୦୨୫ରେ ଏସ୍‌ଜିଏଫ୍ଆଇ ପରିଷଦ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ସହ ସବ୍‌ଜୁନିୟର୍ ଜାତୀୟ ତୀରନ୍ଦାଜୀ ଚାମ୍ପିୟନ୍‌ଶିପ୍‌ରେ ଭାଗନେବାର ସୁଯୋଗ ପାଇଥିଲେ। ତାଙ୍କ ପ୍ରଶିକ୍ଷକ ଶମ୍ଭୁନାଥ ପରିଡ଼ା କହିଛନ୍ତି, ରଚନା ଶୀଘ୍ର ଶିଖନ୍ତି, ଶୀଘ୍ର ଖାପଖୁଆଇ ନିଅନ୍ତି ଏବଂ ନିଜ ବୟସଠୁ ସେ ଅଧିକ ପରିପକ୍ୱ।

ସୂଚନାଥାଉ କି, ୨୦୧୮ରେ ଲାଞ୍ଜିଗଡ଼ରେ ଆରମ୍ଭ ହୋଇଥିବା ବେଦାନ୍ତ ଆଲୁମିନିୟମ୍‌ର ତୀରନ୍ଦାଜୀ କାର୍ଯ୍ୟକ୍ରମ ବର୍ତ୍ତମାନ ୩୦୦ରୁ ଅଧିକ ଗ୍ରାମୀଣ ଏବଂ ଆଦିବାସୀ ପିଲାଙ୍କୁ ତାଲିମ ଦେଉଛି। ଜାତୀୟସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ, ଏକ୍ସପୋଜ୍‌ର ସୁଯୋଗ ଏବଂ ଅଲିମ୍ପିୟାନ ରାହୁଲ ବାନାର୍ଜୀଙ୍କ ପରାମର୍ଶ ପ୍ରଦାନ କରୁଛି। ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯେତେବେଳେ ସୁଯୋଗ ତୃଣମୂଳସ୍ତରରେ ପହଞ୍ଚେ, ରଚନାଙ୍କ ଭଳି ଯାତ୍ରା ପ୍ରତିଫଳିତ କରେ ଯେ ସବୁକିଛି ସମ୍ଭବ। ଗ୍ରାମାଞ୍ଚଳର ଯୁବ ପ୍ରତିଭାମାନଙ୍କୁ ପ୍ରଶିକ୍ଷଣ, ଏକ୍ସପୋଜର ଏବଂ ସମର୍ଥନ ପ୍ରଦାନକରି ସେମାନଙ୍କୁ ସଶକ୍ତ କରିବା ବେଦାନ୍ତର ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ରାଜ୍ୟରେ ୨ଲକ୍ଷ ୧୫ ହଜାର ୨୨୨ ଶିଶୁ ଶ୍ରମିକ

ଭୁବନେଶ୍ୱର,୨।୧୨(ତ୍ରିନାଥ ମହାନ୍ତି)

### ୭୦,୩୬୦ ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ପାଇଁ ଅନୁମତି ପ୍ରଦାନ

ରାଜ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ରାଜ୍ୟ ସରାକାରଙ୍କ ଦ୍ୱାରା ୯ଟି ବିଭାଗ ସମନ୍ୱୟରେ ଏକ ରାଜ୍ୟ କାର୍ଯ୍ୟ ଖସଡ଼ା କାର୍ଯ୍ୟକାରୀ ଶ୍ରମ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ କରାଯାଉଛି। ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬କୁ କଠୋର ଭାବରେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଏବଂ ଅନ୍ୟ ଅଂଶଦାରମାନଙ୍କୁ ନିୟମିତ ସମୟ ବ୍ୟବଧାନରେ ପ୍ରଶିକ୍ଷଣ ଦିଆଯିବା ସହିତ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ବିଧାନସଭାରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏକ ଲିଖିତ ପ୍ରଶ୍ନର ଉତ୍ତର ରଖି ଏହା କହିଛନ୍ତି। ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ବଶେଷ ସର୍ବେକ୍ଷଣ କରାଯାଇଥିଲା। ସର୍ଭେରେ ୨ ଲକ୍ଷ ୧୫ ହଜାର ୨୨୨ଜଣ ଶିଶୁ ଶ୍ରମକ ଚିହ୍ନଟ କରାଯାଇଛି। ସେହିପରି ଅନ୍ୟଏକ ପ୍ରଶ୍ନର ଉତ୍ତରରେ ଜିଲାସ୍ତରରେ ୧ହଜାର ୧୦୭ଜଣ ଠିକାଦାରଙ୍କୁ ବାହାର ରାଜ୍ୟରେ ୭୦ ହଜାର ୩୬୦ ଜଣ ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ତୋଫାନ



@ ସୂର୍ଯ୍ୟକାନ୍ତ



@ ପ୍ରିୟବ୍ରତ



@ ଅମ୍ବିକା



@ ଆଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକରରେ) | ଅର୍ଜିତ ହେବାକୁଥିବା ଜମିର ପରିମାଣ (ଏକରରେ) | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୭୬ | ୩୪୯ | ୪୩୭ | ୦.୦୭୦ | ୦.୦୭୦ | ପଦର | ଲିଙ୍ଗରାଜ ପଣ୍ଡା, ଲକ୍ଷ୍ମୀ ଚରଣ ପଣ୍ଡା, ବିପ୍ର ପଣ୍ଡା, ପି.: ରଘୁନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୪୩୮ | ୦.୦୫୦ | ୦.୦୫୦ | | | |
| | | ୪୩୯ | ୦.୦୩୦ | ୦.୦୨୦ | | | |
| | | ୪୪୫ | ୦.୦୨୫ | ୦.୦୦୫ | | | |
| | | ୭୧୩ | ୦.୧୫୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | | |
| ୭୭ | ୩୫୨ | ୫୭୩ | ୦.୩୫୫ | ୦.୦୪୦ | ପଦର | ଶଶି ପ୍ରଧାନ, ସ୍ୱା.: ଖଲି ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| ୭୮ | ୩୫୯ | ୬୩୮ | ୦.୦୯୫ | ୦.୦୯୫ | ପଦର | ସମ୍ଭାରି ପ୍ରଧାନ, ପି.: କନ୍ଧ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | କେନାଲରେ ୦.୦୩୦ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୪୮୦ | ୦.୦୮୦ | ୦.୦୦୫ | ବିଲ ଜଳସେଚିତ ଦୋଫସଲି | | |
| ୭୯ | ୩୬୦ | ୩୦୫୯ | ୦.୧୨୦ | ୦.୦୩୦ | ବିଲ ଜଳସେଚିତ ଦୋଫସଲି | ସମ୍ଭାରୁ ପ୍ରଧାନ, ପି.: କନ୍ଧ ପ୍ରଧାନ, ନିରଞ୍ଜନ ପ୍ରଧାନ, ପି.: ନଟବର ପ୍ରଧାନ, ତମାଳ ପ୍ରଧାନ, ସୁଜନ ପ୍ରଧାନ, ପି.: ଉଜଳ ପ୍ରଧାନ, ରୁପା ପ୍ରଧାନ, ମାଗତାଣୀ ପ୍ରଧାନ, ସ୍ୱା.: ଉଜଳ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୮୦ | ୩୭୧ | ୧୦୩୩ | ୦.୧୬୦ | ୦.୦୨୫ | ପଦର | ଶ୍ୟାମ ମହାଙ୍କୁଡ଼, ପି.: ଦାସ ମାହାଙ୍କୁଡ଼, ଜା: ଗୌଡ଼, ବା: ମଣିଦେଇପେଣ୍ଠ | |
| ୮୧ | ୩୭୪ | ୨୭୫୭ | ୦.୧୬୮ | ୦.୧୧୫ | ବିଲ ଜଳସେଚିତ ଦୋଫସଲି | ସୀମାଞ୍ଚଳ ହୋତା, ଶରତ ଚନ୍ଦ୍ର ହୋତା, ପି.: ହରିକୃଷ୍ଣ ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୨ | ୩୯୧ | ୧୩୫୪ | ୦.୩୩୦ | ୦.୦୬୦ | ବିଲ ଜଳସେଚିତ ଦୋଫସଲି | ସୀମାଞ୍ଚଳ ସାହୁ, ପି.: ଅଭିମନ୍ୟୁ ସାହୁ, ଗୋବିନ୍ଦ ସାହୁ, କ୍ଷେତ୍ର ସାହୁ, ପି.: ଅନିରୁଦ୍ଧ ସାହୁ, ଜା: ଶୁଣ୍ଡି, ବା: ନିଜଗାଁ | |
| ୮୩ | ୪୦୫ | ୧୦୩୬ | ୦.୩୩୫ | ୦.୦୬୫ | ପଦର | ସୁରେନ୍ଦ୍ର ବେହେରା, ପି.: ବରଜ ବେହେରା, ଜା: କୁରୁମ, ବା: ନିଜଗାଁ | |
| ୮୪ | ୪୧୧ | ୩୦୨୬ | ୦.୩୦୦ | ୦.୦୯୦ | ବିଲ ଜଳସେଚିତ ଦୋଫସଲି | ଶୋଭାବତୀ ପଣ୍ଡା, ସ୍ୱା.: ଯୁଧିଷ୍ଠିର ପଣ୍ଡା, ଜା: ବ୍ରାହ୍ମଣ, ବା ; ଭୀଷ୍ମଗିରି | |
| ୮୫ | ୪୧୪ | ୯୯୪ | ୦.୬୩୫ | ୦.୨୦୫ | ବଗାୟତ ଦୁଇ | ଶ୍ରୀ ଚୈତନ୍ୟ ମହାପ୍ରଭୁ ବିଜେ ପୋଡ଼ାମାରି ମାର୍ଫତ ବା: ସୋମନାଥ ଦାଶ, ଗୁରୁବାବାଜୀ ଚୈତନ୍ୟ ଦାଶ, ଜା: ବୈଷ୍ଣବ, ବା: ପୋଡ଼ାମାରି | |
| | | ୧୦୧୦ | ୦.୮୩୦ | ୦.୦୭୫ | | | |
| | | ୩୪୮୧ | ୦.୫୩୦ | ୦.୨୭୦ | ବିଲ ଜଳସେଚିତ ଦୋଫସଲି | | |
| ୮୬ | ୪୧୭ | ୩୪୮୪ | ୦.୦୬୦ | ୦.୦୬୦ | ବିଲ ଜଳସେଚିତ ଦୋଫସଲି | ହରି ପ୍ରଧାନ, କ୍ଷେତ୍ର ପ୍ରଧାନ, ପି.: ଉଜଳ ପ୍ରଧାନ, ଜା: କୁରୁମ, ବା: ନିଜଗାଁ, ଜାରିଲି ପ୍ରଧାନ, ଝୁମ୍ପା ପ୍ରଧାନ, ପି.: ବୁଦ୍ଧିଆ ପ୍ରଧାନ, ଅପର୍ତ୍ତି ପ୍ରଧାନ, ସ୍ୱା.: ବୁଦ୍ଧିଆ ପ୍ରଧାନ, ଜା: କୁରୁମ, ବା: ଫାସିଗୁଡ଼ା | ଗୋଚର ପ୍ରତି ବଦଳରେ |
| | | ୫୫୪ | ୦.୦୩୦ | ୦.୦୩୦ | | | |
| ୮୭ | ୪୧୮ | ୩୮୭ | ୦.୦୯୦ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ହରିହର ଦାଶ, ପି.: ଲକ୍ଷ୍ମଣ ଦାଶ, ସୀମାଞ୍ଚଳ ଦାଶ, ପି.: ରାମଚନ୍ଦ୍ର ଦାଶ, ରୁନୁ ଦାଶ, ପି.: ରଘୁନାଥ ଦାଶ, ଚନ୍ଦ୍ରମା ଦାଶ, ସ୍ୱା.: ରଘୁନାଥ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୪୨୮ | ୦.୧୯୦ | ୦.୧୪୦ | | | |
| ୮୮ | ୪୨୭/୧୫ | ୫୫୫ | ୦.୦୭୦ | ୦.୦୪୫ | ବିଲ ଅଣଜଳସେଚିତ ଦୁଇ | ଶଶି ପ୍ରଧାନ, ସ୍ୱା.: ଖଲି ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| ୮୯ | ୪୨୭/୧୬ | ୫୫୭ | ୦.୧୪୦ | ୦.୦୬୫ | ବିଲ ଅଣଜଳସେଚିତ ଦୁଇ | ଶଶି ପ୍ରଧାନ, ସ୍ୱା.: ଖଲି ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | କେନାଲରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୦୧୦ |
| ୯୦ | ୪୨୭/୩୦ | ୭୩୪ | ୦.୧୪୫ | ୦.୦୧୫ | ପଦର | ପାଣ୍ଡବ ନାୟକ, ପି.: ଦଣ୍ଡପାଣି ନାୟକ, ଜା: କୁରୁମ, ବା: ଦୋଳବ | |
| ୯୧ | ୪୨୭/୪୫ | ୨୫୮୫ | ୦.୨୧୦ | ୦.୧୫୦ | ବିଲ ଜଳସେଚିତ ଦୋଫସଲି | ଗଙ୍ଗାଧର ପ୍ରଧାନ, ପି.: ଦଣ୍ଡପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୨୫୮୪ | ୦.୫୪୦ | ୦.୦୪୦ | | | |
| ୯୨ | ୪୨୭/୫୦ | ୧୪୬୪ | ୦.୨୭୦ | ୦.୧୯୦ | ବିଲ ଜଳସେଚିତ ଦୋଫସଲି | ଲକ୍ଷ୍ମୀ ଚରଣ ଦାସ, ପି.: ନଟବର ଦାସ, ଜା: ବ୍ରାହ୍ମଣ, ବା: ବାଙ୍ଗରଡ଼ା | |
| ୯୩ | ୪୨୭/୫୬ | ୧୩୨୫ | ୦.୧୬୩ | ୦.୦୬୦ | ବିଲ ଜଳସେଚିତ ଦୋଫସଲି | ମନାସ ଚୌଧୁରୀ, ସ୍ୱା.: ତବତିଆ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୯୪ | ୪୨୭/୬୪ | ୧୩୧୨ | ୦.୦୮୦ | ୦.୦୫୦ | ବିଲ ଜଳସେଚିତ ଦୋଫସଲି | ଖଲିଆ ନାୟକ, ପି.: ମହରଗି ନାୟକ, ଜା: କୁରୁମ, ବା: ଛଣମେରୀ | |
| ୯୫ | ୪୨୭/୧୦୪ | ୪୨୭ | ୦.୧୭୦ | ୦.୧୭୦ | ବିଲ ଅଣଜଳସେଚିତ ଦୁଇ | ସରସ୍ୱତୀ ସାହୁ, ସ୍ୱା.: ସୀମାଞ୍ଚଳ ସାହୁ, ଜା: ସୁଣ୍ଡି, ବା: ବାଙ୍ଗରଡ଼ା | କେନାଲରେ ୦.୦୮ ଗୋଚର ପ୍ରତି ବଦଳରେ ୦.୦୯୦ |
| ୯୬ | ୪୨୭/୧୧୨ | ୧୪୨୦ | ୦.୨୩୫ | ୦.୧୩୦ | ବିଲ ଜଳସେଚିତ ଦୋଫସଲି | ଅରକ୍ଷିତ ଚୌଧୁରୀ, ପି.: ଅର୍ଜୁନ ଚୌଧୁରୀ, ଜା: କୁରୁମ, ବା: ବାଙ୍ଗରଡ଼ା | |
| ୯୭ | ୪୨୭/୧୨୬ | ୩୪୯୪ | ୦.୯୦୦ | ୦.୧୮୦ | ବିଲ ଜଳସେଚିତ ଦୋଫସଲି | ପାର୍ବତୀ ପ୍ରଧାନ, ସ୍ୱା.: ଟୁନା ପ୍ରଧାନ, ଜା: କୁରୁମ, ବା: ବାହାଡାଗୁଡ଼ା | |
| ୯୮ | ୪୨୭/୧୩୯ | ୨୭୯ | ୦.୧୫୦ | ୦.୦୩୫ | ପଦର | ଇଷ୍ଟେର୍ନ୍ ହେଚେରୀ ପ୍ରାଇଭେଟ ଲିମିଟେଡ କମ୍ପାନୀ ତରଫେ ଜେନେରାଲ ମ୍ୟାନେଜର ଦୀପକ କୁମାର ସାନ୍ୟାଲ୍, ପି.: ପରେଶ ନାଥ ସାନ୍ୟାଲ, ଜା: ବ୍ରାହ୍ମଣ, ବା: ଅଙ୍ଗାରପଦା, ଥାନା: ଜମୀପୁର, ପୋଷ୍ଟ: ଖଇରୀ ଯଶିପୁର, ଜିଲ୍ଲା: ମୟୂରଭଞ୍ଜ | ଗୋଚର ପ୍ରତି ବଦଳରେ |
| | | ୩୫୭ | ୦.୦୯୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | | |
| | | ୪୨୬ | ୦.୨୦୦ | ୦.୨୦୦ | | | କେନାଲରେ ୦.୧୭୦ ଗୋଚର ପ୍ରତି ବଦଳରେ ୦.୦୩୦ |
| | | ୪୨୫ | ୦.୦୪୦ | ୦.୦୪୦ | | | |
| ୯୯ | ୪୨୭/୧୪୧ | ୧୩୭୧ | ୦.୦୬୦ | ୦.୦୪୫ | ବିଲ ଜଳସେଚିତ ଦୋଫସଲି | ଶୁଶିଳା ହୋତା, ସ୍ୱା.: ସୀମାଞ୍ଚଳ ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୧୫ | ୦.୨୩୫ | ୦.୦୯୫ | | | |
| | | ୧୪୧୬ | ୦.୨୧୦ | ୦.୧୫୦ | | | |
| ୧୦୦ | ୪୨୭/୧୬୦ | ୩୨୪ | ୦.୧୬୫ | ୦.୧୬୫ | ବିଲ ଅଣଜଳସେଚିତ ଦୁଇ | ଇଷ୍ଟେର୍ଣ୍ଣ ହେଚେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର, ପି.: ହରେକୃଷ୍ଣ ମିଶ୍ର, ଜା: ବ୍ରାହ୍ମଣ, ବା: ଲୁଇସ୍ ରୋଡ, ଭୁବନେଶ୍ୱର, ଖୋର୍ଦ୍ଧା | ଗୋଚର ପ୍ରତି ବଦଳରେ |
| | | ୩୭୧ | ୦.୨୧୦ | ୦.୦୯୦ | | | |
| | | ୩୨୫ | ୦.୩୫୦ | ୦.୩୨୦ | | | ଗୋଚର ପ୍ରତି ବଳଦରେ |
| ୧୦୧ | ୪୨୭/୧୬୮ | ୧୪୭୦ | ୦.୦୪୦ | ୦.୦୧୫ | ବିଲ ଜଳସେଚିତ ଦୋଫସଲି | ବିଷ୍ଣୁପ୍ରିୟା ନାୟକ, ସ୍ୱା.: ପର୍ଶୁରାମ ନାୟକ, ଜା: କୁରୁମ, ବା: ଡୋଳବ, ତହସିଲ: ସାନଖେମୁଣ୍ଡି | |
| ୧୦୨ | ୪୨୭/୧୭୩ | ୩୬୮ | ୦.୨୦୦ | ୦.୧୫୦ | ବିଲ ଅଣଜଳସେଚିତ ଦୁଇ | ଇଷ୍ଟେର୍ଣ୍ଣ ହେଚେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର, ପି.: ହରେକୃଷ୍ଣ ମିଶ୍ର, ଜା: ବ୍ରାହ୍ମଣ, ବା: ଭୁବନେଶ୍ୱର, ଲୁଇସ୍ ରୋଡ, ପ୍ଲଟ ନଂ. ୨୯୩୨ | |
| | | ୪୩୬ | ୦.୧୦୦ | ୦.୦୧୫ | | | |
| ୧୦୩ | ୪୨୭/୨୦୩ | ୧୦୦୬ | ୦.୦୮୫ | ୦.୦୦୫ | ପଦର | କଂଗ୍ରେସ ଚୌଧୁରୀ, ପି.: ତ୍ରିନାଥ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୧୦୪ | ୪୨୭/୨୦୪ | ୨୫୮୭ | ୦.୩୦୦ | ୦.୦୦୮ | ବିଲ ଜଳସେଚିତ ଦୋଫସଲି | ଦୁର୍ଗାମାଧବ ପଣ୍ଡା, ପି.: ଗୋବିନ୍ଦ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୨୫୮୬ | ୦.୨୧୫ | ୦.୧୦୫ | | | |
| ୧୦୫ | ୪୨୭/୨୨୨ | ୧୩୪୩ | ୦.୦୮୦ | ୦.୦୮୦ | ବିଲ ଜଳସେଚିତ ଦୋଫସଲି | ପାଣ୍ଡବ ବେହେରା, ପି.: ଧନୁ ବେହେରା, ଜା: କୁରୁମ, ବା: ନିଜଗାଁ | |
| ୧୦୬ | ୪୨୭/୨୪୩ | ୩୫୧ | ୦.୨୦୦ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ରମେଶ ଗୌଡ଼, ପି.: ଦଣ୍ଡାସି ଗୌଡ଼, ଜା: ଗୌଡ଼, ବା: ନିଜଗାଁ | |
| ୧୦୭ | ୪୨୭/୨୮୨ | ୧୩୭୦ | ୦.୬୦୫ | ୦.୧୬୫ | ବିଲ ଜଳସେଚିତ ଦୋଫସଲି | ବିପ୍ର ଚରଣ ଚୌଧୁରୀ, ପି.: ନକୁଳ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୧୦୮ | ୪୨୭/୨୮୩ | ୧୪୮୧ | ୦.୧୬୨ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ଉମା ଚରଣ ଚୌଧୁରୀ, ପି.: ନକୁଳ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୧୦୯ | ୪୨୭/୨୯୨ | ୧୪୬୯ | ୦.୦୨୯ | ୦.୦୧୫ | ବିଲ ଜଳସେଚିତ ଦୋଫସଲି | ସଞ୍ଜୟ କୁମାର ପ୍ରଧାନ, ପି.: ବିନୋଦ କୁମାର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୪୯୦/୩୬୩୬ | ୦.୪୬୮ | ୦.୦୬୦ | | | |
| ୧୧୦ | ୭୦ | ୭୨୬ | ୦.୨୦୦ | ୦.୦୧୦ | ପଦର | କୋରେଶୁ ବେହେରା, ସୁରେନ୍ଦ୍ର ବେହେରା, ପି.: ବରଜ ବେହେରା, ଜା: କୁରୁମ, ବା: ନିଜଗାଁ | |
| ମୋଟ – ୧୫.୧୩୮ ଏକର | | | | | | | |

କେନାଲ ଖନନ ପାଇଁ ଜମି ଅଧିଗ୍ରହଣ = ୧୨.୯୨୮

ଗୋଚର ପ୍ରତିବଦଳ ପାଇଁ ଜମି ଅଧିଗ୍ରହଣ = ୨.୨୧୦

Sd./- Spl. L.A.-cum-R&R.O. (M.I.P.)
Mahendragada (Gajapati)

OIPR-24001/14/0215/2526

# 'ଲକ୍ଷ୍ୟସ୍ଥଳ ସ୍ଥିରକରି ଆଗକୁ ବଢ଼'

**ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)**



ଯୁବୋତ୍ସବ ସମାରୋହରେ ମଞ୍ଚାସୀନ ଅତିଥିମାନେ।

କ୍ରୀଡ଼ା ଓ ଯୁବସେବା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଜିଲା ଶିକ୍ଷା ବିଭାଗ ସହଯୋଗରେ ବିକଶିତ ଭାରତ ଯୁବ ନେତୃତ୍ୱ-୨୦୨୬ ଓ ପ୍ରଗତିର ସାରଥୀ...ଆମ ଯୁବଶକ୍ତି ବାର୍ତ୍ତାକୁ ନେଇ ଏକଦିବସୀୟ ଯୁବୋତ୍ସବ ସ୍ଥାନୀୟ ବିଜେବି ହାଇସ୍କୁଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଛାତ୍ରୀଛାତ୍ରମାନେ ଅନ୍ତର୍ନିହିତ ପ୍ରତିଭା, ଶକ୍ତିକୁ ଜାଗ୍ରତ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାର୍ଥୀଙ୍କ ପ୍ରତିଭା ବିକାଶ ଦିଗରେ ଶିକ୍ଷକ, ଅଭିଭାବକଙ୍କ ପ୍ରମୁଖ ଭୂମିକା ରହିଛି। ସତନ୍ତ୍ର ଅତିଥିଭାବେ ଅର୍ଜୁନ ପୁରସ୍କାର ବିଜେତା ଓ ଅନ୍ତର୍ଜାତୀୟ ଭାରୋତ୍ତଳନକାରୀ କେ.ରବି କୁମାର ନିଜ ଜୀବନର ସଂଘର୍ଷମୟ କାହାଣୀ କହିଥିଲେ। ଅଧର୍ଯ୍ୟ ନ ହୋଇ ଏକାଗ୍ରତା, ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଲକ୍ଷ୍ୟସ୍ଥଳ ସ୍ଥିର କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଅନ୍ତର୍ଜାତୀୟ କ୍ରୀଡାବିତ୍ ହରିହର ବେହେରା କହିଥିଲେ ଯେ, ପାଠପଢ଼ା ସହ କ୍ରୀଡ଼ାର ଆବଶ୍ୟକତା ରହିଛି। ଏହା ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ କରିଥାଏ। କ୍ରୀଡ଼ା ମନକୁ ପ୍ରଫୁଲ୍ଲିତ ରଖିବା ସହ ପାଠପଢ଼ା ପ୍ରତି ଆଗ୍ରହ ବଢାଇଥାଏ। ଏଭଳି ଯୁବୋତ୍ସବ ଭାଇଚାରା, ଭାତୃତ୍ୱର ବାର୍ତ୍ତା ଦିଏ। ସମ୍ମାନିତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡ଼ା, ବିଜୟ କୁମାର ବେହେରା ଯୋଗଦେଇ ଶୃଙ୍ଖଳା, ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ।

ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କହିଥିଲେ ଯେ, ଭଲ ପାଠ ପଢ଼ିବା ସହ ସୃଜନଶୀଳତା, କ୍ରୀଡା କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କର। ମା'ବାପା ଏବଂ ବିଦ୍ୟାଳୟର ଗୌରବ ବଢ଼ାଅ। ସତନ୍ତ୍ର ଅତିଥି ଅନ୍ତର୍ଜାତୀୟ ଯୋଗ ଗୁରୁ ଚନ୍ଦ୍ରକାନ୍ତ ବାରିକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୋଗର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଜିଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନସିଂହ ଯୋଗଦେଇ କହିଥିଲେ ଯୁବଶକ୍ତି ସମାଜର ମେରୁଦଣ୍ଡ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି,

### ଜିଲାସ୍ତରୀୟ ଯୁବୋତ୍ସବ

ଜିଲା କ୍ରୀଡ଼ା ଓ ଯୁବ ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଭାପତିତ୍ୱ ଭାଷଣରେ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଚଳିତ ବର୍ଷ ଯୁବୋତ୍ସବ ବିଷୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ -୨୦୨୬ ଓ ପ୍ରଗତିର ସାରଥୀ..ଆମ ଯୁବ ଶକ୍ତି ଉପରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଅନୁଷ୍ଠିତ ପାରମ୍ପାରିକ ସଙ୍ଗୀତ, ନୃତ୍ୟ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ବକ୍ତୃତା, ଗଳ୍ପ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ଗୀତାଞ୍ଜଳି ସାହୁ ଏବଂ ରେବତୀ ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଚିଲିକାରୁ ୨୦୦ ଏକର ଘେରି ଉଚ୍ଛେଦ

**କୃଷ୍ଣପ୍ରସାଦ,୨।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ତିତିପ ରାଜସ୍ୱ ସର୍କଲ ଅଧୀନ ନୂଆଗାଁ ଓ କଙ୍କଡାଗାଡ଼ (କ) ଚିଲିକା ଅଞ୍ଚଳରୁ ଚିଲିକାରେ ହୋଇଥିବା ୨୦୦ ଏକର ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। ଘେରିରେ ବ୍ୟବହୃତ ଜାଲ, ବାଉଁଶ ଆଦି ଜବତ କରାଯିବା ପରେ ସେଗୁଡ଼ିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। ତହସିଲଦାର ବିକାଶ ସେଠୀଙ୍କ ତତ୍ତ୍ୱାବଧାନରେ ୩୦ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଶାନ୍ତିଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ରାଜସ୍ୱ ନୀରିକ୍ଷକ ଶଶାଙ୍କ ମହାରଣା, ରାଜସ୍ୱ ପରିଦର୍ଶକ


ଘେରି ଉଚ୍ଛେଦ ପରେ ଜବତ ବାଉଁଶ ଏବଂ ଜାଲକୁ ପୋଡ଼ି ଦିଆଯାଉଛି।

ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସମେତ ତହସିଲ କର୍ମଚାରୀମାନେ ସହଯୋଗ କରିଥିଲେ। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ସେଠୀ କହିଛନ୍ତି।

# ୨୦ ଫୁଟ ତଳକୁ ଖସିଲା ପିକ୍‌ଅପ୍ ଭ୍ୟାନ୍



**ବାଲୁଗାଁ,୨।୧୨(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଇପାସ୍ ୧୬ ନମ୍ବର ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକ ନିକଟରେ ମଙ୍ଗଳବାର ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ୨୦ ଫୁଟ ତଳକୁ ଖସି ଓଲଟି ପଡିଛି। ଫଳରେ ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବସନ୍ତ ଗୌଡ଼। ତାଙ୍କ ଘର ବ୍ରହ୍ମପୁର ନିକଟ ଇଚ୍ଛାପୁର ଗ୍ରାମ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ପିକ୍‌ଅପ୍ ଭ୍ୟାନ (ଓଡି ୦୨ବିଏମ୍ ୭୮୬୮) ଟି ବ୍ରହ୍ମପୁରରୁ ମାଛ ନେଇ ବାଲେଶ୍ୱର ଯାଇଥିଲା। ମଙ୍ଗଳବାର ସକାଳେ ବ୍ରହ୍ମପୁର ଫେରୁଥିବା ସମୟରେ ବାଲୁଗାଁ ବାଇପାସ୍ ସୁବୁଦ୍ଧି ପାଟଣା ଛକ ନିକଟରେ ଭାରସାମ୍ୟ ହରାଇ ଭ୍ୟାନଟି ରାସ୍ତାରୁ ୨୦ ଫୁଟ ତଳକୁ ଖସି ଯାଇଥିଲା, ପରେ ଗୋଟିଏ ଗଛକୁ ଧକ୍କା ଦେଇ ଓଲଟି ପଡିଥିଲା। ପିକ୍‌ଅପ୍ ଭ୍ୟାନରେ କେବଳ ଡ୍ରାଇଭର ଥିଲେ। ଲୋକେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଗାଡି ମାଲିକ ପହଞ୍ଚିଥିଲେ। ଗୁରତର ଡ୍ରାଇଭରଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ନାଭାଲ ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର


ଖୋର୍ଦ୍ଧା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା/ ଟାଙ୍ଗୀ,୨।୧୨ (ପ୍ରଭାତ ପାଣିଗ୍ରାହୀ/ ରଘୁନାଥ ସାହୁ)**

ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଂଘ ଆନୁକୂଲ୍ୟରେ ଆସନ୍ତା ୫ତାରିଖରେ ଭୁବନେଶ୍ୱରରେ ସମାବେଶ ଅନୁଷ୍ଠିତ ହେବ। ଏନେଇ ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୨ଜଣିଆ ପ୍ରତିନିଧିମଣ୍ଡଳି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ସନ୍ଧ୍ୟାବତୀ ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମୂଳ ପଦବୀକୁ ଅପ୍‌ଗ୍ରେଡ୍ କରି ଲେଭଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦ଟଙ୍କା ପ୍ରଦାନ, ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ପ୍ରାଥମିକ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ସରକାର ପ୍ରାଥମିକ ଶିକ୍ଷା ସ୍ତରରୁ ଚୁକ୍ତି ପ୍ରଥା ଉଠାଇବେ ବୋଲି ଘୋଷଣା କରି ସାରିଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଏନେଇ ସରକାରୀ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସଂଘ ଦାବି କରିଛି। ଦୀର୍ଘ ଦିନ ଧରି ଏହି ଦାବି ପୂରଣ ନେଇ ପୂର୍ବରୁ ବହୁବାର ଆନ୍ଦୋଳନ କରାଯାଇଥିଲା । ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ହେବ ତାହା ପୂରଣ କରାଯାଇନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। କନିଷ୍ଠ ଶିକ୍ଷକ ସଂଘର ଜିଲା ସଭାପତି ଅଶୋକ କୁମାର ସେଠୀ, ପ୍ରାଥମିକ ଶିକ୍ଷକ ସଂଘର ଅମୀୟ କୁମାର ପରିଡ଼ା, କନିଷ୍ଠ ଶିକ୍ଷକ ସଂଘର ସମ୍ପାଦକ ଦିନେଶ ମହାରଥି, ବ୍ଲକର ସଭାପତି ସୌମ୍ୟ ରଞ୍ଜନ ରଥ, ନୃସିଂହମଣି ବେହେରା, ଉପସଭାପତି ରଶ୍ମି ଦାସ, ସହସମ୍ପାଦକ ଜ୍ୟୋର୍ତିମୟୀ ନାୟକ, ରବୀନ୍ଦ୍ରନାଥ ଦାସ, ବିରଞ୍ଚି ନାରାୟଣ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ମାଧବ ଚନ୍ଦ୍ର ରଣା, ପ୍ରଭାସିନୀ ବେହେରା, ଜୟନ୍ତୀ ଦଳାଇ, ଅନନ୍ୟା ଦାସ, କୌଶଲ୍ୟା ବେହେରା, କୃତିବାସ ଦାସ, ସ୍ୱାଗତ ମହାନ୍ତି, ସୌମ୍ୟ ରଞ୍ଜନ ରଥ, ରାଜଶ୍ରୀ ଚାଟର, ଜୟନ୍ତୀ ଦଳାଇ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ମଙ୍ଗଳବାର ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ସଙ୍ଗଠନ ସମ୍ପାଦକ ସମରେଶ ବେହେରା ଓ ଅନ୍ୟ ଶିକ୍ଷକ ଶିକ୍ଷିକାମାନେ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ସଞ୍ଜୁଲତା ବେହେରାଙ୍କୁ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ, ବଳରାମ ବେହେରା, ରବୀନ୍ଦ୍ର ବେହେରା, ବିନତି ଦେଇ, ଶ୍ୱେତ ନାୟକ, ପ୍ରଭାତୀ ବଡ଼ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଯାତ୍ରୀବାହୀ ବସ୍ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯିବା ନେଇ ଦାବିପତ୍ର


ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଦେଇ ଯାତାୟାତ କରୁଥିବା ସମସ୍ତ ଘରୋଇ ବସ୍ ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯିବା ପାଇଁ ଦାବି ହୋଇଛି। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଜିଲାକୁ ୧୬ ଏବଂ ୫୭ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଛି। ପ୍ରତ୍ୟେକ ଦିନ ଶତାଧିକ ଲୋକ ବିଭିନ୍ନ ଅଞ୍ଚଳରୁ ଖୋର୍ଦ୍ଧାକୁ ଆସିଥାନ୍ତି। ତେବେ ଏକାଧିକ ବସ୍ ବସଷ୍ଟାଣ୍ଡକୁ ଆସୁ ନ ଥିବାରୁ ଯାତ୍ରୀ ହଇରାଣ ହେଉଛନ୍ତି। ୧୬ନମ୍ବର ରାଜପଥ ଦେଇ ଗଞ୍ଜାମ ଅଭିମୁଖେ ଯାତ୍ରା କରୁଥିବା ଘରୋଇ ବସ୍ ଗୁଡ଼ିକ ବସ୍‌ଷ୍ଟାଣ୍ଡ ଯିବା ପରିବର୍ତ୍ତେ ସିଧାସଳଖ ଜାତୀୟ ରାଜପଥ ଦେଇ ଯାତାୟାତ କରୁଛନ୍ତି। ଫଳରେ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବସଷ୍ଟାଣ୍ଡରେ ଅପେକ୍ଷା କରୁଥିବା ଯାତ୍ରୀ ହଇରାଣ ହେଉଛନ୍ତି। ମୁଖ୍ୟତଃ ଭୁବନେଶ୍ୱରରୁ ବ୍ରହ୍ମପୁର ଏବଂ ଗଞ୍ଜାମ ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡକୁ ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଓଭରବ୍ରିଜ ଦେଇ ଯାଉଥିବାରୁ ଓଭରବ୍ରିଜ ତଳେ ବସକୁ ଅପେକ୍ଷା କରି ରହିଥିବା ଯାତ୍ରୀ ହଇରାଣ ହେଉଛନ୍ତି। ଏପରିକି ସେମାନଙ୍କୁ ତୋଟାପଡା ଇସ୍କନ ମନ୍ଦିର ଏବଂ ଗଡ଼ଖୋର୍ଦ୍ଧା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ପାଖକୁ ଯିବାକୁ ପଡୁଛି। ପୂର୍ବରୁ ସମସ୍ତ ଯାତ୍ରୀବାହୀ ବସ୍‌ଗୁଡ଼ିକ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯିବା ଆସିବା କରୁଥିବା ବେଳେ ଏବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏହି ସମସ୍ୟାର ସମାଧାନ ଦାବି କରିଛି ସଂଘ। ଜିଲା ଶାଖା ପକ୍ଷରୁ ଜିଲା ସଭାପତି ପ୍ରକାଶ କୁମାର ହାତୀଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, ଉପ ସଭାପତି ସୟଦ ଲିୟାକତ ଅଲ୍ଲି, ଲଳିତ ମୋହନ ମହାପାତ୍ର, ରଞ୍ଜିତ ସାମନ୍ତରାୟ, ପ୍ରବୀଣ ଭାଞ୍ଜି, ଶୁଭକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲାକ୍ ସ୍ପଟ୍ ପରିଦର୍ଶନକଲେ ଏସ୍‌ପି, ପଦକ୍ଷେପ ପାଇଁ ନିର୍ଦ୍ଦେଶ



**ବାଘମାରୀ,୨।୧୨ (ମିହିର ରଞ୍ଜନ ମହାପାତ୍ର)**

ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମୀକ୍ଷା ହୋଇଯାଇଛି। ଏକ ଟିମ୍ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ, ବୋଲଗଡ଼ ଓ ବେଗୁନିଆ ଥାନା ଅଧୀନ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଟିମ୍ ତଥ୍ୟାଙ୍କନ କରି ପୁନରାବୃତି ଦୁର୍ଘଟଣାର ପ୍ରମୁଖ କାରଣ ଓ ବ୍ଲାକ୍ ସ୍ପଟ୍ ସ୍ଥାନଗୁଡ଼ିକ ଚିହ୍ନଟ କରିଥିଲେ। ବାଘମାରୀ ଥାନା ଅଧୀନରେ ଥିବା ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି। ଦୁର୍ଘଟଣାସ୍ଥଳ ପରିଦର୍ଶନ ସମୟରେ ଏସ୍‌ପି ଶର୍ମା ତତ୍କାଳ ପ୍ରତିରୋଧମୂଳକ ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷାରେ ଜାତୀୟ ରାଜପଥର ଉଚ୍ଚ ଅଧିକାରୀ, ବୋଲଗଡ଼ ଓ ବେଗୁନିଆ ତହସିଲଦାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ରାସ୍ତା ଓ ପୂର୍ତ୍ତବିଭାଗ ଯନ୍ତ୍ରୀ, ଥାନା ନିରୀକ୍ଷକ ଏବଂ ପରିବହନ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ବେଗୁନିଆ,୨।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ନୂଆସାହିସ୍ଥିତ ପତିତପାବନ ଯୁବକ ସଂଘ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ରକ୍ତଦାନଶିବିର ପାଇଁମଙ୍ଗଳବାର ସନ୍ଧ୍ୟାରେ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବକ ସଂଘ ସଭାପତି ରଶ୍ମିଚାନ୍ଦ କର ସଭାପତିତ୍ୱ କରିଥିଲେ। ଆସନ୍ତା ୧୪ତାରିଖରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଶିବିର ଆୟୋଜନ କରାଯିବା ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ସଂଘ ପକ୍ଷରୁ ୮୦ରୁ ୧୦୦ୟୁନିଟ ରକ୍ତ ପ୍ରଦାନ ନିମନ୍ତେ ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ଶେଷରେ ସଂଘ ସମ୍ପାଦକ ଗଙ୍ଗାଧର ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋକାଲ ଫର୍ ଲୋକାଲ କାର୍ଯ୍ୟକ୍ରମ

**ବେଗୁନିଆ,୨।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ 'ଭୋକାଲ ଫର୍ ଲୋକାଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଡ.ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ବିଧୁଭୂଷଣ ରାଉତ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧିପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ଭଳିକି ଭଳି ସ୍ୱଦେଶୀ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଆମ୍ବସରା, ବେସନ ଲଡୁ, କୋଳଥ ଡାଲି ଏବଂ ସଜିତା ଆଦି ଖାଦ୍ୟ ପସରା ଆକର୍ଷଣ ସାଜିଥିଲା। ସେହିପରି ହସ୍ତତନ୍ତ ବସ୍ତ୍ର, ଛିଟ କପଡା ଓ ସୁଖିଲା ବେଗୁନିଆ ପତ୍ର ପ୍ରଦର୍ଶିତ କରାଯାଇଥିଲା। ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ, ଶ୍ରାବଣୀ ପୁଷ୍ପାଞ୍ଜଳି ବେହେରା, ଶୁଭଶ୍ରୀ ପ୍ରିୟଦର୍ଶିନୀ, ସ୍ମୃତିରାଣୀ ସାହୁ, ବର୍ଷା ପ୍ରିୟଦର୍ଶିନୀ ପରିଡ଼ା ଏବଂ ଛାତ୍ର ଶାନ୍ତନୁ ପରିଡ଼ା ହସ୍ତ ତିଆରି ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ନେଇ 'ଭୋକାଲ ଫର୍ ଲୋକାଲ' ଅଭିଯାନକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ଦ୍ୱାରା ଭାରତୀୟ ହସ୍ତ କାରିଗର ଓ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବ। ସ୍ୱଦେଶୀ ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ହେବା ସହ ପୁରାତନ ଖାଦ୍ୟ ପଦାର୍ଥ ଓ ହସ୍ତ ତିଆରି ସାମଗ୍ରୀର ଚାହିଦା ବୃଦ୍ଧି ପାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁବ ରେଡକ୍ରସ ବିଭାଗର ପରାମର୍ଶଦାତା ଡ.ସତ୍ୟଜିତ ଦାସ ଏବଂ ଉମେଶ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା'ମାନଙ୍କୁ ସଶକ୍ତ କରିବ କାଗଜମୁଖା ଶିଳ୍ପ

**ବାଘମାରୀ,୨।୧୨(ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ପଞ୍ଚାୟତରେ ପାରମ୍ପରିକ କାଗଜ ମୁଖା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆୟୋଜିତ ଏହି ଶିବିରରେ ୧୫ଜଣ ମହିଳା ଜଣେ ନିପୁଣ ଶିଳ୍ପୀଙ୍କଠାରୁ ୬ମାସ ପର୍ଯ୍ୟନ୍ତ ତାଲିମ ନେବାର ଯୋଜନା ରହିଛି। ଏହି ଶିବିର ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା, ହସ୍ତଶିଳ୍ପ ବିକାଶ ଅଧିକାରୀ ମୋନାଲିସା ମିଶ୍ର ଉପସ୍ଥିତ ରହି ବାଘମାରୀର ବରିଷ୍ଠ ଶିଳ୍ପୀ ପ୍ରମୋଦ କୁମାର ପଣ୍ଡାଙ୍କୁ ନିପୁଣ ଶିଳ୍ପୀ ଭାବେ ତାଲିମ ଦେବା ପାଇଁ ନିଯୋଜିତ କରିଥିଲେ। ସହକାରୀ ନିର୍ଦ୍ଦେଶକ ପଣ୍ଡା ବୁଡ଼ିଯାଉଥିବା ପାରମ୍ପରିକ କାଗଜ ମୁଖାର ପୁନରୁଦ୍ଧାରରେ ତାଲିମ ଶିବିର ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। କାଗଜ ମୁଖାର ଭବିଷ୍ୟତ ଅତି ଉଜ୍ଜ୍ୱଳ ଥିବା ହସ୍ତଶିଳ୍ପ ବିକାଶ ଅଧିକାରୀ ମିଶ୍ର ପ୍ରକାଶ କରିଥିଲେ। ସ୍ଥାନୀୟ ମହିଳାଙ୍କ ସଶକ୍ତୀକରଣ ପାଇଁ ଏହି ପଦକ୍ଷେପକୁ ଆଞ୍ଚଳିକ ଶିଳ୍ପୀ ସଂଘ ସଂଯୋଜକ କଳ୍ପତରୁ ପଣ୍ଡା ସ୍ୱାଗତ କରିବା ସହ ଆୟୋଜକ ତଥା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବେଗୁନିଆ,୨।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟରେ ଦୁଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୩୦ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରୁ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରାଯାଇ ବିଦ୍ୟାଳୟ ପରିସରେ ପହଞ୍ଚିଥିଲା। ପ୍ରଧାନଶିକ୍ଷକ ବିଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ ଏବଂ ପୂର୍ବତନ ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉପେନ୍ଦ୍ର ଦାସ କ୍ରୀଡ଼ା ପତାକା ଅବତରଣ କରିଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**କୃଷ୍ଣପ୍ରସାଦ,୨।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**



ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥି।

କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ବାଘମୁଣ୍ଡା ନୂଆଗାଁ ପରିସରରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିଜ୍ଞାନ ମେଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଠାଣିସାମନ୍ତ ପ୍ଲାନେଟୋରିୟମ ଅବସରପ୍ରାପ୍ତ ବୈଜ୍ଞାନିକ ଡ.ଶୁଭେନ୍ଦୁ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ସର୍ବଭାରତୀୟ ଶିକ୍ଷକ ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କେଳୁ ଚରଣ ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପୁରାତନ ଛାତ୍ର ସଂସଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ମଣ୍ଡଳ ଉପ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ହରିହର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ବାନାମ୍ବର ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ବେହେରା, ସାତପଡ଼ା ସର୍କଲ ଶିକ୍ଷକ ସଂଘ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ମାଲୁଦ ସର୍କଲ ଶିକ୍ଷକ ସଂଘ ସଭାପତି ବିମଳ କୁମାର ରଣସିଂହ, ନୂଆପଡା ସର୍କଲ ଶିକ୍ଷକ ସଂଘ ସଭାପତି ବସନ୍ତ କୁମାର ଜାଲି, କୃଷ୍ଣପ୍ରସାଦ ଓଷ୍ଟା ସମ୍ପାଦକ ନବ କିଶୋର ପ୍ରଧାନ, ନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ବାସୁଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବୁଲି ଦେଖୁଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୧୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଜିଲାସ୍ତରକୁ ମନୋନୀତ ହୋଇଥିବା କୃତୀ ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜନ କୁମାର ଜେନା ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଦର୍ଶନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମେଳାରେ ବ୍ଲକର ସିଆର୍‌ସିସି ବିରଞ୍ଚି ନାରାୟଣ ସୁଆର, ଦାଶରଥି ଶତପଥୀ, ଧ୍ରୁବ ଚରଣ ପ୍ରଧାନ, ରମେଶ ବେହେରା, ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ନାୟକ, ସପନ ବରାଳଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ, ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ବିଭିନ୍ନ ଶିକ୍ଷକ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅଭିରାମ କେଇ, ବୈକୁଣ୍ଠ ନାଥ ବଳବନ୍ତରାୟ, ପରୀକ୍ଷିତ ମହାରଣା, ରାମଚନ୍ଦ୍ର ଜାଲି, ଅଶୋକ କୁମାର ପ୍ରଧାନ, ସାତପଡ଼ା ସର୍କଲ ସମ୍ପାଦକ ବସନ୍ତ କୁମାର ଜେନା, ସତ୍ୟ ନାରାୟଣ ପ୍ରଧାନ, ସଂଗ୍ରାମ ବେହେରା, ଜୁଏଲ ମଣ୍ଡଳ, ମୋହନ ସୁନ୍ଦର ବାରିକ, ବଟ କୃଷ୍ଣ ବାରିକ, ବାସନ୍ତୀ ପରିଡା, ଅର୍ଚ୍ଚନା ବେହେରା, ନୌସାଦ ଆଲାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୋଲିସ ମୁଖ୍ୟାଳୟ ପାଇଁ ଖର୍ଚ୍ଚ ହେବ ୫.୯୩ କୋଟି

ଭୁବନେଶ୍ୱର,୨।୧୨(ତ୍ରିନାଥ ମହାନ୍ତି)

ରାଜ୍ୟ ପୋଲିସ ମୁଖ୍ୟାଳୟର ଉନ୍ନତି ପାଇଁ ୫.୯୩ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି। ଏଥିମଧ୍ୟରୁ ୨ କୋଟି ଟଙ୍କା ଓଏସ୍‌ପିଏଚ୍ ଏବଂ ଡବ୍ଲୁସିଏଲ୍‌ଡିପାଇଁରଖାଯାଇଛି।୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ପୋଲିସ ମୁଖ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୧୪୫୮.୬୯ ଲକ୍ଷ ଟଙ୍କା (ଆବାସିକ ଏବଂ ଅଣ-ଆବାସିକ) ଯୋଗାଇ ଦିଆଯାଇଛି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ ହୋଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟର ଉନ୍ନୟନ ପାଇଁ ପ୍ରସ୍ତାବ ପାଇବା ପରେ ପୋଲିସ ବାରାକ, କ୍ୱାର୍ଟର୍ସ ଏବଂ ବକ୍ସିବଜାର କଟକରେ ସମନ୍ୱିତ ଓ ବିସ୍ତାରିତ ପୋଲିସ ମୁଖ୍ୟାଳୟ ସମେତ ଅନ୍ୟ ପୋଲିସ ବିଲ୍ଡିଂ କାମ କରାଯିବାର ଯୋଜନା ରହିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ପ୍ରଶ୍ନର ଉତ୍ତର ରଖି ଏହା କହିଛନ୍ତି।

# ବାରବାଟୀ କ୍ରିକେଟ
# ଦ୍ୱୈତନଗରୀରେ ସୁରକ୍ଷା ବଢ଼ିଲା
## ଷ୍ଟାଡିୟମ ଭିତରକୁ ପାଣି ବୋତଲ, କଏନ, କଲମ ମନା

ଭୁବନେଶ୍ୱର,୨।୧୨(ତ୍ରିନାଥ ମହାନ୍ତି)

■ ବିମାନବନ୍ଦର, ହୋଟେଲ ଏବଂ ଫ୍ୟାନ୍ ଜୋନ୍‌ରେ ସୁରକ୍ଷା କଡ଼ାକଡ଼ି
■ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ଆସନ୍ତା ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ବିଭାଗକୁ ନେଇ ପୋଲିସ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଖେଳାଳିଙ୍କ ସୁରକ୍ଷା, ରହଣି ଏବଂ ମ୍ୟାଚ୍ ସମୟରେ ଯେପରି କିଛି ବିଶୃଙ୍ଖଳା ବା ଅଘଟଣ ନ ଘଟେ, ସେନେଇ ଆଲୋଚନା କରାଯାଇଛି। କ୍ରୀଡ଼ା ବିଭାଗ, ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସମେତ ବିମାନବନ୍ଦର କର୍ତ୍ତୃପକ୍ଷ, କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ, ମୁଖ୍ୟ ଇଞ୍ଜିନିୟର, ମେ' ଫେୟାର ହୋଟେଲ କର୍ତ୍ତୃପକ୍ଷ, ସିଆଇଏସ୍‌ଏଫ୍ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ଯୋଗଦେଇଥିଲେ। ଖେଳାଳିମାନେ ୮ତାରିଖ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଖେଳାଳିମାନେ ଏୟାରପୋର୍ଟ ଛକ, ଏଜି ଛକ ପରେ ଲୋକ ଭବନ ଦେଇ ସିଧା ମେ' ଫେୟାର ହୋଟେଲରେ ପହଞ୍ଚିବେ। ସେଠାରୁ ସନ୍ଧ୍ୟାରେ ବାରବାଟୀ ଯାଇ ଖେଳ ଅଭ୍ୟାସ କରି ପୁଣି ରାତିରେ ଫେରି ମେ ଫେୟାର ହୋଟେଲରେ ରହିବେ। ୯ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଖେଳାଳିମାନେ ପୁଣି କଟକ ଅଭିମୁଖେ ବାହାରିବେ। ସେମାନେ ଯିବାଆସିବା ସମୟରେ ସମସ୍ତ ଛକରେ ଲୋକଙ୍କ ଯାତାୟାତକୁ ରୋକାଯିବ। ରାସ୍ତାର ଦୁଇପାର୍ଶ୍ୱରେ ପୋଲିସ ମୁତୟନ ରହିବେ। ଯାତାୟାତରେ ଯେପରି କିଛି ଅସୁବିଧା ନ ହେବ, ବିଶେଷକରି ବିମାନବନ୍ଦର, ମେ ଫେୟାର ହୋଟେଲ, ଫ୍ୟାନ୍ ଜୋନ ଏବଂ ଷ୍ଟାଡିୟମରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଖେଳାଳିଙ୍କ ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ। ଷ୍ଟାଡିୟମ ଭିତରକୁ ପାଣି ବୋତଲ, କଏନ, କଲମ ଏବଂ ଅନ୍ୟାନ୍ୟ ସାମଗ୍ରୀ ନେବାକୁ ବାରଣ କରାଯାଇଛି। ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଦାୟିତ୍ୱ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ତଦାରଖ କରୁଛନ୍ତି। ଏହି ବୈଠକରେ ପୋଲିସ କମିଶନର ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା, ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି, ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ରାକେଶ ଚୌଧୁରୀ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଚିବ ଅଭିଜିତ ପଲ୍ ବୈଠକରେ ଉପସ୍ଥିତ ରହିଥିଲେ।



ନାଟ୍ୟଧାରା ପକ୍ଷରୁ ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'ବାସନ୍ତୀ'ର ଏକ ଦୃଶ୍ୟ।

# ଚିଲିକାକୁ ପକ୍ଷୀ ଆଗମନ କମିଲା

ଭୁବନେଶ୍ୱର, ୨।୧୨(ବନ୍ଦନା ସେଠୀ)

ଶୀତଋତୁରେ ଚିଲିକା ହ୍ରଦକୁ ନଳବଣ ଅଭୟାରଣ୍ୟ ବାହାରର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ସାଧାରଣତଃ ଅକ୍ଟୋବରରୁ ମାର୍ଚ୍ଚ ଯାଏ ବିଭିନ୍ନ ପ୍ରଜାତିର ପକ୍ଷୀ ଏଠାକୁ ଆସିଥାନ୍ତି। ୨୦୨୪ରେ ୭ ଲକ୍ଷ ୯୦ ହଜାର ୪୭୯ଟି ବହିରାଗତ ପକ୍ଷୀ ଆସିଥିବାବେଳେ ଚଳିତବର୍ଷ ୭ ଲକ୍ଷ ୮୪ ହଜାର ୨ଟି ପକ୍ଷୀ ଆସିଛନ୍ତି। ତେବେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ୧୦ ହଜାର ୫୩୧ ପକ୍ଷୀ କମ୍ ଆସିଥିବାବେଳେ ବହିରାଗତ ପକ୍ଷୀସଂଖ୍ୟା ୬ ହଜାର ୪୭୭ କମିଥିବା ନେଇ ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତଥ୍ୟ ରଖିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଖୁଣ୍ଟିଆ ଏହା କହିବା ସହିତ ବାହାରୁ ଆସୁଥିବା ପକ୍ଷୀମାନଙ୍କ ପାଇଁ ଚିଲିକା ହ୍ରଦର ପରିବେଶ ପ୍ରଭାବିତ ହେଉଛି କି ନାହିଁ ତାହା ବିଭାଗ ଦ୍ୱାରା ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରାଯାଉ ନାହିଁ ବୋଲି କହିଛନ୍ତି।

ମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ, ୨୦୧୬ରେ ଚିଲିକାକୁ ୧୬୧ ପ୍ରଜାତିର ୮ ଲକ୍ଷ ୫୮ ହଜାର ୮୫୫ ପକ୍ଷୀ ଆସିଥିଲେ। ୨୦୧୭ରେ ୧୬୭ ପ୍ରଜାତିର ୯ ଲକ୍ଷ ୪୭ ହଜାର ୧୧୯, ୨୦୧୮ରେ ୧୪୭ ପ୍ରଜାତିର ୮ ଲକ୍ଷ ୯୩ହଜାର ୩୯୦, ୨୦୧୯ରେ ୧୮୧ ପ୍ରଜାତିର ୧୦ ଲକ୍ଷ ୪୭ ହଜାର ୯୬୮, ୨୦୨୦ରେ ୧୮୪ ପ୍ରଜାତିର ୧୧ ଲକ୍ଷ ୫ ହଜାର ୪୦, ୨୦୨୧ରେ ୧୯୦ ପ୍ରଜାତିର ୧୨ ଲକ୍ଷ ୪୨ ହଜାର ୮୨୬, ୨୦୨୨ରେ ୧୮୩ ପ୍ରଜାତିର ୧୦ ଲକ୍ଷ ୭୪ ହଜାର ୧୭୩, ୨୦୨୩ରେ ୧୮୪ ପ୍ରଜାତିର ୧୧ ଲକ୍ଷ ୩୧ ହଜାର ୯୨୯, ୨୦୨୪ରେ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭୫୯ ଏବଂ ୨୦୨୫ରେ ୧୯୬ ପ୍ରଜାତିର ୧୧ ଲକ୍ଷ ୨୭ ହଜାର ୨୨୮ଟି ପକ୍ଷୀ ଚିଲିକାକୁ ଆସିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଅପରେଶନ ଥଣ୍ଡର: ୩୯ ମାମଲାରେ ୭୪ ଗିରଫ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)

## ୨୫୧ ଅଭ୍ୟାସଗତ ଅପରାଧୀ ଧରାପଡ଼ିଲେ

କେନ୍ଦ୍ରାଞ୍ଚଳ ରେଞ୍ଜ୍ ଅର୍ନ୍ତଗତ ବିଭିନ୍ନ ଜିଲାରେ ଗତ ନଭେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ପେଶାଲ ଡ୍ରାଇଭ 'ଅପରେଶନ ଥଣ୍ଡର'କୁ ବଡ଼ ସଫଳତା ମିଳିଛି ବୋଲି ମଙ୍ଗଳବାର ଖୋର୍ଦ୍ଧା ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି।

ବେଆଇନ ଭାବେ ବନ୍ଧୁକ ରଖିବା ନେଇ ୮ଟି ମାମଲାରେ ୨୭ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୭ ଅସ୍ତ୍ରଶସ୍ତ୍ର, ବନ୍ଧୁକ ଏବଂ ୧୦ଟି ଗୁଳି ଜବତ କରାଯାଇଛି। ଏଥିରେ ଦେଶୀ ବନ୍ଧୁକ ୬, ପିସ୍ତଲ ୨, କର୍ତ୍ତୁରି ୩, ଆଇରନ ରଡ୍ ଗୋଟିଏ ଏବଂ ଗୋଟିଏ ଖଣ୍ଡା ରହିଛି। ସେହିପରି ବ୍ରାଉନ୍‌ସୁଗାର କାରବାରରେ ୨୩ଟି ମାମଲା ରୁଜୁ ହୋଇଥିବା ବେଳେ ୩୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୮୫.୫୭ ଗ୍ରାମ ବ୍ରାଉନ୍‌ସୁଗାର, ୪୩.୧୩ କେଜି ଗଞ୍ଜେଇ, ୯୨ ବୋତଲ କଫସିରପ୍ (୧୦୦ ଏମ୍‌ଏଲ୍), ୩୦ହଜାର ୬୦ଟଙ୍କା ଏବଂ ୭ଟି ବାଇକ୍ ଜବତ କରାଯାଇଛି। ସେଥିରୁ ପୁରୀ ଜିଲାରେ ସର୍ବାଧିକ ୧୧ଟି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲାରେ ୭ଟି ମାମଲାରେ ୮ଜଣଙ୍କୁ ଗିରଫ କରାଯାଇଛି। ନୟାଗଡ଼ରେ ଗୋଟିଏ ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ୪ଟି ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଛି।

ସେହିପରି ଏହି ରେଞ୍ଜ ଅଧୀନ ୭ଟି ଜିଲାରେ ୧୫ ଦିନ ମଧ୍ୟରେ ୨୫୧ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ପୁରୀରେ ସର୍ବାଧିକ ୬୧, ଖୋର୍ଦ୍ଧାରେ ୪ଜଣ ଅଭ୍ୟାସଗତ ଅପରାଧି ଏବଂ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। କଟକରେ ୬୦, କେନ୍ଦ୍ରପଡ଼ାରେ ୧୪, ଯାଜପୁରରେ ୫୦, ନୟାଗଡ଼ରେ ୨୫ ଏବଂ ଜଗତ୍‌ସିଂହପୁରରେ ୩୫ଜଣ ଅଭ୍ୟାସଗତ ଅପରାଧୀ ଓ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ଗୋଚାଲାଣ ନେଇ ୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୩ଜଣଙ୍କୁ ଗିରଫ କରାଯାଇଛି। ୭୦ ଗୋରୁ ଏବଂ ୨୧ ମଇଁଷି ଉଦ୍ଧାର କରାଯାଇଥିବା ବେଳେ ୧୦ଟି ଗାଡ଼ି ଜବତ କରାଯାଇଛି।

# ବିବିଧତାରେ ଏକତାକୁ ବୃଦ୍ଧିମନ୍ତ କରିବାକୁ ଆହ୍ୱାନ



ଲୋକ ଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଦୁଇ ରାଜ୍ୟର ଅତିଥିମାନେ।

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)

## ଲୋକ ଭବନରେ ଆସାମ, ନାଗାଲାଣ୍ଡର ପ୍ରତିଷ୍ଠା ଦିବସ

ବିବିଧତାରେ ଏକତା ହେଉଛି ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଳିତ ଜାତୀୟ ଦାୟିତ୍ୱ। କେବଳ ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ସମୃଦ୍ଧ ଇତିହାସ ନୁହେଁ ବରଂ ଦେଶକୁ ଏକତା, ସମ୍ମାନ ଏବଂ ଏକ ମିଳିତ ଦୃଷ୍ଟିକୋଣ ସହ ବାନ୍ଧି ରଖୁଥିବା ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ଯେତେବେଳେ ଏହାର ବିବିଧତାକୁ ଆନ୍ତରିକତାର ସହ ସମ୍ମାନିତ କରାଯାଏ ସେତେବେଳେ ଭାରତ ଅଧିକ ଶକ୍ତିଶାଳୀ ହୁଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ମଙ୍ଗଳବାର ଲୋକ ଭବନର ନୂତନ ଅଭିଷେକ ହଲ୍‌ରେ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆସାମ ଉତ୍ତର-ପୂର୍ବରେ ଏକ ସାଂସ୍କୃତିକ ବନ୍ଧନ ଭାବେ କାର୍ଯ୍ୟ କରିଆସୁଛି। ସେହିପରି ନାଗାଲାଣ୍ଡର ଲୋକଙ୍କ ସଚ୍ଚୋଟତା ଏବଂ ଶୃଙ୍ଖଳାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଭାରତର ବିକାଶ ପ୍ରତ୍ୟେକ ରାଜ୍ୟ ଏବଂ ପ୍ରତ୍ୟେକ ସଂସ୍କୃତି ଦ୍ୱାରା ଆକୃତିପ୍ରାପ୍ତ ଏକ ସାମୂହିକ ଯାତ୍ରା। ଯେତେବେଳେ ଦେଶ ପାରସ୍ପରିକ ସମ୍ମାନ ଏବଂ ସହଭାଗୀ ଦାୟିତ୍ୱ ସହ ଅଗ୍ରଗତି କରେ ସେତେବେଳେ ଚ୍ୟାଲେଞ୍ଜଗୁଡ଼ିକ ଦୂରକରିବା ସହଜ ହୋଇଯାଏ। ନାଗରିକମାନଙ୍କୁ ସାଂସ୍କୃତିକ ବୁଝାମଣାକୁ ମଜଭୁତ କରିବା ସହ ସହଯୋଗ ବିସ୍ତାର କରିବା ଏବଂ ଦେଶର ପ୍ରତ୍ୟେକ କୋଣରେ ବିକାଶ ପହଞ୍ଚିବାକୁ ନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ଏକ ଭିଡିଓ ବାର୍ତ୍ତା ମଧ୍ୟ ପ୍ରସାରିତ ହୋଇଥିଲା। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାରେ ସେବା କରୁଥିବା ଆସାମ ରାଜ୍ୟର ମୂଳ ବାସିନ୍ଦା ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନାଗାଲାଣ୍ଡ ରାଜ୍ୟର ମୂଳବାସିନ୍ଦା ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି.ଏ . ଓ ସେମାନଙ୍କର ରାଜ୍ୟର ବୈଶିଷ୍ଟ୍ୟ ଏବଂ ଓଡ଼ିଶାରେ ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ବେଆଇନ କରତକଳ ଉପରେ ଭିଜିଲାନ୍ସ ଚଢ଼ାଉ
## ୨୫ ଲକ୍ଷର ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ



ଜବତ କରତକଳ।

ଭୁବନେଶ୍ୱର,୨।୧୨(ସତ୍ୟଜିତ ରାଉତ)

ବାଲିପାଟଣା ଥାନା ଅନ୍ତର୍ଗତ ଭୁବନପୁର ଓ ଗର୍ଗରା ଗାଁରେ ବେଆଇନ ଭାବେ ଚାଲିଥିବା ୨ କରତକଳ ଉପରେ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶାଳୟର ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ମୂଲ୍ୟବାନ ଟିମ୍ବର ସମେତ ୨୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଛି। ଉପଯୁକ୍ତ ଲାଇସେନ୍ସ ନ ଥିବା ସତ୍ତ୍ୱେ ବହୁଦିନ ହେବ ଏହି କରତକଳ ଦୁଇଟି ଚାଲିଥିଲା। ଏନେଇ ଖୋର୍ଦ୍ଧା ବନଖଣ୍ଡ ଅଧୀନ ବାଲିପାଟଣା ରେଞ୍ଜ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଏହାର ମାଲିକ ଓ କର୍ମଚାରୀମାନଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଛି ଭିଜିଲାନ୍ସ।

# ୨୭,୭୫୭ ଜଣଙ୍କୁ ୧,୧୭, ୬୩, ୬୨୦ ଟଙ୍କା ଜରିମାନା

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)

## କେନ୍ଦ୍ରାଞ୍ଚଳ ରେଞ୍ଜ୍

କେନ୍ଦ୍ରାଞ୍ଚଳ ରେଞ୍ଜ୍ ଅନ୍ତର୍ଗତ ୭ ପୋଲିସ ଜିଲାରେ ଗତ ନଭେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଯାନବାହନ ଚେକିଂ,ବ୍ଲକିଂ କରାଯାଇଥିଲା। ମୋଟ୍ ୨୭,୭୫୭ ଜଣଙ୍କ ଚାଲାଣ କଟିଥିବା ବେଳେ ୧କୋଟି ୧୭ଲକ୍ଷ ୬୩ ହଜାର ୬୨୦ ଟଙ୍କା ଜରିମାନା କରାଯାଇଛି ବୋଲି ମଙ୍ଗଳବାର କେନ୍ଦ୍ରାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି।

ଡିଆଇଜି ନାୟକଙ୍କ ସୂଚନା ମୁତାବକ, ଜାତୀୟ ରାଜପଥରେ ଦୁର୍ଘଟଣା ହାର ବଢ଼ିଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ ପାଇଁ ସୁରକ୍ଷିତ ଯାତ୍ରା, ଶୂନ୍ୟ ଅଘଟଣ, ମୋଟରଯାନ ଆଇନ ନିୟମ ପାଳନ ଲକ୍ଷ୍ୟ ନେଇ ଯାନବାହନ ଚେକିଂ, ବ୍ଲକିଂ କରାଯାଇଥିଲା। ପୁରୀ ପୋଲିସ ଜିଲାରେ ୬୨୭୯ଜଣଙ୍କ ଚାଲାଣ କଟିଥିବା ବେଳେ ୨୫ଲକ୍ଷ ୬୩ହଜାର ୫୦୦ ଟଙ୍କା ଜରିମାନା, ୧୨୯ ଲାଇସେନ୍ସ ରଦ୍ଦ ପାଇଁ ସୁପାରିଶ କରାଯାଇଛି। ସେହିପରି କଟକ ଜିଲାରେ ୧୨୨୭ଜଣଙ୍କ ଚାଲାଣ କଟାଯାଇ ୪ଲକ୍ଷ ଟଙ୍କା ୯୧ହଜାର ୪୦୦ ଟଙ୍କା ଜରିମାନା କରାଯାଇଛି। କେନ୍ଦ୍ରାପଡ଼ା ଜିଲାରେ ୪୮୪୫ ଚାଲାଣ କଟିଥିବା ବେଳେ ୬୫,୫୦୦ଟଙ୍କା ଜରିମାନା, ଖୋର୍ଦ୍ଧା ଜିଲାରେ ୧୪୫୧ଜଣଙ୍କ ଚାଲାଣ କଟିଥିବା ବେଳେ ୬୩ ଲକ୍ଷ ୭୩ହଜାର ୫୨୦ ଟଙ୍କା ଜରିମାନା, ନୟାଗଡ଼ ଜିଲାରେ ୭୫୦୫ଜଣଙ୍କ ଚାଲାଣ କଟିଥିବା ବେଳେ ୧୦,୪୪,୫୦୦ ଟଙ୍କା ଜରିମାନା, ଯାଜପୁର ଜିଲାରେ ୫୧୭୯ଜଣଙ୍କ ଚାଲାଣ କଟିଥିବା ବେଳେ ୬ଲକ୍ଷ ୬୮ହଜାର ୯୦୦ଟଙ୍କା ଜରିମାନା ଏବଂ ଜଗତ୍‌ସିଂହପୁର ଜିଲାରେ ୧୨୭୧ଜଣଙ୍କ ଚାଲାଣ କଟିଥିବା ବେଳେ ୪ଲକ୍ଷ ୯୬ ହଜାର ୫୦୦ଟଙ୍କା ଜରିମାନା କରାଯାଇଛି।

# ସଂଗ୍ରାମୀ ମା' ରମାଦେବୀ ଜଣେ ସମ୍ବେଦନଶୀଳ ନେତ୍ରୀ ଥିଲେ




## ମା' ରମାଦେବୀଙ୍କ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)

ମା' ରମାଦେବୀ କେବଳ ମହିୟସୀ ମହିଳା ନ ଥିଲେ, ସେ ଜଣେ ସଂଗ୍ରାମୀ ଓ ସମ୍ବେଦନଶୀଳ ନେତ୍ରୀ ଥିଲେ। ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ମଙ୍ଗଳବାର ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀର ଉଦ୍‌ଯାପନୀ ଉତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ବକ୍ତାମାନେ ଏହା କହିଛନ୍ତି। ବିଶିଷ୍ଟ ଲେଖିକା ତଥା ଗବେଷିକା ଡ. ନିବେଦିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' ରମାଦେବୀଙ୍କ ସାମଗ୍ରିକ ଜୀବନର ଗୁଣାତ୍ମକ ବୈଶିଷ୍ଟ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମା' ରମାଦେବୀଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ଥିବା ସେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି ଓ ଟ୍ରଷ୍ଟର ଜାତୀୟ ଉପସଭାପତି ଗାୟତ୍ରୀ ଦାସ ମା' ରମାଦେବୀଙ୍କ ସେବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଖିକା ତଥା ସମାଜସେବୀ ପ୍ରୀତିଛନ୍ଦା ଧଳ, ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସାମ୍ବାଦିକ ମିନତୀ ସିଂହ ଯୋଗଦେଇଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କମିଟିର ଆବାହକ ଡା.ବିଶ୍ୱଜିତ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଖିକା ଯଶୋଧାରା ଦାସ ଏବଂ ଲୋହିଆ ଏକା ସମ୍ପାଦକ ଦେବପ୍ରସାଦ ରାୟ ଉଦବୋଧନ ଦେଇଥିବା ବେଳେ ସାମ୍ବାଦିକା ବନୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଯାଁଳା,୨।୧୨(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଦେଉଳିଆପାଟଣା ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ସାହୁ(୭୦)। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ସକାଳ ୯ଟା ୩୦ରେ ଭଗବାନ ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ କୌଣସି କାରଣରୁ ସେ ପାଣିରେ ପଡ଼ିଯାଇଥିଲେ, ଆଉ ଉଠି ପାରି ନ ଥିଲେ। ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥଲେ। ଅପରାହ୍ନରେ କେତେଜଣ ଲୋକ ପୋଖରୀ ନିକଟକୁ ଆସିଥିବା ବେଳେ ଭାଗବାନଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ଇନ୍‌ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ।



ପ୍ରଦୂଷଣ ନିରାକରଣ ଦିବସ ଉପଲକ୍ଷେ ମଙ୍ଗଳବାର 'ସୈନିକ ସ୍କୁଲ ବଞ୍ଚାଅ, ଅଳିଆଗଦା ହଟାଅ' ପକ୍ଷରୁ ଅନୁଷ୍ଠିତ ସଚେତନତା ପଦଯାତ୍ରା।

# ଗର୍ଭପାତ କିଟ୍‌ର ଅବୈଧ ବିକ୍ରୟ ନେଇ ବିଭାଗର ପଦକ୍ଷେପ
## ୪୦୦ରୁ ଅଧିକ ପ୍ରତିଷ୍ଠାନରେ ଚଢ଼ାଉ ସହ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୨।୧୨(ବନ୍ଦନା ସେଠୀ)

ରାଜ୍ୟରେ ଏବେ ନକଲି ଔଷଧ କାରବାର ଚିନ୍ତା ବଢ଼ାଇଛି। ଗତ ୪ବର୍ଷ ମଧ୍ୟରେ ୧୬୮ ନକଲି ଔଷଧ ଏବଂ ୩୮୮ଟି ନିମ୍ନମାନର ଔଷଧ ଚିହ୍ନଟ କରାଯାଇଛି। ଏଥିସହ ସରକାର ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କରିଛନ୍ତି। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏଭଳି ସ୍ଥଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନକଲି ମେଡିସିନ୍ ଏବଂ ମେଡିକାଲ ଟର୍ମିନେଶନ୍ ଅଫ୍ ପ୍ରେଗ୍ନେନ୍ସି (ଏମ୍‌ଟିପି) କିଟ୍‌ର ଅବୈଧ ବିକ୍ରୟ, ଗର୍ଭପାତ ବଟିକାର ଅପବ୍ୟବହାର ଏବଂ ଅସୁରକ୍ଷିତ ସେଲ୍ଫ-ମେଡିକେଶନ ବିରୋଧରେ ଅଭିଯାନକୁ ତୀବ୍ର କରାଯାଇଛି। ଚଳିତବର୍ଷ ରାଜ୍ୟର ବିଭିନ୍ନ ଜିଲାରେ ୪୦୦ରୁ ଅଧିକ ଚଢ଼ାଉ କରାଯାଇ ୨୩୪ ବେଆଇନ ମେଡିସିନ କାରବାର ଠାବ କରାଯାଇଛି। ଏଥିସହ ୫୫ ଦୋକାନ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି କ୍ଷେତ୍ରରେ ଶୂନ ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରିବା ସହ ଅସୁରକ୍ଷିତ ଏବଂ ଅନିୟନ୍ତ୍ରିତ ଗର୍ଭପାତ କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ପକ୍ଷରୁ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଉପଯୁକ୍ତ ଲାଇସେନ୍ସ ବିନା ଏମ୍‌ଟିପି କିଟ୍ ଏବଂ ଔଷଧ କାରବାର କରୁଥିବା ଦୁଇଟି ଦୋକାନକୁ ଜବତ କରାଯାଇ ମାମଲା ରୁଜୁ ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି। ସେହିପରି କୋଡିନ୍‌ଯୁକ୍ତ କଫ୍ ସିରପ୍ ଏବଂ ନକଲି ଔଷଧ ର୍ୟାକେଟ୍ ଉପରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିପାଇଁ ସମସ୍ତ ଜିଲାରେ କ୍ଷେତ୍ରସ୍ତରରେ ସହାୟକ ଔଷଧ ନିୟନ୍ତ୍ରକ, ଔଷଧ ନିରୀକ୍ଷକ, ପୋଲିସ, ଆଇନଶୃଙ୍ଖଳା କର୍ତ୍ତୃପକ୍ଷଙ୍କୁ ନେଇ ସମନ୍ୱିତ ପ୍ରୟାସ କରାଯାଉଛି। ସେହିପରି ଔଷଧ ଏବଂ ପ୍ରସାଧନ ଆଇନ ଏବଂ ନିୟମର ବ୍ୟବସ୍ଥା ଅନୁଯାୟୀ ଏମ୍‌ଟିପି କିଟ୍‌ର ଅନଧିକୃତ ବିକ୍ରୟ, ଔଷଧ ଦୋକାନରେ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତି, ଏମ୍‌ଟିପି କିଟ୍ ବିକ୍ରୟ ସମ୍ପର୍କରେ ପ୍ରେସ୍କ୍ରିପ୍‌ସନ୍ ରେକର୍ଡ ରକ୍ଷଣାବେକ୍ଷଣ ନ କରିବା, ଅବୈଧ ଷ୍ଟକିଂ ଇତ୍ୟାଦି ଉପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୨।୨୦୨୫

| ୬,୯୯,୫୯୯ ଟଙ୍କା | |
|---|---|
| ସୁନା | ୩ ଗ୍ରାମ୍ |
| ରୁପା | ୯ ଗ୍ରାମ୍ |






କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଙ୍ଗଳବାର ଶିଳ୍ପୀମାନଙ୍କ ଦ୍ୱାରା ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ ନୃତ୍ୟ ପରିବେଷଣ କରାଯାଉଛି । (ଫଟୋ- ଜ୍ୟୋତିରାଜ ମହାନ୍ତି)

## ସଂକ୍ଷେପରେ

### ବିଶ୍ୱ ଏଡ୍ସ ଦିବସ ପାଳିତ

ସାକ୍ଷୀଗୋପାଳ,୨।୧୨(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍ସ ଦିବସ ପରିପ୍ରେକ୍ଷୀରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ଧନୁର୍ଦ୍ଧର ମୁଦୁଲି ଏଡ୍ସର କାରଣ ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଦେବାଶିଷ ନାୟକ ଯୋଗଦେଇ ଏଡ୍ସ ମହାମାରୀର ଯୁବ ସମାଜ ଉପରେ ପ୍ରଭାବ ଓ ତାର କୁପରିଣାମ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସ ଉପଦେଷ୍ଟା ସ୍ୱର୍ଣ୍ଣଲତା ମାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିତେନ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ପୁରୀ ସଦର ବ୍ଲକ ଶିକ୍ଷାଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କରଙ୍କ ଅବସର ସମ୍ବର୍ଦ୍ଧନା ସମାରୋହ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ କରଙ୍କୁ ଏକ ଦକ୍ଷ ପ୍ରଶାସକ, ଆଦର୍ଶ ଶିକ୍ଷକ ରୂପେ ବିବେଚନା କରିଥିଲେ। ଦୀର୍ଘବର୍ଷର ଶିକ୍ଷାକ୍ଷେତ୍ରରେ ସେ ଯେଉଁ କାର୍ଯ୍ୟମାନ କରି ଯାଇଛନ୍ତି, ତାହା ସମସ୍ତ ଶିକ୍ଷକ ସମାଜ ପାଇଁ ଅନୁକରଣୀୟ ବୋଲି ପାଢ଼ୀ କହିଥିଲେ। ସେ ଏକ ସମୟରେ ପୁରୀ ସଦର ବ୍ଲକ, ଗୋପ ବ୍ଲକର ଶିକ୍ଷାଧିକାରୀ ଭାବେ ଓ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱକୁ ସଠିକ ଢଙ୍ଗରେ ତୁଲାଇଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କୁ ଜଣେ ଦକ୍ଷ ପ୍ରସାଶକ ଭାବେ ପ୍ରଶଂସା କରିଥିଲେ। ଉକ୍ତ ସଭାରେ ଡିଆଇଟିର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଉପାଧ୍ୟକ୍ଷ ଦେବସ୍ମିତା ମହାପାତ୍ର, ଏଡିଇଓ ଭବମ ପ୍ରଧାନ, ଏବିଇଓ ରତ୍ନାକର ବେହେରା ଯୋଗଦେଇ କରଙ୍କର ଗୁଣଗାନ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଗଠନ ପୁରୀର ସମ୍ପାଦକ ଧିରେନ କୁମାର ବୀଣାକାର, ବରିଷ୍ଠ ପ୍ରଧାନ ଶିକ୍ଷକ ରାମନାରାୟଣ ମିଶ୍ର ଓ ବିଭିନ୍ନ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କୁଚିପୁଡ଼ି, ଓଡ଼ିଶୀ, କଥକଳି ମନ ମୋହିଲା

**କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

କୋଣାର୍କ,୨।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଙ୍ଗଳବାର କୁଚିପୁଡ଼ି ଏବଂ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଛି। ପ୍ରଥମ ଭାଗରେ ବାଙ୍ଗାଲୋରର ପ୍ରଖ୍ୟାତ ନୃତ୍ୟାଙ୍ଗନା ବୈଜୟନ୍ତୀ କାଶୀଙ୍କ ସମ୍ଭାବୀ ସ୍କୁଲ ଅଫ୍ ଡ୍ୟାନ୍ସର ଶିଳ୍ପୀମାନଙ୍କ ଦ୍ୱାରା କୁଚିପୁଡ଼ି ନୃତ୍ୟ ପରିବେଷିତ ହୋଇଥିଲା। ଏଥିରେ ଭଗବାନ୍ ବିଷ୍ଣୁଙ୍କ ଅନେକ ଅବତାରକୁ ଅନୁସରଣକରି ପ୍ରତ୍ୟେକ ଧର୍ମର ଅନନ୍ତ ନୀତି ଏବଂ ବିଶ୍ୱସନୀୟ ସନ୍ତୁଳନର ପ୍ରତୀକ ଦେଖିବାକୁ ମିଳିଥିଲା। ଏହା ସମୁଦ୍ର ମନ୍ଥନ କିମ୍ବଦନ୍ତୀ ଉପରେ ପର୍ଯ୍ୟବସିତ ଥିଲା, ଯାହାକୁ ଭଲ ଓ ମନ୍ଦ ମଧ୍ୟରେ ନିରନ୍ତର ସଂଘର୍ଷ ଭାବେ ଦେଖାଯାଏ। ଏହି ପ୍ରସ୍ତୁତି ବିଷ୍ଣୁଙ୍କୁ କାଳଜୟୀ ରକ୍ଷାକର୍ତ୍ତା ଏବଂ ଧାର୍ମିକତାର ବାହକ ଭାବେ ଉପସ୍ଥାପନ କରିଥିଲା। ଡ. ଶତବଧାନୀ ଆର୍. ଗଣେଶ ଏହାର ଲିପି ପ୍ରସ୍ତୁତ, ଡି.ଭି.ଏସ୍. ଶାସ୍ତ୍ରୀ ସଙ୍ଗୀତ ସଂଯୋଜନା ଏବଂ ବୈଜୟନ୍ତୀ କାଶୀ ନୃତ୍ୟ ସଂରଚନା କରିଥିଲେ। ଦ୍ୱିତୀୟ ଭାଗରେ କୋଲକତାର ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ଶର୍ମିଳା ବିଶ୍ୱାସଙ୍କ ଓଡ଼ିଶୀ ଭିଜନ ଓ ମୁଭ୍‌ମେଣ୍ଟ ସେଣ୍ଟରର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ମହାଲକ୍ଷ୍ମୀ ସ୍ତୋତ୍ରମ୍, ଦେବୀଙ୍କ ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ଧରିଥିବା ଶକ୍ତିଶାଳୀ ଚିତ୍ରକୁ ଜୀବନ୍ତ କରିଥିଲା। ଏହାର ନୃତ୍ୟ ସଂରଚନା ଶର୍ମିଳା ବିଶ୍ୱାସ, ସଙ୍ଗୀତ ସଂଯୋଜନା ସୃଜନ ଚାଟାର୍ଜୀ ଓ ତାଳ ସଂଯୋଜନା ବିଜୟ କୁମାର ବାରିକ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ଆବର୍ତ୍ତନ–ବିବର୍ତ୍ତନ। ଦୈନନ୍ଦିନ କାର୍ଯ୍ୟରେ ଉପସ୍ଥିତ ପ୍ରାକୃତିକ ମାନବ ଲୟକୁ ଅନୁସନ୍ଧାନ କରି ନିଜର କାର୍ଯ୍ୟକଳାପ ଏବଂ ଖେଳକୁଦ ଚଳନଗୁଡ଼ିକ ନୃତ୍ୟରେ ବିକଶିତ କରିଥିଲେ ଶିଳ୍ପୀଗଣ। ଏହାର ସଙ୍ଗୀତ ସଂଯୋଜନା ରାମହରି ଦାସ, ତାଳ ସଂଯୋଜନା ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଶର୍ମିଳା ବିଶ୍ୱାସ କରିଥିଲେ। ସେମାନେ ଅନ୍ତିମ ପ୍ରସ୍ତୁତିରେ ସୃଷ୍ଟି–ତତ୍ତ୍ୱ, ପ୍ରାଚୀନ ଜ୍ଞାନ ଓ ଆଧୁନିକ ଚିନ୍ତାଧାରା ମାଧ୍ୟମରେ ଜୀବନର ବିବର୍ତ୍ତନକୁ ବ୍ୟାଖ୍ୟା ସହ ପୁରାଣ ଏବଂ ଜୟଦେବଙ୍କ ଦଶାବତାର ଚିତ୍ରଣରୁ ନୃତ୍ୟ ମାଧ୍ୟମରେ ଅଙ୍କିତ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ସୃଜନ ଚାଟାର୍ଜୀ, ତାଳ ଓ ନୃତ୍ୟ ସଂରଚନା ଶର୍ମିଳା ବିଶ୍ୱାସ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କେରଳ କଳାମଣ୍ଡଳମ୍‌ର ଶିଳ୍ପୀଗଣ କଥକଳି ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, କୋରେଇ ବିଧାୟକ ଆକାଶ ଦାସନାୟକ, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଏଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଦେବୀସୀତା ବ୍ରଜସୁନ୍ଦର ଗଡନାୟକ ଏବଂ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିଆ ଆଲ୍ଲାମ ସଂଯୋଜନା ଏବଂ ଡ. ସଙ୍ଗୀତା ଗୋସାଇଁ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ଓ କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ସୁଭଦ୍ରା ଶକ୍ତିମେଳା

କୋଣାର୍କ,୨।୧୨(ଜ୍ୟୋତିରାଜ ମହାନ୍ତି)



ଚନ୍ଦ୍ରଭାଗାରେ ସୋମବାରଠାରୁ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହୋଇଛି। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ୧୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ ସହ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ଏଥିରେ ଗୃହ ବ୍ୟବହାର ଉପଯୋଗୀ ଓ ଘରସଜା ସାମଗ୍ରୀ ସହ ଫୁଡ୍ ଷ୍ଟଲ ବ୍ୟବସ୍ଥା ହୋଇଛି। ଦର୍ଶକ ଓ ପର୍ଯ୍ୟଟକମାନେ ମନ ପସନ୍ଦର ସାମଗ୍ରୀ କ୍ରୟ କରିବା ସହ ଖାଦ୍ୟ ମେଳା ବୁଲି ଆନନ୍ଦ ନେଉଛନ୍ତି। ସମସ୍ତ ଷ୍ଟଲରେ ମନ ଲାଖି ଆକର୍ଷଣୀୟ ସାମଗ୍ରୀ ରହିଛି। କେନ୍ଦୁଝରରୁ ଆସିଥିବା ପ୍ରଗତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସୁନ୍ଦରଗଡ଼ର ଦିବ୍ୟଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପୁରୀର ବିଶ୍ୱକର୍ମା ହ୍ୟାଣ୍ଡିକ୍ରାଫ୍ଟ, କନ୍ଧମାଳର ମା' ହସ୍ତଶିଳ୍ପ ପ୍ରଡ୍ୟୁସର ଗ୍ରୁପ୍ ମାର୍କେଟିଂ ସଦସ୍ୟମାନେ କହିଛନ୍ତି, ଦୈନିକ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ପ୍ରଥମ ଥର ଯଦିଓ ଏଠାରେ ଆମେ ଷ୍ଟଲ ଲଗାଇଛୁ, ଆମର ବିଶ୍ୱାସ ଭଲ ବ୍ୟବସାୟ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ କାର୍ଯ୍ୟ ତଦାରଖ କରିବା ସହ ଷ୍ଟଲ ନେଇ ଆସିଥିବା ମା' ମାନଙ୍କର ଯେଭଳି ସମସ୍ୟା ନ ହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତ ବ୍ୟବସ୍ଥାର ଉତ୍ତମ ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିୟମିତ ଦୌଡ଼ିବା ଆବଶ୍ୟକ




ଅତିଥିମାନେ ପତାକା ଦେଖାଇ ମେଗା ଗଣଦୌଡ଼ର ଶୁଭାରମ୍ଭ କରୁଛନ୍ତି ।

**କୋଣାର୍କ ଉତ୍ସବ ଉପଲକ୍ଷେ ମେଗା ଗଣଦୌଡ଼**

କୋଣାର୍କ,୨।୧୨(ଜ୍ୟୋତିରାଜ ମହାନ୍ତି)

୩୬ତମ କୋଣାର୍କ ଉତ୍ସବ ପରିପ୍ରେକ୍ଷୀରେ ମଙ୍ଗଳବାର ରାଜ୍ୟ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କର ବସନ୍ତ ମଞ୍ଜରୀ ପାଠାଗାର ଆନୁକୂଲ୍ୟରେ ଏକ ମେଗା ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛ କୋଣାର୍କ ସବୁଜ କୋଣାର୍କ'ର ବାର୍ତ୍ତା ନେଇ ସୂର୍ଯ୍ୟମନ୍ଦିର ପରିସରରୁ ଏହା ବାହାରି ଚନ୍ଦ୍ରଭାଗା ପର୍ଯ୍ୟନ୍ତ ୩କି.ମି. ଯାଇଥିଲା। ଗଣଦୌଡ଼ରେ ୧୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ୨୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗଣଦୌଡ଼କୁ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, ପ୍ରେସ୍ କ୍ଲବ ସଭାପତି ଧନଞ୍ଜୟ ବେହେରା, ଖବରଦାତା ସଞ୍ଜୟ ପତି, ଯୁବ ସାମାଜିକ କର୍ମୀ ଗୋପୀନାଥ ସ୍ୱାଇଁ, ସୁକାନ୍ତ ନାୟକ ଏବଂ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଦୌଡ଼ିବା ଓ ଚାଲିବା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଗବେଷକ ସଞ୍ଜୟ କୁମାର ବରାଳ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା, କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସମ୍ପାଦକ ଭାଗୀରଥି ସ୍ୱାଇଁ, ଖବରଦାତା ପ୍ରକାଶ କାଣ୍ଡି, ଡାକ୍ତର ବିଧୁଭୂଷଣ ନାୟକ, ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ଅମରେଶ ଖୁଣ୍ଟିଆ, ଦିଲୀପ କୁମାର ଜେନା, ଯଶସ୍ୱୀ ରାୟ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ, ଆଭାସ ମୁଦୁଲି, ମହାପ୍ରସାଦ ମହାରଣା, ଆଲୋକ ବିଶ୍ୱାଳ ଓ ବସନ୍ତ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ୍

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଙ୍ଗଳବାର ଅପରାହ୍ନରେ ସପରିବାର ତଥା ଅନ୍ୟ ଅତିଥିଙ୍କ ସହ ପୁରୀ ଗସ୍ତରେ ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ପ୍ରଫେସର ଲାଲ୍ ସିଂହଦ୍ୱାରରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ କଡ଼ା ସୁରକ୍ଷା ମଧ୍ୟରେ ବାଇଶିପାହଚ ଦେଇ ରାଜ୍ୟପାଳ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ବେଢ଼ା ପରିଦର୍ଶନ କରି ଭିତର କାଠ ମଧ୍ୟରେ ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ମା' ଲକ୍ଷ୍ମୀ ଏବଂ ବିମଳାଙ୍କ ମନ୍ଦିରରେ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ। ପୂର୍ବତନ ରାଜ୍ୟପାଳ ପ୍ରଫେସର ଲାଲ୍ କହିଛନ୍ତି, ମହାପ୍ରଭୁଙ୍କ ଦିବ୍ୟ ସାନିଧ ପାଇଁ ସେ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଛନ୍ତି। ସଂସାରରେ ସୁଖ ସମୃଦ୍ଧି ବିବା ସହ ଦେଶରେ ଶାନ୍ତି,ସୁରକ୍ଷା ବଜାୟ ରଖିବା ପାଇଁ ସେ ମହାପ୍ରଭୁଙ୍କ ନିକଟରେ ଆର୍ଶୀବାଦ ଭିକ୍ଷା କରିଛନ୍ତି। ସିଂହଦ୍ୱାର ନିକଟରେ ତାଙ୍କୁ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମ୍ପତ୍ତି ପାଇଁ ଜେଜେ, ଦାଦାଙ୍କୁ ହାଣିଲେ ଯୁବକ

ବଲାଙ୍ଗୀ, ୨।୧୨(କେଦାରେଶ୍ୱର ନନ୍ଦ)

ସମ୍ପତ୍ତି ପାଇଁ ଦାଦା ଓ ଜେଜେଙ୍କୁ ହାଣିଛନ୍ତି ଜଣେ ଯୁବକ। ସକାଳେ ଜେଜେ ଓ ସନ୍ଧ୍ୟାରେ ସେ ଦାଦାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ମଙ୍ଗଳବାର ବଲାଙ୍ଗୀ ଥାନା ଅଧୀନ ତୋରିଆ ବନ୍ଧ ଗାଁରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତ ଅଶ୍ୱିନୀ ପ୍ରଧାନ ଏବେ ଫେରାର ଥିବାବେଳେ ଗୁରୁତର ଅବସ୍ଥାରେ ଜେଜେଙ୍କ ସମେତ ଦାଦା ଅମୀୟ ପ୍ରଧାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବଲାଙ୍ଗୀ ପୋଲିସ ମୁତୟନ ରହିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଖନାତଲାସି ଜାରି ରହିଛି ବୋଲି ପିପିଲି ଏସଡିପିଓ ଦେବାଶିଷ ମିଶ୍ର କହିଛନ୍ତି।

# ୟଙ୍ଗ୍ ଫୋନିଙ୍ଗ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ଯୋଗେଶ୍ୱରପୁର,୨।୧୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ସ୍ଥିତ ୟଙ୍ଗ୍ ଫୋନିଙ୍ଗ୍ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଗୋପିକାନ୍ତପୁର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳକ ବିଭାଗର ଆଇଶ୍ ଶୁଭଦର୍ଶନ କାଣ୍ଡି ଓ ବାଳିକା ବିଭାଗର ଶୁଭଲକ୍ଷ୍ମୀ ସ୍ୱାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ଓ ସମ୍ମାନିତ ଅତିଥି ଭାବେ ଗୋପିକାନ୍ତପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅବଦୁଲ ବର୍କତ ଖାଁ ଯୋଗଦେଇଥିବାବେଳେ ଗୀତାଞ୍ଜଳି ରାୟ ସଭାପତିତ୍ୱ କରିଥିଲେ। ଖେଳ ସ୍ୱାସ୍ଥ୍ୟ ପାଇଁ ଏକପ୍ରକାର ସମ୍ପଦ ବୋଲି ଅତିଥିମାନେ କହିଥିଲେ। ସ୍କୁଲର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବପ୍ରସାଦ ସାହୁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଦେବସ୍ମିତା ମହାନ୍ତି, ସ୍ୱପ୍ନସାଗରିକା ପଣ୍ଡା, ଜ୍ୟୋତ୍ସ୍ନା ନାୟକ, ଫିଜା ଅର୍ଫିନ, ଷ୍ଟାଲାଇନ୍ ପ୍ରିୟଦର୍ଶନ, କ୍ରିଷ୍ଣା ବାରିକ, ସୌଭାଗ୍ୟଲକ୍ଷ୍ମୀ ସାହୁ, ମାମାଲି ବେହେରା, ଅକ୍ଷୟ ପରିଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଲିପ୍ସା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଠାକୁରଙ୍କୁ ଲାଗିହେଲା ୬୪ ପ୍ରକାର ବ୍ୟଞ୍ଜନ

**ରାଧାକାନ୍ତ ଦେବ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ**

ଡେଲାଙ୍ଗ, ୨।୧୨(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଘୋରଡ଼ିଆ ଗ୍ରାମର ଶ୍ରୀଶ୍ରୀ ରାଧାକାନ୍ତ ଦେବ ମଠରେ ମଙ୍ଗଳବାର ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ପାଳିତ ହୋଇଯାଇଛି। ମହାପ୍ରଭୁଙ୍କ ନିକଟରେ ୬୪ ପ୍ରକାର ନିରାମିଷ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ଲାଗିକରାଯାଇଥିଲା। ଏଥିରେ ଅନ୍ନ, ଡାଲି, ଘିଅ ଅନ୍ନ, ଭଜା, ଖଟା, ଶାଗ, ଖିରି, ବେସର ତରକାରୀ, ଦେଶୀ ପରିବାରେ ଭଜା ପ୍ରଭୃତି ହୋଇଥିବାବେଳେ ବିଭିନ୍ନ ପ୍ରକାର ଫଳମୂଳ, ବିରିବରା, ବୁଟ ସୋଲା, ଡାଲିମ୍ବ, ଚୁଡ଼ାଘସା ପ୍ରସ୍ତୁତ ୬୪ ପ୍ରକାର ବ୍ୟଞ୍ଜନ ଲାଗିହୋଇଥିଲା। ମଠମାଳିକ ଦେବଜ୍ୟୋତି ପଟ୍ଟନାୟକ ଓ ପରିଚାଳକ ଦୁଃଶାସନ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ମଠର ମୁଖ୍ୟ ପୁରୋହିତ ତ୍ରିବିକ୍ରମ ମିଶ୍ର, ବଡ଼ପଣ୍ଡା ଅଶୋକ କୁମାର ପଣ୍ଡା, ପୂଜକ ସର୍ବେଶ୍ୱର ମିଶ୍ର ପ୍ରମୁଖ ଠାକୁରଙ୍କ ନିତିକାନ୍ତି ଓ ବିଧିବିଧାନରେ ପୂଜାର୍ଚ୍ଚନା କରିଥିଲେ। ସାମାଜିକକର୍ମୀ ଶଶିଶେଖର ରାୟ, ବିଭୂତିଭୂଷଣ ହରିଚନ୍ଦନ, ସୋମନାଥ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରସନ୍ନ ତ୍ରିପାଠୀ, ଦିଲିପ ଧାଉଡ଼ିଆ, ବିଜୟ କୁମାର ମହାପାତ୍ର, ଚିତ୍ତରଞ୍ଜନ ଜେନା, ଚନ୍ଦ୍ରଶେଖର ବିଶ୍ୱାଳ, ଅରୁଣ ରାଉତ, ପ୍ରତାପ ବାରିକ, ତ୍ରିନାଥ ମଲ୍ଲିକଙ୍କ ସମେତ ବ୍ଲକ ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମଠରେ ନାମସଙ୍କୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



# ମହାବୀର ସ୍ପୋର୍ଟିଂକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ ସେମିରେ

**ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ କ୍ରିକେଟ**

ନିମାପଡ଼ା,୨।୧୨(ବିଚିତ୍ରାନନ୍ଦ ସାହୁ)




ଅତିଥିମାନେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ନିମାପଡ଼ା ଏସ୍. ପି. ଫାଉଣ୍ଡେଶନ ଆନୁକୂଲ୍ୟରେ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଓ ପଞ୍ଚମ ଗୁଗୁଲି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ପୁରୀ ମହାବୀର ସ୍ପୋର୍ଟିଂକୁ ୧୨୭ ରନ୍‌ରେ ପରାସ୍ତ କରି କଟକ ରାଇଜିଂ ଷ୍ଟୁଡେଣ୍ଟ ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି କଟକ ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୬ଟି ଓ୍ୱିକେଟ୍ ହରାଇ ୨୪୯ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ସର୍ବାଧିକ ୮୯, ବିଭାସ ୬୭ ରନ୍, ରୋହିତ ସାଗର ୪୦ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ପୁରୀ ମହାବୀର ସ୍ପୋର୍ଟିଂର ବୋଲର ଅନୀଲ କୁମାର ପ୍ରଧାନ ୨ଟି ଓ୍ୱିକେଟ୍ ନେଇଥିଲେ। ଏହା ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ପୁରୀ ମହାବୀର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭର ଖେଳରୁ ୨୨.୧ ଓଭରରେ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୧୨୨ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ସୌମେନ୍ଦ୍ର ସାହୁ ସର୍ବାଧିକ ୨୪ ରନ୍ କରିଥିଲେ। ପ୍ରତିପକ୍ଷ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳର ବୋଲର୍ ବାସୁକୀନାଥ ତିୱାରୀ ସର୍ବାଧିକ ୫ଟି ଓ ସତ୍ୟକାମ ଭରଦ୍ୱାଜ ୨ଟି ଓ୍ୱିକେଟ ନେଇଥିଲେ। ଅମ୍ପାୟାର ଭାବେ ଅୟଶକାନ୍ତ ମିଶ୍ର ଓ ଅଭିନନ୍ଦନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳର ଖେଳାଳି ସୌମ୍ୟରଞ୍ଜନ ବିଶ୍ୱାଳ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଆଜିର ମ୍ୟାଚ୍‌ରେ ଅତିଥି ଭାବେ ତହସିଲଦାର ମନୋଜ କୁମାର ପ୍ରଧାନ, ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁ, ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ରଥ ପ୍ରମୁଖ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଟ୍ରଫି ପ୍ରଦାନକରି ପୁରସ୍କୃତ କରିଥିଲେ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଜୁଭେନାଇଲ୍ କଟକ କିଶୋର କ୍ଲବ ଭୁବନେଶ୍ୱରକୁ ଭେଟିବ।

**ପୂଜା ମଣ୍ଡପଗୁଡ଼ିକୁ ତୁରନ୍ତ ଆର୍ଥିକ ଅନୁଦାନ ଯୋଗାଇବାକୁ ଦାବି**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ଚଳିତବର୍ଷ ଦୁର୍ଗାପୂଜା ପୂର୍ବରୁ ରାଜ୍ୟ ସରକାର ଯେଉଁ ମଣ୍ଡପଗୁଡ଼ିକ ୧୦୦ ବର୍ଷ, ୭୫ ବର୍ଷ ଓ ୫୦ ବର୍ଷ ଧରି ପୂଜା କରି ଆସୁଛନ୍ତି ସେମାନଙ୍କୁ ୧ ଲକ୍ଷ, ୭୫ ହଜାର ଓ ୫୦ ହଜାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଏହି ଘୋଷଣାକୁ ତିନି ମାସ ବିତିଯାଇଥିବାବେଳେ ଏବେ ଯାଏଁ ଅନୁଦାନ ରାଶି ମିଳି ପାରିନାହିଁ। ଏ ଦିଗରେ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ କରିବାକୁ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ରାଜ୍ୟ ସରକାରଙ୍କୁ ନିବେଦନ କରିଥିବା ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# 'ଆତ୍ମନିର୍ଭର ଭାରତ ଗଠନରେ ବ୍ୟବସାୟର ସରଳୀକରଣ ଗୁରୁତ୍ୱପୂର୍ଣ୍ଣ'

କଟକ,୨।୧୨(କାର୍ତ୍ତିକ ସାହୁ)

ଭାରତବର୍ଷକୁ ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ନିମନ୍ତେ ଭାରତ ସରକାର ବିଭିନ୍ନ ଯୋଜନା ରୂପାୟନ କରୁଛନ୍ତି। ଆତ୍ମନିର୍ଭର ଭାରତର ଏକ ଅଂଶ ବିଶେଷ ଭାବେ ବ୍ୟବସାୟର ସରଳୀକରଣ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ବିଭିନ୍ନ ବ୍ୟବସାୟ ସେବା ତଥା ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶକାରୀଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ଅନୁମତି, ଲାଇସେନ୍ସ ପ୍ରମାଣପତ୍ର ସହଜ, ସରଳ, ଶୀଘ୍ର ଏବଂ ଅନ୍‌ଲାଇନ ମାଧ୍ୟମରେ ହାସଲ ହୋଇପାରିବା ଏବଂ ପୁଞ୍ଜିନିବେଶକାରୀମାନଙ୍କୁ ପ୍ରୋତ୍ସାହନ ମିଳିପାରିବ। ଯଦ୍ୱାରା ସେମାନେ ସଫଳ ଉଦ୍ୟୋଗୀ ଭାବରେ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହୋଇପାରିବେ ସେ ଦିଗରେ ଭାରତ ସରକାର ଅତ୍ୟନ୍ତ ଗୁରୁତ୍ୱାରୋପ କରି ଜିଲାସ୍ତରରେ ବ୍ୟବସାୟ ସଂସ୍କାର ଉପରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶାର ୩ଟି ଜିଲା ଗଞ୍ଜାମ, ଖୋର୍ଦ୍ଧା ଓ କଟକ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଏହି ଯୋଜନା କଟକ ଜିଲାରେ ସଫଳ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଳ୍ପ ନିର୍ଦ୍ଦେଶିକା ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇପିକଲର ଅଧିକାରୀ ତେଜସ କୁଲକର୍ଣ୍ଣୀ କର୍ମଶାଳାର ଉଦ୍ଦେଶ୍ୟ, ବ୍ୟବସାୟ ସରଳୀକରଣର ଉପାୟ, ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଭୂମିକା, ପ୍ରଚଳିତ ବ୍ୟବସ୍ଥାରେ ଥିବା ସମସ୍ୟାର ସମାଧାନ ଆଦି ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜିଲା ସଂସ୍କାର କାର୍ଯ୍ୟ ଯୋଜନା ମାଧ୍ୟମରେ ସମୁଦାୟ ୧୫୫ଟି ବିଷୟରେ ବ୍ୟବସାୟ ସଂସ୍କାରମୂଳକ ପଦକ୍ଷେପ ନିଆଯିବ।



ଜିଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା କର୍ମଶାଳାରେ ଯୋଗଦେଇଥିବା ଅତିଥି ବୃନ୍ଦ।

**ଜିଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା କର୍ମଶାଳା**

ସେଥିରେ ଜିଲାସ୍ତରରେ ମିଳୁଥିବା ଅନୁମତି, ଲାଇସେନ୍ସ ଆଦି ୪୬ଟି ବିଷୟ, ସମୟାନୁବର୍ତ୍ତୀ ଯାଞ୍ଚ ବ୍ୟବସ୍ଥାରେ ୮୬ଟି ବିଷୟ, ଜିଲାସ୍ତରୀୟ ପୁଞ୍ଜିନିବେଶ ସହଜୀକରଣ ୧୧ଟି ବିଷୟ, ଷ୍ଟାର୍ଟ ଅପ ବୃଦ୍ଧିକୁ ପ୍ରୋତ୍ସାହନ ଉପରେ ୪ଟି ବିଷୟ ସମ୍ପତ୍ତି ରେକର୍ଡ ମ୍ୟୁଟେସନ ଓ ଡିଜିଟାଇଜେଶନ ଆଦି ୫ଟି ବିଷୟ, ଔଦ୍ୟୋଗିକ କ୍ଷେତ୍ରରେ ୨ଟି ବିଷୟ ଅନ୍ତର୍ଭୁକ୍ତ। ଜିଲାସ୍ତରରେ ହେବାକୁ ଥିବା ଏହି ସଂସ୍କାରମୂଳକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଜିଲାଗୁଡ଼ିକ ପ୍ରତିଯୋଗିତା ଭିତ୍ତିରେ ଜାତୀୟ ସ୍ତରରେ ସଫଳତା ମୂଲ୍ୟାୟନ କରାଯିବ।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ଜିଲାରେ ଅନେକ ଆବେଦନର ଅନୁମତି ଅନ୍‌ଲାଇନ ମାଧ୍ୟମରେ ଦିଆଯାଉଥିବା ଉଲ୍ଲେଖ କରି ଅନ୍ୟ ବିଷୟଗୁଡ଼ିକ ଉପରେ ଯଥାଶୀଘ୍ର ଅନ୍‌ଲାଇନ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଲାଇସେନ୍ସ ବା ଅନୁମତି ପ୍ରଦାନ ପୂର୍ବରୁ କରାଯାଇଥିବା ଯାଞ୍ଚ ସମୟରେ ଅଧିକାରୀମାନେ ଅଧିକ ଯତ୍ନଶୀଳ ହୋଇ ତାଙ୍କର ରିପୋର୍ଟର ଉପଯୋଗୀ ନିମନ୍ତେ ହେଉଥିବା ପ୍ରଭାବକୁ ଧ୍ୟାନରେ ରଖିବା ପାଇଁ ନରୱଣେ ପରାମର୍ଶ ଦେଇଥିଲେ। ବ୍ୟବସାୟୀମାନଙ୍କ ନିମନ୍ତେ ଏକ ୱେବ୍ ପୋର୍ଟାଲ ଗଠନ କରାଯାଇ ବ୍ୟବସାୟ ସରଳୀକରଣର ବ୍ୟବସ୍ଥା କରାଯିବ ବୋଲି ଇପିକଲ ଅଧିକାରୀ କୁଲକର୍ଣ୍ଣୀ ପ୍ରକାଶ କରିଥିଲେ। କର୍ମଶାଳାରେ କଟକ ପୌରନିଗମ ଆୟୁକ୍ତ କିରଣଦୀପ କୌର ସହୋତା, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସମସ୍ତ ବିଭାଗୀୟ ଅଧିକାରୀ, ଶିଳ୍ପ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ପୁଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା ଟିମ ଲିଡର ସୁସ୍ନାତା ମହାନ୍ତି ସହାୟତା କରିଥିଲେ।

## ହାତୀ ଆକ୍ରମଣରେ ଯୁବକ ମୃତ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨।୧୨ (ଆଶୁତୋଷ ଦାସ/ ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଲଣ୍ଡା ପଞ୍ଚାୟତ ଅଧୀନ ଗଅଁଣ୍ଡା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ଉକ୍ତ ଗ୍ରାମର ମହେଶ୍ୱର ଦେହୁରୀ (୩୫)। ସୂଚନା ମୁତାବକ, ମହେଶ୍ୱରଙ୍କ ଆଖିକୁ ଭଲ ଭାବେ ଦେଖାଯାଉ ନାହିଁ। ଅପରାହ୍ନ ପ୍ରାୟ ୫ଟାରେ ମହେଶ୍ୱର ଗାଁ ମୁଣ୍ଡ ରାସ୍ତାରେ ଏକୁଟିଆ ଛିଡ଼ା ହୋଇଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥଲେ ସୁଦ୍ଧା ହାତୀ ଦୌଡ଼ି ଆସି ମହେଶ୍ୱରଙ୍କୁ ଠେଲି ଦେଇ ଗୋଡ଼ରେ ଦଳି ଦେଇଥିଲା। ଫଳରେ ତାଙ୍କ ଗୋଡଠୁ ମୁଣ୍ଡ ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଗ୍ରାମବାସୀ ଆସି ହାତୀ ଘଉଡ଼ାଇବା ସହ ବନ ବିଭାଗକୁ ଖବର ଦେଇଥିଲେ ସୁଦ୍ଧା ସ୍ଥାନୀୟ ଫରେଷ୍ଟର କିମ୍ବା ବନ କର୍ମଚାରୀ ପହଞ୍ଚି ନ ଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ମହେଶ୍ୱରଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ କିଛି ଦିନ ହେବ ଏହି ଗ୍ରାମରେ ହାତୀ ଆତଙ୍କ ଚଳାଉଥିବା ବେଳେ ଗ୍ରାମବାସୀ ସ୍ଥାନୀୟ ଫରେଷ୍ଟରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ବନ ବିଭାଗ ହାତୀ ଘୋଡାଇବା ପାଇଁ କୌଣସି ତତ୍ପରତା ଦେଖାଇ ନ ଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବଇରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କୁ ପଚାରିବାରୁ ସେ କହିଛନ୍ତି, ମାଇକ ମାଧ୍ୟମରେ ୩ ଦିନ ହେଲା ଗାଁରେ ହାତୀ ବୁଲୁଛି। କେହି ଜଙ୍ଗଲ ରାସ୍ତାକୁ ଯାଆନ୍ତୁ ନାହିଁ ବୋଲି ସଚେତନ କରୁଛୁ। କିନ୍ତୁ ମହେଶ୍ୱର ଦୃଷ୍ଟିବାଧିତ ଥିବାରୁ ହାତୀକୁ ଦେଖି ପାରି ନ ଥିଲେ।

## ନୂତନ କମ୍ୟୁନିଟି ହଲ୍ ନିର୍ମାଣର ଶୁଭାରମ୍ଭ କଲେ ବିଧାୟିକା



ବିଧାୟିକା କମ୍ୟୁନିଟି ହଲ୍ ନିର୍ମାଣର ଶୁଭାରମ୍ଭ କରୁଛନ୍ତି।

କଟକ,୨।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ୱାର୍ଡ ନଂ. ୨୬ ଅଞ୍ଚଳର କାଠଗଡା ସାହିରେ ମଦନ ମୋହନ ଜୀଉ କମିଟିର କମ୍ୟୁନିଟି ହଲ ନିର୍ମାଣର ଶୁଭାରମ୍ଭ ହୋଇଯାଇଛି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ନୂତନ କମ୍ୟୁନିଟି ସେଣ୍ଟରଟି ସ୍ଥାନୀୟ ଲୋକଙ୍କ ପାଇଁ ବିଶେଷ ଉପକାରୀ ହେବା ସହ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସୁବିଧା ଯୋଗାଇବ ବୋଲି ବିଧାୟିକା ଫିର୍ଦ୍ଦୋସ କହିଛନ୍ତି। କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ସଭାପତି ବିଜେନ ଚନ୍ଦ୍ର ସିହ୍ନା, ସମ୍ପାଦକ ସଦାଶିବ ଓଝା, ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ଅଧିକାରୀ ବିରଞ୍ଚି ନାରାୟଣ ମହାରଣା, ମହନ୍ତ ଦୂର୍ଗାଚରଣ ମହାରଣା, ଚନ୍ଦନ କୁମାର ଦାସ, ବରିଷ୍ଠ ମୁରବି ଶିବ ପ୍ରସାଦ ସାହୁ, କାଳନ୍ଦି ଓଝା, ସଦାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୩୨୦ ଲିଟର ଚୋରାମଦ ଜବତ, ଜଣେ କୋର୍ଟଚାଲାଣ

ବାଙ୍କୀ,୨।୧୨(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଜାତମୁଣ୍ଡିଆରେ ଚଢ଼ାଉ କରାଯାଇ ଚୋରାମଦ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ତର୍ଡ଼ଙ୍ଗ ଗ୍ରାମର ବେଣୁଧର ସାହୁଙ୍କ ପୁଅ ନିଲୁ ସାହୁ(୩୧)। ଏନେଇ ଅବକାରୀ ବିଭାଗ ମାମଲା (ନଂ. ୧୫୭/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତେବେ ନିଲୁଙ୍କ ନିକଟରୁ ୩୨୦ ଲିଟର ଚୋରା ଦେଶୀମଦ ଜବତ କରି ଗାଡ଼ିକୁ ଅଟକ ରଖାଯାଇଛି। ସୂଚନାଯୋଗ୍ୟ, ନିଲୁ ଏକ ଯାତ୍ରୀବାହୀ ଅଟୋରେ ଚୋରା ମଦ ଚାଲାଣ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ଚଢ଼ାଉ କରି ତାଙ୍କ ନିକଟରୁ ମଦ ଜବତ କରିଛି। କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସିଏଚ୍ ତିରୁପଥୀଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ବାଙ୍କୀ ଅବକାରୀ ବିଭାଗ ଓ ଆଇସି ବିଶ୍ୱଜିତ୍ ଆରୁକ୍, ଏଏସ୍‌ଆଇ ପ୍ରଦୀପ କୁମାର ଦଳାଇଙ୍କ ସମେତ ସହକର୍ମୀମାନେ ଚଢ଼ାଉରେ ସାମିଲ ଥିଲେ।

## କିଟ୍ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ ଦାବିକଲା ଛାତ୍ର ସମାଜ ଓଡ଼ିଶା




ଛାତ୍ର ସମାଜ ଓଡ଼ିଶାର କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

କଟକ,୨।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଛାତ୍ର ସମାଜ ଓଡ଼ିଶା ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ର ଆତ୍ମହତ୍ୟା ଘଟଣାକୁ ନିନ୍ଦା କରାଯାଇଛି। ମଙ୍ଗଳବାର ହୋଟେଲ ଶୀତଲର ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର ସମାଜର ଆବାହକ ଦୀପକ କୁମାର ଗୁରୁ କହିଛନ୍ତି, କିଟ୍ ବିଶ୍ୱବିଦ୍ୟାଳୟରେ ଦେଶ ବିଦେଶରୁ ଛାତ୍ରୀଛାତ୍ର ଆସି ପାଠପଢୁଛନ୍ତି। ବିଦ୍ୟାର୍ଥୀଙ୍କ ସୁରକ୍ଷା କିଟ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। କେଉଁଠି ନା କେଉଁଠି କିଟ୍ କର୍ତ୍ତୃପକ୍ଷ ଦାୟିତ୍ୱରେ ଅବହେଳା କରୁଛନ୍ତି, ଏହାଦ୍ୱାରା ଏଭଳି ଘଟଣା ଘଟୁଛି ଏବଂ ଓଡିଶାର ନାମ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖରାପ ହେଉଛି। ଉକ୍ତ ବିଶ୍ୱବିଦ୍ୟାଳୟରେ ବର୍ଷକ ଭିତରେ ୩ଟି ଆତ୍ମହତ୍ୟା ଘଟଣା ଘଟିଲାଣି। ଏଭଳି ଘଟଣା ବାରମ୍ବାର କାହିଁକି ଘଟୁଛି। ଘଟଣା ଘଟିଲା ପରେ ବି ବିଶ୍ୱବିଦ୍ୟାଳୟ ଏହି ଘଟଣାଗୁଡ଼ିକୁ କ'ଣ ପାଇଁ ଲୁଚେଇଛି, ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷା ଅନୁଷ୍ଠାନରେ କାଉନସେଲର ବ୍ୟବସ୍ଥା ନାହିଁ, ଶିକ୍ଷା ଅନୁଷ୍ଠାନର ଦାୟିତ୍ୱ ହୀନତା ଯୋଗୁ ଏଭଳି ଘଟଣା ଘଟୁଛି। ସରକାର ଏହି ଘଟଣାକୁ ଗମ୍ଭୀରତା ସହ ନିଅନ୍ତୁ ଏବଂ କେଉଁ ସମସ୍ୟା ରହିଛି ତାହାର ସମାଧାନ କରନ୍ତୁ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୃତ ଛାତ୍ରଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଛାତ୍ର ସମାଜ ଓଡ଼ିଶା ଦାବି କରଛି ବୋଲି ସେ କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାହୁଲ କୁମାର ସେଠୀ, ରିଙ୍କୁ ବିଶୋଇ, ଦେବାଶିଷ ଗୁରୁ, ତୋଫାନ ପ୍ରଧାନ, ସତ୍ୟବ୍ରତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭତ୍ତା କରାଇଦେବା ପାଇଁ ଅର୍ଥ ଆଦାୟ

**ଗାଳିଗୁଲଜ କରିବା ଭିଡିଓ ଭାଇରାଲ**

କଟକ ସଦର,୨।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା କରାଇଦେବା ପାଇଁ ଅର୍ଥ ଆଦାୟ କରାଯାଇ ଥିବା ଭିଡିଓ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ୪୨ ମୌଜା ଅଞ୍ଚଳର ଏକ କଲ୍ୟାଣ ମଣ୍ଡପରେ ଭୋଜି ଚାଲିଥିବା ବେଳେ ଜଣେ ମହିଳା ଗାଳିଦେଇ ୨ ହଜାର ଟଙ୍କା ଫେରାଇ ଦେବା ପାଇଁ ଭିଡିଓରେ କହୁଛନ୍ତି। ବୟସ କମ ଥିବାରୁ ୬୦ ବର୍ଷ କରିବା ପାଇଁ ଟଙ୍କା ଖର୍ଚ୍ଚ ହୋଇଛି, ସେଥିପାଇଁ ଆଉ ହଜାରେ ଟଙ୍କା ଦେଲେ ଶୀଘ୍ର ଭତ୍ତା କରିଦେବି ବୋଲି ଜଣେ ବୟସ୍କ ବ୍ୟକ୍ତି କହୁଥିବା ଦେଖାଯାଉଛି। ଏହି ବ୍ୟକ୍ତିଙ୍କ କଟକ ସଦର ବ୍ଲକରେ ଅବାଧ ପ୍ରବେଶ ରହିଛି। ଶେଷରେ ମହିଳା ଓ ପୁରୁଷ ଜଣକ ମରାଧରା ହେଉଛନ୍ତି। ତେଣୁ ଏହି ଭିଡିଓକୁ ବ୍ଲକ କର୍ତ୍ତୃପକ୍ଷ ଯାଞ୍ଚ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ୪୨ ମୌଜାବାସୀ ଦାବି କରିଛନ୍ତି।

## କୁମାରପୁର ପୁରାତନ ଛାତ୍ର ସଂସଦର ବାର୍ଷିକ ବୈଠକ

ଖୁଣ୍ଟୁଣୀ,୨।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କୁମାରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ସାଧାରଣ ପରିଷଦ ବୈଠକ ଡା କୃପାସିନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଦୁର୍ଯ୍ୟୋଧନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗନ୍ଧର୍ବ ସେନ ସାହୁ, ଭୀମସେନ ପ୍ରଧାନ, ଦାମୋଦର ବେଉରା, ପ୍ରଭାକର ବେଉରା, ଦିବାକର ସାହୁ, ଲୋକନାଥ ବେହେରା, ବିଷ୍ଣୁ ଚରଣ ସାହୁ, ଦିଲ୍ଲୀପ ବିଶ୍ୱାଳ, ସୁରେନ୍ଦ୍ର ନାୟକ, ପ୍ରତାପ ନାୟକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ର ସଂସଦ ସଭାପତି ସତ୍ୟବ୍ରତ ମହାପାତ୍ର (ବୁନୁ) ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପାଠପଢ଼ା ଓ ବିଭିନ୍ନ ବିଭାଗର ଉନ୍ନତି ନିମନ୍ତେ ସମସ୍ତ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟ କରିବା ପାଇଁ ବକ୍ତାମାନେ ପରାମର୍ଶ ଦେଇଥିଲେ। ପ୍ରତାପ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ କବି ପ୍ରସାଦ ବେହେରାଙ୍କ ପ୍ରଚେଷ୍ଟାରେ ସଭା ସଫଳ ହୋଇଥିବାରୁ ତାଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ପ୍ରଦୀପ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦ କୋଷାଧ୍ୟକ୍ଷ ହିମାଂଶୁ ଭୂଷଣ ସାହୁ, ଯୁଗ୍ମ ସମ୍ପାଦକ ଉତ୍ତମ ସାହୁ, ତାପସ ସାହୁ ଓ ଉଲ୍ଲାସ ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

## ବାରବାଟୀ କ୍ରିକେଟ: ଦ୍ୱୈତନଗରୀରେ ସୁରକ୍ଷା ବଢ଼ିଲା

ଭୁବନେଶ୍ୱର,୨।୧୨(ତ୍ରିନାଥ ମହାନ୍ତି)

**ଷ୍ଟାଡିୟମ ଭିତରକୁ ପାଣି ବୋତଲ, କଏନ, କଲମ ମନା**

- ବିମାନ ବନ୍ଦର, ହୋଟେଲ ଏବଂ ଫ୍ୟାନ୍ ଜୋନ୍‌ରେ ସୁରକ୍ଷା କଡ଼ାକଡ଼ି
- ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ଆସନ୍ତା ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ଟି-୨୦ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ବିଭାଗକୁ ନେଇ ପୋଲିସ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଖେଳାଳିଙ୍କ ସୁରକ୍ଷା, ରହଣି ଏବଂ ମ୍ୟାଚ୍ ସମୟରେ ଯେପରି କିଛି ବିଶୃଙ୍ଖଳା ବା ଅଘଟଣ ନ ଘଟେ, ସେନେଇ ଆଲୋଚନା କରାଯାଇଛି। କ୍ରୀଡ଼ା ବିଭାଗ, ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସମେତ ବିମାନବନ୍ଦର କର୍ତ୍ତୃପକ୍ଷ, କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ, ମୁଖ୍ୟ ଇଞ୍ଜିନିୟର, ମେ ଫେୟାର ହୋଟେଲ କର୍ତ୍ତୃପକ୍ଷ, ସିଆଇଏସ୍‌ଏଫ୍ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ଯୋଗଦେଇଥିଲେ। ଖେଳାଳୀମାନେ ୮ ତାରିଖ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଖେଳାଳିମାନେ ଏୟାରପୋର୍ଟ ଛକ, ଏଜି ଛକ ପରେ ଲୋକ ଭବନ ଦେଇ ସିଧା ମେ'ଫେୟାର ହୋଟେଲରେ ପହଞ୍ଚିବେ। ସେଠାରୁ ସନ୍ଧ୍ୟାରେ ବାରବାଟୀ ଯାଇ ଖେଳ ଅଭ୍ୟାସ କରି ପୁଣି ରାତିରେ ଫେରି ମେ ଫେୟାର ହୋଟେଲରେ ରହିବେ। ୯ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଖେଳାଳିମାନେ ପୁଣି କଟକ ଅଭିମୁଖେ ବାହାରିବେ। ସେମାନେ ଯିବାଆସିବା ସମୟରେ ସମସ୍ତ ଛକରେ ଲୋକଙ୍କ ଯାତାୟତକୁ ରୋକାଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ପୋଲିସ ମୁତୟନ ରହିବେ। ଯାତାୟାତରେ ଯେପରି କିଛି ଅସୁବିଧା ନ ହେବ, ବିଶେଷକରି ବିମାନ ବନ୍ଦର, ମେ ଫେୟାର ହୋଟେଲ, ଫ୍ୟାନ୍ ଜୋନ ଏବଂ ଷ୍ଟାଡିୟମରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଖେଳାଳିଙ୍କ ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ। ଷ୍ଟାଡିୟମ ଭିତରକୁ ପାଣି ବୋତଲ, କଏନ, କଲମ ଏବଂ ଅନ୍ୟାନ ସାମଗ୍ରୀ ନେବାକୁ ବାରଣ କାରାଯାଇଛି। ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଦାୟିତ୍ୱ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ତଦାରଖ କରୁଛନ୍ତି। ଏହି ବୈଠକରେ ପୋଲିସ କମିଶନର ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା, ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି, ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ରାକେଶ ଚୌଧୁରୀ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଚିବ ଅଭିଜିତ ପଲ୍ ବୈଠକରେ ଉପସ୍ଥିତ ରହିଥିଲେ।

**ଫଟୋରେ ଖବର**



ଦରମା ପ୍ରଦାନରେ ବିଳମ୍ବ ଓ ଇପିଏଫ୍‌ଓ, ଇସିଆଇ ଜମା କରାଯାଉ ନ ଥିବା ପ୍ରତିବାଦରେ ମଙ୍ଗଳବାର ଅସ୍ଥାୟୀ କର୍ମଚାରୀମାନେ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଡ୍ରିମ୍‌ସ ସ୍କୁଲ ଅଫ୍ ଫାର୍ମାସିରେ ନବାଗତ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ସରକାରଙ୍କୁ ବିରୋଧୀଙ୍କ 'ଅନ୍ୱେଷା' ଟାର୍ଗେଟ୍

## ନୂଆରୂପରେ ଆସିବ ଅନ୍ୱେଷା: ମନ୍ତ୍ରୀ

ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ପାଇଁ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। 'ଅନ୍ୱେଷା' ଯୋଜନାରେ ପ୍ରାୟ ୨୫ହଜାର ଛାତ୍ରୀଛାତ୍ର ନାମ ଲେଖାଇବା ସହିତ ମେଧାବୀ ହେବାର ସମ୍ଭାବନା ଥିବାବେଳେ ସରକାର କାହିଁକି ଏପର୍ଯ୍ୟନ୍ତ ଏହାର ପୋର୍ଟାଲ ଖୋଲିନାହାନ୍ତି ବୋଲି କହି ବିରୋଧୀ କଂଗ୍ରେସ ଓ ବିଜେଡି ସରକାରଙ୍କୁ ମଙ୍ଗଳବାର ଗୃହରେ ମୁଲତବି ଆଲୋଚନା କାଳରେ ଟାର୍ଗେଟ୍ କରିଛନ୍ତି। ବିରୋଧୀଙ୍କୁ ଜବାବ ଦେଇ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ସରକାର ଆଦିବାସୀଙ୍କ ବିକାଶକୁ ପ୍ରାଥମିକତା ଦେଉଛନ୍ତି। 'ଅନ୍ୱେଷା' ଯୋଜନା ୧୧ଟି ଜିଲାରେ କାର୍ଯ୍ୟକାରୀ ହେଉଛି। ଏହାର ଆଗାମୀ ନୂତନ ରୂପରେଖ ପାଇଁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମୁଲତବି ଆଲୋଚନା ଆରମ୍ଭକରି କହିଥିଲେ, ରାଜ୍ୟ ସରକାର ଅନ୍ୱେଷା ଯୋଜନା କାହିଁକି କାର୍ଯ୍ୟକାରୀ କରୁନାହାନ୍ତି, ତାହା ବୁଝାପଡୁନାହିଁ। ରାଜ୍ୟରେ ୪୦ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତିର ଲୋକେ ବସବାସ କରୁଛନ୍ତି। ସେମାନଙ୍କ ଉନ୍ନତି ପାଇଁ ସରକାର ଏହି ଯୋଜନା ଆଣିଥିଲେ। ପ୍ରତିବର୍ଷ ୧୭ ଜିଲାରେ ଏହି ଯୋଜନାରେ ପ୍ରାୟ ୨୫ହଜାର ଛାତ୍ରୀଛାତ୍ର ନାମ ଲେଖାଇ ଉପକୃତ ହେଉଥିଲେ। ଏଥିପାଇଁ କୋଟି କୋଟି ଟଙ୍କାର ସ୍ୱତନ୍ତ୍ର ଅର୍ଥ ବ୍ୟୟବରାଦ କରାଯାଇଥାଏ। ମାତ୍ର ୨୦୨୫-୨୬ ଆର୍ଥିକ ବର୍ଷରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସରକାର ଅନ୍ଧାର ଭିତରକୁ ଠେଲି ଦେଉଛନ୍ତି। ଏପର୍ଯ୍ୟନ୍ତ ଅନ୍ୱେଷା ପୋର୍ଟାଲ ଖୋଲାଯାଉନାହିଁ କି ନାମ ଲେଖାଯାଉନାହିଁ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଆଦିବାସୀ ବର୍ଗର ହୋଇ ମଧ୍ୟ ଆଦିବାସୀଙ୍କ ଦୁଃଖ ବୁଝୁନାହାନ୍ତି। ଆଦିବାସୀଙ୍କୁ ସମ୍ବିଧାନ ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ସବୁକ୍ଷେତ୍ରରେ ଅଧିକାର ଦେଇଛି। କିନ୍ତୁ ସରକାର ରାବଣ ସାଜି ଆଦିବାସୀଙ୍କ ଉପରେ ଜୁଲମ କରୁଛନ୍ତି ବୋଲି କାଡ଼ାମ କହିଥିଲେ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ବିଭାଗୀୟ ମନ୍ତ୍ରୀ ଜଣେ ଆଦିବାସୀ ସମ୍ପ୍ରଦାୟର। ଅନ୍ୱେଷା ଯୋଜନା ପାଇଁ ରାଜ୍ୟରେ ଡ୍ରପ୍‌ଆଉଟ୍ ହାର ୩୩ରୁ ୧୮ପ୍ରତିଶତକୁ ଖସିଥିଲା। କିନ୍ତୁ ସେହି ଯୋଜନା ବନ୍ଦ କରିବାକୁ ସରକାର କାହିଁକି ନିଷ୍ପତ୍ତି ନେଉଛନ୍ତି, ଯାହାର କାରଣ ବୁଝିହେଉନାହିଁ। ସେ କହିଥିଲେ, ବିଭାଗୀୟ ମନ୍ତ୍ରୀ ନିଜେ ଉତ୍ତର ରଖି କହିଛନ୍ତି, ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଅନ୍ୱେଷା ଯୋଜନା ଜାରି ରଖିବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି। ଏଥିରୁ ସ୍ପଷ୍ଟ ଯେ, ସରକାର ଏହି ଯୋଜନାକୁ ନେଇ ଷଡ଼ଯନ୍ତ୍ର କରୁଛନ୍ତି।

ବିରୋଧୀଙ୍କ ପ୍ରଶ୍ନର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ୨୦୧୫-୧୬ରୁ ରାଜ୍ୟରେ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ସହରରେ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦେବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତି ୫ ବର୍ଷରେ ଏହି ଯୋଜନାର ତର୍ଜମା କରି ସରକାର ନିଷ୍ପତ୍ତି ନେଇଥାନ୍ତି। ବର୍ତ୍ତମାନ ୧୧ ଜିଲାର ୧୬୩ଟି ଶିକ୍ଷାନୁଷ୍ଠାନରେ ପ୍ରାୟ ୨୦ ହଜାର ଆଦିବାସୀ ଓ ଦଳିତ ବର୍ଗର ଛାତ୍ରୀଛାତ୍ର ପଢୁଛନ୍ତି। ୨୦୨୫-୨୬ ବର୍ଷରେ ୧୫୮.୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ଜିଲା ପ୍ରଶାସନକୁ ୧୦୫ କୋଟି ୧୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗତ ସରକାର ଆଦିବାସୀଙ୍କ କଥା ଚିନ୍ତା କରୁ ନ ଥିଲେ। ଆମ ସରକାର ଆସିବା ପରେ ଆଦିବାସୀଙ୍କ ବହୁବିଧ ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

# ଭଡ଼ାଘରେ ଚାଲିଛି ୨୦,୧୫୦ ଅଙ୍ଗନୱାଡ଼ି କେନ୍ଦ୍ର

## ୭,୩୮୯ କେନ୍ଦ୍ର ନିର୍ମାଣାଧୀନ

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)

ରାଜ୍ୟରେ ମୋଟ ୭୪,୨୨୪ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେଥିରୁ ୨୦,୧୫୦ କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଭଡ଼ାଘରେ ଚାଲିଛି। ୭,୩୮୯ ଅଙ୍ଗନୱାଡ଼ି କେନ୍ଦ୍ରର ଘର ନିର୍ମାଣାଧୀନ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ଜଣାଇଛନ୍ତି, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବା ନିମନ୍ତେ ସ୍ଥାନ ନିରୂପଣଠାରୁ ଆରମ୍ଭ କରି କାମ ସରିବାଯାଏ ସବୁକିଛି ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରାଯାଉଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩୯ କୋଟି ୮୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକୁ ନିୟମିତ ସମୀକ୍ଷା ତଥା ତଦାରଖ କରିବା ଲାଗି ଜିଲାପାଳ, ଜିଲା ପରିଷଦ, ବିଡିଓ ଓ ସିଡିପିଓମାନଙ୍କୁ କୁହାଯାଇଛି। ବିଭାଗୀୟ ତଥ୍ୟ ଅନୁସାରେ, ରାଜ୍ୟର ୩୦ ଜିଲାରେ ମୋଟ ୭୪ହଜାର ୨୨୪ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ୫୪ ହଜାର ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଘର ରହିଛି ଓ ୨୦,୧୫୦ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ାଘରେ ଚାଲୁଛି। ସେଥିରୁ ୭,୩୮୯ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣାଧୀନ ଅବସ୍ଥାରେ ରହିଛି। ବାଲେଶ୍ୱର ଜିଲାରେ ସର୍ବାଧିକ ୧,୭୫୫ କେନ୍ଦ୍ର ଭଡ଼ାଘରେ ଚାଲୁଥିବାବେଳେ ଦ୍ୱିତୀୟ ସ୍ଥାନରେ କଟକ ଜିଲାର ୧,୫୨୪ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେହିପରି ସୁନ୍ଦରଗଡ଼ରେ ୧,୨୧୭, ପୁରୀରେ ୧,୦୭୯, ମୟୂରଭଞ୍ଜରେ ୧,୦୫୦, ଯାଜପୁରରେ ୧,୦୭୮ ଏବଂ ଗଞ୍ଜାମରେ ୧,୩୫୬ ଓ ଦେବଗଡ଼ରେ ସର୍ବନିମ୍ନ ୨୮ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ାଘରେ ଚାଲିଛି। ସେହିପରି ଗଞ୍ଜାମରେ ସର୍ବାଧିକ ୭୫୪ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣାଧୀନ ରହିଥିବା ବେଳେ କଟକରେ ସର୍ବନିମ୍ନ ୭ କେନ୍ଦ୍ର ନିର୍ମାଣାଧୀନ ଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ଅପରାଧୀଙ୍କୁ ଛଡ଼ାଯିବା ବାଟ ତିଆରି ହୋଇନାହିଁ: ମନ୍ତ୍ରୀ

## ଟିପିସିଓଡିଲ୍‌କୁ ବିଜେଡି ସରକାର ରାଜ୍ୟକୁ ଆଣିଥିଲା

ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)

ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୫କୁ ଗୃହର ଅଧକ୍ଷ ସନାତନ ବିଜୁଳି ମଙ୍ଗଳବାର ପାରିତ କରିଛନ୍ତି। ବିଲ୍ ଉପରେ ବିରୋଧୀ ଏବଂ ଶାସକ ଦଳ ସଦସ୍ୟଙ୍କ ଦୀର୍ଘ ସମୟ ଆଲୋଚନା ପରେ ଉତ୍ତର ଦେଇ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ୧୬ଟି ଆଇନକୁ ମିଶାଇ ଓଡ଼ିଶା ଜନ ବିଶ୍ୱାସ ବିଲ୍ ଅଣାଯାଇଛି। ଏହାଦ୍ୱାରା ରାଜ୍ୟର ଜନସାଧାରଣଙ୍କ ବିଶ୍ୱାସ ନିଶ୍ଚିତ ବୃଦ୍ଧିପାଇବ। ଏଥିରେ ଅନେକ ପ୍ରକ୍ରିୟାକୁ ସରଳୀକରଣ କରାଯାଇଛି। ଅପରାଧୀଙ୍କୁ ଛଡ଼ାଯିବାର ବାଟ ତିଆରି ହୋଇନାହିଁ। ଜନସାଧାରଣଙ୍କ ଆସ୍ଥା ସରକାରଙ୍କ ଉପରେ ବଢ଼ାଇବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ୨୮ଟି ରାଜ୍ୟ ମଧ୍ୟରୁ ୯ଟି ରାଜ୍ୟ ଏହାକୁ ଲାଗୁ କରିସାରିଲେଣି। ଓଡ଼ିଶା ମଧ୍ୟ ଏହି ବିଲ୍ ଲାଗୁକରି ଆଗକୁ ବଢ଼ିବା ଦରକାର। ଛୋଟ ଛୋଟ ଅପରାଧ ଲାଗି ଜରିମାନା ବ୍ୟବସ୍ଥା କରାଯାଇଛି। କାରଣ ଅନେକ ଛୋଟ ଛୋଟ ମାମଲା କୋର୍ଟ ଯିବା ଦ୍ୱାରା ଦୀର୍ଘଦିନ ଏହାକୁ ନେଇ ମାମଲା ଚାଲୁଥିଲା। ଫଳରେ ଏହାଦ୍ୱାରା ସରକାରୀ ଅଧିକାରୀଙ୍କୁ ମଧ୍ୟ ହଇରାଣ ହେବାକୁ ପଡୁଥିଲା। ଦୀର୍ଘଦିନ ପରେ କୋର୍ଟ ଦଣ୍ଡବିଧାନ କରୁଥିଲେ। ଏଭଳି ପ୍ରକ୍ରିୟା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ ତୁରନ୍ତ ଫଇସଲା ଅନେକ ଛୋଟ ଘଟଣାରେ ହୋଇପାରିବ। ଫଳରେ ମୂଳରୁ ହିଁ ବହୁ ସମସ୍ୟାର ସମାଧାନ ହୋଇଯିବ। ଟାଟା କଥା ବିରୋଧୀ ସଦସ୍ୟମାନେ ଉଠାଉଛନ୍ତି ହେଲେ ସେହି ବିଦ୍ୟୁତ୍ ବିତରଣ କମ୍ପାନୀକୁ ଓଡ଼ିଶାକୁ କିଏ ଆଣି ଦାୟିତ୍ୱ ଦେଇଥିଲା। ଓଡ଼ିଶା ବିଦ୍ୟୁତ୍ (ଦେୟ) ଅଧିନିୟମ ୧୯୬୧ର ଅନେକ ପ୍ରୋଭିଜନକୁ ପରିବର୍ତ୍ତନ କରାଯାଇନାହିଁ। କେତେକ ଛୋଟ ଛୋଟ ପ୍ରୋଭିଜନକୁ ବଦଳାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

ସେ ଆହୁରି କହିଛନ୍ତି, ୯ଟି ବିଭାଗକୁ ନେଇ ଏହି ବିଲ୍ ଉପରେ ପଦ୍ଧତିଗତ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟର ୧୬ଟି ଆଇନକୁ ଅନ୍ତର୍ଭୁକ୍ତ କରାଯିବା ସହ ମୋଟ୍ ୧୬୧ଟି ଆଇନଗତ ବ୍ୟବସ୍ଥାର ସଂସ୍କାର ପାଇଁ ଚିହ୍ନଟ କରାଯାଇଛି। ଏହାଛଡ଼ା ୫୦ଟି କାରାଦଣ୍ଡ ବ୍ୟବସ୍ଥାର ସରଳ ଅପରାଧୀକରଣକୁ ମଧ୍ୟ ସୁପାରିସ କରାଯାଇଛି। ୧୧ଟି ଜରିମାନା ଧାର୍ଯ୍ୟ କରୁଥିବା ନ୍ୟାୟିକ ବ୍ୟବସ୍ଥାକୁ ଆର୍ଥିକ ଦଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ସୁପାରିସ କରାଯାଇଛି। ଅବଶିଷ୍ଟ ପ୍ରଶାସନିକ ସରଳୀକରଣ ଲାଗି ପ୍ରସ୍ତାବ ରଖାଯାଇଛି। ଦଣ୍ଡବିଧାନ ବଦଳରେ ଜୁଆଖେଳ କ୍ଷେତ୍ରରେ ଯଦି ଅର୍ଥଦଣ୍ଡ ବ୍ୟବସ୍ଥା କରାଯାଏ କେବେହେଲେ ଏହି ଖେଳକୁ ପ୍ରୋତ୍ସାହନ ମିଳିବ ନାହିଁ ବୋଲି ସେ କହିଛନ୍ତି।

# ଜିରୋ ନ ହେଉ 'ଜିରୋ ଆୱାର': ଅରୁଣ

ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)

ସଂସଦୀୟ ପରମ୍ପରା ତଥା ରୁଲ୍‌ସ ଆଣ୍ଡ ବିଜ୍‌ନେସ୍ ଅନୁଯାୟୀ ଗୃହରେ 'ଜିରୋ ଆୱାର'ରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠିବା କଥା। ଏହାକୁ ବିଚାରକୁ ନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତା'ର ଜବାବ ମଧ୍ୟ ଦିଆଯିବା କଥା। ମାତ୍ର ତାହା ଏବେ ପରିଲକ୍ଷିତ ହେଉନାହିଁ। ଗୃହର ସଦସ୍ୟମାନେ କେବଳ ନିଜ ଅଞ୍ଚଳର ସମସ୍ୟା କହି ସମୟ ସାରିଦେଉଛନ୍ତି। ଏହାଦ୍ୱାରା 'ଜିରୋ ଆୱାର' ଏକପ୍ରକାର ଜିରୋ ହୋଇଯାଉଛି ବୋଲି ସଦସ୍ୟ ଅରୁଣ ସାହୁ ଶୂନ୍ୟକାଳରେ କହିଛନ୍ତି। ଶୂନ୍ୟକାଳରେ ଶାସକ ଓ ବିରୋଧୀଙ୍କ ସମସ୍ୟା ଉତ୍ଥାପନ କରିବାର ସମୟକୁ ନେଇ ଅରୁଣ ବରିଷ୍ଠ ସାମ୍ବାଦିକମାନଙ୍କ ମତକୁ ଗୃହରେ ରଖିଥିଲେ। ସେ କହିଥିଲେ, ସଂସଦୀୟ ପରମ୍ପରାରେ ମଧ୍ୟ 'ଆମେଣ୍ଡମେଣ୍ଟ' କରାଯାଇପାରୁଛି। ସଂପ୍ରତି ସମୟ ଓ ପରିସ୍ଥିତି ବଦଳୁଛି। ତେଣୁ ବିଧାନସଭାରେ ଏହି ଶୂନ୍ୟକାଳର ଗୁରୁତ୍ୱ ଏବଂ ଗୃହର ଗରିମା ଯେଭଳି ବଜାୟ ରହିବ ତାକୁ ନେଇ ଏହି ସମୟର ସଦୁପଯୋଗ ହେବା ଆବଶ୍ୟକ। ଏଥିରେ ଆବଶ୍ୟକ ସଂଶୋଧନ ଆଣିବା ଲାଗି ଅରୁଣ ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଶୂନ୍ୟକାଳରେ ଓଇଆର୍‌ସି ବିରୋଧରେ ଗର୍ଜିଲେ ବିରୋଧୀ

ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଦ୍ୱାରା ନିର୍ଦ୍ଧାରିତ ଧାର୍ଯ୍ୟ ଦରଠାରୁ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକ ପ୍ରତି ୟୁନିଟ୍‌ରେ ଅଧିକ ଟଙ୍କା ଉପଭୋକ୍ତାଙ୍କଠାରୁ ଆଦାୟ କରୁଛନ୍ତି। ବିଗତ ୮ ବର୍ଷରେ ସେମାନେ ୭,୧୪୫ କୋଟି ଟଙ୍କା ଅତିରିକ୍ତ ଭାବରେ ଆଦାୟ କରିଛନ୍ତି। ଏହାର ପ୍ରତିବାଦ କରି ବିରୋଧୀ ସଦସ୍ୟମାନେ ଶୂନ୍ୟକାଳରେ ସରକାରଙ୍କୁ ଘେରିବା ସହ ସମ୍ପୃକ୍ତ ବିଦ୍ୟୁତ୍ ବିତରକ କମ୍ପାନୀଠାରୁ ସୁଧ ସହ ପଇସା ଫେରସ୍ତ ଦେବାକୁ ଦାବି କରିଛନ୍ତି। ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ଓ ବ୍ୟୋମକେଶ ରାୟ କହିଛନ୍ତି, ଓଇଆର୍‌ସି ନିଜ ନିକାୟଗତ ଦାୟିତ୍ୱ ପାଳନ କରୁନାହିଁ। ଓଇଆର୍‌ସି ଦ୍ୱାରା ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଆଦାୟ କରିବା ଅବୈଧ। ସେହିପରି ନିୟମ ଉଲ୍ଲଂଘନ କରି କମ୍ପାନୀଗୁଡ଼ିକ ଯେଉଁ ଅର୍ଥ ନେଇଛନ୍ତି, ତାହାକୁ ସୁଧ ସହ ଫେରାଇବା ଦରକାର। ତେବେ ଏପର୍ଯ୍ୟନ୍ତ କାହିଁକି ତାଙ୍କଠାରୁ ଉକ୍ତ ଟଙ୍କା ଆଦାୟ କରାଯାଇ ନାହିଁ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ଏହା ରାଜ୍ୟର ୧ କୋଟି ଉପଭୋକ୍ତାଙ୍କ ଉପରେ ଅନ୍ୟାୟ ଓ ଜୁଲମ ସହ ସମାନ। ତେଣୁ କମିଶନ ନୀରବ ନ ବସି, ତତ୍‌କ୍ଷଣାତ୍ କଠୋର ପଦକ୍ଷେପ ନେବା ଦରକାର। ବେହେରା କହିଥିଲେ, ପଡୋଶୀ ଆନ୍ଧ୍ରପ୍ରଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକଠାରୁ ଅତିରିକ୍ତ ଅର୍ଥ ଆଦାୟ କରି ସୁଧ ସହିତ ଉପଭୋକ୍ତାଙ୍କୁ ଫେରସ୍ତ ଦେଉଛନ୍ତି। ତେବେ ଓଡ଼ିଶାର ଓଇଆର୍‌ସି କାହିଁକି ଉପଭୋକ୍ତାଙ୍କୁ ଏପରି ଆଶ୍ୱସ୍ତ ଦେଉନାହିଁ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

# ଭାଜପା ସରକାର ଆସିବାପରେ ଆଦିବାସୀ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି: ପ୍ରଦୀପ

ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଛାତ୍ରୀଛାତ୍ରମାନଙ୍କ ପାଇଁ ଥିବା ହଷ୍ଟେଲଗୁଡ଼ିକରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ସେମାନେ ବିଭିନ୍ନ ଅବହେଳାର ଶିକାର ହେଉଛନ୍ତି ବୋଲି ବିଜେଡି ନେତା ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ନବରଙ୍ଗପୁର ଜିଲାରେ ଥିବା ହଷ୍ଟେଲଗୁଡ଼ିକରେ ଗତ ୩ ମାସରେ ୬ ଜଣ ଛାତ୍ରୀଛାତ୍ର ଚିକିତ୍ସା ଅବହେଳାରେ ମୃତ୍ୟୁବରଣ କରିଛନ୍ତି। ଜଣେ ସପ୍ତମ ଶ୍ରେଣୀ ଛାତ୍ର ହଷ୍ଟେଲରେ ପ୍ରେସର କୁକର ଫାଟି ଗୁରୁତର ହୋଇଥିଲେ ସୁଦ୍ଧା ତାଙ୍କୁ ୯ ଦିନ ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରାଯାଇ ନ ଥିଲା। ରାଜ୍ୟବାସୀଙ୍କୁ ସୁଶାସନ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାରଙ୍କ ଅପାରଗତା ଯୋଗୁ ସମସ୍ତ କ୍ଷେତ୍ରରେ ବିଫଳତା ଜଳ ଜଳ ହୋଇ ଦିଶୁଛି, ଯାହାକୁ ରାଜ୍ୟବାସୀ ଅନୁଭବ କରି ସାରିଲେଣି ବୋଲି ପ୍ରଦୀପ କହିଛନ୍ତି।

# କେଭଡ଼ିଆ ପଦଯାତ୍ରାରେ ସାମିଲ ଓଡ଼ିଶାର ୭୪ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)



ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଗତ ଅକ୍ଟୋବର ୩୧ରୁ ଦେଶବ୍ୟାପୀ ପାଳନ କରାଯାଉଛି। ୩ଟି ପର୍ଯ୍ୟାୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତିମ ପର୍ଯ୍ୟାୟ ଗତ ୨୬ରୁ ଆରମ୍ଭ ହୋଇଥିଲା। ଶେଷ ପର୍ଯ୍ୟାୟରେ ସର୍ଦ୍ଦାର ପଟେଲଙ୍କ ଜନ୍ମସ୍ଥାନ ଗୁଜରାଟର କରମସଦରୁ କେଭଡ଼ିଆ ସ୍ଥିତ ବିରାଟ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ସର୍ଦ୍ଦାର @ ୧୫୦ ଏକତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାରୁ ୭୪ ଜଣ ପଦଯାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଏହା ରାଜ୍ୟ ପାଇଁ ଗୌରବର ବିଷୟ। ସେହି ପଦଯାତ୍ରୀମାନଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଯୁବମୋର୍ଚ୍ଚାର ପଦଯାତ୍ରୀମାନଙ୍କ ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦଳର ରାଜ୍ୟ ଉପସଭାପତି ଯତୀନ ମହାନ୍ତି କହିଛନ୍ତି, କରମସଦରେ ହୋଇଥିବା ପଦଯାତ୍ରାରେ ଓଡ଼ିଶାରୁ ଯୋଗଦେଇଥିବା ୭୪ ପଦଯାତ୍ରୀଙ୍କ ଏହି ଅନୁଭୂତି ସେମାନଙ୍କ ମନରେ ରୋମାଞ୍ଚ ଭରିବା ସହ ସାରା ଜୀବନ ପାଇଁ ମନେରହିବ। ଓଡ଼ିଶାରେ ସର୍ଦ୍ଦାର ପଟେଲଙ୍କ ଉପଲକ୍ଷେ ୬୪ଟି ସ୍ଥାନରେ ପଦଯାତ୍ରା ଆୟୋଜନ କରାଯାଇଥିଲା। ଓଡ଼ିଶାରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଗୋଲକ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ନକଲି ଔଷଧ...

୨୦୨୧ରେ ୭୯ଟି ସୁରିୟସ ଡ୍ରଗ୍ସ ଚିହ୍ନଟ ହୋଇଥିବାବେଳେ ୨୦୨୨ରେ ୬୪, ୨୦୨୩ରେ ୧୪ ଏବଂ ୨୦୨୪ ରେ ୧୧ଟି ଚିହ୍ନଟ ହୋଇଛି। ସେହିପରି ଚିହ୍ନଟ ହୋଇଥିବା ୩୮ ନିମ୍ନ ମାନର ମେଡିସିନ ମଧ୍ୟରୁ ୨୦୨୧-୨୨ରେ ୮୩ ପ୍ରକାର, ୨୦୨୨-୨୩ରେ ୧୫୬, ୨୦୨୩-୨୪ରେ ୬୯ ଏବଂ ୨୦୨୪-୨୫ରେ ୮୩ଟି ଆବଶ୍ୟକୀୟ ଗୁଣବତ୍ତା ମାନଦଣ୍ଡ ପୂରଣ କରୁ ନ ଥିବା ଔଷଧ ଜବତ ହୋଇଛି।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହ ବାହାରେ କହିଛନ୍ତି, ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯିବା ଦ୍ୱାରା ଏଭଳି ସୁରିୟସ ମେଡିସିନ ଜବତ ହୋଇପାରିଛି। ଆଗାମୀ ଦିନରେ ଏହି ଚଢ଼ାଉ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସୁରିୟସ ମେଡିସିନ ବଜାରକୁ ଛାଡ଼ିବା ଏକ ପ୍ରକାର ଷଡ଼ଯନ୍ତ୍ର। ଔଷଧ କମ୍ପାନୀ ନିର୍ମାତାମାନେ ଏହା ଉଦ୍ଦେଶ୍ୟମୂଳକ ଭାବେ କରିଥାନ୍ତି। ଏନେଇ ସରକାର ସଜାଗ ରହିଛନ୍ତି। ସ୍ୱାସ୍ଥ୍ୟବିଭାଗ, ଡ୍ରଗ୍ସ ନିୟନ୍ତ୍ରକ ଏବଂ ପୋଲିସ ସମନ୍ୱୟରେ ଚଢ଼ାଉ କରାଯାଉଛି। ଆଗାମୀ ଦିନରେ ତୃଣମୂଳସ୍ତରରେ ମଧ୍ୟ ଚଢ଼ାଉକୁ ବ୍ୟାପକ କରାଯିବ। ତେବେ ଚିହ୍ନଟ ହୋଇଥିବା ସୁରିୟସ ମେଡିସିନ ମଧ୍ୟରେ ଆମୋକ୍ସିଲିନ୍, ରାବିଜେମ୍-ଡିଏସ୍‌ଆର ଟାବ୍‌ଲେଟ, ସେଫାଡ୍ରକ୍ସିଲ ଟାବ୍ସ ଆଇପି-୫୦୦ଏମ୍‌ଜି, ଆମ୍ଲୋ କାଇଣ୍ଡ-୫ ଟାବ୍, ଲେଭ୍‌ସେଟ୍-ଏମ୍-ସିରପ୍, ପାରାସିଟାମଲ ଟାବ୍‌ଲେଟ ଆଇପି ୫୦୦ଏମ୍‌ଜି ପ୍ରଭୃତି ରହିଛି।

ଏନେଇ ଏସ୍‌ସିବି ମେଡିକାଲ କଲେଜ ମେଡିସିନ୍ ବିଭାଗ ଏଚ୍‌ଓଡି ତଥା ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ସଭାପତି ପ୍ରଫେସର ଜୟନ୍ତ କୁମାର ପଣ୍ଡା କହିଛନ୍ତି, ନକଲି ଔଷଧ ବ୍ୟବସାୟ ନିହାତିପକ୍ଷେ ଅମାନୁଷିକ କାର୍ଯ୍ୟ। ନକଲି ଔଷଧ ଖାଇବା ଦ୍ୱାରା ସେଥିରେ ଥିବା ଖରାପ ଉପାଦାନ ବା କେମିକାଲ ରୋଗୀ ଶରୀରକୁ ଯାଇ ଲିଭର, କିଡ୍‌ନୀ, ବ୍ରେନ୍, ହାର୍ଟକୁ ସଂକ୍ରମିତ କରିବାର ଅଧିକ ଆଶଙ୍କା ରହିଛି। ତେବେ ଅନ୍‌ଲାଇନ୍‌ରେ ମିଳୁଥିବା ଔଷଧ ଠିକ୍ କି ନକଲି ତାହା ଜାଣିବାର କୌଣସି ଉପାୟ ନାହିଁ। ତେଣୁ ସରକାରୀ ଅନୁମୋଦିତ କେନ୍ଦ୍ର ଜନଔଷଧି କେନ୍ଦ୍ର, ନିରାମୟ କିମ୍ବା ଦୀର୍ଘବର୍ଷ ଧରି ରହିଥିବା ଔଷଧ ଦୋକାନୀଙ୍କଠାରୁ ଔଷଧ କିଣିବାକୁ ଲୋକଙ୍କୁ ସଚେତନ କରାଯାଉଛି। ରାଜ୍ୟରେ ନକଲି ଔଷଧ ଚିହ୍ନଟ ପାଇଁ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବା ସହିତ ଦଣ୍ଡବିଧାନକୁ କଡ଼ାକଡ଼ି କରିବା ଆବଶ୍ୟକ ବୋଲି ପ୍ରଫେସର ପଟ୍ଟନାୟକ ମତ ରଖିଛନ୍ତି।

ସେହିପରି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି, ଆଗରୁ ରାଜ୍ୟ ବାହାରୁ ଅନେକ ଔଷଧ ଆସୁଥିବାରୁ ସେଥିରେ ନକଲି ଔଷଧ କାରବାରର ଅଧିକ ସମ୍ଭାବନା ରହିଥିଲା। ମାତ୍ର ଏବେ କାଁ ଭାଁ ସ୍ଥାନକୁ ବାଦ୍‌ଦେଲେ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ମେଡିସିନ ଆସୁନାହିଁ। କିଛି ନିମ୍ନମାନର ଔଷଧ ବଜାରକୁ ଆସୁଛି, ଯାହାକି ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ କି ରୋଗୀଙ୍କୁ ସୁସ୍ଥ କରିବାରେ ସେତେଟା ଫଳପ୍ରଦ ହୁଏନାହିଁ। କିଛି ଛୋଟ ଛୋଟ କମ୍ପାନୀ ରହିଛି, ଯେଉଁମାନେ କିଛି ବଡ଼ କମ୍ପାନୀ ବା ବ୍ରାଣ୍ଡ୍ ନାମରେ ସେମାନଙ୍କ ପ୍ରଡକ୍ଟ ବିକ୍ରି କରୁଥିବା ଦେଖାଯାଇଛି। ଏବେ ସରକାର ମେଡିସିନ ଷ୍ଟ୍ରିପ୍‌ରେ କ୍ୟୁ ଆର୍ କୋଡ୍ ଲଗାଇବା ବାଧ୍ୟତାମୂଳକ କରିଛନ୍ତି। ଏହାଛଡ଼ା ନକଲି ଔଷଧକୁ ଖାଲି ଆଖିରେ ଜାଣିବାର କୌଣସି ଉପାୟ ନାହିଁ ବୋଲି ସେ ମତ ରଖିଛନ୍ତି।

### ୧୬ ସ୍ଥାନରେ ନଦୀଜଳ...

ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜିଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ନଦୀ ପ୍ରଭାବ ବୃଦ୍ଧି, ନଦୀ ସାମ୍ମୁଖ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୂତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି। ତେବେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧାରା, ଇନ୍ଦ୍ରାବତୀ ଓ ବାହୁଡ଼ା ଆଦିର ୧୨୯ଟି ସ୍ଥାନରେ ଜଳର ଗୁଣାତ୍ମକ ମାନକୁ ପ୍ରତିମାସ ପରୀକ୍ଷା କରାଯାଇଥାଏ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୨୦୨୪ରେ କରାଯାଇଥିବା ପରୀକ୍ଷଣ ଅନୁଯାୟୀ, ୧୨୯ଟି ନଦୀଜଳ ପରୀକ୍ଷଣ ସ୍ଥାନ ମଧ୍ୟରୁ ବିଶୋଧନ ପରେ ୧୧୩ଟି ସ୍ଥାନରେ ନଦୀ ଜଳ 'ଗ' ଶ୍ରେଣୀରେ ରହୁଥିବାବେଳେ ୧୬ଟି ସ୍ଥାନରେ ନଦୀଜଳର ମାନ ନିର୍ଦ୍ଦିଷ୍ଟ ମାନ ମଧ୍ୟରେ ରହୁନାହିଁ। ସେଥିମଧ୍ୟରେ କାଠଯୋଡ଼ି ନଦୀ(କଟକ), ଦୟା ନଦୀ(ଭୁବନେଶ୍ୱର), ଗଙ୍ଗୁଆ ନାଳ(ଭୁବନେଶ୍ୱର), କୁଶଭଦ୍ରା ନଦୀ(ଭିଙ୍ଗାରପୁର ଓ ଗୋପ) ଏବଂ ବ୍ରାହ୍ମଣୀ ନଦୀ(ରାଉରକେଲା), ଗୁରାଡ଼ି ନାଳ (ରାଉରକେଲା) ଅବବାହିକାରେ ଅବସ୍ଥିତ।

ପ୍ରଦୂଷିତ ସ୍ଥାନଗୁଡ଼ିକରେ ନଦୀଜଳ ପ୍ରଦୂଷଣ ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ ତଥା ନଦୀଜଳର ଇନ୍‌ଷ୍ଟ୍ରିମ୍ ବ୍ୟବହାର ଯୋଗୁ ଘଟୁଥିବା ଆକଳନ କରାଯାଇଛି। ଏହି ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ବୋର୍ଡ ଏବଂ ସରକାରଙ୍କ ପକ୍ଷରୁ କ୍ରମାଗତ ଭାବେ ସମ୍ପୃକ୍ତ ପୌରାଞ୍ଚଳ ଅଧିକାରୀମାନଙ୍କୁ ଅବଗତ କରାଇ ନଦୀଜଳର ପ୍ରଦୂଷଣ ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି। ଏହାସହିତ ସମ୍ପୃକ୍ତ ଜିଲା ପ୍ରଶାସନ, ରାଜ୍ୟ ଗୃହ ଓ ଉନ୍ନୟନ ବିଭାଗ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଜଳଯୋଗାଣ ଓ ପରିମଳ ପରିଷଦକୁ ମଧ୍ୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଜୁନ୍ ୨୦୨୩ରୁ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଛତ୍ରପୁର, ଢେଙ୍କାନାଳ, ହିଞ୍ଜିଳିକାଟୁ, ଜଟଣୀ, ଯାଜପୁର, କେନ୍ଦୁଝର, କୋରାପୁଟ ଓ ନୟାଗଡ଼ରେ ଗ୍ରେ ୱାଟର ମ୍ୟାନେଜ୍‌ମେଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ପର୍ଯ୍ୟାୟକ୍ରମେ ଅନ୍ୟ ସହର ଗୁଡ଼ିକରେ କାର୍ଯ୍ୟକାରୀ କରାଯିବା ଯୋଜନା ରହିଛି ବୋଲି ଜଙ୍ଗଲ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ୧୧୫ଟି ସହରାଞ୍ଚଳରେ ୧୨୦ ଗୋଟି ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ରହିଛି, ଯାହାର କ୍ଷମତା ୨୦୮୭ କେଏଲ୍‌ଡି ବୋଲି ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି।

### ଜେଲରେ ଇମ୍ରାନଙ୍କୁ...

| | 12.30 PM | 02.30 P.M. | 302654, 302658, 302660, 302668, 302670, 302671, 302674, 302675, 302678, 302681, 302682, 302686, 302695, 302698, 302700, 302701, 302702, 302703, 302707, 302708, 302711, 302712, 302714, 302722, 302723, 302724, 302725 & 302729 **= 28 Candidates** |
| 17.12.2025 | 08.30 AM | 10.30 A.M. | 302734, 302740, 302747, 302759, 302769, 302771, 302773, 302775, 302776, 302777, 302778, 302780, 302783, 302784, 302788, 302790, 302800, 302801, 302802, 302810, 302813, 302815, 302817, 302823, 302825, 302829, 302831, 302841, 302842, 302845, 302846, 302847, 302851, 302859, 302863, 302864, 302868, 302877, 302884, 302891, 302893, 302895, 302899 & 302900 **= 44 Candidates** |
| | 12.30 PM | 02.30 P.M. | 302904, 302905, 302906, 302907, 302909, 302912, 302930, 302931, 302933, 302936, 400904, 400905, 400906, 400908, 400910, 400912, 400913, 400915, 400918, 400921, 400922, 400926, 400930, 400936, 400943, 400944, 400947 & 400959 **= 28 Candidates** |
| 18.12.2025 | 08.30 AM | 10.30 P.M. | 400967 400968, 400975, 400983 400986, 400995, 401000, 401011, 401014, 401016, 401024, 401031, 401034, 401038, 401049, 401050', 401051, 401052, 401053, 401054, 401055, 401056, 401058, 401059, 401060, 401061, 401063, 401066, 401068, 401071, 401073, 401075 & 401084 **= 33 Candidates** |
| | 12.30 PM | 02.30 P.M. | 401090, 401092, 501140, 501142, 501143, 501144, 501149, 501152, 501153, 501156, 501159, 501161, 501163, 501169, 501174, 501176, 501178, 501180, 501186, 501189 & 501200 **= 21 Candidates** |
| 19.12.2025 | 08.30 AM | 10.30 A.M. | 501201, 501202, 501203, 501206, 501212, 501216, 501219, 501220, 501221, 501224, 501225, 501229, 501233, 501237, 501238, 501239, 501241, 501242, 501243, 501246, 501249, 501250, 501252, 501255, 501260, 501262, 501263, 501264, 501266, 501268, 501275, 501278 & 501280 **=33 Candidates** |
| | 12.30 PM | 02.30 P.M. | 501284 501287, 501296, 501302, 501305, 501312, 501319, 501320, 501321, 501325, 501327, 501330, 501332, 501338, 501340, 501343, 501344, 501345, 501346, 501350 & 501351 **= 21 Candidates** |
| 20.12.2025 | 08.30 AM | 10.30 A.M. | 501358, 501362, 501365, 501369, 501370, 501373, 501374, 501377, 501378, 501382, 501383, 501387, 501388, 501389, 501391, 501394, 501397, 501398, 501402, 501407, 501411, 501412, 501413, 501414, 501415, 501416 & 590009 **= 27 Candidates** |

N.B. - The candidates are advised to report at the Office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**.
   (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opsce-chayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable, (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an Affidavit undertaking that he/she has not been appointed against any 'civil post' after retirement from military service, wherever applicable.
13. Identity Card for **Sports Persons** issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC).
17. Candidate Information Form (GIF)/ Biodata form duly filled in & affixed with 'passport size photograph' (downloaded from the website of the OPSC)
    The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same.**

OIPR-12002/11/0334/2526 **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶାରେ ସଫଳ ହେଉଛି ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନା

**ଭୁବନେଶ୍ୱର,୨।୧୨ (ଅନୁରାଧା ମହାରଣା)**

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ଡିପାର୍ଟମେଣ୍ଟ ଫର୍ ପ୍ରୋମୋସନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ପକ୍ଷରୁ ଷ୍ଟାର୍ଟଅପ ଇଣ୍ଡିଆ ଯୋଜନା ଅଧୀନରେ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶରେ ମୋଟ ୧,୯୭,୬୯୨ଟି ଷ୍ଟାର୍ଟଅପ୍‌କୁ ମାନ୍ୟତା ଦିଆଯାଇଛି। ଏହା ମଧ୍ୟରୁ ଓଡ଼ିଶାରେ ସକ୍ରିୟ ଷ୍ଟାର୍ଟଅପ୍‌ର ସଂଖ୍ୟା ବେଶ୍ ଆଶାଜନକ ରହିଛି। ରାଜ୍ୟ ଅନୁସାରେ ବନ୍ଦ ହୋଇଥିବା (ଡିସ୍‌ଲଭ୍ଡ/ଷ୍ଟ୍ରକ୍-ଅଫ୍) ଷ୍ଟାର୍ଟଅପ୍‌ର ତଥ୍ୟ ଅନୁଯାୟୀ, ଓଡ଼ିଶାରୁ ମାତ୍ର ୧୧୭ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ମହାରାଷ୍ଟ୍ରରେ ୧,୨୦୦, କର୍ଣ୍ଣାଟକରେ ୮୪୫, ଦିଲ୍ଲୀରେ ୭୩୭ ଓ ଉତ୍ତରପ୍ରଦେଶରେ ୫୯୮ ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏହା ତୁଳନାରେ ଓଡ଼ିଶାରେ ବନ୍ଦ ହେଇଥିବା ଷ୍ଟାର୍ଟଅପ୍ ସଂଖ୍ୟା ବହୁତ କମ୍ ରହିଛି। ଏହା ଦର୍ଶାଉଛି, ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ ଅପେକ୍ଷାକୃତ ସ୍ଥିର ଏବଂ ସଫଳତାର ସହ ଆଗେଇଚାଲିଛି। ଷ୍ଟାର୍ଟଅପ୍ ଇଣ୍ଡିଆ ସିଡ ଫଣ୍ଡ ଯୋଜନା (ଏସ୍‌ଆଇଏସ୍‌ଏଫ୍‌ଏସ୍) ଅଧୀନରେ ୨୦୨୩ରେ ଓଡ଼ିଶାର ଇନ୍‌କ୍ୟୁବେଟରମାନଙ୍କୁ ୧୬.୨୮ କୋଟି ଟଙ୍କା ଅନୁମୋଦନ ହୋଇଥିଲା, ଯେଉଁଥିରୁ ୫.୪୧ କୋଟି ବଣ୍ଟନ ହୋଇଛି। ୨୦୨୪ରେ ୭.୨୪ କୋଟି ବଣ୍ଟନ ହୋଇଥିବା ବେଳେ ୨୦୨୫ (ଅକ୍ଟୋବର ସୁଦ୍ଧା) ୦.୦୭ କୋଟି ହେଲେ ମଧ୍ୟ ରାଜ୍ୟରେ ସିଡ୍ ଷ୍ଟେଜ୍ ଷ୍ଟାର୍ଟଅପ୍‌ମାନଙ୍କୁ ନିରନ୍ତର ସହାୟତା ମିଳୁଛି। କ୍ରେଡିଟ ଗ୍ୟାରେଣ୍ଟି ଯୋଜନା (ସିଜିଏସ୍‌ଏସ୍) ଅଧୀନରେ ୨୦୨୫ (ଅକ୍ଟୋବର ସୁଦ୍ଧା) ଓଡ଼ିଶାର ଷ୍ଟାର୍ଟଅପ୍‌ମାନଙ୍କୁ ୪.୫୦ କୋଟି ଟଙ୍କାର ଲୋନ୍ ଗ୍ୟାରେଣ୍ଟି ମିଳିଛି। ୨୦୨୩ ଓ ୨୦୨୪ ତୁଳନାରେ ୨୦୨୫ରେ ଏହି ସହାୟତା ବଢ଼ିଛି। ଏହା ରାଜ୍ୟର ନୂଆ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ବଡ଼ ଉତ୍ସାହଜନକ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି, ଷ୍ଟାର୍ଟଅପ୍ ବନ୍ଦହେବାରେ କୌଣସି ଅସ୍ୱାଭାବିକ ବୃଦ୍ଧି ଦେଖାଯାଇନାହିଁ। ଯେଉଁ କେତୋଟି ବନ୍ଦ ହେଉଛନ୍ତି, ତାହା ବଜାର ଚାହିଦା, ଫଣ୍ଡିଂ ଅଭାବ ଓ ବ୍ୟମ ମଡେଲ ସମସ୍ୟା ଯୋଗୁ ହେଉଛି। ଓଡ଼ିଶା ଏ କ୍ଷେତ୍ରରେ ଅନ୍ୟ ବଡ଼ ରାଜ୍ୟଠାରୁ ବହୁତ ଭଲ ପ୍ରଦର୍ଶନ କରୁଛି। ରାଜ୍ୟର ନୂଆ ଉଦ୍ୟୋଗୀମାନେ ଏହି ସୁଯୋଗକୁ କାମରେ ଲଗାଇ ଓଡ଼ିଶାକୁ ଦେଶର ଷ୍ଟାର୍ଟଅପ୍ ମାନଚିତ୍ରରେ ଆହୁରି ଉପରକୁ ନେଇପାରିବେ ବୋଲି ଆଶା କରାଯାଉଛି।

## ବଲ୍କ ଡ୍ରଗ ଉତ୍ପାଦନ ଲାଗି ସରକାରଙ୍କ ଆହ୍ୱାନ

**ଭୁବନେଶ୍ୱର,୨।୧୨:** ବଲ୍କ ଡ୍ରଗ୍ସର ଉତ୍ପାଦନ ବୃଦ୍ଧି ପାଇଁ ପିଏଲ୍‌ଆଇ ଯୋଜନା ଅଧୀନରେ ସରକାର ନୂଆ ଆବେଦନ ଆହ୍ୱାନ କରିଛନ୍ତି। ବ୍ରୋଡ-ସ୍ପେକ୍ଟ୍ରମ ଆଣ୍ଟିବାୟୋଟିକ ମେରୋପେନେମ ଓ ଏଚଆଇଭି ଚିକିତ୍ସାରେ ବ୍ୟବହୃତ ଆଣ୍ଟିରେଟ୍ରୋଭାଇରାଲ ଔଷଧ ରିଟୋନାଭିର କେଏସ୍‌ଏମ୍‌ଏସ୍, ଡିଆଇ ଏବଂ ଏପିଆଇ ଉତ୍ପାଦନ ପାଇଁ କମ୍ପାନୀଙ୍କୁ ଇନସେଣ୍ଟିଭ ମିଳିବ।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**√ ଦେବଯାନୀ ଚୌଧୁରୀ**

ହାତ ମୁଠାରୁ ବାଲି ଖସିଗଲା ପରି ସମୟ ଖସିଖସି ଯାଉଛି । ତୁମର ଅବର୍ତ୍ତମାନ ୩ୟ ବର୍ଷରେ ପହଞ୍ଚିଲା । ଏବେ ବି ସ୍ୱୀକାର କରିପାରୁନାହୁଁ ତୁମର ଅନୁପସ୍ଥିତି । ଏବେ ବି ଆମପିଲାମାନେ ଏକାଠି ହେଲେ ପ୍ରଥମେ ଅଜା ଆଈଙ୍କର ଅଭାବ ଅନୁଭବ କରୁଛନ୍ତି । କାହିଁକି ଗଲ? କୁଆଡେ ଗଲ ? ଅନେକ ଅସମାହିତ ପ୍ରଶ୍ନ ମନକୁ ଆସେ । ଯାର ଉତ୍ତର କିଏ ପାଇଛି ନା ଆମେ ପାଇବୁ।

ଶେଷରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆକୁଳ ପ୍ରାର୍ଥନା ତମେ ଯେଉଁଠି ଥାଅ ଶାନ୍ତି ରେ ଥାଅ । ତୁମର ଆଶୀର୍ବାଦ ଆମ ପିଲାଙ୍କ ଉପରେ ଥାଉ।

ଇତି-ସୋନି-ଫେଲୁ,ନୀନା-ଶରୀର,ପିଙ୍କୁ-ନିତୁ।

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିଶ୍ୱରଞ୍ଜନ ବଳ**
ମୁର୍ଗାବାଡି, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ-୧୩।୧୦।୧୯୫୩
ତିରୋଧାନ-୨୩।୧୧।୨୦୨୫
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସ୍ତ୍ରୀ- ଝରଣା, ପୁଅ- ଆକାଶ, ପୁଅବୋହୂ- ସୌନମୀ, ଝିଅ- ବନଜ୍ୟୋସ୍ନା, ଜ୍ୱାଇଁ- ଅଶୋକ, ଭଉଣୀ- ଅନୁପମା, ଭିଣୋଇ- ସର୍ବେଶ୍ୱର, ନାତି- ଆରୁଶ, ନାତୁଣୀ- ଅନଭି, ଆଭା ଓ ବଳ ପରିବାର ବନ୍ଧୁପରିଜନ

### ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



**√ Nalini Mohapatro**
ସୁବାସ ନଗର, ୨ୟ ଲାଇନ, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: 03.11.1953
ତିରୋଧାନ: 22.11.2025
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ- ହରିହର ମହାପାତ୍ର, ପୁତ୍ର- ତ୍ରିଲୋଚନ, ଶ୍ରୀକାନ୍ତ ଓ ପ୍ରଶାନ୍ତ, ପୁତ୍ରବଧୂ- ବିଦ୍ୟୁପ୍ରଭା, ସୁଲିତା ଓ ରୀନା, ଚିନ୍ମୟ, ଶୁଭସ୍ମିତା, ସୁଚିତ୍ରା, ନିତିଶ,ରାମକୃଷ୍ଣ, ଅର୍ଚ୍ଚିତା, ପ୍ରୀତମ ଓ ପ୍ରୀତିରାଣୀ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ।
Gurukul International Public School, Lanjipali, Berhampur


## ରୁଫ୍‌ଟପ୍ ସୋଲାର ସିଷ୍ଟମ ପାଇଁ ଗ୍ରାମପଞ୍ଚାୟତକୁ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,୨।୧୨ (ଅନୁରାଧା ମହାରଣା)**



ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏହାର ବ୍ୟବସାୟିକ ସହଯୋଗୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୟୁଟିଲିଟି ଲେଡ୍ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ ଅଧୀନରେ ପିଏମ୍ ସୂର୍ଯ୍ୟଘର: ମୁଫ୍ତ ବିଜିଳି ଯୋଜନା ବିଷୟରେ ବ୍ୟବସାୟିକ ସହଯୋଗୀମାନଙ୍କୁ ଅବଗତ କରାଯାଇଥିଲା। ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ ପଞ୍ଜୀକରଣ ପ୍ରକ୍ରିୟା, ସ୍ଥାପନ ପ୍ରଣାଳୀ ଏବଂ କେନ୍ଦ୍ର ସରକାରଙ୍କ ନବୀନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆର୍‌ଇ) ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସବ୍‌ସିଡି ସହାୟତା ବିଷୟରେ ଆଲୋକପାତ କରିଥିଲେ। ଯୋଜନାର ନିୟମାବଳୀ ଅନୁଯାୟୀ, ପ୍ରତ୍ୟେକ ଗ୍ରାମପଞ୍ଚାୟତ ନିଜ ଅଞ୍ଚଳରେ ସ୍ଥାପିତ ହେଉଥିବା ପ୍ରତି ରୁଫ୍‌ଟପ୍ ସିଷ୍ଟମ ପାଇଁ ୧୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଇବାକୁ ହକ୍‌ଦାର ହେବେ। ଏହି ଅଧିବେଶନରେ ୟୁଏଲ୍‌ଏ ମଡେଲ କିପରି ରୁଫ୍‌ଟପ୍ ସୋଲାର ବ୍ୟବହାର ପ୍ରକ୍ରିୟାକୁ ସରଳ ଓ ସୁଗମ କରିଥାଏ ଏବଂ ଉପଭୋକ୍ତାମାନଙ୍କୁ ସହଜରେ ସ୍ୱଚ୍ଛ, ଶସ୍ତା ଓ ଭରସାଯୋଗ୍ୟ ଶକ୍ତି ଯୋଗାଇବାରେ ସହାୟକ ହୁଏ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଘରୋଇ ଉପଭୋକ୍ତାମାନଙ୍କୁ ଏଥିରେ ସାମିଲ କରିବା ନିମନ୍ତେ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଯୋଜନାର ଉଭୟ ଆର୍ଥିକ ଓ ପରିବେଶଗତ ଲାଭ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା।

## ପଣ୍ୟ ପରିବହନ: ଶୀର୍ଷରେ ଖୋର୍ଦ୍ଧା ରେଳମଣ୍ଡଳ

**ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପଣ୍ୟ କାରବାରରେ ସର୍ବୋତ୍ତମ ପ୍ରଦର୍ଶନକରି ଭାରତୀୟ ରେଳପଥରେ ପଣ୍ୟ ପରିବହନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରେଳମଣ୍ଡଳ ହୋଇପାରିଛି। ଏହି ରେଳମଣ୍ଡଳ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ୨୦୯ ନିୟୁତ ଟନ ପଣ୍ୟ କାରବାର ହାସଲ କରିଛି ଯେଉଁଥିରେ ୧୧୫ ନିୟୁତ ଟନ ପଣ୍ୟ ବୋଝେଇ ଏବଂ ୯୪ ନିୟୁତ ଟନ ପଣ୍ୟ ଅପସାରଣ କରାଯାଇଛି। ବିଳାସପୁର ରେଳମଣ୍ଡଳ ୧୬୯.୬ ନିୟୁତ ଟନ ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଧାନବାଦ ରେଳମଣ୍ଡଳ ୧୫୨.୮ ନିୟୁତ ଟନ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୪୫.୮ ନିୟୁତ ଟନ ପଣ୍ୟ କାରବାରରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୩୫ ଦିନରେ ୨୦୦ ନିୟୁତ ଟନ ପଣ୍ୟ ପରିଚାଳନାକରି ଏକ ନୂତନ ଜାତୀୟ ମାନଦଣ୍ଡ ସ୍ଥାପନ କରିଛି। ଏହା ଭାରତୀୟ ରେଳପଥରେ ସବୁଠାରୁ ଦ୍ରୁତତମ ସଫଳତା ଯାହା ୨୦୨୪-୨୫ ରେ ଏହାର ୨୫୦ ଦିନର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କେବଳ ନଭେମ୍ବର ୨୦୨୫ ରେ ଏହାର ସର୍ବଶ୍ରେଷ୍ଠ ୧୪.୪୪୧ ନିୟୁତ ଟନ ପଣ୍ୟ ବୋଝେଇ ହାସଲ କରିଥିଲା ଯାହା ପୂର୍ବ ସମସ୍ତ ନଭେମ୍ବର ମାସ ପଣ୍ୟ କାରବାର ଯଥା ୧୨.୯୯୦ ନିୟୁତ ଟନ (ନଭେମ୍ବର ୨୦୨୩), ୧୨.୭୮୦ ନିୟୁତ ଟନ (ନଭେମ୍ବର ୨୦୨୧) ଏବଂ ୧୨.୬୯୦ ନିୟୁତ ଟନ (ନଭେମ୍ବର ୨୦୨୪)କୁ ଅତିକ୍ରମ କରିଛି। ଅଧିକ ପଣ୍ୟ ବୋଝେଇ ସହିତ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ରେକର୍ଡ କରିଛି ଯେଉଁଥିରେ ନଭେମ୍ବର ୨୦୨୫ରେ ୧୩୭୦.୬୪ କୋଟି ଟାଙ୍କ ଆୟ ଅନ୍ତର୍ଭୁକ୍ତ ଥିବାବେଳେ ଏହା ନଭେମ୍ବର ୨୦୨୪ରେ ୧୧୪୩.୨୦ କୋଟିଠାରୁ ୧୯.୯% ବୃଦ୍ଧି ଘଟିଛି।


# Classified Everyday

**0674-2580101, 9692975378**



MATRIMONIAL

### BRIDE WANTED

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

**Bride required for a 64-year-old Khandayat, retired, divorced defence officer. Please send details to 7383974671.** D-2734

### GROOM WANTED

53ବୟସ୍କା Karan Divorce Govt. Employee ଝିଅଙ୍କ ପାଇଁ Widow/Divorce Anycasteର ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 7852970280. D-2714

ମାଙ୍କ ସହିତ ରହୁଥିବା 38ବୟସ୍କା ଖଣ୍ଡାୟତ ଜାତିର ଘରୋଇ କନ୍ୟାଙ୍କ ପାଇଁ Anycasteର ବରପାତ୍ର ଆବଶ୍ୟକ। 7873680393. D-2715



REAL ESTATE

### SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 2685

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 97789 28492. D-74735

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days. 7809525452. D-220

### GENERAL SALE

Doberman Pupies for Sale. Only 30 days of age, Contact:- 9658798473. D-2724



FOR RENT

**2Bedroom, Dining, Plot No.- 1927, Nilakanthanagar, Nayapalli, Bhubaneswar, Opposite CBI Colony, Walkable distance from Unit- 8, DAV and Stewart School, Contact- 8847874671, (Small Family preferred).** D-76878

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Healthcare

All types of physiotherapy Contact number 9556924059/ 7656969134. D-2686

The massage felt totally professional & comfortable at all times-7978109255. D-221



BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact- 9776635982. D-2711

### AFFIDAVIT

By virtue of an affidavit sworn before the Executive Magistrate, Birmaharajpur, Dtd. 08.11.25, I, Prasanta Kumar Sahu, S/o. Gajendra Sahu, R/o. Village- Badkhamar, P.O.- Jatesingha, P.S.- Subalaya, Dist.- Subarnapur, PIN- 767018 declared that I have changed my name from Prasant Kumar Sahu to Prasanta Kumar Sahu. Henceforth, I shall be known as Prasanta Kumar Sahu for all purposes.
Prasanta Kumar Sahu D-2735

I, Anusaya Patra, W/o. Nihara Ranjan Patra, Resident of Village- Balarampur, P.O.- Balarampur, P.S.- Sadar Dhenkanal, Dist.- Dhenkanal, PIN- 759025, Odisha declare by this affidavit No.- 9567, Dt.- 27.11.2025, that now onwards I shall be known as ANASUYA PATRA for all future purposes. D-2737

I, Anadi Charan Sahu, S/o. Biswanath Sahoo, Resident of Village- Jiral, P.O.- Jiral, P.S.- Kamakhyanagar, Dist.- Dhenkanal, Odisha, 759023, declare by this affidavit No.- 9400, Dtd.- 20.11.2025, that now onwards I shall be known as ANADI CHARAN SAHOO for all future purposes. D-2738

I, Rabindra Bahadur Gharty, son of Lil Bahadur Gharty, declare that in my Board Certificate my name and my father's name were wrongly recorded as Rabindra Bahadur Gharti and Lil Bahadur Gharti. The correct spelling is Rabindra Bahadur Gharty and Lil Bahadur Gharty. Both refer to the same persons. D-2739

I, Ganeshwar Mundalohar, S/o.- Ananta Mundalohar, At- Bhagirathipur, P.O.- Kanchinda, P.S.- Bangriposi, Dist.- Mayurbhanj, Odisha- 757092 have change name to Ganesh Mundalohar virtue of affidavit dtd.- 01.12.2025 sworn before Executive Magistrate, Baripada, Mayurbhanj. D-2745

By virtue of an affidavit sworn before The Notary Public, Angul, affidavit No.- 1108, dated- 25.11.2025, I, SARSWATI SETH, Address: At- KULAD, P.O.- KULAD, P.S.- NALCO NAGAR, Dist.- ANGUL, Odisha- 759145 declare that I have changed my name from HATTA SETH to SARSWATI SETH. Henceforth, I shall be known as SARSWATI SETH for all purposes.
Sarswati Seth D-2746

I, PRIYADARSHANI PRADHAN, D/o.- Mohan Charan Pradhan, R/o.- Tikarpanga, Gatanai, Kendrapara- 754141, have changed my name to PRIYADARSHINI PRADHAN vide Affidavit CF No.- 38, dated 26.11.2025 before Notary Sri N. Kar, identified before the Executive Magistrate, Bhubaneswar. D-2742

I, Prafulla Nath, S/o. Late Parikhita Nath, aged 63 years, residing at Aaradhana Nagar, Ebranga, Sundarpada, 285/2709, Bhubaneswar, 751002 have changed my name to Prafulla Kumar Nath vide Affidavit No. 2410, dated 27.11.2025 by sworn before Notary Pradeep Kumar Nayak. D-2740

I, Prabhas Kumar Jamuda, S/o. Srinath Jamuda born on 15.01.2005 residing at Bhaliadal, Mahuldiha, Mayurbhanjh have changed my name to Nanda Kishore Jamuda vide affidavit No. 123/25 dated- 12.09.2025 at Anandapur. D-2744

I, Jayanti Pradhan, W/o. Mohan Charan Pradhan, R/o. Tikarpanga, Gatanai, Marshaghai, Kendrapara- 754141, hereby declare that the name of my minor son BILAS PRADHAN is changed to BILASH KUMAR PRADHAN as per Affidavit CF No.- 37, dated 26.11.2025 before Notary Sri N. Kar, identified before the Executive Magistrate, Bhubaneswar. D-2741

By virtue of an affidavit (Number- 1779, Date- 01.12.2025) sworn before the Executive Magistrate, Bargarh, I, Sekh Sabdar, aged about 48, S/o.- Sekh Rashid, Resident of Ward No.- 12, Bargarh, P.O./P.S./ Dist.- Bargarh declare that my actual date of birth is 12.04.1977 (Twelfth Day of April nineteen hundred seventy seven, which is mentioned in my birth certificate bearng Regd No.- 3857/2020.
Sekh Sabdar D-2743

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

### LEGAL NOTICE

**IN THE HON'BLE COURT OF THE JUNIOR CIVIL JUDGE (JUNIOR DIVISION) AT PALASA**
O.S.NO.69/2017
BETWEEN:
Ronanki Venkatarao ........ Plaintiff
And:
1. Malla Mahalaxmi(Died).
2. Sheik Mohammad Jakariya.
3. Rokkam Mohini.
...... Defendants

**SUIT SUMMONS THROUGH PUBLICATION**

The 3rd Defendant is Rokkam Mohini, w/o Niranjan, aged about 35 years, Housewife, R/o Loco Colony, Railway Quarters, Khurda Road & Post, Khurda District, Odisha, PIN- 752050.

Please take notice that the plaintiff filed the above suit O.S.69/2017 against all of you and same is posted to 10-12-2025 for your appearance. So, you are hereby summoned to appear on 10-12-2025 at 10.30 AM before the Hon'ble Court, Palasa, in person or through Advocate otherwise the case will be decided in your absence.

**(BY ORDER OF THE COURT)**
P.G.RAJARATNAM, ADVOCATE FOR PLAINTIFF, PALASA, SRIKAKULAM DISTRICT, A.P., MOBILE NO. 9985827526. D-2736

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

# ଫୁଲଚାଷରେ ଖତ ପ୍ରୟୋଗ



**ଫୁ**ଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି। ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

# ଗହମ ଚାଷରେ ଘାସ ନିୟନ୍ତ୍ରଣ

**ଗ**ହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ । ଅଧିକ ଅମଳକ୍ଷମ ଗହମ ପାଇଁ ଉନ୍ନତ କିସମ ବିହନ ଚୟନ କରନ୍ତୁ। ଏହାର ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପି.ବି.ଡବ୍ଲ୍ୟୁ.-୩୪୩, ପି.ବି.ଡବ୍ଲ୍ୟୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।



# ଡାଲୁଆ ଧାନଚାଷ ପାଇଁ ତଳି ପ୍ରସ୍ତୁତି

**ଡା**ଲୁଆ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷସୁଦ୍ଧା ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ । ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ପିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ୍ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଚାରା ପାଇଁ ୧୦ ଡେସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଷା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଆ ଧାନର ସଫଳ କିସମ ବିହନ ମଧ୍ୟରେ ରଞ୍ଜିଡ ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍.ଟି.ୟୁ.-



୧୦୦୧ ଚୟନ କରିପାରନ୍ତି । ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ । ଧାନରେ କେଷାଣକଟା ପୋକ ଦେଖାଦେବାଲେ ଅପରାହ୍ଣରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ବୁଦା ଉପରେ ସିଞ୍ଚନ କରନ୍ତୁ।

## ଏ ମାସର କୃଷି ସୂଚନା

**ଡାଲିଜାତୀୟ ଫସଲ**

ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ । ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଧଳାଁ ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲଫର ସେଟିଡ଼ଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ।

**ଚିନାବାଦାମ**

ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

**ସୋରିଷ ଚାଷ**

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ସାମ୍ ୨୫ ଏସ୍.ଜି. - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରଡିଆ ମାଛି/ପତ୍ରଖିଆ ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପିଆଜ**

ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ । ଓକ୍ସୁରିପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର -୩

## ମାଛ ଯାଆଁଳଙ୍କ ଖାଦ୍ୟ



ଏକ ହେକ୍ଟରବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିଥେନ ଓ ବିଷାକ୍ତ ଗ୍ୟାସ ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

## ଚାଷୀଙ୍କ ପାଇଁ



⏭ ଲଙ୍କା ଫସଲରେ ଓକ୍ସୁରିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

⏭ କୋବି ବାଇଗଣ ଓ ଟମାଟରର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

⏭ ସହଳ କିସମ ଫୁଲକୋବିରେ ଶଁଢ଼ପୋକ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

⏭ ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

⏭ ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ପିଆଜର ଉନ୍ନତ ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।



## ପ୍ରାଣୀ ପାଳନ

**ଶୀ**ତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଙ୍ଗୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଙ୍ଗୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର କାଳିକିଆ ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଙ୍ଗୁଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ । ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡ଼ୁଥିବା ଅଞ୍ଚଳରେ ଚଳିତ ମାସରେ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।



# ଶୀତଦିନେ ପନିପରିବା ଚାଷ



**ଆ**ଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗଡ଼ୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ୍ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିଫ୍ଲୁରିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅଦରକାରୀ ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଡିମିରିପିଠିଆ ପୋକ, କରଡିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତ ଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରାକ୍ସ ସିଞ୍ଚନ କରନ୍ତୁ ।

# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ପରିଚାଳନା



**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁଢ଼ପୋକ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ସୂର୍ଯ୍ୟମୁଖୀ ଫସଲ ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ଣରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ସୂର୍ଯ୍ୟମୁଖୀ ଚାଷ କରିଥିଲେ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩/୨୦୨୫ Bhubaneswar, Wednesday, December 3/ 2025

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

**ରାୟପୁର,୨।୧୨(ପି.ଟି.)**

ବୁଧବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏଠାରେ ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌କୁ ୧୭ ରନ୍ ବ୍ୟବଧାନରେ ଜିତିଥିବା ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌ରେ ଆଗୁଆ ରହିବା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳର ଡ୍ରେସିଂରୁମ୍ ପରିବେଶ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉଲ୍ଲେଖନୀୟ ଫର୍ମ ଉପରେ ସଭିଙ୍କ ନଜର ରହିବ। ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା ଏହି ଦୁଇ ସିନିୟର ବ୍ୟାଟରଙ୍କ ଲାଗି ପ୍ରତ୍ୟେକ ମ୍ୟାଚ୍ ପରୀକ୍ଷା ସଦୃଶ ହେବ। ଭାରତୀୟ ଦଳ ଜିତିଥିବା ଗତ ଦୁଇ ଦିନିକିଆ ମ୍ୟାଚ୍‌ରେ ଉଭୟ କୋହଲି ଓ ରୋହିତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ସେମାନଙ୍କର ବିଶ୍ୱକପ୍ ଖେଳିବାର ସମ୍ଭାବନା ସମ୍ପର୍କରେ ଭିନ୍ନ ମତ ଦେଉଥିବା ବେଳେ ଦୁଇ ସିନିୟର ବ୍ୟାଟର ଯଥାସମ୍ଭବ ଭଲ ପ୍ରଦର୍ଶନ କରୁଛନ୍ତି।

ପ୍ରଥମ ମ୍ୟାଚ୍‌ରେ ବିଜୟ ସତ୍ତ୍ୱେ ଭାରତୀୟ ଦଳର କମ୍ବିନେଶନ ଚିନ୍ତାର କାରଣ ପାଲଟିଛି। ଲିଷ୍ଟ-ଏ'ରେ ଓପନର ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ଭାରତୀୟ ଦଳକୁ ଫେରିଥିବା ଋତୁରାଜ ଗାଏକ୍ୱାଡ୍‌ଙ୍କୁ ନଂ.୪ ପୋଜିଶନକୁ ଠେଲି ଦିଆଯାଇଛି। ଏହି ସ୍ଥାନରେ ଖେଳିବା ପାଇଁ ତାଙ୍କୁ ପରିସ୍ଥିତି ସହ ଖାପ ଖୁଆଇବାକୁ ପଡ଼ିବ। ଏଥିଲାଗି ତାଙ୍କୁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ଦରକାର। କାମଚଳା ଅଧିନାୟକ ରାହୁଲ ନଂ.୬ରେ ଖେଳିବା ସ୍ପଷ୍ଟ ହୋଇଥିବାବେଳେ ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂ ପୋଜିଶନ ସହ ଏକ୍ସପେରିମେଣ୍ଟ କରାଯିବା କିଛି ନୂଆ କଥା ନୁହେଁ। ତାଙ୍କୁ କୋଲ୍‌କାତା ଟେଷ୍ଟରେ ନଂ.୩ରେ ପଠାଯାଇଥିବା ବେଳେ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ପଞ୍ଚମ ସ୍ଥାନରେ ବ୍ୟାଟିଂ କରିଥିଲେ। ଅଲ୍‌ରାଉଣ୍ଡର ଭାବେ ସୁନ୍ଦରଙ୍କୁ ଅଧିକ ବୋଲିଂ କରିବାକୁ ଦିଆଯାଉନାହିଁ। ଗତ ମ୍ୟାଚ୍‌ରେ ସେ କେବଳ ୩ ଓଭର ବୋଲିଂ କରିଥିଲେ। ପେସରଙ୍କ ମଧ୍ୟରେ ହର୍ଷିତ ରାଣା ନୂଆ ବଲ୍‌ରେ ଭଲ ବୋଲିଂ କରି ଦୁଇ ଉଇକେଟ ନେଇଥିଲେ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଖୁବ୍ ରନ୍ ଦେଇଥିଲେ। ଏଥିଯୋଗୁ ତାଙ୍କୁ ମୁଖ୍ୟତଃ ୩୪ ଓଭର ପରେ ବୋଲିଂ କରିବା ପାଇଁ ନିଜ ବୋଲିଂରେ ଅଧିକ ନିୟନ୍ତ୍ରଣ ଆଣିବାକୁ ପଡ଼ିବ। ବଲ୍ ଓ ବ୍ୟାଟ୍ ମଧ୍ୟରେ ଅଧିକ ସନ୍ତୁଳନ ରକ୍ଷା କରିବା ପାଇଁ ଆଇସିସିର ନୂଆ ନିୟମ ଅନୁଯାୟୀ, ୩୪ରୁ ୫୦ ଓଭର ପର୍ଯ୍ୟନ୍ତ ଗୋଟିଏ ବଲ୍ ବ୍ୟବହାର କରାଯିବ। ପ୍ରଥମ ମ୍ୟାଚ୍‌ରେ କୁଲଦୀପ ଯାଦବଙ୍କ ବୋଲିଂ ଦୁଇ ଦଳ ମଧ୍ୟରେ ପାର୍ଥକ୍ୟ ସାଜିଥିଲା। ସେ ଭାରତୀୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟରେ ଉଇକେଟ ଆଣିଦେଇଥିଲେ।

ଅନ୍ୟପକ୍ଷରେ ଦ. ଆଫ୍ରିକା ତା'ର ନିୟମିତ ଅଧିନାୟକ ଟେମ୍ବା ବଭୁମା ଓ ସିନିୟର ସ୍ପିନର କେଶବ ମହାରାଜାଙ୍କ ବିନା ଖେଳିଥିଲା। ଭାରତରେ ଐତିହାସିକ ଟେଷ୍ଟ ସିରିଜ୍ ବିଜୟ ପରେ ଦୁହିଁଙ୍କୁ ବିଶ୍ରାମ ଦିଆଯାଇଥିଲା। କିନ୍ତୁ ଏହି ଖେଳାଳିଦ୍ୱୟ ଦ୍ୱିତୀୟ ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି।

ଗୁଆହାଟୀ ପିଚ୍ ଭଳି ଘରୋଇ ଦଳ ଶହୀଦ ବୀର ନାରାୟଣ ସିଂ ଷ୍ଟାଡିୟମର ପିଚ୍ ସହ ଅଧିକ ପରିଚିତ ନୁହେଁ। ଏହି ଭେନ୍ୟୁରେ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଦିନିକିଆ ମ୍ୟାଚ୍ ଖେଳାଯାଇଛି। ୨୦୨୩ରେ ଖେଳାଯାଇଥିବା ଉକ୍ତ ମ୍ୟାଚ୍‌ରେ ମହମ୍ମଦ ସିରାଜ ଓ ମହମ୍ମଦ ଶାମିଙ୍କ ଘାତକ ବୋଲିଂ ଆଗରେ ନ୍ୟୁଜିଲାଣ୍ଡ ୧୦୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ୩୦ ଓଭର ପୂର୍ବରୁ ହାତରେ ୮ ଉଇକେଟ ରଖି ମ୍ୟାଚ୍ ଜିତି ନେଇଥିଲା। ଏପରିକି ଏଠାରେ ଖେଳାଯାଇଥିବା ଏକମାତ୍ର ଟି୨୦ ମ୍ୟାଚ୍ ମଧ୍ୟ ହାଇସ୍କୋରିଂ ନ ଥିଲା। ଅଷ୍ଟ୍ରେଲିଆ ବିପକ୍ଷ ଉକ୍ତ ମ୍ୟାଚ୍‌ରେ ଭାରତ ୧୭୪/୯ ସ୍କୋର କରି ମ୍ୟାଚ୍‌କୁ ୨୦ ରନ୍‌ରେ ଜିତି ନେଇଥିଲା।




ରାୟପୁରରେ ପହଞ୍ଚିବାପରେ ବିରାଟ କୋହଲି ଓ ଅଧିନାୟକ ଲୋକେଶ ରାହୁଲ।

**ସମୟ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର**

## ନିମ୍ନଗାମୀ ହେଉଛି ଓଡ଼ିଶା ମହିଳା ଫୁଟବଲ

**ଜୁନିୟର ବାଳିକା ଫୁଟବଲ ଦଳର କ୍ରମାଗତ ତୃତୀୟ ପରାଜୟ**

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

ଓଡ଼ିଶା ଫୁଟ୍‌ବଲ ଦିନକୁ ଦିନ ନିମ୍ନଗାମୀ ହେଉଥିବା ପରିଲକ୍ଷିତ ହୋଇଛି। ମହିଳା ବର୍ଗରେ ଏକଦା ଜାତୀୟସ୍ତରରେ ଏକ ଫୁଟ୍‌ବଲ ମହାଶକ୍ତି ଥିବା ଓଡ଼ିଶା ଏବେ ସିନିୟରଠାରୁ ଆରମ୍ଭକରି ଜୁନିୟର ଏବଂ ସବ୍‌ଜୁନିୟର ସବୁସ୍ତରରେ ପତନାଭିମୁଖୀ ହୋଇଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଓଡ଼ିଶା ମହିଳା ଜୁନିୟର ଦଳର ପ୍ରଦର୍ଶନ। ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପରାଜୟରେ ହାଟ୍ରିକ୍ କରିଛି। କ୍ରମାଗତ ୩ଟି ପରାଜୟ ବରଣକରି ଓଡ଼ିଶା ଦଳ ଟେବୁଲର ନିମ୍ନରେ ରହି ଅଭିଯାନ ଶେଷକରିଛି। ନିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ବିହାରଠାରୁ ୦-୧ ଓ ପଶ୍ଚିମବଙ୍ଗଠାରୁ ୧-୨ ଗୋଲରେ ହାରିଥିବା ଓଡ଼ିଶା ମଙ୍ଗଳବାର ମ୍ୟାଚରେ ଝାଡ଼ଖଣ୍ଡଠାରୁ ୦-୨ ଗୋଲରେ ପରାସ୍ତ ହୋଇଛି। ଗାୟତ୍ରୀ ମଲିକଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଲଢ଼େଇ କରିଥିଲେ ହେଁ ଶେଷଭାଗର ଚାପକୁ ସମ୍ଭାଳି ନ ପାରି ୩ ମିନିଟ୍ ମଧ୍ୟରେ ୨ଟି ଗୋଲ ବରଣ କରି ପରାଜୟ ମୁହଁ ଦେଖିଛି। ଝାଡ଼ଖଣ୍ଡ ପକ୍ଷରୁ ଦୀପିକା କୁମାରୀ ୮୮ ଓ ବୀନା କୁମାରୀ ୯୦ତମ ମିନିଟ୍‌ରେ ୨ଟି ଗୋଲ ଦେଇଥିଲେ। ଓଡ଼ିଶା ଦଳର ଏପରି ପ୍ରଦର୍ଶନ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତୀୟ ଦୃଶ୍ୟପଟରେ ଓଡ଼ିଶା ମହିଳା ଫୁଟ୍‌ବଲର ଛବି କ୍ରମେ ମଳିନ ହୋଇଛି। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଖେଳାଳିମାନଙ୍କୁ ଉଚ୍ଚମାନର ଟ୍ରେନିଂ ସହ ଅନ୍ୟ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ଓଡ଼ିଶା ଦଳର ନିମ୍ନମାନର ପ୍ରଦର୍ଶନ କ'ଣ ପାଇଁ ହେଉଛି ଏହାର କାରଣ ଖୋଜିବା ସମୟ ଆସିଯାଇଛି।

## ପିଚ୍ ଯାଞ୍ଚକଲେ ବିସିସିଆଇ କ୍ୟୁରେଟର



ବିସିସିଆଇ ମୁଖ୍ୟ କ୍ୟୁରେଟର ଆଶିଷ ଭୌମିକ ମଙ୍ଗଳବାର ବାରବାଟୀ ଷ୍ଟାଡିୟମ ପିଚ୍ ଅନୁଧ୍ୟାନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦**

**କାକର ପ୍ରଭାବ ହଟାଇବ ନାଲିମାଟି ପିଚ୍**

**କଟକ,୨।୧୨(ଶିକ୍ଷା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିସିସିଆଇ କ୍ୟୁରେଟର ଆଶିଷ ଭୌମିକ ବାରବାଟୀରେ ପିଚ୍ ଯାଞ୍ଚ କରିଛନ୍ତି। ଏଠାରେ ଦୁଇଟି ରେଡ୍ ଓ ବ୍ଲାକ୍ ସଏଲ୍‌ର ପିଚ୍ ସହ ପଡ଼ିଆର ସ୍ଥିତି ଯାଞ୍ଚ କରାଯାଇଛି। ଏଥିରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)ର ମୁଖ୍ୟ କ୍ୟୁରେଟର ଉପସ୍ଥିତ ରହି ପିଚ୍ ବିଷୟରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ତେବେ ଭାରତ-ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ନାଲିମାଟି ପିଚ୍‌ରେ ଖେଳାଯିବ, ଯାହା କାକର ପ୍ରଭାବରୁ ପିଚ୍‌କୁ ଦୂରେଇ ରଖିବ। ଉଭୟ ବ୍ୟାଟିଂ ଓ ବୋଲିଂକୁ ଏହି ପିଚ୍ ସୁହାଇବ ବୋଲି କ୍ୟୁରେଟର ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ବାରବାଟୀରେ ୫ଟି ପ୍ରମୁଖ ପିଚ୍ ରହିଛି। ସେଥିରୁ ୨ଟି ନାଲିମାଟି ଏବଂ ୩ଟି କଳାମାଟି ପିଚ୍। ଗତ ଫେବୃଆରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ କଳାମାଟି ପିଚ୍‌ରେ ହିଁ ଖେଳାଯାଇଥିଲା। ପ୍ରଥମଥର ନାଲିମାଟି ପିଚ୍‌ରେ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ତେବେ ପ୍ରଥମେ ବ୍ୟାଟିଂ କରିବା ଦଳ ଏଠାରେ ୨୦୦ରୁ ଅଧିକ ସ୍କୋର କରିବ ବୋଲି କ୍ୟୁରେଟର ଆଶାବାଦୀ ରହିଛନ୍ତି। ମ୍ୟାଚ୍ ପାଇଁ ସୋମବାର ଅନ୍‌ଲାଇନ ଟିକେଟ ବିକ୍ରି ଶେଷ ହୋଇଥିବା ବେଳେ ବୁଧବାରଠାରୁ ଓସିଏ ସହ ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ଏଥିପାଇଁ ଓସିଏ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକେଟ ବିକ୍ରି କରିବ। ଅନୁବନ୍ଧିତ ୟୁନିଟ୍ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକେଟ ବିକ୍ରୟରେ ସାମିଲ ହେବେ। ମୋଟ୍ ୧୧ ହଜାର ଟିକେଟ ବିକ୍ରି କରାଯିବ। ସେହିପରି କିଛି କ୍ଲବ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକେଟ ଭିତରୁ ଓସିଏ ଗ୍ୟାଲେରି ଟିକେଟ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି। ତେବେ ଅନ୍‌ଲାଇନ ଟିକେଟ କିଣିବା ପାଇଁ ଆଶା ବାନ୍ଧିଥିବା ହଜାର ହଜାର କ୍ରିକେଟପ୍ରେମୀ ନିରାଶ ହୋଇ କାଉଣ୍ଟରରେ ଟିକେଟ ବିକ୍ରିକୁ ଅପେକ୍ଷାକରି ରହିଛନ୍ତି।

ସୂଚନାଥାଉ କି, ମଙ୍ଗଳବାରଠାରୁ ବାରବାଟୀର ସମସ୍ତ ଫ୍ଲଡ୍ ଲାଇଟ୍ ପରୀକ୍ଷା କରାଯାଉଥିବା ଜଣାପଡ଼ିଛି। ଫ୍ଲଡ୍ ଲାଇଟ୍ ତ୍ରୁଟିକୁ ଏଡ଼ାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେର ବ୍ୟବହାର କରାଯିବ। ସେହିପରି ବାରବାଟୀ ମ୍ୟାଚ୍ ପାଇଁ ଅନ୍‌ଲାଇନରେ ୨ ହଜାର ଟିକେଟ ବିକ୍ରି ହେବାକୁ ଥିବାବେଳେ ପ୍ରାୟ ୬୦ ହଜାର ଲୋକ ଅନ୍‌ଲାଇନ କ୍ୟୁରେ ରହିଥିଲେ। ଆସନ୍ତା ୫ ଓ ୬ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି କରାଯିବ। ଅନ୍ୟପକ୍ଷରେ ଗତ ଫେବୃଆରୀ ୯ରେ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ସମୟରେ ଟିକେଟ ବିକ୍ରି ନେଇ ଉପୁଜିଥିବା ବିଶୃଙ୍ଖଳାକୁ ଏଡ଼ାଇବା ପାଇଁ ଓସିଏ ବାରିକେଡ୍ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି। ଗତଥର ଅଫ୍‌ଲାଇନ କାଉଣ୍ଟରଗୁଡ଼ିକରେ ପ୍ରବେଶ ଏବଂ ପ୍ରସ୍ଥାନ ପଥ ଭିତରେ ସଂକୀର୍ଣ୍ଣ ରାସ୍ତା ଥିଲା। ଚଳିତଥର ଉଭୟ ରାସ୍ତାକୁ ଅଲଗା କରାଯାଇଛି ବୋଲି ଓସିଏ କନ୍‌ସଲ୍‌ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି।

## କୋହଲି ଖେଳିବେ ବିଜୟ ହଜାରେ ଟ୍ରଫି

**ନୂଆଦିଲ୍ଲୀ,୨।୧୨(ପି.ଟି.):** ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁଥିବା ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତର ଷ୍ଟାର ବିରାଟ କୋହଲି ଦିଲ୍ଲୀ ପାଇଁ ଖେଳିବେ। ଏ ନେଇ ସେ ଉପଲବ୍ଧ ଥିବା ମଙ୍ଗଳବାର ଡିଡିସିଏ ସଭାପତି ରୋହନ ଜେଟ୍‌ଲି ସ୍ପଷ୍ଟ କରିଛନ୍ତି। କୋହଲି ଅନ୍ତିମଥର ୨୦୧୦ ଫେବୃଆରୀରେ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ। ସେ ଟୁର୍ଣ୍ଣାମେଣ୍ଟ ଲାଗି ଉପଲବ୍ଧ ଥିବା ସ୍ପଷ୍ଟ କରିଛନ୍ତି। ତେବେ ସେ କେତୋଟି ମ୍ୟାଚ୍ ଖେଳିବେ ତାହା ଜଣାପଡ଼ିନାହିଁ। ତାଙ୍କ ଉପସ୍ଥିତି ଦିଲ୍ଲୀ ଦଳର ମନୋବଳକୁ ଖୁବ୍ ଟାଣ କରିବ ବୋଲି ଜେଟ୍‌ଲି କହିଛନ୍ତି।

## ଇଂଲଣ୍ଡର ପୂର୍ବତନ ବ୍ୟାଟର ରବିନ ସ୍ମିଥ୍‌ଙ୍କ ପରଲୋକ

**ଲଣ୍ଡନ,୨।୧୨:** ଇଂଲଣ୍ଡର ପୂର୍ବତନ ବ୍ୟାଟର ରବିନ ସ୍ମିଥ୍‌ଙ୍କର ୬୨ ବର୍ଷ ବୟସରେ ପରଲୋକ ଘଟିଛି। ସାଉଥ୍ ପର୍ଥସ୍ଥିତ ଆପାର୍ଟମେଣ୍ଟରେ ଅପ୍ରତ୍ୟାଶିତ ଭାବେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଡର୍ବାନରେ ଜନ୍ମିତ ସ୍ମିଥ୍ ୧୯୮୮ରୁ ୧୯୯୬ ମଧ୍ୟରେ ଇଂଲଣ୍ଡ ପାଇଁ ୬୨ ଟେଷ୍ଟ ମ୍ୟାଚ୍ ଖେଳି ୪୩.୬୭ ଆଭରେଜ୍‌ରେ ୪,୨୩୬ ରନ୍ କରିଥିଲେ। ଏଥିରେ ୯ ଶତକ ସାମିଲ ଥିଲା। ଏହାଛଡ଼ା ସେ ୧୯୯୨ ବିଶ୍ୱକପ୍ ଫାଇନାଲ ଖେଳିଥିବା ଇଂଲଣ୍ଡ ଦଳର ସଦସ୍ୟ ଥିଲେ।

## ପ୍ରି କ୍ୱାର୍ଟରରେ ଓଡ଼ିଶାର ତନ୍‌ଭି ପତ୍ରି

**ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ**

**ବାପୁନ ରାଉତ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ**

**ଭୁବନେଶ୍ୱର, ୨।୧୨(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମସ୍ଥିତ ଡାଲ୍‌ମିଆ ଭାରତ ଗୋପିଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମୋଟ ୧୫୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଟାଇଟଲ ଦାବିଦାର ଓଡ଼ିଶାର ତନ୍‌ଭି ପତ୍ରି ୧୫ ବର୍ଷରୁ କମ୍ ସିଙ୍ଗଲ୍ସରେ ପ୍ରଭାବୀ ପ୍ରଦର୍ଶନ କରିବାସହ ପ୍ରତିଦ୍ୱନ୍ଦ୍ୱୀ ଗୁଜରାଟର ଅନ୍‌ଭି ପଟେଲଙ୍କୁ ୨୧-୧୧, ୨୧-୫ରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଓଡ଼ିଆ ଖେଳାଳି ବାପୁନ ରାଉତ ୧୭ ବର୍ଷରୁ କମ୍ ସିଙ୍ଗଲ୍ସ ବାଳକ ବିଭାଗରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ୨୧-୧୯, ୧୯-୨୧ ଓ ୨୧-୧୧ରେ ପରାସ୍ତକରି ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଛନ୍ତି। ଏହି ବୟସ ବର୍ଗରେ ଟପ୍ ସିଡ୍ ପଞ୍ଜାବର ଜଗଶେର ସିଂ, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ନିଲ ଆକାଶ ଚେଙ୍ଗମାଇ, ମଧ୍ୟପ୍ରଦେଶର ସୌର୍ଯ୍ୟ ମିଶ୍ର, ଉତ୍ତର ପ୍ରଦେଶର ସାର୍ଥକ ସୋମ, କର୍ଣ୍ଣାଟକର ହାର୍ଦ୍ଦିକ୍ ଦିବ୍ୟଂଶ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବାଳକ ୧୫ ବର୍ଷରୁ କମ୍ ବର୍ଗରେ ଟପ୍ ସିଡ୍ ପଞ୍ଜାବର ୱାଜିର ସିଂ, ଦିଲ୍ଲୀର ସଞ୍ଚିତ ଜଂଗ୍ରା, ମହାରାଷ୍ଟ୍ରର ମୟୂରଶ ଭୁତକି, ତେଲଙ୍ଗାନାର ଶ୍ରୀଚେତନ ସୀୟ ଓ ଗୁଜରାଟର ମହମ୍ମଦ ଶେହେରିକ ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ତନ୍‌ଭି ପତ୍ରିଙ୍କ ସହ କର୍ଣ୍ଣାଟକର ସାଇନା ମଣିମୁଥୁ, ତାମିଲନାଡୁର ଜି.ଏସ୍. ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶ୍‌ଭି ଗୁପ୍ତା, ରାଜସ୍ଥାନର ଅନ୍‌ଭି ରାଠୋର, ତେଲଙ୍ଗାନାର ହମସିନୀ ଚନ୍ଦରମ୍ ପ୍ରି-କ୍ୱାର୍ଟର ରାଉଣ୍ଡରେ ପହଞ୍ଚିଛନ୍ତି। ମୁଖ୍ୟ ରେଫରି ପି. ରାମ କ୍ରିଷ୍ଣୟା, ସହକାରୀ ରେଫରି ଓଡ଼ିଶାର ବିଜୟ ବାଗ୍ ଓ ମନୋଜ ସାବତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।



ମ୍ୟାଚ ଅବସରରେ ତନଭି ପତ୍ରି।

## କିସ୍, ନୀତା ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୨।୧୨(ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚ୍‌ରେ କିସ୍ ଓ ନୀତା ଫୁଟ୍‌ବଲ ଏକାଡେମୀ ବିଜୟ ହାସଲ କରିଛନ୍ତି। କିସ୍ ଟାଇବ୍ରେକର ୫-୪ ଗୋଲରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲ୍‌ଶୂନ୍ୟ ରହିବାପରେ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ବିଜୟୀ ଦଳର ସାମନ୍ତ କୁମାର ହାଁସ୍‌ଦା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରତିଷ୍ଠିତ ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ନୀତା ଫୁଟ୍‌ବଲ ଏକାଡେମୀ ୧-୦ ଗୋଲରେ କଳିଙ୍ଗ ୟୁଥ୍‌କୁ ପରାସ୍ତ କରିଛି। ଏକମାତ୍ର ଗୋଲସ୍କୋରର ଅମନ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆୟୋଜକ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ନୀହାରକାନ୍ତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ।

## ସର୍ବଭାରତୀୟ ଜୋନାଲ କରାଟେରେ ଓଡ଼ିଶାକୁ ୨୯ ପଦକ



ସର୍ବଭାରତୀୟ ଜୋନାଲ କରାଟେରେ ପଦକ ବିଜୟୀ ଓଡ଼ିଶା କରାଟେକା।

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଜୋନାଲ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୨୯ଟି ପଦକ ମିଳିଛି। ଏହା ମଧ୍ୟରେ ୨୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ୍ ସାମିଲ। ସ୍ୱର୍ଣ୍ଣ ପଦକ ଜିତିଥିବା କରାଟେକାମାନେ ହେଲେ ଆଶିଷ ପଣ୍ଡା, ଉର୍ଜା ସାମନ୍ତ(୨ଟି), ତ୍ରିଲୋଚନ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ଅର୍ନାଦିତ୍ୟ ସ୍ୱାଇଁ, ବିନ୍ଦୁ ଜେନା, ସରନ ସୋରେନ, ବ୍ରତତୀ ବିଶ୍ୱପ୍ରଭା ପତି, ଅଶ୍ଳେଷା ପଣ୍ଡା, ବୈଶାଳୀ ପାତ୍ର, ଚିତ୍ରାକ୍ଷ ଦାଶ, ଶ୍ରେୟା କାନୁନ୍‌ଗୋ, ଶ୍ରେୟାଂଶୁ ସାହୁ, କୈଭବ ପଟ୍ଟନାୟକ, ଶ୍ରୀଜା ବେହେରା, ସୁରୋମିତା ସିହ୍ନା ଓ ଆଲିଶା ସୁବୁଦ୍ଧି। ଏହା ବ୍ୟତୀତ ସବ୍‌ଜୁନିୟର ମହିଳା ଟିମ୍ କାଟା, ବାଳକ ଟିମ୍ କାଟା ଓ ସିନିୟର ମହିଳା ଟିମ୍ କାଟାରେ ମଧ୍ୟ ସ୍ୱର୍ଣ୍ଣ ପଦକ ମିଳିଛି। ରୌପ୍ୟ ଜିତିଥିବା କରାଟେକାମାନେ ହେଲେ ଅଦିର ଦେ, ଅର୍ନାଦିତ୍ୟ ସ୍ୱାଇଁ ଓ ରୋଶନ ସାଇ ପାଲ। ସେହିପରି ଦେବାଂଶୀ ମହାନ୍ତି, ସୌମ୍ୟ ମହାନ୍ତି, କାଜଲ ଆଚାର୍ଯ୍ୟ, ସୋନାଲି ପାଣିଗ୍ରାହୀ ଓ ବିନ୍ଦୁ ଜେନା। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

**ସୟଦ ମୁସ୍ତାକ ଅଲୀ ଟ୍ରଫି**

**ରାଜେଶ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ**

## ଓଡ଼ିଶାର ପ୍ରଥମ ବିଜୟ

**ଭୁବନେଶ୍ୱର, ୨।୧୨(ତପନ ସ୍ୱାଇଁ)**

ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଦ୍ରୁତ ବୋଲର ରାଜେଶ ମହାନ୍ତି(୫/୨୧)ଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ବଳରେ ଏହି ଦଳ ମଙ୍ଗଳବାର ଛତିଶଗଡ଼କୁ ୨୭ ରନ୍‌ରେ ପରାସ୍ତ କରିଛି। ପୂର୍ବରୁ କେରଳ, ଆନ୍ଧ୍ର ପ୍ରଦେଶ ଓ ବିଦର୍ଭ ନିକଟରୁ ପରାଜିତ ହୋଇଥିବା ଓଡ଼ିଶା ପାଇଁ ଏହା ହେଉଛି ୪ ମ୍ୟାଚ୍‌ରୁ ପ୍ରଥମ ବିଜୟ। ୪ ପଏଣ୍ଟ ପାଇବା ସତ୍ତ୍ୱେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଦଳ ଏଲିଟ୍ ଗ୍ରୁପ୍ 'ଏ' ଟେବୁଲର ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ୍ କରିଥିବାବେଳେ ଛତିଶଗଡ଼ ୧୯.୪ ଓଭରରେ ୧୦୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଚମତ୍କାର ବୋଲିଂ ପାଇଁ ରାଜେଶ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍ ରେଫରି ସତ୍ୟଜିତ ସତ୍‌ଭାଇ ତାଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ୪ରେ ରେଲୱେ ବିପକ୍ଷରେ ଖେଳିବ।

### ବ୍ୟାଟିଂ ବିଫଳତା ଜାରି

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ବ୍ୟାଟରଙ୍କୁ ସୁହାଉ ନ ଥିବା ପିଚ୍‌ରେ ମାତ୍ର ୩୫ ରନ୍ ମଧ୍ୟରେ ୫ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ବିପ୍ଳବଙ୍କ ୬୧(୪୧ ବଲ୍, ୪ ଚୌକା, ୪ ଛକା) ରନ ସହାୟତାରେ ଦଳ ସମ୍ମାନ୍‌ଜନକ ସ୍କୋର କରିପାରିଥିଲା। ୭ ନମ୍ବର ବ୍ୟାଟର ଶୁଭମ୍ ଶତ୍ରୁଜିତ ଦ୍ୱିତୀୟ ସର୍ବାଧିକ ୨୭ ରନ୍ କରିଥିଲେ। ୫ ବ୍ୟାଟର ଏକ ଅଙ୍କରେ ରହିଯାଇଥିଲେ। ଛତିଶଗଡ଼ ପକ୍ଷରୁ ଅଜୟ ମଣ୍ଡଳ ୪ଟି ଏବଂ ଆଦିତ୍ୟ ସରୱାତେ, ରବି କିରଣ ଓ ସୌରଭ ମଜୁମ୍‌ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ରାଜେଶଙ୍କ ଶ୍ରେଷ୍ଠ ବୋଲିଂ

୧୩୬ ରନ୍‌ର ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଛତିଶଗଡ଼ ବ୍ୟାଟର ରାଜେଶ ମହାନ୍ତିଙ୍କ ଘାତକ ବୋଲିଂର ସାମ୍ନା କରିପାରି ନ ଥିଲେ। ରାଜେଶ କ୍ୟାରିୟର ଶ୍ରେଷ୍ଠ ବୋଲିଂକରି ମାତ୍ର ୨୧ ରନ୍ ବିନିମୟରେ ୫ ଉଇକେଟ ନେବା ସହ ଛତିଶଗଡ଼କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ବିପ୍ଳବ, ପ୍ରୟାସ ସିଂ, ବାଦଲ ବିଶ୍ୱାଳ ଓ ସମ୍ପିତ ବରାଳ ମଧ୍ୟ ଖୁବ୍ ବଢ଼ିଆ ବୋଲିଂ କରିଥିଲେ। ବିପ୍ଳବ ଓ ପ୍ରୟାସଙ୍କୁ ୨ଟି ଲେଖାଏ ଏବଂ ବାଦଲଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ସମ୍ପିତ ଉଇକେଟ ପାଇ ନ ଥିଲେ ମଧ୍ୟ ୨ ଓଭରରେ ମାତ୍ର ୮ ରନ୍ ଦେଇଥିଲେ। ଛତିଶଗଡ଼ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଅମନଦୀପ ଖାରେ ସର୍ବାଧିକ ୪୬ ଓ ସଞ୍ଜିତ ଦେଶାଇ ୩୩ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ବିପକ୍ଷରେ ୨୭ ରନ୍‌ରେ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଥିବା ଛତିଶଗଡ଼ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଆସାମ, କେରଳ ଓ ଓଡ଼ିଶା ନିକଟରୁ ପରାଜୟ ସ୍ୱାଦ ଚାଖିଛି।




ରାଜେଶ ମହାନ୍ତିଙ୍କୁ ମ୍ୟାଚ ରେଫରି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୩୫/୮(ବିପ୍ଳବ ସାମନ୍ତରାୟ-୬୧, ଶୁଭମ ଶତ୍ରୁଜିତ୍-୨୭, ଅଜୟ ମଣ୍ଡଳ-୪/୨୫, ଆଦିତ୍ୟ ସରୱାତେ-୧/୧୬, ରବି କିରଣ-୧/୧୮, ସୌରଭ ମଜୁମ୍‌ଦାର-୧/୨୫)। ଛତିଶଗଡ଼ ୧୯.୪ ଓଭରରେ ୧୦୮/ଅଲ୍‌ଆଉଟ(ଅମନଦୀପ ଖାରେ-୪୬, ସଞ୍ଜିତ ଦେଶାଇ-୩୩, ରାଜେଶ ମହାନ୍ତି-୫/୨୧, ବିପ୍ଳବ ସାମନ୍ତରାୟ-୨/୨୩, ପ୍ରୟାସ ସିଂ-୨/୧୯, ବାଦଲ ବିଶ୍ୱାଳ-୧/୧୧)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ